NITIDIN
# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 12 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

FRIDAY
4 APRIL 2025
ଶୁକ୍ରବାର
୪ ଏପ୍ରିଲ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 10 • ISSUE 314 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୦ • ସଂଖ୍ୟା ୩୧୪ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର


## ସାର୍ବଜନୀନ ହେବ ସୁପ୍ରିମ୍‌କୋର୍ଟ ବିଚାରପତିଙ୍କ ସମ୍ପତ୍ତି



**ନୂଆଦିଲ୍ଲୀ,୩।୪/ଏଜେନ୍ସି:**


ନ୍ୟାୟପାଳିକା ପ୍ରତି ସ୍ୱଚ୍ଛତା ଏବଂ ସାଧାରଣ ଲୋକଙ୍କ ବିଶ୍ୱାସ ବୃଦ୍ଧି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ସୁପ୍ରିମ୍‌କୋର୍ଟର ସମସ୍ତ ବିଚାରପତି ସେମାନଙ୍କର ସମ୍ପତ୍ତି ସାର୍ବଜନୀନ ଭାବରେ ଘୋଷଣା କରିବାକୁ ରାଜି ହୋଇଛନ୍ତି। ଏନେଇ ସୁପ୍ରିମ୍‌କୋର୍ଟର ସମସ୍ତ ବିଚାରପତି ନିଜ ନିଜ ସମ୍ପତ୍ତି ତାଲିକା ସାର୍ବଜନୀନ କରିବା ଲାଗି ଘୋଷଣା କରିଛନ୍ତି। ଏଣିକି ଦେଶର ପ୍ରଧାନ ବିଚାରପତି (ସିଜେଆଇ)ଙ୍କୁ ମଧ୍ୟ ନିଜ ସମ୍ପତ୍ତି ତାଲିକା ଘୋଷଣା କରିବାକୁ ହେବ। ସୁପ୍ରିମ୍‌କୋର୍ଟଙ୍କ ନିଷ୍ପତ୍ତି ଅନୁସାରେ ବିଚାରପତିମାନେ ପଦବୀ ସମ୍ଭାଳିବା ମାତ୍ରେ ନିଜ ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ ସାର୍ବଜନୀନ କରିବା ଉଚିତ୍। ପ୍ରଧାନ ବିଚାରପତି (ସିଜେଆଇ) ଏବଂ ଅନ୍ୟ ବିଚାରପତିମାନେ ନିଜ ସମ୍ପତ୍ତି ତାଲିକା ସ୍ୱଇଚ୍ଛାରେ ସୁପ୍ରିମ୍‌କୋର୍ଟ ୱେବ୍‌ସାଇଟ୍‌ରେ ସାର୍ବଜନୀନ କରିବେ। ବର୍ତ୍ତମାନ ସମୟରେ ସିଜେଆଇ ସଞ୍ଜୀବ ଖାନ୍ନା, ବିଚାରପତି ବିଆର ଗୋଭାଇ, ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଅଭୟ ଏସ୍ ଓକାଙ୍କ ସମେତ ସୁପ୍ରିମ୍‌କୋର୍ଟଙ୍କ ମୋଟ୍ ୩୩ ବିଚାରପତି ନିଜ ନିଜ ସମ୍ପତ୍ତି ତାଲିକା ସାର୍ବଜନୀନ କରିବାକୁ ଯାଉଛନ୍ତି। ଏନେଇ ଗତ ୧ ତାରିଖରେ ସୁପ୍ରିମ୍‌କୋର୍ଟର ସମସ୍ତ ବିଚାରପତିମାନେ ଏକ ବୈଠକ କରିଥିଲେ ଏବଂ ନିଷ୍ପତ୍ତି ନେଇଥିଲେ ବୋଲି ସୂଚନା ମିଳିଛି।

### ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ ସବିଶେଷ ତଥ୍ୟ

ପୂର୍ବରୁ ବିଚାରପତିଙ୍କ ସମ୍ପତ୍ତି ତାଲିକା ପ୍ରଧାନ ବିଚାରପତିଙ୍କୁ ଦିଆଯାଉଥିଲା। କିନ୍ତୁ ପ୍ରଧାନ ବିଚାରପତିଙ୍କ ସମ୍ପତ୍ତି ସମ୍ପର୍କରେ କୌଣସି ତଥ୍ୟ ରହୁନଥିଲା। ଏବେ କିନ୍ତୁ ପ୍ରଧାନ ବିଚାରପତିଙ୍କ ସମେତ ସମସ୍ତ ବିଚାରପତିଙ୍କର ସମ୍ପତ୍ତି ସମ୍ବନ୍ଧିତ ସବିଶେଷ ତଥ୍ୟ କୋର୍ଟ ୱେବ୍‌ସାଇଟ୍‌ରେ ସ୍ଥାନ ପାଇବ। ସୂଚନା ଥାଉକି, ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ଘରୁ ପୁଳାପୁଳା ଟଙ୍କା ମିଳିବା ପରେ ଏପରି ବଡ଼ ନିଷ୍ପତ୍ତି ନିଆଯାଇଛି। ଏହି ମାମଲାରେ ତଦନ୍ତ ପାଇଁ ସିଜେଆଇ ସଞ୍ଜୀବ ଖାନ୍ନା ମାର୍ଚ୍ଚ ୨୨ରେ ଏକ ୩ଜଣିଆ କମିଟି ଗଠନ କରିବା ସହ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

## ଜଳିଗଲା ୧୦ ଏକର ଘାସପଡ଼ିଆ

### ନିଆଁ ଓ ଧୂଆଁରେ ଅତିଷ୍ଠ ଗ୍ରାମବାସୀ



**ପାରାଦୀପ,୩।୪/ଏନ୍‌ଏନ୍‌ଏସ୍:**

ପାରାଦୀପ ଉପକଣ୍ଠରେ ଥିବା ଦୀପକ ଫର୍ଟିଲାଇଜର୍‌ର ଅବ୍ୟବହୃତ ଜମିରେ ଗୁରୁବାର ନିଆଁଲାଗି ପ୍ରାୟ ୧୦ ଏକର ଘାସପଡ଼ିଆ ଜଳିଯାଇଛି। ଏଥିରୁ ନିର୍ଗତ ପ୍ରବଳ ଧୂଆଁ ଓ ନିଆଁ ପ୍ରଭାବରେ ଆଖପାଖ ଗ୍ରାମ ଲୋକମାନେ ଅତିଷ୍ଠ ଓ ଅଣନିଃଶ୍ୱାସୀ ହୋଇପଡ଼ିଥିବା ପ୍ରକାଶ କରିଛନ୍ତି। ଖବର ପାଇ କୁଜଙ୍ଗ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିକାଣ୍ଡର ସଠିକ୍ କାରଣ ସ୍ପଷ୍ଟ ହୋଇନଥିବା ବେଳେ କେହି ଦୁର୍ବୃତ୍ତ ଏହି ପଡ଼ିଆରେ ନିଆଁ ଲଗାଇ ଦେଇଥିବା କୁହାଯାଉଛି। ପ୍ରକାଶଯୋଗ୍ୟ, ଦୀର୍ଘ ବର୍ଷ ହେବ କମ୍ପାନୀ ଏଠାରେ କୌଣସି ନିର୍ମାଣ କାର୍ଯ୍ୟ କରୁନଥିବାରୁ ଏହି ଖାଲି ସ୍ଥାନରେ ଅନାବନା ଘାସର ଜଙ୍ଗଲ ସୃଷ୍ଟି ହୋଇଛି।

### ଖୋର୍ଦ୍ଧା ଜିଲ୍ଲାରେ ବିଭିନ୍ନ ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଉଦ୍‌ଘାଟନ

# ଶିଳ୍ପପତି, ଶ୍ରମିକ, ସରକାର: ତିନି 'ସ'କୁ ଗୁରୁତ୍ୱ



**ଭୁବନେଶ୍ୱର,ଖୋର୍ଦ୍ଧା,୩।୪/ଏନ୍‌ଏନ୍‌ଏସ୍:**

ତିନି 'ସ'ର ସମନ୍ୱୟ ଉପରେ ଆମ ସରକାର ଗୁରୁତ୍ୱ ଦେଉଛନ୍ତି। ତାହା ହେଉଛି ଶିଳ୍ପପତି, ଶ୍ରମିକ, ସରକାର। ସେଥିପାଇଁ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଉ କୌଣସି ଅସୁବିଧା ନାହିଁ। ଶିଳ୍ପପତିମାନେ ପୁଞ୍ଜିନିବେଶ ପାଇଁ ଅଭୂତପୂର୍ବ ଆଗ୍ରହ ପ୍ରକାଶ କରୁଛନ୍ତି। ଡବଲ୍ ଇଞ୍ଜିନ ସରକାରର ସୁବିଧା ଓ ଇଜି ଅଫ୍ ଡୁଇଂ ବିଜ୍‌ନେସ୍ ପାଇଁ ସୃଷ୍ଟି ହୋଇଛି ଅନୁକୂଳ ବାତାବରଣ। ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଗୁରୁବାର ଖୋର୍ଦ୍ଧା ଜିଲ୍ଲାରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ନୂଆ ସରକାର ଆସିବା ପରେ ରାଜ୍ୟରେ ଶିଳ୍ପାୟନ ପାଇଁ ଯେତେ ସବୁ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି, ସେସବୁକୁ କାର୍ଯ୍ୟକାରୀ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ଯୋଜନା ଅନୁସାରେ ଆମର କାର୍ଯ୍ୟ ଜାରିରହିଛି। ସେଥିପାଇଁ ଯାହା ଆବଶ୍ୟକ, ତାହା ଆମେ କରୁଛୁ ଆଉ କରିବୁ ମଧ୍ୟ। ବଡ଼ ସ୍ୱପ୍ନ ଦେଖିବା ସହିତ କଠୋର ପରିଶ୍ରମ କରି ତାକୁ କାର୍ଯ୍ୟକାରୀ ନକଲା ପର୍ଯ୍ୟନ୍ତ ବିଶ୍ରାମ ନାହିଁ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଜି ଓଡ଼ିଶାର ଶିଳ୍ପଜଗତ ପାଇଁ ଏକ ଉଲ୍ଲେଖନୀୟ ଦିବସ। ଏଠାରେ ୧୩ଟି ଶିଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖାଗଲା ଓ ଗୋଟିଏ ଶିଳ୍ପର ଉଦ୍‌ଘାଟନ କରାଗଲା। ଏହି ୧୪ଟି ଶିଳ୍ପରେ ପ୍ରାୟ ୬ ହଜାର କୋଟି ଟଙ୍କା ବିନିଯୋଗ କରାଯାଉଛି। ଉଦ୍ୟୋଗଗୁଡ଼ିକ ପୂର୍ଣ୍ଣକ୍ଷମ ହେଲେ ୩୭ ହଜାରରୁ ଅଧିକ ଯୁବଗୋଷ୍ଠୀଙ୍କୁ ନିଯୁକ୍ତିର ସୁଯୋଗ ମିଳିବ। ଏହା କେବଳ ଆରମ୍ଭ ମାତ୍ର। ଆଗାମୀ ଦିନରେ ଅନେକ ଶିଳ୍ପ ପ୍ରତିଷ୍ଠା ହେବ। ଓଡ଼ିଶାରେ ସବୁ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ହେବ। ଆଜି ଯେଉଁ ପ୍ରକଳ୍ପଗୁଡ଼ିକ ଆରମ୍ଭ ହେଉଛି ସେଗୁଡ଼ିକ ଗୋଟିଏ କ୍ଷେତ୍ରର ନୁହେଁ। ଏଥିରେ ପୋଷାକ ପ୍ରସ୍ତୁତି, ପ୍ୟାକେଜିଂ, ଖାଦ୍ୟ ପ୍ରକ୍ରିୟାକରଣ, କ୍ୟାପିଟାଲ୍ ଗୁଡସ୍ ଓ ରେଳ ଚକ ନିର୍ମାଣ ପ୍ରକଳ୍ପ ରହିଛି। ଏଗୁଡ଼ିକ ପାରମ୍ପରିକ ଫାକ୍ଟ୍ରି ନୁହେଁ। ଏଗୁଡ଼ିକ ଆଧୁନିକ ଅର୍ଥନୀତିର ବାର୍ତ୍ତାବହ। ଆଜି କୃଷିକ୍ଷେତ୍ରରେ ଯାନ୍ତ୍ରିକୀକରଣ ଆଦୃତି ଫଳରେ କୃଷିକାର୍ଯ୍ୟରେ ମାନବୀୟ ଶ୍ରମର ଚାହିଦା କମି କମି ଯାଉଛି। ତେଣୁ ଅଧିକରୁ ଅଧିକ ଯୁବଶକ୍ତିକୁ ଶିଳ୍ପ ଓ ସେବାଭିତ୍ତିକ ଅର୍ଥନୀତି ପାଇଁ ପ୍ରସ୍ତୁତ କରିବାକୁ ପଡ଼ିବ। ଆମ ଯୁବ ସମାଜକୁ ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ସହିତ ଓ ଶିଳ୍ପ କାରଖାନା ଗଢ଼ି ତୋଳିବାକୁ ପଡ଼ିବ। ଯୁବବର୍ଗଙ୍କୁ ପ୍ରୋତ୍ସାହିତ କରିବା ପାଇଁ ପ୍ରଧାନମନ୍ତ୍ରୀ ପିଏମ୍ ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏଥିରୁ ଆମ ରାଜ୍ୟର ଯୁବଗୋଷ୍ଠୀ ଲାଭ ପାଇବା ସହିତ ଏହି ଯୋଜନାରେ ରାଜ୍ୟ ସରକାର ପ୍ରଶିକ୍ଷଣ ମଧ୍ୟ ଦେଉଛନ୍ତି। ତେଣୁ ଆସନ୍ତା ୫ ବର୍ଷରେ ରାଜ୍ୟରେ ଯେତେବେଳେ ଶିଳ୍ପ ବିପ୍ଲବ ଆସିଥିବ, ସେତେବେଳେ ଆମ ରାଜ୍ୟର ଯୁବଗୋଷ୍ଠୀ ଶିଳ୍ପ ପ୍ରତିଷ୍ଠା କରିବେ।

### ୬,୦୦୦ କୋଟି ବିନିଯୋଗରେ ୧୪ ଶିଳ୍ପ
### ୩୭ ହଜାରରୁ ଅଧିକଙ୍କୁ ନିଯୁକ୍ତି ସୁଯୋଗ
### ଆଗାମୀ ଦିନରେ ଓଡ଼ିଶା ହେବ ମାନୁଫାକ୍‌ଚରିଂ ହବ୍

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଯୁବବର୍ଗ ହେଉଛନ୍ତି ଆମ ଅଭିବୃଦ୍ଧିର ଇଞ୍ଜିନ। ସେମାନଙ୍କ ଦକ୍ଷତା ବିକାଶ ପାଇଁ ସିଏମ୍ ଆସ୍ପାୟାର ଯୋଜନା, ନୂଆ-ଓଡ଼ିଶା ଯୋଜନା ଏବଂ ଆଇଟିଆଇ ଓ ପଲିଟେକ୍‌ନିକଗୁଡ଼ିକର କ୍ଷମତା ବୃଦ୍ଧି ପାଇଁ ପଦକ୍ଷେପ ନିଆଯାଉଛି। ୱାର୍ଲ୍ଡ ସ୍କିଲ୍ ସେଣ୍ଟର୍‌ରେ ସେମି କଣ୍ଡକ୍ଟର୍ ସହିତ ଆହୁରି ଅନେକ ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପର୍କରେ ଟ୍ରେନିଂ ଦିଆଯିବ। ବୃତ୍ତିଗତ ଓ ବୈଷୟିକ ଶିକ୍ଷାରେ ଝିଅମାନଙ୍କୁ ସଶକ୍ତ କରିବା ପାଇଁ ସୁଦକ୍ଷା ଯୋଜନା ଓ ଯୁବପିଢ଼ିଙ୍କୁ ଉଦ୍ୟୋଗୀ କରିବା ପାଇଁ ନାନୋ ୟୁନିକର୍ଣ୍ଣ ଯୋଜନା ଯୁବବର୍ଗଙ୍କ ମଧ୍ୟରେ ବୈପ୍ଳବିକ ପରିବର୍ତ୍ତନ ଆଣିବ। ଉତ୍କର୍ଷ ଓଡ଼ିଶା ମେକ୍-ଇନ୍ ଓଡ଼ିଶା କନକ୍ଲେଭ୍ ଆଶାଠାରୁ ଅନେକ ଗୁଣରେ ସଫଳତା ପାଇଛି। ପ୍ରାୟ ୧୭ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଥିଲା। ସେଥିମଧ୍ୟରୁ ୧୩ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି ଏବଂ ଏହାଦ୍ୱାରା ୧୩ ଲକ୍ଷ ନିଯୁକ୍ତିର ସମ୍ଭାବନା ସୃଷ୍ଟି ହୋଇଛି। ବିନା ଭିତ୍ତିଭୂମିରେ ଶିଳ୍ପ ବିକାଶର ପରିକଳ୍ପନା କରାଯାଇପାରିବ ନାହିଁ। ସେଥିପାଇଁ ରାଜ୍ୟ ସରକାର ନୂତନ ସଡ଼କ ନୀତି ପ୍ରସ୍ତୁତ କରିବା ସହିତ ଓଡ଼ିଶା ରାଜପଥ ପ୍ରାଧିକରଣ ଗଠନ କରିବା ପାଇଁ ଯାଉଛନ୍ତି । ଓଡ଼ିଶା ରାଜପଥ ପ୍ରାଧିକରଣ ବିଲ୍ ବିଧାନସଭାରେ ପାରିତ ହୋଇଛି। ଖୁବ୍ ଶୀଘ୍ର ଗଠନ ହେବ। ଶିଳ୍ପାୟନର ସୁବିଧା ପାଇଁ ଆସନ୍ତା ୫ବର୍ଷରେ ୭୫ ହଜାର କିଲୋମିଟର ବିଶ୍ୱସ୍ତରୀୟ ସଡ଼କ ନିର୍ମାଣ ପାଇଁ ଆମର ଲକ୍ଷ୍ୟ ରହିଛି।

ଉଦ୍‌ଘାଟିତ ହୋଇଥିବା ବରୁଣ ବେଭରେଜ୍ ପ୍ଲାଣ୍ଟ୍‌ରେ ବହୁସଂଖ୍ୟକ ଓଡ଼ିଆ ଯୁବକଙ୍କ ନିଯୁକ୍ତିକୁ ନେଇ ଖୁସିବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ କହିଥିଲେ, ଆମେ ଓଡ଼ିଶାକୁ ଦେଶର ଏକ ମାନୁଫାକ୍‌ଚରିଂ ହବ୍ କରିବାକୁ ଯାଉଛୁ। ଆପଣମାନେ ଆଉ ବାହାରକୁ ନ ଯାଇ ଏଠାରେ ସମସ୍ତେ ନିଯୁକ୍ତି ପାଇବେ। କେବଳ ନିଯୁକ୍ତି ନୁହେଁ, ଆପଣମାନଙ୍କ ଜୀବନର ମାନଦଣ୍ଡରେ ଉନ୍ନତି ଆଣିବା ପାଇଁ ଆମେ ବିଭିନ୍ନ ଶ୍ରମିକ କଲ୍ୟାଣ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେଇ କାର୍ଯ୍ୟକରୁଛୁ। ଶିଳ୍ପାଞ୍ଚଳରେ ଦିନ୍ ଦୟାଲ ▶▶ ୭

### ସ୍କୁଲ୍ ହଷ୍ଟେଲ୍‌ରେ ଷଷ୍ଠ ଶ୍ରେଣୀ ଛାତ୍ରଙ୍କୁ ରାଗିଂ

## ବ୍ଲେଡ୍‌ରେ ହାତ କାଟି ଲୁଣ ମାରିଲେ

**ଉଦଳା,୩।୪/ଏନ୍‌ଏନ୍‌ଏସ୍:**

କୋମଳମତି ଛାତ୍ର ଯେ ଏପରି ଭୟଙ୍କର ନିର୍ଯାତନା ଦେଇପାରନ୍ତି, ତାହା ବିଶ୍ୱାସ କରିହେଉନି। ତେବେ ଏପରି ଏକ ବର୍ବରୋଚିତ ଘଟଣା ସମସ୍ତଙ୍କ ମନରେ ଆଲୋଡ଼ନ ସୃଷ୍ଟି କରିଛି। ସ୍କୁଲ ଛାତ ଉପରେ ମଦ ପିଉଥିବା ଦେଖି ଏ ବିଷୟରେ ଜଣାଇବାରୁ ସମ୍ପୃକ୍ତ ନବମଶ୍ରେଣୀ ଛାତ୍ରମାନେ ମିଳିମିଶି ଷଷ୍ଠ ଶ୍ରେଣୀ ଛାତ୍ରଙ୍କ ଶରୀରକୁ ବ୍ଲେଡ୍‌ରେ କାଟି କ୍ଷତରେ ଲୁଣମାରି ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଖୁଣ୍ଟା ଥାନା ବାସିପିଠା ଏସ୍‌ଏସ୍‌ଡି ହାଇସ୍କୁଲ୍‌ରୁ ଏଭଳି ସାଙ୍ଘାତିକ ଘଟଣା ଲୋକଲୋଚନକୁ ଆସିଛି।


ସୂଚନାନୁଯାୟୀ ଖୁଣ୍ଟା ଥାନା ବାସିପିଠା ଏସ୍‌ଏସ୍‌ଡି ହାଇସ୍କୁଲ ହଷ୍ଟେଲ୍‌ରେ ରହୁଥିବା କେତେକ ନବମଶ୍ରେଣୀ ଛାତ୍ର ହଷ୍ଟେଲ ଛାତ ଉପରେ ବସି



### ଛାତ ଉପରେ ମଦ ପିଉଥିବା ଦେଖିଦେବାରୁ ନିର୍ଯାତନା

ମଦ ପିଉଥିବା ବେଳେ ଷଷ୍ଠ ଶ୍ରେଣୀ ଛାତ୍ର ତଥା ବାରିପଦା ଭୁଗୁଡ଼ାକଟା ଅଞ୍ଚଳର ଦୀପଙ୍କର ବେହେରା ଏହାକୁ ଦେଖି ଦେଇଥିଲେ। ପରେ ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଜଣାଇଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ହଷ୍ଟେଲ୍‌ରେ ରହୁଥିବା ସମ୍ପୃକ୍ତ ନବମଶ୍ରେଣୀ ଛାତ୍ରମାନେ ଦୀପଙ୍କରଙ୍କୁ ରାଗିଂ କରିଥିଲେ। ଏପରିକି ସେମାନେ ଦୀପଙ୍କରଙ୍କୁ ଘଟଣାର ପରଦିନ ଏକ ରୁମ୍ ଭିତରେ ପୂରାଇ ଲୁହା ରଡ୍‌ରେ ମାଡ଼ ମାରିଥିଲେ। ବିଧା, ଗୋଇଠା ମାରିବା ସହିତ ବ୍ଲେଡ୍‌ରେ ତାଙ୍କର ହାତର ଅନେକ ସ୍ଥାନକୁ କାଟି ପକାଇଥିଲେ। ଏଥିରେ ସେମାନଙ୍କ ମନ ବୁଝିନଥିଲା, ପରେ କଟା ଯାଇଥିବା ସ୍ଥାନରେ ଲୁଣମାରି ନିର୍ଯାତନା ଦେଇଥିଲେ। କେବଳ ସେତିକି ନୁହେଁ ଛାତ୍ରମାନେ ଛୁରୀ ଦେଖାଇ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ। ଏନେଇ ଛାତ୍ରଜଣଙ୍କ ତାଙ୍କ ପରିବାର ଲୋକଙ୍କୁ ଜଣାଇବା ପରେ ଦୀପଙ୍କରଙ୍କ ବାପା ଏନେଇ ଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ପୁଲିସ ତଦନ୍ତ ଆରମ୍ଭ କରିଛି।

## 'ଆମ ବସ୍' ଯୋଜନାରେ ଯୋଡ଼ିହେଲା ୪୦ ନୂଆ ଇ-ବସ୍




**ଭୁବନେଶ୍ୱର,୩।୪/ଏନ୍‌ଏନ୍‌ଏସ୍:**

'ଆମ ବସ୍' ଯୋଜନାରେ ପୁଣି ଯୋଡ଼ିହୋଇଛି ୪୦ଟି ଇ-ବସ୍। ଏବେ ଭୁବନେଶ୍ୱରର କ୍ୟାପିଟାଲ୍ ହସ୍ପିଟାଲ୍‌ରୁ କଟକର ଏସ୍‌ସିବି ମେଡିକାଲକୁ ଆମ ବସ୍ ଗଡ଼ିବ। ରୋଗୀ କିମ୍ବା ରୋଗୀଙ୍କ ସମ୍ପର୍କୀୟଙ୍କ ପାଇଁ ସହାୟକ ହେବ 'ଆମ ବସ୍'ର ନୂଆ ରୁଟ୍। ଆଉ ଯାତାୟାତ ପାଇଁ ହନ୍ତସନ୍ତ ହେବେନି ରୋଗୀଙ୍କ ପରିବାର। ଏହି ରୁଟ୍ ସମେତ ଅନ୍ୟ ନୂଆ ରୁଟ୍‌ରେ ମଧ୍ୟ ଇ-ବସ୍ ଚାଲିବ। ଭୁବନେଶ୍ୱର ଗାଡ଼କଣସ୍ଥିତ ଆମ ବସ୍ ଡିପୋରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ୪୦ଟି ନୂଆ ଇ-ବସ୍‌ର ଉଦଘାଟନ କରିଛନ୍ତି।

### ସକାଳ ୭ଟା ୬ ମିନିଟ୍‌ରେ ଗୃହ ମୁଲତବୀ

## ଧାର୍ଯ୍ୟ ୩ ଦିନ ପୂର୍ବରୁ ବିଧାନସଭା ବନ୍ଦ



**ଭୁବନେଶ୍ୱର,୩।୪/ଏନ୍‌ଏନ୍‌ଏସ୍:**

- ସାରାରାତି ବିତର୍କ, ପାସ୍‌ହେଲା ଦୁଇ ବିଧେୟକ
- ୨୨ ବିଭାଗର ଖର୍ଚ୍ଚଦାବି, ୭ ମୁଲତବୀ ଆଲୋଚନା
- ରାଜ୍ୟ ସରକାର ପଳାୟନପନ୍ଥୀ ସାଜିଲେ : କଂଗ୍ରେସ

ସକାଳ ୭ଟା ୬ମିନିଟ୍‌ରେ ଗୃହ ମୁଲତବୀ। ଧାର୍ଯ୍ୟ ୩ ଦିନ ପୂର୍ବରୁ ବିଧାନସଭା ବନ୍ଦ। ଗୃହ ଚାଲିଲା ୨୫ଦିନ। ଅର୍ଥାତ୍ ଫେବୃୟାରୀ ୧୩ରୁ ଆରମ୍ଭ ହୋଇଥିବା ବିଧାନସଭାର ବଜେଟ୍ ଅଧିବେଶନ ୨୮ଦିନ ଚାଲିବା ପାଇଁ ସ୍ଥିରୀକୃତ ହୋଇଥିଲା। ସାରାରାତି ବିତର୍କ ହେଲା। ବାଚନିକ ଭୋଟ୍‌ରେ ପାସ୍‌ହେଲା ଦୁଇ ଗୁରୁତ୍ୱପୂର୍ଣ୍ଣ ବିଧେୟକ। ଏଥିସହ ୨୨ ବିଭାଗର ଖର୍ଚ୍ଚ ଦାବି ସହ ୭ ମୁଲତବୀ ଆଲୋଚନା ହେଲା।

ସପ୍ତଦଶ ବିଧାନସଭାର ତୃତୀୟ ତଥା ବଜେଟ୍ ଅଧିବେଶନର ଫେବୃଆରୀ ୧୩ରୁ ୨୧ ପର୍ଯ୍ୟନ୍ତ ଗୃହ ଚାଲିଥିଲା। ୨୨ରୁ ମାର୍ଚ୍ଚ ୬ ପର୍ଯ୍ୟନ୍ତ ଗୃହ କାର୍ଯ୍ୟ ବନ୍ଦରହିବା ପରେ ପୁଣି ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୭ରୁ ଆରମ୍ଭ ▶▶ ୭

### ଆଜି ସରୁଛି ବଜେଟ୍ ଅଧିବେଶନର ୨ୟ ପର୍ଯ୍ୟାୟ ବୈଠକ

# ରାଜ୍ୟସଭାରେ ଆଗତ ହେଲା ୱାକଫ୍ ଆମେଣ୍ଡମେଣ୍ଟ୍ ବିଲ୍

**ନୂଆଦିଲ୍ଲୀ,୩।୪/ଏଜେନ୍ସି:**

ଗୁରୁବାର ରାଜ୍ୟସଭାରେ ଆଗତ ହୋଇଛି ୱାକଫ୍ (ସଂଶୋଧନ) ବିଲ୍-୨୦୨୫। ବୁଧବାର ବିଳମ୍ବିତ ରାତି (ରାତ୍ର ପ୍ରାୟ ୨ଟା) ଯାଏ ଏହା ଉପରେ ଲୋକସଭାରେ ଆଲୋଚନା ଜାରି ରହିଥିଲା। ଦୀର୍ଘ ୧୨ଘଣ୍ଟା ଧରି ଚାଲିଥିବା ଆଲୋଚନା ବେଳେ ବିରୋଧୀମାନେ ବିଲ୍‌କୁ ବିରୋଧ କରିବା ସହ ଗୃହରେ ହୋହଲ୍ଲା ଜାରି ରଖିଥିଲେ। ଏହାସତ୍ତ୍ୱେ ବିଳମ୍ବିତ ରାତିରେ ବାଚନିକ ଭୋଟ୍ ମାଧ୍ୟମରେ ବିଲ୍‌କୁ ଲୋକସଭା ବାଚସ୍ପତି ପାରିତ କରିଥିଲେ। ଲୋକସଭାରେ ବିଲ୍ ସପକ୍ଷରେ ୨୮୮ଟି ଭୋଟ୍ ପଡ଼ିଥିବା ବେଳେ ବିପକ୍ଷରେ ୨୩୨ ଭୋଟ୍ ପଡ଼ିଥିଲା। ଏହି ବିଲ୍ ଉପରେ ଶାସକଦଳ ସହ ବିରୋଧୀ ଦଳଗୁଡ଼ିକ ମଧ୍ୟ ନିଜ ନିଜ ଯୁକ୍ତି ଉପସ୍ଥାପନ କରିଥିଲେ। ପରେ ଏହି ବିଲ୍‌କୁ ପାରିତ କରାଯାଇଥିଲା। ତେବେ ଗୁରୁବାର ରାଜ୍ୟସଭାରେ ଏହି ବିଲ୍‌କୁ ଆଗତ କରାଯାଇଛି। ପ୍ରକାଶ, ସଂସଦର ବଜେଟ୍ ଅଧିବେଶନ ଏପ୍ରିଲ ୪ତାରିଖରେ ଅର୍ଥାତ୍ ଆସନ୍ତାକାଲି ଶେଷହେବ। ଅର୍ଥାତ୍ ଆସନ୍ତାକାଲି ସୁଦ୍ଧା ଏହି ବିଲ୍‌ଟିକୁ

### ଚାଲିଛି ବିତର୍କ, ଆଜି ହୋଇପାରେ ପାରିତ

ରାଜ୍ୟସଭାରେ ମଧ୍ୟ ପାରିତ କରାଇନେବା ପାଇଁ କେନ୍ଦ୍ର ସରକାର ଯୋଜନା କରିଥାଇପାରନ୍ତି। ରାଜ୍ୟସଭାରେ ଏବେ ମୋଟ୍ ସାଂସଦଙ୍କ ସଂଖ୍ୟା ୨୩୬ ରହିଥିବାବେଳେ ଏହି ବିଲ୍‌କୁ ପାରିତ କରିବା ପାଇଁ ଶାସକ ଏନ୍‌ଡିଏ ମେଣ୍ଟକୁ ୧୧୯ ସାଂସଦଙ୍କ ସମର୍ଥନର ଆବଶ୍ୟକତା ରହିଛି। ଏନ୍‌ଡିଏ ପାଖରେ ୧୨୬ ସାଂସଦଙ୍କ ସମର୍ଥନ



ରହିଥିବା ବେଳେ ୨ ସ୍ୱାଧୀନ ଏବଂ ଅନ୍ୟ ୧୨ ମନୋନୀତ ସଦସ୍ୟଙ୍କ ସମର୍ଥନ ମଧ୍ୟ ରହିଛି। ଫଳରେ ଏହି ବିଲ୍‌କୁ ରାଜ୍ୟସଭାରେ ମଧ୍ୟ ପାରିତ କରାଇବାରେ ସରକାରଙ୍କୁ ବିଶେଷ ସମସ୍ୟା ହେବ ନାହିଁ।

ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏହି ବିଲ ଆଗତ କରି କହିଥିଲେ, ୱାକଫ୍‌ରେ କୌଣସି ଅଣମୁସଲମାନଙ୍କ ହସ୍ତକ୍ଷେପ ରହିବ ନାହିଁ। ରିଜିଜୁ କହିଥିଲେ, ଯେ ଗୃହରେ କୁହାଯାଉଛି ଯେ ଆମେ ଯେଉଁ ପଦକ୍ଷେପ ନେଉଛୁ ସେଥିରେ ମୁସଲମାନଙ୍କର କ୍ଷତି ହେବ। ଏହି ସଂଶୋଧନ ବେଆଇନ ଏବଂ ଅସାମ୍ବିଧାନିକ। ସମସ୍ତଙ୍କୁ ନିଜ ନିଜ କଥା କହିବାର ଅଧିକାର ରହିଛି। କିନ୍ତୁ ଯେଉଁ ଅଭିଯୋଗ କରାଯାଉଛି ତାହାକୁ ସେ ଖଣ୍ଡନ କରୁଛନ୍ତି। ମୁସଲମାନଙ୍କ ଧାର୍ମିକ କାର୍ଯ୍ୟକଳାପରେ କେହି ଅଣମୁସଲମାନ କୌଣସି ପ୍ରକାର ହସ୍ତକ୍ଷେପ କରିବେ ନାହିଁ। ତେବେ ରାଜ୍ୟସଭାରେ ଏବେ ଏହା ଉପରେ ଆଲୋଚନା ଜାରି ରହିଛି। ରାଜ୍ୟସଭା ଆଲୋଚନା କାଳରେ ସାମିଲ ହୋଇ କଂଗ୍ରେସ ଅଧ୍ୟକ୍ଷ ତଥା ରାଜ୍ୟସଭା ବିରୋଧୀଦଳ ନେତା ମଲ୍ଲିକାର୍ଜୁନ ଖର୍ଗେ କହିଛନ୍ତି, ସରକାର ଯାହା କରୁଛନ୍ତି ତାହା ଠିକ୍ ନୁହେଁ। ଏହା ଦେଶରେ ବିବାଦ ସୃଷ୍ଟିକରିବ। ମୋଦୀ ସରକାର ଦେଶରେ ବିବାଦର ମଞ୍ଜି ବୁଣୁଛନ୍ତି। ସେ ଗୃହମନ୍ତ୍ରୀ ଅମିତ୍ ଶାହଙ୍କୁ ଏହାକୁ ପ୍ରତ୍ୟାହାର କରିବାକୁ ନିବେଦନ ମଧ୍ୟ କରିଛନ୍ତି। ଖର୍ଗେଙ୍କ କହିବାନୁସାରେ ସରକାର ଏହାକୁ ଏକ ସମ୍ମାନର ପ୍ରସଙ୍ଗ କରନ୍ତୁ ନାହିଁ। ଭୁଲ ସଂଶୋଧନ କରିବାରେ କ'ଣ ଭୁଲ ? ଦେଶର ସମ୍ବିଧାନରେ ସଂଶୋଧନ କରାଯାଇଥିଲା। ତେଣୁ ଏହାକୁ ▶▶ ୭



ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ୮୦ ଭାଗ ବିଶିଷ୍ଟ 'ବିଶ୍ୱ ଟିପିଟକା ଫୋନେଟିକ୍ ଆବୃତ୍ତିଯୁକ୍ତ ପୁସ୍ତକ (ପବିତ୍ର ଗ୍ରନ୍ଥ)' ପ୍ରଦାନ କରୁଛନ୍ତି ଥାଇ ପ୍ରଧାନମନ୍ତ୍ରୀ ପାଟୋଙ୍ଗଟାର୍ଣ୍ଣ ସିନାୱାତ୍ରା





ଥାଇଲାଣ୍ଡ୍ ପ୍ରଧାନମନ୍ତ୍ରୀ ପାଇଟୋଙ୍ଗ୍‌ଟାର୍ନ ସିନାୱାତ୍ରାଙ୍କ ସହ ଦ୍ୱିପାକ୍ଷିକ ବୈଠକରେ ଆଲୋଚନା କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

# ଥାଇଲାଣ୍ଡରେ 'ରାମାକେନ୍' ଦେଖିଲେ ପ୍ରଧାନମନ୍ତ୍ରୀ



**ବ୍ୟାଙ୍କକ୍,୩।୪/ଏଜେନ୍ସି:** ବିମଷ୍ଟେକ ସମ୍ମିଳନୀରେ ଯୋଗଦେବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ୨ ଦିନିଆ ଥାଇଲ୍ୟାଣ୍ଡ ଗସ୍ତରେ ଯାଇଛନ୍ତି। ରାଜଧାନୀ ବ୍ୟାଙ୍କକ୍‌ରେ ପହଞ୍ଚିବା ପରେ, ସେ ଭାରତୀୟ ସମ୍ପ୍ରଦାୟର ଲୋକଙ୍କୁ ଭେଟିଥିଲେ। ଏହା ପରେ ସେ ଥାଇ ରାମାୟଣ ଦେଖିଲେ। ରାମାୟଣକୁ ଥାଇ ଭାଷାରେ 'ରାମାକେନ' କୁହାଯାଏ। ସେହିପରି ପ୍ରଧାନମନ୍ତ୍ରୀ ମୋଦୀ ଗୁରୁବାର ବ୍ୟାଙ୍କକ୍ ସ୍ଥିତ ଐତିହାସିକ ୱାଟଫୋ ମନ୍ଦିର ମଧ୍ୟ ପରିଦର୍ଶନ କରିଛନ୍ତି। ମନ୍ଦିରର ବିଶେଷ କଥା ହେଉଛି ଏଠାରେ ଭଗବାନ ବୁଦ୍ଧଙ୍କ ଏକ ଶୋଇଥିବା ପ୍ରତିମା ଅଛି, ଯାହା ସୁନାର ଏକ ସ୍ତର ସହିତ ଆଚ୍ଛାଦିତ। ଭଗବାନ ବୁଦ୍ଧଙ୍କ ପ୍ରତିମା ୪୬ ମିଟର ଲମ୍ବା ଏବଂ ୧୫ ମିଟର ଉଚ୍ଚ। ଏହା ଦେଶର ସବୁଠାରୁ ପୁରୁଣା ମନ୍ଦିର ମଧ୍ୟରୁ ଗୋଟିଏ। ଏଥିରେ ୧୦୦୦ରୁ ଅଧିକ ବୁଦ୍ଧ ପ୍ରତିମା ଏବଂ ୯୦ ରୁ ଅଧିକ ସ୍ତୂପ ଅଛି। ପରେ ମୋଦୀ ନିଜ ପ୍ରତିପକ୍ଷ ପ୍ରଧାନମନ୍ତ୍ରୀ ପାଇଟୋଙ୍ଗଥୋର୍ନ ସିନାୱାତ୍ରାଙ୍କ ସହ ଏକ ଦ୍ୱିପାକ୍ଷିକ ବୈଠକ କରିଛନ୍ତି। ଏହି ସମୟ ମଧ୍ୟରେ, ଉଭୟ ଦେଶର ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ରହି ଦ୍ୱିପାକ୍ଷିକ ବାଣିଜ୍ୟ ସମ୍ପର୍କ ବିଷୟରେ ଆଲୋଚନା କରିଛନ୍ତି। ସୂଚନାଯୋଗ୍ୟ, ପାଇଟୋଙ୍ଗଥୋର୍ନ ବର୍ତ୍ତମାନ ବିଶ୍ୱର ସବୁଠାରୁ ଯୁବ ମହିଳା ପ୍ରଧାନମନ୍ତ୍ରୀ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଅର୍ଥାତ୍ ଶୁକ୍ରବାର ବିମଷ୍ଟେକ ସମ୍ମିଳନୀରେ ଯୋଗଦେବେ। ସମ୍ମିଳନୀ ପରେ, ପ୍ରଧାନମନ୍ତ୍ରୀ ମୋଦୀ ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ମୁଖ୍ୟ ମହମ୍ମଦ ୟୁନୁସଙ୍କୁ ମଧ୍ୟ ଭେଟିପାରନ୍ତି। ୟୁନୁସ ସରକାରଙ୍କ ଜଣେ ଅଧିକାରୀ ଏକ ବୈଠକର ସମ୍ଭାବନା ପ୍ରକାଶ କରିଛନ୍ତି। ଯଦି ଦୁଇ ନେତା ପରସ୍ପରକୁ ଭେଟିବେ, ତେବେ ବାଂଲାଦେଶରେ କ୍ଷମତା ପରିବର୍ତ୍ତନ ପରେ ଏହା ଦୁଇ ଦେଶର ଶୀର୍ଷ ନେତାଙ୍କ ପ୍ରଥମ ସାକ୍ଷାତ ହେବ। ତେବେ ଆସନ୍ତାକାଲି ମୋଦୀ ଥାଇଲ୍ୟାଣ୍ଡର ରାଜା ମହା ଭାଜିରାଲଙ୍ଗକର୍ଣ୍ଣ ଏବଂ ରାଣୀ ସୁଥିଦାଙ୍କୁ ଭେଟିବାର କାର୍ଯ୍ୟକ୍ରମ ଥିବା ସମ୍ପର୍କରେ ସୂଚନା ମିଳିଛି।

# ବିମ୍‌ଷ୍ଟେକ୍ ମଞ୍ଚରେ ଏକାଠି ନଜର ଆସିଲେ ମୋଦୀ-ୟୁନୁସ



**ବ୍ୟାଙ୍କକ୍,୩।୪/ଏଜେନ୍ସି:** ଯାହା ଅନୁମାନ କରାଯାଉଥିଲା ତାହା ହିଁ ହୋଇଛି। ବିମଷ୍ଟେକ୍ ସମ୍ମିଳନୀରେ ଯୋଗଦେବା ଅବସରରେ ବାଂଲାଦେଶ ସରକାରଙ୍କ ମୁଖ୍ୟ ଭାବେ ପ୍ରତିନିଧିତ୍ୱ କରୁଥିବା ମହମ୍ମଦ ୟୁନୁସ, ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିଛନ୍ତି। ନରେନ୍ଦ୍ର ମୋଦୀ ଏବଂ ମହମ୍ମଦ ୟୁନୁସ ଏକାଠି ଗୋଟିଏ ମଞ୍ଚରେ ବସିଥିବାର କିଛି ଫଟୋ ଏବେ ସାମ୍ନାକୁ ଆସୁଛି। ବାଂଲାଦେଶର ମୁଖ୍ୟ ଭାବେ ଦାୟିତ୍ୱ ନେବା ପରେ ପ୍ରଥମ ଥର ପାଇଁ ୟୁନୁସ ମୋଦୀଙ୍କୁ ସାକ୍ଷାତ କରିବାର ସୁଯୋଗ ପାଇଛନ୍ତି। ବ୍ୟାଙ୍କକ୍‌ରେ ଆୟୋଜିତ ହେଉଥିବା ବିମଷ୍ଟେକ୍ ସଂଗଠନ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ଉଭୟ ନେତା ଏବେ ଥାଇଲାଣ୍ଡରେ ପହଞ୍ଚିଛନ୍ତି। ବେଶ୍ କିଛି ସମୟ ଧରି ମହମ୍ମଦ ୟୁନୁସ, ମୋଦୀଙ୍କ ସହ ସାକ୍ଷାତ କରିବା ପାଇଁ ଚାହୁଁଥିବା ବେଳେ ମୋଦୀ କିନ୍ତୁ ଏନେଇ କୌଣସି ପ୍ରତିକ୍ରିୟା ଦେଖାଇନଥିଲେ। ଭାରତ ସହ ବାଂଲାଦେଶର ଶତ୍ରୁତା ମନୋଭାବ ପୋଷଣ ପର ଠାରୁ ଉଭୟ ଦେଶ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଛି।

ତେବେ ଗୋଟିଏ ମଞ୍ଚରେ ଉପସ୍ଥିତ ହୋଇଥିବା ସତ୍ତ୍ୱେ ପ୍ରଧାନମନ୍ତ୍ରୀ ମୋଦୀ ସିଧା ମଞ୍ଚ ଆଡକୁ ଚାହିଁ ରହିଥିବା ବେଳେ ମହମ୍ମଦ ୟୁନୁସ ତାଙ୍କ ପାଖରେ ବସିଥିବାର ଏବଂ ଏକ ଭାବହୀନ ମୁହଁରେ ମଞ୍ଚ ଉପରେ ଚାଲିଥିବା କାର୍ଯ୍ୟକ୍ରମକୁ ଦେଖୁଥିବାର ଦେଖିବାକୁ ମିଳିଛି। ଉଲ୍ଲେଖନୀୟ ଯେ ମୋଦୀ ଏବଂ ମହମ୍ମଦ ୟୁନୁସ ଆସନ୍ତାକାଲି ଥାଇଲ୍ୟାଣ୍ଡର ବ୍ୟାଙ୍କକ୍‌ରେ ବିମଷ୍ଟେକ୍ ଶିଖର ସମ୍ମିଳନୀ ସମୟରେ ସେମାନଙ୍କର ପ୍ରଥମ ଆନୁଷ୍ଠାନିକ ଦ୍ୱିପାକ୍ଷିକ ବୈଠକ କରିବେ।

ଭାରତ-ବାଂଲାଦେଶ ସମ୍ପର୍କରେ ଉତ୍ତେଜନା ମଧ୍ୟରେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେଉଛି। ଅଗଷ୍ଟ ୨୦୨୪ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କୁ ବହିଷ୍କାର କରାଯିବା ଏବଂ ୟୁନୁସଙ୍କ ଚାଇନା ଗସ୍ତ ସମୟରେ ଦେଇଥିବା ବିବାଦୀୟ ବୟାନ ପରେ ଯାହା ଆହୁରି ବୃଦ୍ଧି ପାଇଛି। ଶିଖର ସମ୍ମିଳନୀର ସରକାରୀ ରାତ୍ରୀଭୋଜନରେ ଦୁଇ ନେତା ଏକାଠି ବସିବେ, ଯାହା ଆଶା ଏବଂ ଆଲୋଚନାକୁ ବୃଦ୍ଧି କରିଛି। ବାଂଲାଦେଶର ଅନୁରୋଧ ପରେ ବୈଠକ ନିଶ୍ଚିତ କରାଯାଇଥିଲା, ଯେଉଁଥିରେ ଢାକା ସମ୍ପର୍କରେ ଉନ୍ନତି ଆଣିବା ପାଇଁ ଆଶା ପ୍ରକାଶ କରିଥିଲା। ଅନ୍ତରୀଣ ସରକାରଙ୍କ ନେତୃତ୍ୱ ନେଉଥିବା ୟୁନୁସ ବାଂଲାଦେଶରେ ହିନ୍ଦୁମାନଙ୍କ ବିରୁଦ୍ଧରେ ବୃଦ୍ଧି ପାଉଥିବା ହିଂସା ଏବଂ ଇସଲାମିକ ଗୋଷ୍ଠୀଗୁଡ଼ିକର ପ୍ରଭାବ ବୃଦ୍ଧି ପାଉଥିବା ନେଇ ଚିନ୍ତା ପ୍ରକାଶ କରିଛନ୍ତି, ଯାହା ନୂଆଦିଲ୍ଲୀ ପାଇଁ ଚିନ୍ତାର ବିଷୟ।

**ଆମେରିକାରେ ନାବାଳିକାଙ୍କୁ ଯୌନ ଶୋଷଣ**

# ଅଭିଯୁକ୍ତ ଭାରତୀୟଙ୍କୁ ୩୫ ବର୍ଷ ଜେଲ୍‌ଦଣ୍ଡ



**ୱାଶିଂଟନ୍,୩।୪/ଏଜେନ୍ସି:** ସାମାଜିକ ଗଣମାଧ୍ୟମରେ ମିଥ୍ୟା ପରିଚୟ ଦେଇ ନାବାଳିକାଙ୍କ ସହିତ ସମ୍ପର୍କ ସ୍ଥାପନ କରିବା ଏବଂ ସେମାନଙ୍କୁ ଯୌନ ଶୋଷଣ କରିବା ମାମଲାରେ ଆମେରିକାରେ ସାଇ କୁମାର କୁରେମୁଲା ନାମକ ଜଣେ ଭାରତୀୟ ନାଗରିକ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଆମେରିକାର ଏକ ଜିଲ୍ଲା କୋର୍ଟ ସାଇ କୁମାରଙ୍କୁ ୩୫ ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ସାଇ କୁମାର ଓକଲାହୋମାର ଏଡମଣ୍ଡ୍ ସହରରେ ଅପ୍ରବାସୀ ଭିସା ଆଧାରରେ ଅବସ୍ଥାନ କରୁଥିବା ବେଳେ ଏହି ଅପରାଧ କରିଥିଲେ। ସାମାଜିକ ଗଣମାଧ୍ୟମରେ ସେ ନିଜକୁ କିଶୋର ଦର୍ଶାଇ ପିଲାମାନଙ୍କୁ ପ୍ରେମ ଜାଲରେ ଫସାଇ ସେମାନଙ୍କୁ ଯୌନ ଶୋଷଣ କରୁଥିଲେ। ଏକାଧିକ ନାବାଳିକାଙ୍କ ସହିତ ସେ ଏପରି କରିଥିବା ନେଇ ଅଭିଯୋଗ ହୋଇଥିଲା। ଆମେରିକାର ଆଟର୍ଣ୍ଣି କାର୍ଯ୍ୟାଳୟରୁ ଜାରି ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ଯେ, ୩ ନାବାଳିକାଙ୍କୁ ଯୌନ ଶୋଷଣ କରିବା ସହିତ ଅଶ୍ଳୀଳ ଫଟୋଚିତ୍ର ଭାଇରାଲ କରିବା ମାମଲାରେ ଆମେରିକାର ଜିଲ୍ଲା ଜଜ ଚାର୍ଲ୍ସ ଗୁଡଓ୍ୱିନ୍ ଏହି ଦଣ୍ଡାଦେଶ ଶୁଣାଇଛନ୍ତି

# ମମତାଙ୍କୁ ସୁପ୍ରିମ୍ ଝଟ୍‌କା

## - ୨୫ହଜାର ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ନିଯୁକ୍ତି ରଦ୍ଦ ଆଦେଶ ବଳବତ୍ତର

## - ରାୟକୁ ସମ୍ମାନ କରୁଛୁ, କିନ୍ତୁ ସ୍ୱୀକାର କରିପାରିବୁନି: ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ



**ନୂଆଦିଲ୍ଲୀ,୩।୪/ଏଜେନ୍ସି:** ବହୁ ଚର୍ଚ୍ଚିତ ଶିକ୍ଷକ ନିଯୁକ୍ତି ଅନିୟମିତତା ମାମଲାରେ ପଶ୍ଚିମବଙ୍ଗ ସରକାରଙ୍କୁ ସୁପ୍ରିମକୋର୍ଟରୁ ବଡ଼ ଝଟ୍‌କା ମିଳିଛି। ୨୦୧୬ରେ ରାଜ୍ୟ ସରକାରଙ୍କ ପକ୍ଷରୁ ୱେଷ୍ଟବେଙ୍ଗଲ ସ୍କୁଲ ସର୍ଭିସ୍ କମିଶନ ଅନ୍ତର୍ଗତ ପ୍ରାୟ ୨୫ହଜାର ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କୁ ଦିଆଯାଇଥିବା ନିଯୁକ୍ତିକୁ ରଦ୍ଦ କରାଯିବା ନେଇ କୋଲକତା ହାଇକୋର୍ଟ ଦେଇଥିବା ରାୟକୁ ସୁପ୍ରିମକୋର୍ଟ ବଳବତ୍ତର ରଖିଛନ୍ତି। ହାଇକୋର୍ଟଙ୍କ ରାୟ ବିରୋଧରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ତେବେ ଏହି ମାମଲାରେ ଦୀର୍ଘ ସମୟ ଧରି ସୁପ୍ରିମକୋର୍ଟରେ ଶୁଣାଣି ଚାଲିଥିବା ବେଳେ ଗୁରୁବାର ରାୟ ସାମ୍ନାକୁ ଆସିଛି। ସମ୍ପୂର୍ଣ୍ଣ ନିଯୁକ୍ତି ପ୍ରକ୍ରିୟା କଳୁଷିତ ଅର୍ଥାତ୍ ବେଆଇନ୍ ଉପାୟରେ ହୋଇଛି ବୋଲି ସୁପ୍ରିମକୋର୍ଟ କହିବା ସହ ହାଇକୋର୍ଟଙ୍କ ଆଦେଶକୁ ବଳବତ୍ତର ରଖିଛନ୍ତି।

ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ୍ ସଞ୍ଜୟ କୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ସମ୍ପୂର୍ଣ୍ଣ ଚୟନ ପ୍ରକ୍ରିୟା କଳୁଷିତ ଏବଂ ଦୂଷିତ। ଶିକ୍ଷକ ନିଯୁକ୍ତି ଆଳରେ ବ୍ୟାପକ ଅନିୟମିତତା ହୋଇଥିବା ପ୍ରମାଣ ମିଳିଛି। ଏପରିକି ଏହି ଅନିୟମିତତାକୁ ଲୁଚାଇବା ପାଇଁ ମଧ୍ୟ ଚେଷ୍ଟା କରାଯାଇଥିଲା। ଏ ସମ୍ପର୍କିତ ସମସ୍ତ ତଥ୍ୟ ବିଷୟରେ ଖଣ୍ଡପୀଠ ଅବଗତ ହୋଇଛନ୍ତି। ଅସତ୍ ଉପାୟରେ ଯେଉଁ ପ୍ରାର୍ଥୀ ନିଯୁକ୍ତି ପାଇଛନ୍ତି ସେମାନେ ବହିଷ୍କାର ହେବା ନିତାନ୍ତ ଆବଶ୍ୟକ ବୋଲି ଖଣ୍ଡପୀଠ କହିଛନ୍ତି। ତେବେ ସର୍ବୋଚ୍ଚ ନ୍ୟାୟାଳୟ ସ୍ପଷ୍ଟ କରିଛନ୍ତି ଯେ, ଯେଉଁମାନେ ନିଯୁକ୍ତ ହୋଇଛନ୍ତି ଏବଂ ଆଜି ପର୍ଯ୍ୟନ୍ତ ଯେତିକି ଦରମା ସେମାନେ ରାଜ୍ୟ ସରକାରଙ୍କ ଠାରୁ ପାଇଛନ୍ତି ସେମାନେ ଦରମା ଫେରସ୍ତ କରିବା ଦରକାର ନାହିଁ। ସୁପ୍ରିମକୋର୍ଟ ତାଙ୍କ ନିଷ୍ପତ୍ତିରେ ମାନବିକତା ଦୃଷ୍ଟିରୁ ଜଣେ ଦିବ୍ୟାଙ୍ଗ କର୍ମଚାରୀଙ୍କୁ ଚାକିରି ଜାରି ରଖିବାକୁ ଅନୁମତି ଦେଇଛନ୍ତି। ନୂତନ ନିଯୁକ୍ତି ପ୍ରକ୍ରିୟାରେ ଅବଶିଷ୍ଟ ଦିବ୍ୟାଙ୍ଗ ପ୍ରାର୍ଥୀମାନଙ୍କୁ ମଧ୍ୟ କିଛି ରିହାତି ଦେବାକୁ ସୁପ୍ରିମକୋର୍ଟ କହିଛନ୍ତି। ସୁପ୍ରିମକୋର୍ଟ ଏହା ମଧ୍ୟ କହିଛନ୍ତି, ପୂର୍ବ ପ୍ରାଥଙ୍କୁ ନୂଆ ନିଯୁକ୍ତି ପ୍ରକ୍ରିୟାରେ କିଛି ରିହାତି ଦିଆଯାଇପାରିବ। ଏବେ ସୁପ୍ରିମକୋର୍ଟ ନୂତନ ନିଯୁକ୍ତି ପ୍ରକ୍ରିୟାକୁ ୩ ମାସ ମଧ୍ୟରେ ସାରିବାକୁ କହିଛନ୍ତି।

ଅନ୍ୟପକ୍ଷେ ସୁପ୍ରିମକୋର୍ଟଙ୍କ ଏପ୍ରକାର ରାୟ ଆସିବା ପରେ ରାଜ୍ୟ ରାଜନୀତି ଉଷ୍ମ ହୋଇଛି। ଏହାକୁ ନେଇ ବିଜେପି, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଇସ୍ତଫା ଦାବି କରିଥିବା ବେଳେ ସିପିଏମ୍ ମଧ୍ୟ ଏଥିରେ ସ୍ୱର ମିଳାଇଛି। ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କିନ୍ତୁ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିରେ ସନ୍ତୁଷ୍ଟ ନଥିବା ସିଧାସଳଖ କହିଛନ୍ତି। ମମତା କହିଛନ୍ତି ଯେ, ସେ ନ୍ୟାୟପାଳିକାକୁ ବହୁତ ସମ୍ମାନ କରନ୍ତି। ସୁପ୍ରିମକୋର୍ଟଙ୍କ ରାୟକୁ ମଧ୍ୟ ସେ ଏବଂ ତାଙ୍କ ସରକାର ସମ୍ମାନ କରୁଛନ୍ତି। ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଅନୁସାରେ ଏହି ନିଯୁକ୍ତି ପ୍ରକ୍ରିୟାକୁ ବାତିଲ କରାଯିବ ଏବଂ ନୂଆକରି ନିଯୁକ୍ତି ପ୍ରକ୍ରିୟା ଅନୁଷ୍ଠିତ ହେବ। କିନ୍ତୁ ଏପ୍ରକାର ନିଷ୍ପତ୍ତିକୁ ସେ ବ୍ୟକ୍ତିଗତ ଭାବେ ଗ୍ରହଣ କରିପାରିବେ ନାହିଁ। କାରଣ ଏହା କେବଳ ୨୫ହଜାର ପ୍ରାର୍ଥୀଙ୍କ ପ୍ରସଙ୍ଗ ନୁହେଁ ଏହା ସେମାନଙ୍କ ଉପରେ ନିର୍ଭରଶୀଳ ଥିବା ସେମାନଙ୍କ ପରିବାର ଲୋକଙ୍କ ଭବିଷ୍ୟତ, ଆଶାକୁ ମଧ୍ୟ ପ୍ରଭାବିତ କରିବ। ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଉପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି ଯେ ସେ ଚାକିରି ହରାଇଥିବା ଲୋକଙ୍କୁ ଭେଟିବେ ଏବଂ ସେମାନଙ୍କୁ ଆଶା ନ ହରାଇବାକୁ ଅନୁରୋଧ କରିବେ। ସେହିପରି ବିଜେପି ନେତାଙ୍କୁ କଡା ଜବାବ ଦେବାକୁ ଯାଇ ମମତା କହିଛନ୍ତି ଯେ, ପଶ୍ଚିମବଙ୍ଗର ପୂର୍ବତନ ଶିକ୍ଷାମନ୍ତ୍ରୀ ଏବେ ଜେଲରେ ଅଛନ୍ତି, ବିଜେପି ଏବେ ଦେଶବାସୀଙ୍କୁ କହୁ ଯେ ମଧ୍ୟପ୍ରଦେଶ ବ୍ୟାପମ ମାମଲାରେ କେତେ ବିଜେପି ନେତାଙ୍କୁ ଗିରଫ କରାଯାଇଥିଲା। ସିପିଏମ୍ ଏବଂ ବିଜେପି ମିଳିତ ଭାବେ ପଶ୍ଚିମବଙ୍ଗର ଶିକ୍ଷା ବ୍ୟବସ୍ଥାକୁ ନଷ୍ଟ କରିଦେବାକୁ ଚାହୁଁଛନ୍ତି ବୋଲି ମମତା ପାଲଟା ଅଭିଯୋଗ କରିଛନ୍ତି।

ଏହି ପରିପ୍ରେକ୍ଷୀରେ ମମତା ଗଣମାଧ୍ୟମକୁ ମଧ୍ୟ କିଛି ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଦିଲ୍ଲୀ ହାଇକୋର୍ଟ ବିଚାରପତି ଯଶୱନ୍ତ ବର୍ମାଙ୍କ ଘରୁ ୧୫ କୋଟି ଟଙ୍କାର ନଗଦ ରାଶି ଜବତ ହେବା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି, ଯଦି ବିଚାରପତିଙ୍କ ଘରୁ ଏତେମାତ୍ରାରେ ଅର୍ଥ ଜବତ ହେବା ପରେ କାର୍ଯ୍ୟାନୁଷ୍ଠାନ ନାମରେ କେବଳ ତାଙ୍କୁ ଅନ୍ୟତ୍ର ବଦଳି କରାଯାଉଛି, ତେବେ କ'ଣ ପାଇଁ ଏହି ୨୫ ହଜାର ଶିକ୍ଷକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇପାରିବନି। କାହିଁକି ସେମାନଙ୍କ ନିଯୁକ୍ତିକୁ ହିଁ ରଦ୍ଦ କରିଦିଆଯାଉଛି ?

# ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ ପାଇଁ ଲୋକସଭାରେ ବୈଧାନିକ ସଙ୍କଳ୍ପ ଆଗତ



**ନୂଆଦିଲ୍ଲୀ,୩।୪/ଏଜେନ୍ସି:** ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ ପାଇଁ ଲୋକସଭାରେ ଏକ ବୈଧାନିକ ସଙ୍କଳ୍ପ ଆଗତ କରିଛନ୍ତି କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ। ଏହାପରେ ନିମ୍ନ ସଦନ ଦ୍ୱାରା ଏହି ସଙ୍କଳ୍ପ ଗୃହୀତ ହୋଇଥିଲା। ଏହି ଅବସରରେ ସେ ମଣିପୁରରେ ହିଂସାରେ ପ୍ରାଣ ହରାଇଥିବା ଲୋକମାନଙ୍କ ପ୍ରତି ସହାନୁଭୂତି ଏବଂ ଗଭୀର ଦୁଃଖ ବ୍ୟକ୍ତ କରିଛନ୍ତି। ଏଥିସହ ସେ କହିଛନ୍ତି ଯେ, ମଣିପୁର ହାଇକୋର୍ଟଙ୍କ ଏକ ସଂରକ୍ଷଣ ସମ୍ବନ୍ଧୀୟ ବିବାଦ ସମ୍ବନ୍ଧୀୟ ନିଷ୍ପତ୍ତି କାରଣରୁ ମଣିପୁରରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ଜାତିଗତ ହିଂସା ଆରମ୍ଭ ହୋଇଥିଲା। ମଣିପୁରରେ ଦଙ୍ଗା କିମ୍ବା ଆତଙ୍କବାଦ ନୁହେଁ, ବରଂ ହାଇକୋର୍ଟଙ୍କ ନିଷ୍ପତ୍ତିର ବ୍ୟାଖ୍ୟା କାରଣରୁ ଦୁଇ ସମ୍ପ୍ରଦାୟ ମଧ୍ୟରେ ଜାତିଗତ ହିଂସା ସଂଘଠିତ ହୋଇଛି। ତେବେ କେନ୍ଦ୍ର ସରକାରଙ୍କ ତତ୍ପରତା ଯୋଗୁ ଗତ ଡିସେମ୍ବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ପ୍ରାୟ ଚାରି ମାସ ଧରି ମଣିପୁରରେ କୌଣସି ହିଂସା ହୋଇନାହିଁ ଏବଂ ଶିବିରଗୁଡ଼ିକରେ ଖାଦ୍ୟ, ଔଷଧ ଏବଂ ଚିକିତ୍ସା ସୁବିଧା ସୁନିଶ୍ଚିତ କରାଯାଇଛି। ସେ କହିଛନ୍ତି ଯେ ବୈଷୟିକ ଏବଂ ଡାକ୍ତରୀ ଶିକ୍ଷା ପାଇଁ ଅନଲାଇନ୍ ବ୍ୟବସ୍ଥା କରାଯାଇଛି ଏବଂ ପ୍ରାଥମିକ ଶିକ୍ଷା ପାଇଁ ଶିବିର ଭିତରେ ଶ୍ରେଣୀଗୃହ ସ୍ଥାପନ କରାଯାଇଛି, ଯେଉଁଠାରେ ସେମାନଙ୍କ ଅଧ୍ୟୟନ ପାଇଁ ବ୍ୟବସ୍ଥା କରାଯାଇଛି। ଶାହ ଏହି ଅବସରରେ ଗୃହକୁ ସୂଚନା ଦେଇଥିଲେ ଯେ ୧୯୯୩ରୁ ୧୯୯୮ ଅର୍ଥାତ୍ ଦୀର୍ଘ ୫ ବର୍ଷ ମଧ୍ୟରେ ମଣିପୁରରେ ନାଗା-କୁକି ସଂଘର୍ଷ ହୋଇଥିଲା, ଯେଉଁଥିରେ ୭୫୦ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ଏକ ଦଶନ୍ଧି ଧରି ବିକ୍ଷିପ୍ତ ଘଟଣା ଜାରି ରହିଥିଲା। ୧୯୯୭-୯୮ ରେ କୁକି-ପାଇଟ୍ ସଂଘର୍ଷରେ ୫୦ରୁ ଅଧିକ ଗ୍ରାମ ଧ୍ୱଂସ ହୋଇଯାଇଥିଲା, ୪୦,୦୦୦ ଲୋକ ବିସ୍ଥାପିତ ହୋଇଥିଲେ, ୩୫୨ ଲୋକ ପ୍ରାଣ ହରାଇଥିଲେ, ଶହ ଶହ ଆହତ ହୋଇଥିଲେ ଏବଂ ୫୦୦୦ ଘର ଜଳାଇ ଦିଆଯାଇଥିଲା। ସେହିପରି ୧୯୯୩ରେ ଦୀର୍ଘ ୬ ମାସ ଧରି ଚାଲିଥିବା ମୈତେଇ-ପଙ୍ଗଲ ସଂଘର୍ଷ ସମୟରେ ୧୦୦ରୁ ଅଧିକ ମୃତ୍ୟୁ ଘଟିଥିଲା।


**ୱାକଫ୍ ସଂଶୋଧନ ବିଲ୍‌କୁ ସମର୍ଥନ ନୀତୀଶଙ୍କୁ ମହଙ୍ଗା ପଡ଼ିଲା**

# ଇସ୍ତଫା ଦେଲେ ଜେଡିୟୁ ବିଧାୟକ, ସଂଖ୍ୟାଲଘୁ ସେଲ୍‌ର ରାଜ୍ୟ ସମ୍ପାଦକ

**ପାଟନା,୩।୪/ଏଜେନ୍ସି:** ଜେଡିୟୁ ୱାକଫ୍ ସଂଶୋଧନ ବିଲ୍ ଲୋକସଭାରେ ପାରିତ ହୋଇଛି। ତେବେ ଏହି ବିଲ୍‌କୁ ପାରିତ କରାଇବା ପଛରେ ଏନ୍‌ଡିଏର ଅନ୍ୟତମ ସହଯୋଗୀ ଦଳ ଜେଡିୟୁର ବଡ଼ ହାତ ରହିଛି। ବିଲ୍‌କୁ ଜେଡିୟୁ ସମର୍ଥନ କରିଛି। ଏହା ଏନ୍‌ଡିଏ ପାଇଁ ଗୃହରେ ସମର୍ଥନ ସଂଖ୍ୟା ବୃଦ୍ଧି କରିଥିବା ବେଳେ ଜେଡିୟୁ ପାଇଁ କିନ୍ତୁ ବୁମେରାଂ ସାବ୍ୟସ୍ତ ହୋଇଛି। ବିହାରର କ୍ଷମତାସୀନ ଜେଡିୟୁ ଏହି ବିଲ୍‌କୁ କେନ୍ଦ୍ରରେ ସମର୍ଥନ ଦେବା ଘଟଣାରେ ଅସନ୍ତୋଷ ବ୍ୟକ୍ତ କରି ମହମ୍ମଦ କାସିମ୍ ନାମକ ଦଳର ଜଣେ ବରିଷ୍ଠ ମୁସଲିମ୍ ବିଧାୟକ ଏବେ ଜେଡିୟୁରୁ ଆକସ୍ମିକ ଭାବେ ଇସ୍ତଫା ଦେଇଛନ୍ତି। କାସିମ୍‌ଙ୍କ ପରେ ପରେ ଜେଡିୟୁ ନେତା ମହମ୍ମଦ ଶାହନାୱାଜ ମଲିକ ମଧ୍ୟ ଦଳରୁ ଇସ୍ତଫା ଦେଇଛନ୍ତି। ସେ ଜାମୁଇର ଜିଲ୍ଲା ସଭାପତି ସହ ସଂଖ୍ୟାଲଘୁ ସେଲର ରାଜ୍ୟ ସମ୍ପାଦକ ମଧ୍ୟ ଥିଲେ। ସେ ସିଧାସଳଖ ଜେଡିୟୁ ୱକଫ ସଂଶୋଧନ ବିଲ୍‌କୁ ସମର୍ଥନ କରିବା କାରଣରୁ ସେ ଇସ୍ତଫା ଦେଉଛନ୍ତି ବୋଲି କହିଛନ୍ତି। ତେବେ କେବଳ ଏହି ୨ ମୁସଲିମ୍ ନେତା ନୁହଁନ୍ତି ବରଂ ଦଳରେ ଥିବା ସମସ୍ତ ମୁସଲିମ୍ ନେତା, କର୍ମୀମାନେ ମଧ୍ୟ ଏବେ ନୀତୀଶଙ୍କ ଉପରେ ଅସନ୍ତୁଷ୍ଟ ତଥା କ୍ଷୁବ୍ଧ ହୋଇପଡିଛନ୍ତି। ଜେଡିୟୁ ଏମ୍‌ଏଲ୍‌ସି ଗୁଲାମ ଗୌସ ଏବଂ ଦଳର ଜାତୀୟ ସାଧାରଣ ସମ୍ପାଦକ ଗୁଲାମ ରସୁଲ ବାଲିୟାଭି ମଧ୍ୟ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି।

ମହମ୍ମଦ କାସିମ ଜେଡିୟୁର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ନିକଟକୁ ତାଙ୍କର ଇସ୍ତଫାପତ୍ର ପଠାଇ ଦେଇଛନ୍ତି। ଇସ୍ତଫାର କାରଣ ୱାକଫ୍ ସଂଶୋଧନ ବିଲ ପ୍ରତି ସମର୍ଥନ ବୋଲି କୁହାଯାଉଛି। ଯଦିଓ ଏହା କେବଳ ଆରମ୍ଭ କିନ୍ତୁ ଜେଡିୟୁରେ ମୁସଲିମ ନେତାମାନେ ଯେପରି କ୍ଷୁବ୍ଧ, ଆଗାମୀ ସମୟରେ ଅନେକ ବଡ଼ ମୁହଁ ଦଳ ଛାଡିପାରନ୍ତି। ଗୁଲାମ ରସୁଲ ବାଲିଆଭି ମଧ୍ୟ ଜେଡିୟୁ ଛାଡିବେ ବୋଲି ଅନୁମାନ କରାଯାଉଛି। ଆଗକୁ ବିହାର ବିଧାନସଭା ନିର୍ବାଚନ ଥିବା ବେଳେ ଜେଡିୟୁ ପାଇଁ ଏପ୍ରକାର ଘଟଣା ଚିନ୍ତା ବଢ଼ାଇଦେଇଛି।

# ତୁର୍କୀକୁ ଏୟାର ଷ୍ଟ୍ରାଇକ୍ ଧମକଦେଲା ଇସ୍ରାଏଲ୍



**ସିରିଆ ଠାରୁ ଦୂରେଇ ରହିବାକୁ ନେତାନ୍ୟାହୁଙ୍କ ଚେତାବନୀ**

**ଡାମାସ୍କସ୍/ଜେରୁଜେଲମ,୩।୪/ଏଜେନ୍ସି:** ଇସ୍ରାଏଲୀ ସେନା ସିରିଆରେ ନିଜ ସାମରିକ ଅଭିଯାନକୁ ଜୋରଦାର୍ କରିଛି। ଇସ୍ରାଏଲୀ ସେନା (ଆଇଡିଏଫ୍) ଏବେ ଦକ୍ଷିଣ ସିରିଆର ଦାରା ପ୍ରାନ୍ତରେ ଆକ୍ରମଣକୁ ପ୍ରଖର କରୁଥିବା ଦେଖିବାକୁ ମିଳୁଛି। ବିଶେଷକରି ଦାରାରେ ଆଇଡିଏଫ୍ ଏବଂ ସିରିଆର ଶାସକ ହୟାତ୍ ତାହରିର ଅଲ୍-ଶାମ୍ (ଏଚ୍‌ଟିଏସ୍) ପ୍ରତି ବିଶ୍ୱସ୍ତ ଯୋଦ୍ଧାମାନଙ୍କ ମଧ୍ୟରେ ସଶସ୍ତ୍ର ସଂଘର୍ଷ ଜାରି ରହିଛି। ଏସବୁ ମଧ୍ୟରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ, ତୁର୍କୀ ଉଦ୍ଦେଶ୍ୟରେ ଏକ ଧମକପୂର୍ଣ୍ଣ ଚେତାବନୀ ଦେଇଛନ୍ତି। ତୁର୍କୀକୁ ସିରିଆ ଠାରୁ ଦୂରେଇ ରହିବାକୁ ନେତାନ୍ୟାହୁ ଚେତାବନୀ ଦେଇଥିବା ବେଳେ ଯଦି ତୁର୍କୀ ଏପରି ନକରେ ତେବେ ଇସ୍ରାଏଲର ପ୍ରଚଣ୍ଡ ଏୟାରଷ୍ଟ୍ରାଇକ୍‌ର ସାମ୍ନା କରିବାକୁ ପ୍ରସ୍ତୁତ ରହିବାକୁ ନେତାନ୍ୟାହୁ ଧମକ ଦେଇଛନ୍ତି।

ବୁଧବାର ଇସ୍ରାଏଲ ସେନା ହାମା ଆଖପାଖ ଅଞ୍ଚଳ ଏବଂ ରାଜଧାନୀ ଡାମାସ୍କସର ଏକ ପଡ଼ୋଶୀ ବାରଜେହ ଉପରେ ଆକ୍ରମଣ କରିଛି। ଯେଉଁଠାରେ ଇସ୍ରାଏଲୀ ସେନା ଏକ ବୈଜ୍ଞାନିକ ଗବେଷଣା ପ୍ରତିଷ୍ଠାନକୁ ଟାର୍ଗେଟ୍ କରିଛି। ପ୍ରକାଶ, ପୂର୍ବତନ ରାଷ୍ଟ୍ରପତି ବଶର ଅଲ-ଅସାଦଙ୍କ ଶାସନ କାଳରେ ଇସ୍ରାଏଲୀ ସେନା ବର୍ଷ ବର୍ଷ ଧରି ସିରିଆ ଉପରେ ଆକ୍ରମଣ କରିଥିଲା। ଇରାନ୍ ସହିତ ଜଡିତ ସାମରିକ ପ୍ରତିଷ୍ଠାନ ଏବଂ ତେହେରାନରୁ ଲେବାନନ୍ ସଶସ୍ତ୍ର ଗୋଷ୍ଠୀ ହିଜବୁଲ୍ଲାକୁ ଅସ୍ତ୍ରଶସ୍ତ୍ର ସ୍ଥାନାନ୍ତରକୁ ଟାର୍ଗେଟ୍ କରି ଏହି ଆକ୍ରମଣ କରିଥିଲା।

ଇସ୍ରାଏଲୀ ସେନା ବର୍ତ୍ତମାନ ସିରିଆ ଭିତରେ ଅପରେସନ୍ ଜାରି ରଖିଛି। ସିରିଆ ରିପୋର୍ଟ ଅନୁଯାୟୀ, ଦାରା ସହର ନିକଟରେ ଆଇଡିଏଫ ସୈନ୍ୟ ଏବଂ ଅଲ-ଶାରାର ଏଚ୍‌ଟିଏସ ମଧ୍ୟରେ ଭୟଙ୍କର ସଂଘର୍ଷ ଚାଲିଛି। ଇସ୍ରାଏଲୀ ବାୟୁସେନା ସିରିଆର ଅନ୍ୟପ୍ରାନ୍ତରେ ମଧ୍ୟ ଏୟାର ଷ୍ଟ୍ରାଇକ୍ ଜାରି ରଖିଛି। ଇସ୍ରାଏଲ୍ ସେନା ମୁଖ୍ୟତଃ ସିରିଆର ସାମରିକ ଘାଟି ଉପରେ ବିମାନ ଆକ୍ରମଣ କରୁଛି। ଫଳରେ ଉଭୟ ସିରିଆ ଏବଂ ଇସ୍ରାଏଲ୍ ମଧ୍ୟରେ ଏବେ ଉତ୍ତେଜନା ବୃଦ୍ଧି ପାଇଛି। ସିରିଆରେ ଇସ୍ରାଏଲର ଆକ୍ରମଣର ଲକ୍ଷ୍ୟ ହେଉଛି ତୁର୍କୀଙ୍କୁ ଏହି ଅଞ୍ଚଳରୁ ଦୂରରେ ରହିବାକୁ ବାର୍ତ୍ତା ଦେବା। ଇସ୍ରାଏଲୀ ଗଣମାଧ୍ୟମ ଜେରୁଜେଲମ୍ ପୋଷ୍ଟ ମଧ୍ୟ ଏହି ଖବରକୁ ନିଶ୍ଚିତ କରିଛି। ଅଧିକାରୀଙ୍କ ଅନୁଯାୟୀ, ଇସ୍ରାଏଲର ବାର୍ତ୍ତା ସ୍ପଷ୍ଟ। ତୁର୍କୀ ସିରିଆରେ ଏକ ସାମରିକ ଘାଟି ସ୍ଥାପନ କରିବା ଉଚିତ୍ ନୁହେଁ ଏବଂ ଦେଶର ଆକାଶ ମାର୍ଗରେ ଇସ୍ରାଏଲୀ କାର୍ଯ୍ୟକଳାପରେ ହସ୍ତକ୍ଷେପ କରିବା ଉଚିତ୍ ନୁହେଁ। ରିପୋର୍ଟ ଅନୁସାରେ ତୁର୍କୀ ଗାଜାରେ ଇସ୍ରାଏଲର ସାମରିକ ଅଭିଯାନକୁ ସମାଲୋଚନା କରି କହିଥିଲା ଯେ, ଏହି ପଦକ୍ଷେପ ଇସ୍ରାଏଲର ବେଆଇନ ଆଭିମୁଖ୍ୟର ଏକ ଉଦାହରଣ ଯାହା ଶାନ୍ତି ପ୍ରକ୍ରିୟା ଠାରୁ ଦୂରରେ ରହିଛି। ତୁର୍କୀର ବୈଦେଶିକ ମନ୍ତ୍ରଣାଳୟ ଏକ ବିବୃତିରେ କହିଥିଲା ଯେ, ଗାଜାରେ ଅଭିଯାନର ପ୍ରସାର ଏବଂ ଇସ୍ରାଏଲ-ଅଧିକୃତ ପଶ୍ଚିମ କୂଳରେ ବସତିର ପ୍ରସାର ଅନ୍ତର୍ଜାତୀୟ ଆଇନ ପ୍ରତି ଇସ୍ରାଏଲର ସ୍ପଷ୍ଟ ଅବମାନନା ଏବଂ ଶାନ୍ତି ହାସଲରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନତାର ଆଉ ଏକ ପ୍ରଦର୍ଶନ। ଏତଦ୍‌ବ୍ୟତୀତ ତୁର୍କୀ ସିରିଆ ସହ ମଧ୍ୟ ସମ୍ପର୍କ ବୃଦ୍ଧି କରୁଥିବା ବେଳେ ଇସ୍ରାଏଲ୍‌କୁ ସମାଲୋଚନା କରିଆସୁଛି। ତେବେ ଏହାକୁ ନେଇ ତୁର୍କୀ ଏବଂ ଇସ୍ରାଏଲ୍ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଛି।

# କୂଅ ଭିତରେ ଶ୍ୱାସରୁଦ୍ଧ ହୋଇ ୮ ମୃତ

**ଭୋପାଳ,୩।୪/ଏଜେନ୍ସି:** ମଧ୍ୟପ୍ରଦେଶର ଖଣ୍ଡୱା ଜିଲାର କୋଣ୍ଡାଭାଟ ଗାଁରେ ଏକ ଅତ୍ୟନ୍ତ ଅଭାବନୀୟ ଘଟଣା ସମ୍ପର୍କରେ ସୂଚନା ମିଳିଛି। ଏଠାରେ ଥିବା କୂଅ ସଫା କରିବା ପାଇଁ ଯାଇଥିବା ୮ଜଣ ପ୍ରାଣ ହରାଇଛନ୍ତି। ରିପୋର୍ଟ ଅନୁସାରେ ଦେବୀ ଗଙ୍ଗୌର ମାତାଙ୍କ ପୂଜା ପରେ ନିକଟସ୍ଥ କୋଣ୍ଡାଭଟ ଗାଁରେ ଥିବା ଏକ ୧୫୦ ବର୍ଷ ପୁରୁଣା କୂଅରେ ମୂର୍ତ୍ତି ବିସର୍ଜନ ପାଇଁ ଯୋଜନା କରାଯାଇଥିଲା। କିନ୍ତୁ ଦୀର୍ଘଦିନ ଧରି କୂଅଟି ପରିତ୍ୟକ୍ତ ବା ଅବ୍ୟବହୃତ ହୋଇ ପଡିରହିଥିବାରୁ ଏହା ଅତ୍ୟନ୍ତ ଖରାପ ହୋଇଯାଇଥିଲା। ତେବେ ଦେବୀଙ୍କ ବିସର୍ଜନ ପୂର୍ବରୁ ଏହି କୂଅର ସଫେଇ ଜରୁରି ଥିବା ଅନୁଭବ କରିବା ପରେ ସଫେଇ ପ୍ରକ୍ରିୟା ଆରମ୍ଭ ହୋଇଥିଲା। କୂଅରେ ଶ୍ୱାସରୁଦ୍ଧ ହୋଇପଡିବା କାରଣରୁ ସମସ୍ତ ୮ଜଣ ଯାକ ସେହିଠାରେ ହିଁ ପ୍ରାଣବାୟୁ ତ୍ୟାଗ କରିଛନ୍ତି। କୂଅ ଭିତରେ ମିଥେନ ଗ୍ୟାସ୍‌ର ଲିକେଜ୍ ହୋଇଥିବା କାରଣରୁ ଏହି ଅଘଟଣ ଘଟିଥାଇପାରେ ବୋଲି କୁହାଯାଉଛି। କୂଅରେ ପ୍ରାଣ ହରାଇଥିବା ପରିବାରକୁ ଜିଲ୍ଲପାଳ ୪ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ଏହି ହୃଦୟବିଦାରକ ଦୁର୍ଘଟଣା ପରେ, ସମଗ୍ର ଗାଁରେ ଶୋକର ଛାୟା ଖେଳିଯାଇଛି।









ଖୋର୍ଦ୍ଧା ଜିଲ୍ଲାରେ ବିଭିନ୍ନ ଶିଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

### ୱାକଫ୍ ବିଲ୍ ନେଇ ମତ ବଦାଇଲା ବିଜେଡି

## ବିବେକ ଅନୁସାରେ ଭୋଟ୍ ଦେବାକୁ ନିଷ୍ପତ୍ତି

**ଭୁବନେଶ୍ୱର,୩।୪/ଏନ୍‌ଏନ୍‌ଏସ୍:** ମତ ବଦାଇଛି ବିଜେଡି। ପୂର୍ବରୁ ୱାକଫ୍ ବିଲ୍‌କୁ ପ୍ରବଳ ବିରୋଧ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଥିବାବେଳେ ଏବେ ବିବେକ ଅନୁସାରେ ଭୋଟ୍ ଦେବାକୁ ନିଷ୍ପତ୍ତି ନେଇଛି। ୧୮ ଘଣ୍ଟା ଭିତରେ ବିଜେଡିର ଏଭଳି ୟୁଟର୍ଣ୍ଣକୁ ନେଇ ରାଜନୈତିକ ମହଲରେ ଖୁବ୍ ଚର୍ଚ୍ଚାର ବିଷୟ ହୋଇଛି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର କହିଛନ୍ତି ଯେ ବିଜେଡି ପକ୍ଷରୁ କୌଣସି ହ୍ୱିପ୍ ଜାରି ହୋଇ ନାହିଁ। ରାଜ୍ୟସଭାରେ ଭୋଟିଂ ବେଳେ ୱାକଫ୍ ବିଲ୍‌କୁ ବିରୋଧ ନ କରି ବିବେକ ଅନୁସାରେ ଭୋଟ୍ ଦେବାକୁ ନିଷ୍ପତ୍ତି ହୋଇଛି।

ଅନ୍ୟପକ୍ଷରେ ରାଜ୍ୟସଭା ସାଂସଦ ମୁନ୍ନା ଖାଁ କହିଛନ୍ତି ଯେ ମୋଦୀ ସରକାର ୨୦୧୪ରେ ଯେତେବେଳେ କ୍ଷମତାକୁ ଆସିଥିଲେ ସେତେବେଳେ ସବ୍‌କା ସାଥ୍, ସବ୍‌କା ବିଶ୍ୱାସ ଓ ସବ୍‌କା ବିକାଶ କହିଥିଲେ। ମାତ୍ର ଏବେ ସେହି ନୀତି ପାଳନ କରାଯାଉ ନାହିଁ। ସରକାର ମୁସଲମାନଙ୍କ ପ୍ରତି ଭେଦଭାବ କରୁଛନ୍ତି। କୌଣସି ଧର୍ମ ଉପରେ ଅନ୍ୟ କେହି ହସ୍ତକ୍ଷେପ ନକରିବା ପାଇଁ ବାବା ସାହେବ ଆମ୍ବେଦକର କହିଥିଲେ। ୱାକଫ୍ ବିଲ୍‌କୁ ନେଇ ପୂରା ଦେଶରେ ମୁସଲିମ୍‌ମାନେ ଚିନ୍ତାରେ ଅଛନ୍ତି। ଆମର ଆଭ୍ୟନ୍ତରୀଣ ମାମଲାରେ ସରକାର ହସ୍ତକ୍ଷେପ କରୁଛନ୍ତି। ସେଥିପାଇଁ ଅନେକ ସ୍ଥାନରେ ଧାରଣା ଦିଆଯାଉଛି ଓ ଆନ୍ଦୋଳନ କରାଯାଉଛି। ୱାକଫ୍ ବିଲ୍‌କୁ ବିଜେଡି ତରଫରୁ ବିରୋଧ କରାଯାଇଛି। ପୂର୍ବରୁ ଯେଉଁମାନଙ୍କ ପାଖରେ ବହୁତ ଜମି ଥିଲା, ସେମାନେ ଏହାକୁ ଦାନସୂତ୍ରରେ ଦେଇଥିଲେ। ଏହି ଜମିରେ କିଛି ଭଲ କାମ କରାଯିବାର ଲକ୍ଷ୍ୟ ଥିଲା। ଏହି ଜମି ଉପରେ କିଛି ବିକାଶମୂଳକ କାମ କରାଯିବ। କିଛି ହସ୍ପିଟାଲ, ମଦ୍ରାସା, ମସ୍‌ଜିଦ, କବ୍ରସ୍ଥାନ ସମସ୍ୟା ଥିଲେ କବ୍ରସ୍ଥାନ ନିର୍ମାଣ କରାଯିବାର ଥିଲା। ଏହି ବିଲ୍‌ରେ କ'ଣ ଲେଖାଯାଇଛି, ସେ ବିଷୟରେ କହିବାକୁ ଚାହୁଁନାହିଁ। କିନ୍ତୁ ପ୍ରତି ରାଜ୍ୟରେ ଥିବା ୱାକଫ୍ ବୋର୍ଡକୁ ସଂଖ୍ୟାଲଘୁ ମୁସଲମାନମାନେ ପରିଚାଳନା କରୁଛନ୍ତି। କିଛି ସ୍ଥାନରେ ବିଭ୍ରାଟ୍ ଦେଖାଯାଇଛି। କିଛି ସ୍ଥାନରେ ଜମି ହଡ଼ପ କରାଯାଉଛି। ଏହି ବିଭ୍ରାଟ୍‌ର ସମାଧାନ କରାଯିବାର ଆବଶ୍ୟକତା ଅଛି ସାଂସଦ ମୁନ୍ନା ଖାଁ କହିଛନ୍ତି।

### ଏନ୍‌ସିସି ଗ୍ରୁପ୍ ମୁଖ୍ୟାଳୟର ୭୬ତମ ପ୍ରତିଷ୍ଠା ଦିବସରେ ରାଜ୍ୟପାଳ

## 'ରାଜ୍ୟର ବିକାଶରେ ଏନ୍‌ସିସି କ୍ୟାଡେଟ୍‌ଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ'

**କଟକ,୩।୪/ଏନ୍‌ଏନ୍‌ଏସ୍:** ଓଡ଼ିଶାର ବିକାଶ କାହାଣୀରେ ଯୁବବର୍ଗଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ। ଆମ ପାଇଁ ଏହା ଗର୍ବର ବିଷୟ ଯେ ଆମ ରାଜ୍ୟର ଏନସିସି କ୍ୟାଡେଟ୍‌ମାନେ ଏହି ପରିବର୍ତ୍ତନଶୀଳ ଯାତ୍ରାର ଅଗ୍ରଭାଗରେ ରହିଛନ୍ତି। ରାଜ୍ୟର ବିକାଶ ନିମନ୍ତେ ଶୃଙ୍ଖଳିତ, ଦାୟିତ୍ୱବାନ ଏବଂ ଦୂରଦୃଷ୍ଟିସମ୍ପନ୍ନ ଯୁବକ ଭାବରେ ଏନସିସି କ୍ୟାଡେଟ୍‌ମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି, ବୈଷୟିକ ପ୍ରଗତି, ସମାଜ କଲ୍ୟାଣ କ୍ଷେତ୍ରରେ ପ୍ରତ୍ୟେକ ଯୁବକ ଜଣେ ଜଣେ ପରିବର୍ତ୍ତନର ମଶାଲ ହୁଅନ୍ତୁ। ଏନସିସିର ଆଦର୍ଶରେ ଅନୁପ୍ରାଣିତ ହୋଇ କର୍ତ୍ତବ୍ୟ ଏବଂ ଉତ୍ସର୍ଗୀକୃତ ପଥରେ ଚାଲିବା ପାଇଁ ଅନ୍ୟମାନଙ୍କୁ ଅନୁପ୍ରେରିତ କରିବାକୁ ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି ଆହ୍ୱାନ ଦେଇଛନ୍ତି। କଟକ ଏନସିସି ଗ୍ରୁପ ମୁଖ୍ୟାଳୟର





୭୬ ତମ ପ୍ରତିଷ୍ଠା ଦିବସ ଏବଂ ଏନ୍‌ସିସି ସାଇକ୍ଲୋଥନ ଉଦ୍‌ଯାପନ ସମାରୋହରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି।

ଏହାଛଡ଼ା ରାଜ୍ୟପାଳ ଦୀର୍ଘ ୨୩ ଦିନବ୍ୟାପୀ ଚାଲିଥିବା ସାଇକ୍ଲୋଥନ ୮୫୦ କିଲୋମିଟର ପଥ ଅତିକ୍ରାନ୍ତ କରି ୧୫ଟି ଜିଲ୍ଲାରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ସଂରକ୍ଷଣ, ମହିଳା ସଶକ୍ତିକରଣ, ନିଶା ନିବାରଣ, ସାଇବର ସୁରକ୍ଷା,ଡିଜିଟାଲ ସାକ୍ଷରତା,ସଡ଼କ ସୁରକ୍ଷା ଆଦି ଉପରେ ସଚେତନତାର ବାର୍ତ୍ତା ଜନସାଧାରଣଙ୍କ ପାଖରେ ପହଞ୍ଚାଇଥିବା କ୍ୟାଡେଟମାନଙ୍କର ନିଷ୍ଠା, ଉଦ୍ୟମ, ଦେଶପ୍ରେମ ଓ ଉତ୍ସର୍ଗୀକୃତ ମନୋଭାବର ପ୍ରଶଂସା କରିଥିଲେ । ଏହି ଅବସରରେ ରାଜ୍ୟପାଳ ସାଇକ୍ଲୋଥନରେ ଅଂଶଗ୍ରହଣ କରିଥିବା ୨୧ ଜଣ କ୍ୟାଡେଟଙ୍କୁ ପୁରସ୍କୃତ କରିଥିଲେ। ମେଜର ଆଶୁତୋଷ ତ୍ରିପାଠୀ ଏନ୍‌ସିସି ସାଇକ୍ଲୋଥନର ଟିମ୍ ଲିଡର ରାଜ୍ୟପାଳଙ୍କୁ କ୍ଷୁଦ୍ରାକାର ପତାକା ପ୍ରଦାନ କରିଥିଲେ। ଗତ ମାର୍ଚ୍ଚ ମାସ ୧୨ ତାରିଖରେ ପୁରୀ ଠାରୁ ଆରମ୍ଭ ହୋଇଥିବା ଏହି ସାଇକ୍ଲୋଥନ ଆଜି ଉଦ୍‌ଯାପିତ ହୋଇଥିଲା। ଗ୍ରୁପ୍ କମାଣ୍ଡର କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁ ଏନସିସି କ୍ୟାଡେଟମାନଙ୍କର ଉଦ୍ୟମକୁ ପ୍ରଶଂସା କରିବା ସହ ସାଇକେଲ ଶୋଭାଯାତ୍ରାକୁ ସଫଳ କରିବାରେ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଓଡିଶା ଯୁବ ପ୍ରଶିକ୍ଷଣ ସଂସ୍ଥାର ଭୂମିକାକୁ ପ୍ରଶଂସା କରିଥିଲେ। ଏହି ଅବସରରେ ରାଜ୍ୟପାଳ ନବନିର୍ମିତ ଏନସିସି ମୁଖ୍ୟାଳୟ ଭବନକୁ ଉଦଘାଟନ କରିବା ସହ ପୁରୁଣା ସଚିବାଳୟ ପରିସର ମଧ୍ୟରେ ଥିବା ସମ୍ପ୍ରସାରିତ ଏନସିସି କ୍ୟାଣ୍ଟିନ ପରିଦର୍ଶନ କରିଥିଲେ।

## ସହକାରୀ ଯନ୍ତ୍ରୀ ଗିରଫ

**କଟକ,୩।୪/ଏନ୍‌ଏନ୍‌ଏସ୍:** ଜଣେ କଣ୍ଟ୍ରାକ୍ଟରଙ୍କ ଠାରୁ ୧ ଲକ୍ଷ ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଭୁବନେଶ୍ୱର ରୁରାଲ ୱାର୍କ୍‌ସ (ପିଏଚ୍‌ଡି) ଡିଭିଜନର ସହକାରୀ ଯନ୍ତ୍ରୀ ନରେଶ କୁମାର ଦାସଙ୍କୁ ଆଜି ଭିଜିଲାନ୍ସ ଗିରଫ କରିଛି। ଗତକାଲି ଭିଜିଲାନ୍ସ ଶ୍ରୀ ଦାସଙ୍କ ଠାରୁ ଲାଞ୍ଚ ୧ଲକ୍ଷ ଟଙ୍କା ସହ ସମୁଦାୟ ୨ଲକ୍ଷ ୨୬ ହଜାର ଟଙ୍କା ଜବତ କରିଥିଲା। ତେବେ ତାଙ୍କ ଭଡ଼ାଘର ତନଖି କରିବା ପରେ ନଗଦ ଆଉ ୧ଲକ୍ଷ ୩୦ ହଜାର ଟଙ୍କା ମିଳିଥିଲା। ଭିଜିଲାନ୍ସ ତାଙ୍କ ଠାରୁ ମୋଟ ୩ଲକ୍ଷ ୫୬ ହଜାର ଟଙ୍କା ଜବତ କରିଛି। ସୂଚନାଯୋଗ୍ୟ ଜଣେ କଣ୍ଟ୍ରାକ୍ଟରଙ୍କ ୭ ଲକ୍ଷ ଟଙ୍କାର ବିଲ୍‌କୁ ପାଶ୍ କରିବା ଲାଗି ଶ୍ରୀ ଦାସ ଲକ୍ଷେ ଟଙ୍କା ଦାବି କରିଥିଲେ। ସମ୍ପୃକ୍ତ କଣ୍ଟ୍ରାକ୍ଟର ଜଣକ ବିଲ୍ ପାଇବା ପାଇଁ ବାରମ୍ବାର ଶ୍ରୀ ଦାସଙ୍କ କାର୍ଯ୍ୟାଳୟକୁ ଦୌଡ଼ିଥିଲେ। ମାତ୍ର ସହକାରୀ ଯନ୍ତ୍ରୀ ବିଲ୍ ଦେବାକୁ ବିଳମ୍ବ କରିଥିଲେ। ଶେଷରେ ଏକ ଲକ୍ଷ ଟଙ୍କା ଏବାବଦକୁ ଦେଲେ ବିଲ୍ ପାଶ୍ କରାଇ ଦେବାକୁ ଶ୍ରୀ ଦାସ କହିଥିଲେ। ଏଣୁ କଣ୍ଟ୍ରାକ୍ଟର ଜଣକ ବାଧ୍ୟ ହୋଇ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ଅନୁଯାୟୀ କାର୍ଯ୍ୟାଳୟରେ ଏକ ଲକ୍ଷ ଟଙ୍କା ଶ୍ରୀ ଦାସଙ୍କୁ ଦେବା ବେଳେ ସେଠାରେ ଛକି ରହିଥିବା ଭଜିଲାନ୍ସ ଟିମ୍ ତାଙ୍କୁ ଧରିବା ସହ ଏକ ଲକ୍ଷ ଟଙ୍କା ଜବତ କରିଥିଲା।

## ବିଡିଏର ସମ୍ପ୍ରସାରଣ, ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ

- ୧,୫୩୬.୦୮ କୋଟିର ବଜେଟ୍ ଅନୁମୋଦନ
- ବିଡିଏରେ ଯୋଡ଼ିହେବ ୧୪୩ ନୂତନ ରାଜସ୍ୱ ଗ୍ରାମ

**ଭୁବନେଶ୍ୱର,୩।୪/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ୧୫୦ତମ କର୍ତ୍ତୃପକ୍ଷ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଡିଏ ଅଧକ୍ଷ ତଥା ଗୃହ ଓ ନଗର ଉନ୍ନୟନ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର ଅଧକ୍ଷତା କରିଥିଲେ। ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବଜେଟ୍ ଆକଳନ ତଥା ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ସଂଶୋଧିତ ବଜେଟ ଆକଳନ ଉପସ୍ଥାପିତ ହୋଇଥିଲା। ତେବେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ସମୁଦାୟ ୧,୫୩୬.୦୮ କୋଟିର ବଜେଟକୁ ଅନୁମୋଦନ କରାଯାଇଥିବା ବେଳେ ବିଶେଷ କରି ସହରର ସମ୍ପ୍ରସାରଣ ଏବଂ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି।

ବିଡିଏ ପକ୍ଷରୁ ସହର ସମ୍ପ୍ରସାରଣକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଏନେଇ ସମୁଦାୟ ୧୪୩ ନୂତନ ରାଜସ୍ୱ ଗ୍ରାମକୁ ବିଡିଏ ସହ ସାମିଲ କରିବା ନେଇ ଅନୁମୋଦନ ମିଳିଛି। ଏକାମ୍ର ବିଧାୟକ ବାବୁ ସିଂ, ମେୟର ସୁଲଚନା ଦାସ, ଜଟଣୀ ପୌର ପରିଷଦ ଅଧକ୍ଷ ଅନନ୍ତ ବେହେରା, ଖୋର୍ଦ୍ଧା ପୌର ପରିଷଦ ଅଧକ୍ଷ ଲକ୍ଷ୍ମୀ ମହାନ୍ତି, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସଚିବ ଉଷା ପାଢ଼ୀ, ବିଡିଏ ଉପାଧକ୍ଷ ଡା .ଏନ୍ ତିରୁମାଲା ନାୟକ, ବିଡିଏ ସଚିବ ମାନସ ରଞ୍ଜନ ପାଢ଼ୀଙ୍କ ସହ ବହୁ ଅଧିକାରୀ ଉପସ୍ଥିତ ରହି ସମ୍ପୃକ୍ତ ବିଷୟରେ ବିଷଦ ଆଲୋଚନା କରିଥିଲେ। ବର୍ତ୍ତମାନ ବିଡିଏ ଭୁବନେଶ୍ୱର ମହାନଗର ନିଗମ (ବିଏମସି), ଖୋର୍ଦ୍ଧା ପୌର ପରିଷଦ, ଜଟଣୀ ପୌର ପରିଷଦ ଏବଂ ପିପିଲି ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଆଦି ୪ଟି ସହରାଞ୍ଚଳ ସହ ନିକଟବର୍ତ୍ତୀ ଗ୍ରାମ ପଞ୍ଚାୟତ ଅଞ୍ଚଳଗୁଡ଼ିକର ତଦାରଖ କରୁଛି। ତେବେ ଏହି ସହର ସମ୍ପ୍ରସାରଣ ଯୋଜନାବଦ୍ଧ ବିକାଶକୁ ପ୍ରୋତ୍ସାହନ କରିବା, ଭିତ୍ତିଭୂମିର ଉନ୍ନତି ତଥା ଦ୍ରୁତ ସହରୀକରଣରେ ବାଧକ ସାଜୁଥିବା ସମସ୍ୟାର ସମାଧାନ କରିବ ବୋଲି ବୈଠକରେ ଅଧିକାରୀମାନେ ଗୁରୁତ୍ୱ ଦେଇଛନ୍ତି। ପ୍ରକାଶ ଥାଉକି, ୧୯୮୩ରେ ମାତ୍ର ୧୧୬ଟି ରାଜସ୍ୱ ଗ୍ରାମକୁ ନେଇ ବିଡିଏର ସହର ବିକାଶ ଚିନ୍ତାଧାରା ଆରମ୍ଭ ହୋଇଥିଲା। ପରେ ୨୦୦୨, ୨୦୦୩ ଏବଂ ୨୦୧୧ରେ ଏହାର କଳେବରକୁ ସମ୍ପ୍ରସାରଣ କରାଯାଇଛି। ତେବେ ଏହି ନୂତନ ଯୋଜନାବଦ୍ଧ ସହର ସମ୍ପ୍ରସାରଣ ଯୋଜନା ସହର ସହ ଆଞ୍ଚଳିକ ସଂଯୋଗୀକରଣକୁ ଗୁରୁତ୍ୱ ଦେବା ସହ ଭିତ୍ତିଭୂମି ବିକାଶରେ ସହାୟକ ହେବ। ଏହି ନୂତନ ଗ୍ରାମଗୁଡ଼ିକ ମିଶିବା ପରେ ବିଡିଏ ଅଧିକାର କ୍ଷେତ୍ରରେ ଥିବା ମୋଟ ଗ୍ରାମ ସଂଖ୍ୟା ୫୬୯ରୁ ବୃଦ୍ଧି ପାଇ ୭୧୨କୁ ପହଞ୍ଚିବ। କର୍ତ୍ତୃପକ୍ଷଙ୍କ ଅନୁମୋଦନ ପରେ ଏହି ପ୍ରସ୍ତାବ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ , ୧୯୮୨ର ଧାରା ୩ ଅନୁଯାୟୀ ରାଜ୍ୟ ସରକାରଙ୍କ ନିକଟକୁ ବିଚାର ଓ ଅନୁମୋଦନ ପାଇଁ ପଠାଯିବ। ସେହିପରି, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ଗୃହ ନିର୍ମାଣ ଓ ବାଣିଜ୍ୟିକ ବିକାଶ ଯୋଜନାରେ ଚନ୍ଦ୍ରଶେଖରପୁର, ଖୋର୍ଦ୍ଧାର ଜଗସାରା ଓ ସାନପଲ୍ଲୀରେ ଗୃହ ନିର୍ମାଣ ପ୍ରକଳ୍ପ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛି। ଏହା ସହିତ ପଟିଆରେ ବାଣିଜ୍ୟିକ ସ୍ଥାନର ବିକାଶ କରାଯିବ। ସହର ମଧ୍ୟରେ ୨୪ଟି ( ସମନ୍ୱିତ ଉନ୍ନୟନ ଯୋଜନା) ସିଡିପି ରାସ୍ତା ବିକାଶ କରିବାକୁ ମଧ୍ୟ ବୈଠକରେ ନିଷ୍ପତ୍ତି ହୋଇଛି, ଯାହାର ପ୍ରସ୍ତାବ କର୍ତ୍ତୃପକ୍ଷ ବୈଠକରେ ଉପସ୍ଥାପନା ହୋଇଥିଲା। ଜୟଦେବ ବିହାରରୁ ଭାୟା ରଘୁନାଥପୁର ନନ୍ଦନକାନନ ପର୍ଯ୍ୟନ୍ତ ରାସ୍ତା, ନୂଆ ଭୁବନେଶ୍ୱର ରେଳ ଷ୍ଟେସନକୁ ଯିବା ଆପ୍ରୋଚ ରୋଡ଼, ଟିପି ସ୍କିମ-୮ ଦେଇ ଅତିକ୍ରମ କରୁଥିବା ନୂଆଗାଁ-କଟେନି ରୋଡ଼, ନ୍ୟୁ-ସିଟି ପାଇଁ ଚିହ୍ନଟ ହୋଇଥିବା ରାସ୍ତା, ଏବଂ ଚନ୍ଦକା-ଖଣ୍ଡଗିରି ରାସ୍ତାରୁ ପିତାପଲ୍ଲୀ-ବାରଙ୍ଗ ରାସ୍ତା, ଯାହା ଟିପି ଯୋଜନା ନମ୍ବର ୦୮ ଏବଂ ନ୍ୟୁ-ସିଟି ପାଇଁ ନିର୍ଦ୍ଦିଷ୍ଟ ଅଞ୍ଚଳ ଦେଇ ମଧ୍ୟ ଗତି କରୁଥିବା ରାସ୍ତାଗୁଡ଼ିକ ରହିଛି।

## ରାଜ୍ୟରେ ୭,୬୫୫ ସ୍କୁଲ୍‌ରେ ରହିଛି ସ୍ମାର୍ଟ କ୍ଲାସ୍‌ରୁମ୍

**ଭୁବନେଶ୍ୱର,୩।୪/ଏନ୍‌ଏନ୍‌ଏସ୍:** ରାଜ୍ୟରେ ୭,୬୫୫ ସ୍କୁଲରେ ସ୍ମାର୍ଟ କ୍ଲାସରୁମ୍ ବ୍ୟବସ୍ଥା ରହିଛି। ସେହିପରି ୮୪୧୨ଟି ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଇସିଟି ଲ୍ୟାବ୍ ରହିଛି। ରାଜ୍ୟସଭାରେ ଏହି ସୂଚନା ଦେଇଛନ୍ତି କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ।

ଗୁରୁବାର ବିଜେଡି ସାଂସଦ ମାନସ ମଙ୍ଗରାଜଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ୮,୦୪୪ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରରେ ସ୍ମାର୍ଟ ଟିଭି ମାଧମରେ ଶିକ୍ଷାଦାନର ବ୍ୟବସ୍ଥା ରହିଛି। ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ଆଇସିଟି ଲ୍ୟାବ ଓ ସ୍ମାର୍ଟ କ୍ଲାସରୁମ୍ ଅନୁମୋଦିତ ହୋଇଛି।

କେନ୍ଦ୍ରମନ୍ତ୍ରୀ ପୁଣି କହିଛନ୍ତି ଯେ ରାଜ୍ୟରେ ୯୬ ହଜାର ୭୧୮ ପ୍ରାଥମିକସ୍ତରର ଶିକ୍ଷକଙ୍କୁ ପ୍ରାଥମିକ ଛାତ୍ରଛାତ୍ରୀଙ୍କ ଡିଜିଟାଲ୍ ଶିକ୍ଷା ପାଇଁ ଟାବ୍‌ଲେଟ୍ ଯୋଗାଇ ଦିଆଯାଇଛି। ଓଡ଼ିଆରେ ଡିଜିଟାଲ୍ କଣ୍ଟେଣ୍ଟ ଦୀକ୍ଷା ପୋର୍ଟାଲ୍, ମଧୁ ଆପ୍, ଇ-ପାଠଶାଳା ପୋର୍ଟାଲ୍, ଖାନ୍ ଏକାଡେମୀ ଓ କୌଶଳୀ ପାଠ୍ୟକ୍ରମ ପ୍ଲାଟଫର୍ମରେ ଉପଲବ୍ଧ ରହିଛି। ରାଜ୍ୟର ୨୯୮୪ ଉଚ୍ଚ ପ୍ରାଥମିକ ଓ ୨୩୮୬ଟି ମାଧ୍ୟମିକ ବିଦ୍ୟାଳୟରେ ଭର୍ଚୁଆଲ କ୍ଲାସରୁମ୍ ରହିଛି। ସମଗ୍ର ଶିକ୍ଷା ଯୋଜନା ଅଧୀନରେ ୨୦୨୪-୨୫ ପର୍ଯ୍ୟନ୍ତ ରାଜ୍ୟ ପାଇଁ ଡିଜିଟାଲ୍ ଶିକ୍ଷା ବ୍ୟବସ୍ଥାର ପ୍ରସାର ଲକ୍ଷ୍ୟରେ ସମଗ୍ର ଶିକ୍ଷା ଯୋଜନାରେ ୭୩ ହଜାର ୯୧୮ ଲକ୍ଷ ଟଙ୍କା ଦିଆଯାଇଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

### ପୁଣି କଂଗ୍ରେସର ରାଜ୍ୟବ୍ୟାପୀ ଆନ୍ଦୋଳନ ଡାକରା

## ୧୫ରେ ମଶାଲ ଶୋଭାଯାତ୍ରା, ୨୧ରେ ଜିଲ୍ଲାପାଳ ଅଫିସ ଘେରାଉ

**ଭୁବନେଶ୍ୱର,୩।୪/ଏନ୍‌ଏନ୍‌ଏସ୍:** ନାରୀ ନିର୍ଯାତନା ପ୍ରସଙ୍ଗରେ କିଛି ଦିନ ପୂର୍ବରୁ ବିଧାନସଭାରେ ହଙ୍ଗାମା କରି ରାଜ୍ୟବ୍ୟାପୀ ଚର୍ଚ୍ଚାକୁ ଆସିଥିବା କଂଗ୍ରେସ ଏବେ ପୁଣି ଏକ ଆନ୍ଦୋଳନର ଡାକରା ଦେଇଛି। ଓଡ଼ିଶା କଂଗ୍ରେସ ପ୍ରଦେଶ କମିଟି ସଭାପତି ଭକ୍ତ ଚରଣ ଦାସ ପୁଣି ରାଜ୍ୟବ୍ୟାପୀ ଆନ୍ଦୋଳନ ନେଇ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ, ଆସନ୍ତା ୧୫ରେ ରାଜ୍ୟବ୍ୟାପୀ କଂଗ୍ରେସର ମଶାଲ ଶୋଭାଯାତ୍ରା ହେବ। ରାଜ୍ୟର ସମସ୍ତ ବ୍ଲକ ମୁଖ୍ୟାଳୟରେ କଂଗ୍ରେସ ଶୋଭାଯାତ୍ରା କରିବ। ଏହାପରେ ଦଳ ଅପ୍ରେଲ ୨୧ରେ ଜିଲ୍ଲାପାଳ ଅଫିସ୍ ଘେରାଉ କରିବ। କଂଗ୍ରେସ ନିକଟରେ ବିଧାନସଭା ଘେରାଉ କରି ଲୋୟର ପିଏମଜିରେ ଗର୍ଜିଥିଲା। ହଜାର ହଜାର କଂଗ୍ରେସ କର୍ମୀ ଏକ ହୋଇଥିଲେ। ଆଉ ଆନ୍ଦୋଳନରେ ଲୋୟର ପିଏମଜି ରଣକ୍ଷେତ୍ର ପାଲଟିଯାଇଥିଲା। ଏବେ ପୁଣିଥରେ ଆନ୍ଦୋଳନ ବ୍ୟାପକ ହେବାକୁ ଯାଉଛି।ଗୁରୁବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଦାସ କହିଥିଲେ ଯେ ଓଡ଼ିଶାରେ ଅତ୍ୟାଚାରିତା, ଧର୍ଷିତା, ଲୁଣ୍ଠିତା, ନିଖୋଜ ଓ ହତ୍ୟା ହୋଇଥିବା ମହିଳା ଓ ତାଙ୍କ ପରିବାରକୁ ନ୍ୟାୟ ଦେବାରେ ବିଜେପି ସରକାର ସମ୍ପୂର୍ଣ୍ଣ ଅକ୍ଷମ ହୋଇଛନ୍ତି। ବିଜେପି ଓଡ଼ିଶାର ନାରୀଙ୍କୁ ଅସମ୍ମାନ କରୁଛି। ଓଡ଼ିଆ ଅସ୍ମିତା, ଓଡ଼ିଆ ମାଟି, ରାଷ୍ଟ୍ରଭକ୍ତି ଓ ଭାରତମାତା କଥା ଏହି ଦଳ ବାରମ୍ବାର କହୁଛି। ଭାରତମାତା କିଏ ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି । ପଞ୍ଚମ ଓ ସପ୍ତମ ଶ୍ରେଣୀର ନାବାଳିକା ଛାତ୍ରୀ ଯିଏକି ଗର୍ଭବତୀ ହୋଇଛି, କନ୍ୟାଶ୍ରମରେ ଯେଉଁ ଛାତ୍ରୀ ଗର୍ଭବତୀ ହୋଇଛି, ଯିଏ ଧର୍ଷିତା ଓ ହତ୍ୟା ହୋଇଛି, ଯେଉଁ ୬୦ ହଜାର ମହିଳା ନିଖୋଜ ହୋଇଛନ୍ତି ସେହି ସମସ୍ତଙ୍କର ସମଷ୍ଟି ହେଉଛି ଭାରତମାତା । ଭାରତ ମାତାକୁ ବିଜେପି ଲୋକ ଦେଖାଣିଆ ବନ୍ଦନା କରୁଛି । କାରଣ କଂଗ୍ରେସ ଦଳର ସ୍ୱରକୁ ଓଡ଼ିଶାର ବିଧାନସଭା ଭିତରେ ବିଜେପି ବଳପୂର୍ବକ ଚାପିଦେବାକୁ ଅପଚେଷ୍ଟା କରୁଛି। ମହିଳା ନିର୍ଯାତନା ପ୍ରସଙ୍ଗରେ ବିଜେଡି ଓ ବିଜେପିର ଆଭିମୁଖ୍ୟ ଏକାଭଳି। ଓଡ଼ିଶା ବିଧାନସଭାରେ କଂଗ୍ରେସ ବିଧାୟକମାନଙ୍କର ନାରୀ ନ୍ୟାୟ ଦାବିକୁ ବିଜେପି ସରକାର ଉପେକ୍ଷା କଲା। ଗୃହ କମିଟି ଗଠନ କରିପାରିଲା ନାହିଁ। ୫ ଜଣିଆ ମନ୍ତ୍ରୀସ୍ତରୀୟ କମିଟି କିମ୍ବା ଆଇଏଏସ ବା ଆଇପିଏସ ଅଫିସରଙ୍କୁ ନେଇ ଟାସ୍କଫୋର୍ସ କମିଟି ଗଠନ ହୋଇପାରିଥାନ୍ତା, ତାହା ମଧ ହୋଇପାରିଲା ନାହିଁ। ସରକାର ଯଦି ମହିଳା ଅତ୍ୟାଚାର ବନ୍ଦ ପାଇଁ ସ୍ୱତନ୍ତ୍ର ଖସଡ଼ା, ନିୟମ କାନୁନ ବା ନୀତିର ବ୍ୟବସ୍ଥା ନକରନ୍ତି ତେବେ ମହିଳାମାନେ ପୁରପଲ୍ଲୀରୁ ସହର ପର୍ଯ୍ୟନ୍ତ ତାଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୋଧରେ ଜାଗରଣ ପାଇଁ ଶ୍ରୀ ଦାସ ଆହ୍ୱାନ ଦେଇଛନ୍ତି। ଆସନ୍ତା ଏପ୍ରିଲ ୧୫ ତାରିଖ ପ୍ରତି ବ୍ଲକ ଓ ସହରରେ ନାରୀ ନ୍ୟାୟ ଏବଂ ୬୦ ହଜାର ନିଖୋଜ ମହିଳାଙ୍କୁ ଖୋଜିବା ପାଇଁ ମଶାଲ ର୍‍ୟାଲି ଏବଂ ଏପ୍ରିଲ ୨୧ ତାରିଖ ଜିଲ୍ଲା ସଦର ମହକୁମାରେ ଏହି ପ୍ରସଙ୍ଗରେ ମଶାଲ ର୍‍ୟାଲି କରାଯିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବା ପାଇଁ ପିସିସି ସଭାପତି ଶ୍ରୀ ଦାସ ଘୋଷଣା କରିଛନ୍ତି। ଏହା ପରେ କଂଗ୍ରେସର ୩୫ଟି ସାଂଗଠନିକ ଜିଲ୍ଲାରେ ୧୦ କି.ମି. ପଦଯାତ୍ରା ଏବଂ ସମାବେଶ ଆୟୋଜନ ହେବ ଯାହାକୁ ସଫଳ କରିବା ପାଇଁ ସମସ୍ତ ବରିଷ୍ଠ କଂଗ୍ରେସ ନେତାମାନେ ଦାୟିତ୍ୱ ନ୍ୟସ୍ତ ହେବେ। ଜିଲ୍ଲା କମିଟି ଗଠନ ପାଇଁ ସଂପୃକ୍ତ ଜିଲ୍ଲାର ଜିଲ୍ଲା ଓ ବ୍ଲକର ସମସ୍ତ ନେତୃବର୍ଗଙ୍କ ସହ ଖୋଲା ଆଲୋଚନା ହେବ ଏବଂ ସମସ୍ତଙ୍କ ମତାମତକୁ ନେଇ ଜିଲ୍ଲା କମିଟି ଗଠନ ହେବ ବୋଲି ଶ୍ରୀ ଦାସ କହିଛନ୍ତି। ବରିଷ୍ଠ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଥିଲେ ଯେ ବିଜେଡି- ବିଜେପି ଏକାଠି ହୋଇ ବିଧାନସଭାରେ ସବୁ ବିଲ୍ ପାରିତ କଲେ। ଗଣତନ୍ତ୍ରକୁ ହତ୍ୟା କରାଯାଇ କଂଗ୍ରେସକୁ ବେଆଇନ ଭାବେ ଗୃହରୁ ବାହାରେ ରଖାଗଲା। ବିଜେଡି ବିଲ ପାରିତ ହେବାରେ ବିଜେପିକୁ ସାହାଯ୍ୟ ଦେଲା। ଓଡ଼ିଶାର ନିର୍ଯାତିତା ମହିଳାଙ୍କୁ ନେଇ ଦୁଇଟି ଦଳର ଆଭିମୁଖ୍ୟ ସ୍ପଷ୍ଟ ହୋଇଯାଇଛି। ଏପରିକି ଉଚ୍ଚଶିକ୍ଷା ବିଲ୍ ପାରିତ ହେବାପାଇଁ ବିଜେଡି ବିଜେପିକୁ ବିଧାନସଭାରେ ସାରା ରାତି ସମର୍ଥନ ଦେଲା। ଓଡ଼ିଶାର ମହିଳା ହଷ୍ଟେଲରେ ଗରିବ ଖଟିଖିଆ ଆଦିବାସୀ, ଦଳିତ ଓ ପଛୁଆବର୍ଗର ପିଲାମାନେ ପାଠପଢ଼ନ୍ତି। ସେହି ନାବାଳିକା ପିଲାମାନେ ଗର୍ଭବତୀ ହୋଇପଡୁଛନ୍ତି । ତା'ର ପ୍ରତିକାର ପାଇଁ କଂଗ୍ରେସ ଦାବି କରିବାରୁ ବିଜେପି ବିଧାୟକମାନେ କଂଗ୍ରେସ ବିଧାୟକମାନଙ୍କୁ ଶାରୀରିକ ଆକ୍ରମଣ କଲେ। ମହିଳାମାନଙ୍କ ପ୍ରତି ଅବିଚାର କରୁଥିବା ବିଜେପିକୁ ଏ ରାଜ୍ୟର ମହିଳାମାନେ ଉଚିତ ଜବାବ ଦେବେ ବୋଲି ଶ୍ରୀ ବାହିନୀପତି କହିଛନ୍ତି।





IN YOUR LOVING MEMORY

On the Ninth Death Anniversary



DR. SUJATA SAMAL

(04.04.2016)

Me and our darling daughter Asmita, keep fondly emulating every bit of your grit and grace & devotional stances! Our darling daughter Asmita is now M.D. (Medicine), DNB (Medicine) and joined as faculty in Medicine Department in D.Y. Patil Medical College, Pune and constantly yearning for studies overseas. You remain our ethereal treasure to nature it forever!

MAY YOUR SOUL REST IN PEACE...

Our earnest prayer

Missing you every now and then ...

Dr. Umesh C Samal, Dr. Asmita Samal

And Friends and Near and Dears




ଜିନ୍ଦଲ୍ ଷ୍ଟେନ୍‌ଲେସ୍ ଲିମିଟେଡ୍‌ର ଯାଜପୁର ପ୍ଲାଣ୍ଟ ପକ୍ଷରୁ ପରିବେଶ ଦିବସ ପାଳନ

## ସାଉଥ୍ ଏସିଆ କ୍ୟାମ୍ବ୍ରିଜ ସ୍କୁଲ୍ କର୍ମଶାଳା

**ଭୁବନେଶ୍ୱର,୩।୪/ଏନ୍‌ଏନ୍‌ଏସ୍:** ଇଣ୍ଟରନ୍ୟାସନାଲ୍ ଏଜୁକେଶନ ଗ୍ରୁପ ପକ୍ଷରୁ ୨ୟ ସାଉଥ ଏସିଆ କ୍ୟାମ୍ବ୍ରିଜ ସ୍କୁଲ୍ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନର ୪୦୦ ଶିକ୍ଷାବିତ୍ ସାମିଲ ହୋଇଥିଲେ। ତେବେ ଏପରି କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷକଙ୍କ ଚାହିଦା, ଶିକ୍ଷାଦାନ କ୍ଷମତା ଏବଂ ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ ସହ ଗୁଣାତ୍ମକ ଶିକ୍ଷାଦାନ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷାବିତ ରଡ୍ ସ୍ମିଥ ଯୋଗଦେଇ କହିଥିଲେ ଯେ ଶିକ୍ଷାର୍ଥୀମାନଙ୍କୁ ଏକ ଦ୍ରୁତ-ପରିବର୍ତ୍ତିତ ଦୁନିଆ ପାଇଁ ପ୍ରସ୍ତୁତ କରିବା ଲାଗି ପ୍ରତିବଦ୍ଧ ହେବା ଉଚିତ। ଏହାକୁ ହାସଲ କରିବା ପାଇଁ ଶିକ୍ଷକମାନଙ୍କୁ ସହଯୋଗ ଏବଂ ଆଧୁନିକ ମୂଲ୍ୟାୟନ ପାଇଁ ଡିଜିଟାଲ ପରୀକ୍ଷାର ଆରମ୍ଭ ହୋଇଛି। ସେହିପରି ଶିକ୍ଷାବିତ ବିନୟ ଶର୍ମା କହିଥିଲେ ଯେ ଯେ ଅନ୍ତର୍ଜାତୀୟ ଶିକ୍ଷାକୁ ପହଞ୍ଚଯୋଗ୍ୟ କରିବା ସହ ଗୁଣବତ୍ତାର ସର୍ବୋଚ୍ଚ ମାନ ବଜାୟ ରଖିବା ପାଇଁ ପ୍ରଚେଷ୍ଟା କରାଯିବା ଉଚିତ। ପ୍ୟାନେଲ ଆଲୋଚନାଗୁଡ଼ିକରେ ବିଭିନ୍ନ ଶିକ୍ଷାନୁଷ୍ଠାନର ବରିଷ୍ଠ ଶିକ୍ଷାବିତ୍‌ମାନେ ଯୋଗଦେଇ ଶିକ୍ଷାଦାନ ବ୍ୟବସ୍ଥା ଏବଂ ଭିତ୍ତିଭୂମି ସମ୍ପର୍କରେ ଆଲୋକପାତ କରିଥିଲେ।

## ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଗୁରୁତ୍ୱଦେବା ଉଚିତ୍

**ଭୁବନେଶ୍ୱର,୩।୪/ଏନ୍‌ଏନ୍‌ଏସ୍:** ଚଳିତ ବିଶ୍ୱସ୍ୱାସ୍ଥ୍ୟ ଦିବସ ଅବସରରେ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଗୁରୁତ୍ୱ ଦେବା ଉଚିତ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ରିତିକା ସମ୍ମଦାର ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ଦୀର୍ଘ ଦିନ ପର୍ଯ୍ୟନ୍ତ ବଞ୍ଚି ରହିବା ପାଇଁ ନୁହେଁ ବରଂ ଏକ ସୁସ୍ଥ ଜୀବନ ବଞ୍ଚିବା ନିମନ୍ତେ ଉତ୍ତମ ସ୍ୱାସ୍ଥ୍ୟ ଆବଶ୍ୟକ। ତେବେ ପ୍ରତ୍ୟେକ ବ୍ୟକ୍ତି ଦୈନିକ ବାଦାମ ଖାଇବା ଉଚିତ୍। ବାଦାମରେ ପ୍ରୋଟିନ, ଖାଦ୍ୟପୋଯୋଗୀ ତନ୍ତୁ, ସ୍ୱାସ୍ଥ୍ୟକର ଚର୍ବି, ମ୍ୟାଗନେସିୟମ, ଜିଙ୍କ ଏବଂ ଭିଟାମିନ-ଇ ଇତ୍ୟାଦି ଭରପୂର ରହିଛି। ଏହାବ୍ୟତୀତ ସବୁଜ ପନିପରିବା, ଫଳ ଭଳି ଖାଦ୍ୟକୁ ନିୟମିତ ଖାଦ୍ୟ ତାଲିକାରେ ସାମିଲ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ସେହିପରି ପୁଷ୍ଟିକର ନିରୋଗ ପରାମର୍ଶଦାତା ଶୀଲା କ୍ରିଷ୍ଣାସ୍ୱାମୀ ମୋଟାପଣରୁ ଦୂରେଇବା ପାଇଁ ପ୍ରତିଦିନ ଖାଦ୍ୟରେ ବାଦାମ ରଖିବା ଉଚିତ ବୋଲି କହିଥିଲେ। ସେହିପରି ଡକ୍ଟର ରୋହିଣୀ ପାଟିଲ କହିଛନ୍ତି ଯେ, ବର୍ତ୍ତମାନ ମଧୁମେହ ହେଉଛି ମୁଖ୍ୟ ସମସ୍ୟା। ଏହାର ପ୍ରତିକାର ସ୍ୱରୂପ ବାଦାମ ଖାଇବାର ଆବଶ୍ୟକତା ରହିଛି। ଯାହାକି ପୌଷ୍ଟିକତା ଏବଂ ଫାଇବରରେ ଭରପୂର। ତେଣୁ ଏହା ରକ୍ତ ସର୍କରାକୁ ଭଲ ଭାବରେ ପରିଚାଳିତ କରିଥାଏ ବୋଲି ସେ କହିଛନ୍ତି।

## ଓଡ଼ିଆ ପକ୍ଷ ପାଳନ ପାଇଁ ସ୍ୱତନ୍ତ୍ର ୱେବ୍‌ସାଇଟ୍

**ଭୁବନେଶ୍ୱର,୩।୪/ଏନ୍‌ଏନ୍‌ଏସ୍:** ରାଜ୍ୟରେ ପ୍ରଥମ ଥର ପାଇଁ ଏପ୍ରିଲ ୧ ତାରିଖ ଠାରୁ ନେଇ ଆସନ୍ତା ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଓଡ଼ିଆ ପକ୍ଷ ପାଳନକୁ ନେଇ ଏକ ସ୍ୱତନ୍ତ୍ର ୱେବ୍‌ସାଇଟର ମଧ୍ୟ ନିର୍ମାଣ କରାଯାଇଛି। ୱେବ୍‌ସାଇଟରେ ଓଡ଼ିଆ ପକ୍ଷ ପାଳନ ସମ୍ବନ୍ଧୀୟ ସବିସ୍ତୃତ ବିବରଣୀ ପ୍ରଦାନ କରାଯାଇଛି। ଏଥିସହିତ ୱେବ୍‌ସାଇଟରେ ଓଡ଼ିଆ ପକ୍ଷ ପାଳନ ସମ୍ବନ୍ଧୀୟ ଏକ କୁଇଜ୍ ମଧ୍ୟ ରଖାଯାଇଛି। ଏହି କୁଇଜ୍‌ରେ ଓଡ଼ିଶାର ବରପୁତ୍ର ଏବଂ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ପରମ୍ପରା ସମ୍ବନ୍ଧୀୟ ପ୍ରଶ୍ନ ରହିଛି। ସମସ୍ତେ ଏହି କୁଇଜ୍‌ରେ ଅଂଶଗ୍ରହଣ କରି ନିଜର ଡିଜିଟାଲ୍ ପ୍ରମାଣପତ୍ର ମଧ୍ୟ ଡାଉନଲୋଡ୍ କରିପାରିବେ। ନିଜ ବିଦ୍ୟାଳୟ, ମହାବିଦ୍ୟାଳୟ, ବ୍ଲକ, ଜିଲ୍ଲାରେ ଓଡ଼ିଆ ପକ୍ଷ ପାଳନ ପରିପ୍ରେକ୍ଷୀରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନିଜର ସେଲ୍ଫି ମଧ୍ୟ ଏହି ଓଡ଼ିଆ ପକ୍ଷ ୱେବସାଇଟରେ ଅପଲୋଡ଼୍ କରିପାରିବେ।

## ଆମ ପୋଷାକ, ଆମ ପରିଚୟ ଅଭିଯାନ

**ଭୁବନେଶ୍ୱର,୩।୪/ଏନ୍‌ଏନ୍‌ଏସ୍:** ରାଜ୍ୟରେ ପ୍ରଥମ ଥର ଏପ୍ରିଲ୍ ୧ ତାରିଖରୁ ଏପ୍ରିଲ୍ ୧୪ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି ଓଡ଼ିଆ ପକ୍ଷ। ଓଡ଼ିଶାର ହସ୍ତତନ୍ତ ପୋଷାକର ଅନନ୍ୟ ବୈଶିଷ୍ଟତା ରହିଛି। ଏହା ଆମ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଂଶ। ପ୍ରାକୃତିକ ରଙ୍ଗ ଏବଂ ଉପାଦାନ ବ୍ୟବହାର କରି ଏହାକୁ ବୁଣାଯାଇଥାଏ। ହସ୍ତତନ୍ତ ଓ ଓଡ଼ିଶାର ବୟନ ଶିଳ୍ପକୁ ପ୍ରୋତ୍ସାହନ ଦେବା ପାଇଁ ଓଡ଼ିଆ ପକ୍ଷ ପାଳନର ତୃତୀୟ ଦିବସରେ ଆୟୋଜିତ ହୋଇଛି ଆମ ପୋଷାକ ଆମ ପରିଚୟ ଅଭିଯାନ। ଆଜିର ଏହି ବୟନ ଅସ୍ମିତାର ମହାପର୍ବରେ ସାମିଲ ହୋଇଛନ୍ତି ଓଡ଼ିଶାବାସୀ।ସରକାରୀ, ବେସରକାରୀ କାର୍ଯ୍ୟାଳୟର ଅଧିକାରୀ, କର୍ମଚାରୀଙ୍କ ଠାରୁ ନେଇ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଏବଂ ଛାତ୍ରଛାତ୍ରୀମାନଙ୍କ ପର୍ଯ୍ୟନ୍ତ ସବୁଠି ଆଜି ପାରମ୍ପରିକ ପୋଷାକ ପରିଧାନରେ ଓଡ଼ିଆ ଅସ୍ମିତାର ଏକ ନିଚ୍ଛକ ନିଦର୍ଶନ ଦେଖିବାକୁ ମିଳିଛି। ଆମ ପୋଷାକ ଆମ ପରିଧାନ ଅଭିଯାନରେ ଓଡ଼ିଶାବାସୀ ଆଜି ସାମିଲ ହେବା ସହିତ ସମସ୍ତେ ନିଜର ଏବଂ ନିଜ ବନ୍ଧୁ ପରିଜନଙ୍କ ସହିତ ସେଲ୍ଫି ଉଠାଇ ଓଡ଼ିଆ ପକ୍ଷ ପାଇଁ ସ୍ୱତନ୍ତ୍ର ଭାବେ ନିର୍ମିତ ହୋଇଥିବା ୱେବ୍‌ସାଇଟ୍ ଓଡ଼ିଆ ପକ୍ଷ. କମ୍‌ରେ ଏହାକୁ ଅପଲୋଡ଼୍ ମଧ୍ୟ କରିଛନ୍ତି।

### ଭାରତୀୟ ରେଳବାଇର ନୂତନ ରେକର୍ଡ

# ୨୦୨୪-୨୫ ଆର୍ଥିକ ବର୍ଷରେ ୭,୧୩୪ କୋଚ୍ ନିର୍ମାଣ



**ଭୁବନେଶ୍ୱର,୩।୪/ଏନ୍‌ଏନ୍‌ଏସ୍:** ଭାରତୀୟ ରେଳବାଇ ୨୦୨୪-୨୫ ଆର୍ଥିକ ବର୍ଷରେ ୭,୧୩୪ଟି କୋଚ୍ ନିର୍ମାଣ କରି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଏହି ସଂଖ୍ୟା ଗତ ବର୍ଷ ୬,୫୪୧ କୋଚ୍ ଉତ୍ପାଦନ ତୁଳନାରେ ପ୍ରାୟ ୯ ପ୍ରତିଶତ ଅଧିକ। ସାଧାରଣ ଲୋକଙ୍କୁ ଦୃଷ୍ଟିରେ ରଖି, ଅଣ-ବାତାନୁକୂଳିତ ନିୟନ୍ତ୍ରିତ କୋଚ୍ ଉତ୍ପାଦନକୁ ପ୍ରୋତ୍ସାହିତ କରାଯାଉଛି। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଗତ ଆର୍ଥିକ ବର୍ଷରେ ୪,୬୦୧ଟି ନନ୍-ଏସି କୋଚ୍ ଉତ୍ପାଦନ କରାଯାଇଥିଲା। ଏହି ଐତିହାସିକ ସଫଳତା ଭାରତୀୟ ରେଳବାଇର ଉତ୍ପାଦନ କ୍ଷମତାରେ ନିରନ୍ତର ବୃଦ୍ଧିକୁ ପ୍ରତିଫଳିତ କରେ, ଯାହା ଭିତ୍ତିଭୂମିର ଆଧୁନିକୀକରଣ ଏବଂ ଯାତ୍ରୀଙ୍କ ବର୍ଦ୍ଧିତ ଆବଶ୍ୟକତା ପୂରଣ ପାଇଁ କରାଯାଉଥିବା ପ୍ରୟାସର ପରିଣାମ। ଏହା ରେଳ ସେବାକୁ ଅଧିକ ସୁବିଧାଜନକ, ନିରାପଦ ଏବଂ ଦକ୍ଷ କରିବ। ଯାହା ଦ୍ୱାରା ଯାତ୍ରୀମାନେ ଏକ ଉତ୍ତମ ଯାତ୍ରା ଅଭିଜ୍ଞତା ପାଇବେ। ଭାରତୀୟ ରେଳବାଇର ତିନୋଟି କୋଚ୍ ନିର୍ମାଣ ୟୁନିଟ୍ ଅଛି। ଏଥିରେ ତାମିଲନାଡୁର ଚେନ୍ନାଇରେ ଥିବା ଇଣ୍ଟିଗ୍ରାଲ କୋଚ୍ ଫ୍ୟାକ୍ଟ୍ରି (ଆଇସିଏଫ), ପଞ୍ଜାବର କପୁରଥଲାରେ ଥିବା ରେଳ କୋଚ୍ ଫ୍ୟାକ୍ଟ୍ରି (ଆରସିଏଫ) ଏବଂ ଉତ୍ତର ପ୍ରଦେଶର ରାୟବରେଲିରେ ଥିବା ମଡର୍ଣ୍ଣ କୋଚ୍ ଫ୍ୟାକ୍ଟ୍ରି (ଏମସିଏଫ) ଅନ୍ତର୍ଭୁକ୍ତ। ଚେନ୍ନାଇ ସ୍ଥିତ ଇଣ୍ଟିଗ୍ରାଲ କୋଚ୍ ଫ୍ୟାକ୍ଟ୍ରି ୨୦୨୪-୨୫ ବର୍ଷରେ ୩,୦୦୭ କୋଚ୍ ଉତ୍ପାଦନ କରିଛି, ଯାହା ପୂର୍ବ ଉତ୍ପାଦନ ରେକର୍ଡ ଭାଙ୍ଗିଛି। କୋଚ ନିର୍ମାଣ କ୍ଷେତ୍ରରେ ଇଣ୍ଟିଗ୍ରାଲ କୋଚ୍ ଫ୍ୟାକ୍ଟ୍ରି ୨୦୨୩-୨୪ ବର୍ଷରେ ୨୮୨୯ କୋଚ ଉତ୍ପାଦନ କରିଥିବାବେଳେ ୨୦୨୪-୨୫ ବର୍ଷରେ ଆହୁରି ୧୭୮ ଟି କୋଚ ନିର୍ମାଣ ବୃଦ୍ଧି କରାଇ ୩,୦୦୭ କୋଚ୍ ଉତ୍ପାଦନ କରିଛି। ସେହିଭଳି ଆରସିଏଫ କପୁରଥଲା ୨୦୨୩-୨୪ ବର୍ଷରେ ୧୯୦୧ କୋଚ ଉତ୍ପାଦନ କରିଥିବାବେଳେ ୨୦୨୪-୨୫ ବର୍ଷରେ ୨୧୦୨ ଟି କୋଚ ନିର୍ମାଣ କରିଛି ଯାହାକି ପୂର୍ବ ବର୍ଷ ଠାରୁ ୨୦୧ ଟି ଅଧିକ। ରାୟବରେଲିର ମଡର୍ଣ୍ଣ କୋଚ୍ ଫ୍ୟାକ୍ଟ୍ରି ୨୦୨୩-୨୪ ବର୍ଷରେ ୧୬୮୪ ଟି କୋଚ ଉତ୍ପାଦନ କରିଥିବାବେଳେ ୨୦୨୪-୨୫ ବର୍ଷରେ ୨୦୨୫ ଟି କୋଚ ନିର୍ମାଣ କରିଛି ଯାହାକି ପୂର୍ବ ବର୍ଷ ଠାରୁ ୩୪୧ଟି ଅଧିକ। ଗତ କିଛି ବର୍ଷ ମଧ୍ୟରେ ଭାରତୀୟ ରେଳବାଇ କୋଚ୍ ନିର୍ମାଣ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ୨୦୦୪ ରୁ ୨୦୧୪ ମଧ୍ୟରେ ପ୍ରତିବର୍ଷ ହାରାହାରି ପ୍ରାୟ ୩,୩୦୦ କୋଚ୍ ଥିଲା। ଯେତେବେଳେ ୨୦୧୪ ରୁ ୨୦୨୪ ମଧ୍ୟରେ କୋଚ୍ ଉତ୍ପାଦନ ସଂଖ୍ୟା ୫୪,୮୦୯ ରେ ପହଞ୍ଚିଛି ଯାହା ଏକ ରେକର୍ଡ ବୃଦ୍ଧି ପାଇଛି, ହାରାହାରି ୫,୪୮୧ କୋଚ୍ ସହିତ। ରେଳ କୋଚ୍ ନିର୍ମାଣରେ ଭାରତୀୟ ରେଳବାଇର ଏହି ସଫଳତା 'ମେକ୍ ଇନ୍ ଇଣ୍ଡିଆ' ପଦକ୍ଷେପକୁ ଏକ ନୂତନ ପରିମାଣ ପ୍ରଦାନ କରୁଛି।

## ଆର୍‌ସିଆଇ ଅଧ୍ୟକ୍ଷା-ରାଜ୍ୟ ଉନ୍ନୟନ କମିଶନର ଆଲୋଚନା

**ଭୁବନେଶ୍ୱର,୩।୪/ଏନ୍‌ଏନ୍‌ଏସ୍:** ବିଶ୍ୱ ସ୍ୱପରାୟଣ(ଅଟିଜିମ୍) ସଚେତନତା ଦିବସ ଅବସରରେ ବୁଧବାର ଭୁବନେଶ୍ୱରରେ ଆୟୋଜିତ ଜାତୀୟ ସମ୍ମିଳନୀରେ ଯୋଗଦେବାକୁ ଆସିଥିବା ଭାରତୀୟ ପୁନର୍ବାସ ପରିଷଦ (ଆରସିଆଇ)ର ଅଧ୍ୟକ୍ଷା ଡକ୍ଟର ଶରଣଜିତ କୌର ସମ୍ମିଳନୀ ପରେ ଲୋକସେବା ଭବନରେ ଓଡ଼ିଶା ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସହିତ ସାକ୍ଷାତ କରିଥିଲେ। ରାଜ୍ୟରେ ସ୍ୱପରାୟଣ ପିଲାମାନଙ୍କ ଚିକିତ୍ସା ଓ ଶିକ୍ଷା ପାଇଁ ମିଳିତ ପ୍ରୟାସ ନିମନ୍ତେ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବା ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯାଇଥିଲା। ଏହି ସାକ୍ଷାତ ଅବସରରେ ଡକ୍ଟର କୌର ଏ କ୍ଷେତ୍ରରେ ତାଙ୍କର ଦୀର୍ଘ ଅଭିଜ୍ଞତା ବାଣ୍ଟିବା ସହିତ ଓଡ଼ିଶାରେ ସ୍ୱପରାୟଣ ବ୍ୟକ୍ତିଙ୍କ ପାଇଁ ପୁନର୍ବାସ ସେବାକୁ ସୁଦୃଢ଼ କରିବା ନିମନ୍ତେ ଓଡ଼ିଶା ସରକାରଙ୍କ ସହ ମିଳିତ ଭାବେ କାର୍ଯ୍ୟ କରିବା ପାଇଁ ପରିଷଦର ଉତ୍ସର୍ଗୀକୃତ ମନୋଭାବ ଓ ଏହାର ସୁଯୋଗ ସଂପର୍କରେ ଉନ୍ନୟନ କମିଶନରଙ୍କ ସହିତ ଆଲୋଚନା କରିଥିଲେ। ଉନ୍ନୟନ କମିଶନର ଶ୍ରୀମତୀ ଗର୍ଗ ରାଜ୍ୟରେ ଅଙ୍ଗନବାଡ଼ି କେନ୍ଦ୍ର, ବିଭିନ୍ନ ବିଦ୍ୟାଳୟ, ସ୍ୱତନ୍ତ୍ର ବିଦ୍ୟାଳୟରେ ସ୍ୱପରାୟଣ ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସା ଓ ପ୍ରଶିକ୍ଷଣ, ସ୍ୱାସ୍ଥ୍ୟକର୍ମୀମାନଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନର ଆବଶ୍ୟକତା ସହ ପୁନର୍ବାସ ଭିତ୍ତିଭୂମିର ବିକାଶ ପାଇଁ ସରକାରଙ୍କ ନିରନ୍ତର ସମର୍ଥନ ରହିଥିବା ସମ୍ପର୍କରେ ପ୍ରକାଶ କରିଥିଲେ। ବୈଠକରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ କମିଶନର ତଥା ଶାସନ ସଚିବ ଆରଏସ୍, ଗୋପାଳନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ୫ରୁ ରୁକୁଣା ରଥ ଯାତ୍ରା ଉପଲକ୍ଷେ ଲିଙ୍ଗରାଜ ମହୋତ୍ସବ

### ଯୋଗଦେବେ ୭୦୦ରୁ ଊର୍ଦ୍ଧ୍ୱ କଳାକାର

**ଭୁବନେଶ୍ୱର,୩।୪/ଏନ୍‌ଏନ୍‌ଏସ୍:** ପ୍ରତିବର୍ଷ ପରି ଚଳିତବର୍ଷ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଚତୁର୍ଦ୍ଦଶ ଲିଙ୍ଗରାଜ ମହୋତ୍ସବ ଆସନ୍ତା ୫ ତାରିଖ ଠାରୁ ୧୦ ତାରିଖ ପର୍ଯ୍ୟନ୍ତ ଭଜନ ମଣ୍ଡପଠାରେ ଅନୁଷ୍ଠିତ ହେବ। ଏଥିରେ ୭୦୦ରୁ ଊର୍ଦ୍ଧ୍ୱ କଳାକାର ଯୋଗଦେବେ। ଓଡ଼ିଶାର କଳା ଓ ସଂସ୍କୃତିକୁ ପ୍ରୋତ୍ସାହନ ଦେବା ପାଇଁ ଏବଂ ରଥଯାତ୍ରା ଉପଲକ୍ଷେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଅନୁଷ୍ଠାନର ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ ଓ ସାଧାରଣ ସମ୍ପାଦକ ସନତ ମିଶ୍ର ସୂଚନା ଦେଇଛନ୍ତି। ଏନେଇ ଗୁରୁବାରପୂରୁଣା ଭୁବନେଶ୍ୱରସ୍ଥିତ ଭଜନ ମଣ୍ଡପ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଉଭୟ କହିଛନ୍ତି ଯେ ଚଳିତବର୍ଷ ଅଧିକ ପଡ଼ୋଶୀ ରାଜ୍ୟ ଏବଂ ଓଡ଼ିଶାର କଳାକାରମାନେ ନୃତ୍ୟ ପରିବେଷଣ କରିବେ। ଏହି ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୁରୁ ଗଜେନ୍ଦ୍ର ପଣ୍ଡା ଓ ଗୁରୁ ପ୍ରତିଭା ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୬ ଦିନ ବ୍ୟାପୀ ମହୋତ୍ସବ ପାଳନ କରାଯିବ। ୫ ତାରିଖରେ ଓଡ଼ିଶୀ ନୃତ୍ୟ, ଦେବଦାସୀ ନୃତ୍ୟ, କ୍ରିଏଟିଭ ଡ୍ୟାନ୍ସ, ଗୌଡ଼ୀୟ ନୃତ୍ୟ ଓ ପୁରୁଲିଆ ଛଉନୃତ୍ୟ, ୬ ତାରିଖରେ ଓଡ଼ିଶୀ ନୃତ୍ୟ, ଭାରତ ନାଟ୍ୟମ, ସମ୍ବଲପୁରୀ ନୃତ୍ୟ, ପୁରୁଲିଆ ଛଉନୃତ୍ୟ, କାଳୀ ନୃତ୍ୟ ଓ ପାଲିନୃତ୍ୟ ପରିବେଷଣ କରାଯିବ। ସେହିପରି ୭ ତାରିଖରେ ଓଡ଼ିଶୀ ନୃତ୍ୟ, ଫୋକ୍ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, କ୍ରିଏଟିଭ ଡ୍ୟାନ୍ସ ଓ ଝୁମର ନୃତ୍ୟ, ୮ରେ ଗୁରୁ ଓଡ଼ିଶୀ ନୃତ୍ୟ, ଫୋକ୍ ନୃତ୍ୟ, ଡ୍ୟାନ୍ସ ଡ୍ରାମା, ମଣିପୁର ନୃତ୍ୟ, ସମ୍ବଲପୁରୀ ନୃତ୍ୟ ଓ କ୍ରିଏଟିଭ ଡ୍ୟାନ୍ସ ହେବ। ୯ରେ ଓଡ଼ିଶୀ ନୃତ୍ୟ, ବିହୁ ନୃତ୍ୟ, ଓଡ଼ିଶୀ ନୃତ୍ୟ, କ୍ରିଏଟିଭ ନୃତ୍ୟ, ଆନିମଲ ମାସ୍କ ଓ ମମତା ଶତପଥୀ କ୍ରିଏଟିଭ ଡ୍ୟାନ୍ସ ଏବଂ ୧୦ ତାରିଖରେ ଓଡ଼ିଶୀ ନୃତ୍ୟ, କ୍ରିଏଟିଭ ନୃତ୍ୟ, ଘୋଡ଼ାନାଚ, ଓଡ଼ିଶୀ ନୃତ୍ୟ, କ୍ରିଏଟିଭ ନୃତ୍ୟ ଏବଂ ବିହୁ ନୃତ୍ୟ ପରିବେଷଣ କରାଯିବ। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପ୍ରକାଶନୀ ସଂସ୍ଥାର ଉପସଭାପତି ଶିବାନନ୍ଦ ରାୟ, ରଶ୍ମୀ ମହାପାତ୍ର, ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ମୁଖପାତ୍ର ଲିଙ୍ଗରାଜ ସାହୁ, କୋଷାଧ୍ୟକ୍ଷ ରତିକାନ୍ତ ମହାସୁଆର, କାର୍ଯ୍ୟାଳୟ ସମ୍ପାଦକ ବିଶ୍ୱନାଥ ମହାପାତ୍ର, କେଦାରନାଥ ମହାପାତ୍ର, ଶ୍ରୀବତ୍ସ ପତି, ଲଲାଟେନ୍ଦୁ ମହାନ୍ତି, ବାବନ ଚନ୍ଦ୍ର ମହାପାତ୍ର, ପ୍ରମୋଦ କୁମାର ଦାସ, ଗଣେଶ ପାଲ ଓ ଦେବାଶିଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳାଙ୍କ ପାଇଁ ସ୍ୱତନ୍ତ୍ର ସୁରକ୍ଷା ଆପ୍

**ଭୁବନେଶ୍ୱର,୩।୪/ଏନ୍‌ଏନ୍‌ଏସ୍:** ମହିଳାଙ୍କ ସୁରକ୍ଷା ଲାଗି ଏକ ସ୍ୱତନ୍ତ୍ର ସୁରକ୍ଷା ଆପ୍ ଅବସରପ୍ରାପ୍ତ ୱିଙ୍ଗ କମାଣ୍ଡର ସୋନିକା ତନୱରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି। ଯାହା ମହିଳାଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ବେଶ ସହାୟକ ହୋଇପାରିବ ବୋଲି କେଭି ସିଂ କହିଛନ୍ତି। ଆଜି ଆୟୋଜିତ କାର୍ଯ୍ୟକ୍ରମରେ ମହିଳାଙ୍କୁ ସ୍ୱତନ୍ତ୍ର ଆତ୍ମରକ୍ଷା ତାଲିମ ପ୍ରଦାନ କରିବା ପାଇଁ ଡିଫେନ୍ସ ସିଷ୍ଟମ ସହ ଏକ ଏମ୍‌ଓୟୁ ମଧ୍ୟ ସ୍ୱାକ୍ଷର କରାଯାଇଛି ଯାହା ବିଭିନ୍ନ ପ୍ରତିରକ୍ଷା ପଦ୍ଧତି, ଅସଦାଚରଣ, ଯୌନ ନିର୍ଯାତନା, ଛିନତାଇ ଓ ଲୁଣ୍ଠନ ଏବଂ ଘରୋଇ ହିଂସା ସ୍ଥିତି ବିରୋଧରେ ସୁରକ୍ଷା ରଣନୀତି, ସାର୍ବଜନୀନ ସ୍ଥାନ, କ୍ୟାବ, ପାର୍କିଂ ସ୍ଥାନ ଓ ଯାତ୍ରା ସମୟରେ ସୁରକ୍ଷା ଦେଇପାରିବ।

ଶ୍ରୀ ସିଂହ କହିଛନ୍ତି ଯେ ମହିଳାଙ୍କ ସୁରକ୍ଷା ନିଶ୍ଚିତ କରିବା କେବଳ ଏକ ଦାୟିତ୍ୱ ନୁହେଁ ବରଂ ଏକ ସୁରକ୍ଷିତ, ଆନୁଷଙ୍ଗିକ ଓ ପ୍ରଗତିଶୀଳ ସମାଜ ଗଠନ ପାଇଁ ମୂଳଦୁଆ ଅଟେ। ମହିଳାମାନେ ସୁରକ୍ଷିତ ଅନୁଭବ କଲେ, ସମାଜ ଉନ୍ନତି କରିବ ଓ ଦେଶ ଆହୁରି ଶକ୍ତିଶାଳୀ ହେବ ବୋଲି ସେ କହିଥିଲେ। ସେହିପରି ଏଏସଆଇଏସ୍ ଅଧ୍ୟକ୍ଷ ଏମ୍‌ଏସ୍ ଚୌହାନ କହିଛନ୍ତି ଯେ ଏହି ବ୍ୟବସ୍ଥା ମହିଳାଙ୍କ ଅନ୍ତର୍ଭୁକ୍ତୀକରଣ ପାଇଁ ଏକ ଅଗ୍ରଗାମୀ ପଦକ୍ଷେପ। ଜଣେ ମହିଳାଙ୍କ ସ୍ୱର କେବଳ ସ୍ୱର ନୁହେଁ ଏକ ଆନ୍ଦୋଳନ, ଏକ ବିପ୍ଳବ ଅଟେ ଯାହାର ସମାଜକୁ ପରିବର୍ତ୍ତନ କରିବାର ଶକ୍ତି ରହିଛି ବୋଲି ଶ୍ରୀ ଚୌହାନ କହିଥିଲେ।

## ନେହରୁ ଯୁବ ପ୍ରତିଷ୍ଠାନ ତରଫରୁ ଉତ୍କଳ ଦିବସ



**ଭୁବନେଶ୍ୱର,୩।୪/ଏନ୍‌ଏନ୍‌ଏସ୍:** ନେହରୁ ଯୁବ ପ୍ରତିଷ୍ଠାନ ତରଫରୁ ୮୯ ତମ ଉତ୍କଳ ଦିବସ ଅନୁଷ୍ଠାନ ପ୍ରାଙ୍ଗଣରେ ପାଳିତ ହୋଇଯାଇଛି। ଏହି ଅବସରରେ ଉତ୍କଳ ପ୍ରଦେଶ ଗଠନରେ ବରପୁତ୍ରମାନଙ୍କ ଭୂମିକା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅର୍ଥ ବିଶାରଦ ଡଃ ସିଦ୍ଧାର୍ଥ କାନୁନଗୋ, ବରିଷ୍ଠ ସାମ୍ବାଦିକ ତଥା ଭାଷାପ୍ରେମୀ ପବିତ୍ର ମହାରଥା, ଆମେ ଓଡ଼ିଆ ସଂସ୍ଥାର ପ୍ରତିଷ୍ଠାତା,ପ୍ରାବନ୍ଧିକ ରମେଶ ପାଣି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ବରପୁତ୍ରମାନଙ୍କୁ ସ୍ମରଣ କରି ସେମାନଙ୍କ ଅବଦାନ ବିଷୟରେ ନିଜ ନିଜ ବକ୍ତବ୍ୟ ରଖିଥିଲେ। ଆଜି ନୂତନ ଓଡ଼ିଶାରେ ବରପୁତ୍ରମାନଙ୍କ ଅବଦାନକୁ ସମସ୍ତେ ଭୁଲି ଗଲେଣି। ତେଣୁ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ବକ୍ତାମାନେ ମତଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ଅନୁଷ୍ଠାନର ସ୍ମରଣିକାକୁ ଲୋକାର୍ପଣ କରିଥିଲେ। ଉତ୍କଳ ଦିବସ ଉପଲକ୍ଷେ ସ୍କୁଲ ପିଲାମାନଙ୍କ ମଧ୍ୟରେ ଓଡ଼ିଶା ଉପରେ ଜଣା ଅଜଣା କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ସଭାପତି ସହଦେବ ଜୟସିଂହ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବିଶିଷ୍ଟ ଲେଖିକା ମିନତୀ ଦାଶ ସଞ୍ଚାଳନ କରିଥିଲେ। ସଂଯୋଜକ ଆଶିଷ ବେବର୍ତ୍ତା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବରିଷ୍ଠ ସଭ୍ୟ ରଜତ ପାତ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଉମେଶ ନନ୍ଦଙ୍କ ପରିଚାଳନାରେ ସୁମନ୍ତ ନାୟକ, ଲିପ୍ସା ମହାପାତ୍ର, ମଞ୍ଜୁ ନନ୍ଦ, ଶଶିପ୍ରଭା ଦାଶ, କମଳ ପତି ଓ ବିରୂପାକ୍ଷ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ୭ରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି

### ଆଜିଠୁ ଅନ୍‌ଲାଇନ୍ ପଞ୍ଜୀକରଣ

**ଭୁବନେଶ୍ୱର,୩।୪/ଏନ୍‌ଏନ୍‌ଏସ୍:** ଆସନ୍ତା ଏପିଲ୍ ୭ ତାରିଖ ସମସ୍ତ ଜିଲ୍ଲାରେ ଅନୁଷ୍ଠିତ ହେବାକୁଥିବା ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ୍ ପଞ୍ଜୀକରଣ ଆସନ୍ତାକାଲି ପୂର୍ବାହ୍ଣ ୧୧ ଘଟିକା ଠାରୁ ଆରମ୍ଭ ହେବ। ଏଥିନିମନ୍ତେ ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ ବ୍ୟବହାର କରି ସଂପୃକ୍ତ ଜିଲ୍ଲାପାଳ ଏବଂ ଜିଲ୍ଲା ଏସ୍‌ପିଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକରଣପ୍ରାପ୍ତି ସ୍ୱୀକାର ପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଜଣାଇପାରିବେ। ଏତଦ୍‌ଭିନ୍ନ ଅଣପଞ୍ଜୀକୃତ ଆବେଦନକାରୀମାନଙ୍କ ଅଭିଯୋଗପତ୍ରଗୁଡିକୁ ମଧ୍ୟ ଯୁଗ୍ମ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ। ଏହା ଜନଶୁଣାଣିପ୍ରକ୍ରିୟାକୁ ଅଧିକ ସୁବ୍ୟବସ୍ଥିତ କରିବା ସହ ଅଭିଯୋଗ ଫଇସଲାକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ ବୋଲି ନିର୍ଦ୍ଦେଶକ, ସାଧାରଣ ଅଭିଯୋଗ-ତଥା-ସ୍ୱତନ୍ତ୍ର ଶାସନ ସଚିବ,ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଜଣାଇଛନ୍ତି। ପ୍ରକାଶ ଥାଉକି, ଏହି ଅଭିଯୋଗ ଶୁଣାଣି ଶିବିର ପ୍ରତ୍ୟେକ ଜିଲ୍ଲାରେ ସକାଳ ୭ ଘଟିକା ଠାରୁ ପୂର୍ବାହ୍ଣ ୧୦ ଟା ପର୍ଯ୍ୟନ୍ତ ଚାଲିବ।

**ଅଣପଞ୍ଜୀକୃତ ଆବେଦନକାରୀଙ୍କ ପାଇଁ ଅଭିଯୋଗପତ୍ର ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ**

## ଷ୍ଟେସନ୍‌ରେ ଛେପ ଓ ଆବର୍ଜନା ପକାଇବାରୁ ୫୮୧ଙ୍କୁ ଜୋରିମାନା




**ଭୁବନେଶ୍ୱର,୩।୪/ଏନ୍‌ଏନ୍‌ଏସ୍:** ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଅନ୍ତର୍ଗତ ଭୁବନେଶ୍ୱର ରେଳ ଷ୍ଟେସନରେ ରେଳବାଇ ସୁରକ୍ଷା ବଳ (ଆରପିଏଫ) ଦ୍ୱାରା ଗତ ମାର୍ଚ୍ଚରେ ରେଳ ଷ୍ଟେସନରେ ଛେପ ପକାଇବା ଏବଂ ଆବର୍ଜନା ପକାଇବା ପାଇଁ ୫୮୧ ଜଣଙ୍କ ଠାରୁ ଜୋରିମାନା ଆଦାୟ କରାଯାଇଛି। ଏହି କାର୍ଯ୍ୟ ସମଗ୍ର ରେଳ ପରିସରରେ ପରିଷ୍କାର ପରିଚ୍ଛନ୍ନତା ଏବଂ ସ୍ୱାସ୍ଥ୍ୟକର ପରିବେଶ ବଜାୟ ରଖିବା ପାଇଁ ଏକ ନିରନ୍ତର ପଦକ୍ଷେପର ଅଂଶ। ମାର୍ଚ୍ଚ ମାସରେ ଆଦାୟ କରାଯାଇଥିବା ମୋଟ ଜୋରିମାନା ପରିମାଣ ୧,୧୭,୧୦୦ ଅଟେ। ଅଳିଆ ପକାଇବା ଏବଂ ଛେପ ପକାଇବାର ସମସ୍ୟାକୁ ଦୂର କରିବା ପାଇଁ ଚାଲିଥିବା ପ୍ରୟାସର ଅଂଶ ସ୍ୱରୂପ, ପରିଷ୍କାର ପରିଚ୍ଛନ୍ନତା ନିୟମାବଳୀ ଲାଗୁ କରିବା ଏବଂ ଯାତ୍ରୀମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟ ବାହିନୀ ଗଠନ କରାଯାଇଛି। ଏହି କାର୍ଯ୍ୟ ବାହିନୀ ଷ୍ଟେସନ ପରିଚାଳକ, ଟିକେଟ୍ ସଂଗ୍ରହକାରୀ, ରେଳ ସୁରକ୍ଷା ବାହିନୀ, ବାଣିଜ୍ୟିକ ଏବଂ ପରିଚାଳନା ବିଭାଗର ଅଧିକାରୀଙ୍କ ସହ ମିଶି କାର୍ଯ୍ୟ କରୁଛି। ସକ୍ରିୟ ତଦାରଖ ସହିତ ଯାତ୍ରୀ ଏବଂ ରେଳ ବ୍ୟବହାରକାରୀଙ୍କୁ ରେଳ ଷ୍ଟେସନ ଏବଂ ଟ୍ରେନରେ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବାର ଗୁରୁତ୍ୱ ବିଷୟରେ ଶିକ୍ଷା ଦେବା ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନରେ ଷ୍ଟେସନର ସାର୍ବଜନୀନ ଘୋଷଣା ପ୍ରଣାଳୀ ମାଧ୍ୟମରେ ଘୋଷଣା, ପୋଷ୍ଟର ଏବଂ ବ୍ୟାନର ବଣ୍ଟନ ଏବଂ ବିଭିନ୍ନ ଗଣମାଧ୍ୟମରେ ପ୍ରଚାର ଅନ୍ତର୍ଭୁକ୍ତ। ନୂତନ ନିର୍ଦ୍ଦେଶାବଳୀ ଅନୁଯାୟୀ ରେଳ କର୍ମଚାରୀମାନଙ୍କୁ ସ୍ୱଚ୍ଛତା ନିୟମ ଉଲ୍ଲଂଘନ କରୁଥିବା ବ୍ୟକ୍ତି ଯଥା ଛେପ ପକାଇବା, ଅଳିଆ ପକାଇବା କିମ୍ବା ଅନ୍ୟାନ୍ୟ କାର୍ଯ୍ୟକଳାପରେ ଲିପ୍ତ ଥିବା ବ୍ୟକ୍ତିମାନଙ୍କୁ ଜରିମାନା ଦେବାକୁ କ୍ଷମତା ଦିଆଯାଇଛି। ଏଥିରେ ରେଳ ପରିସର କିମ୍ବା କମ୍ପାର୍ଟମେଣ୍ଟରେ ଅଳିଆ ପକାଇବା, ଛେପ ପକାଇବା, ରୋଷେଇ କରିବା, ଗାଧୋଇବା, ପରିସ୍ରା କରିବା କିମ୍ବା ମଳତ୍ୟାଗ କରିବା ଭଳି କାର୍ଯ୍ୟ ଅନ୍ତର୍ଭୁକ୍ତ। ଏହାର ଲକ୍ଷ୍ୟ ହେଉଛି ସମସ୍ତ ଯାତ୍ରୀଙ୍କ ପାଇଁ ଏକ ସ୍ୱଚ୍ଛ ଏବଂ ଅଧିକ ମନୋରମ ଓ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବା।

## ଦୁଗ୍ଧ ଉତ୍ପାଦନକୁ ବହୁଗୁଣିତ କରିବ ଅନ୍-କଲ୍ କୃତ୍ରିମ ପ୍ରଜନନ ସେବା

**ଭୁବନେଶ୍ୱର,୩।୪/ଏନ୍‌ଏନ୍‌ଏସ୍:** ଅନ୍-କଲ୍ କୃତ୍ରିମ ପ୍ରଜନନ (ଏଆଇ) ସେବା ଗୋପାଳନ ଓ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବ। ଗୋପାଳକମାନେ ଏହି ସେବା ଘରେ ବସି ପାଇ ପାରିବେ। ଏଥି ପାଇଁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଟୋଲ୍-ଫ୍ରି ନମ୍ବର '୧୫୫୩୩୩'ର ବ୍ୟାପକ ସୁଯୋଗ ନେବାକୁ ନିବେଦନ କରାଯାଇଛି। ଏହି ବ୍ୟବସ୍ଥାରେ ଜଣେ ଚାଷୀ କଲ୍ କରିବା ପରେ ତାଙ୍କ ନାମ ପଞ୍ଜିକୃତ କରାଯାଇଥାଏ। କୃତ୍ରିମ ପ୍ରଜନନ ପାଇଁ ପ୍ରଜନନକାରୀଙ୍କୁ ନିର୍ଦ୍ଦେଶ ଦିଆଯାଏ ଏବଂ ଏକ ଓଟିପି-ଆଧାରିତ ଯାଞ୍ଚ ବ୍ୟବସ୍ଥା ବ୍ୟବହାର କରି କାର୍ଯ୍ୟ ସମାପ୍ତ କରାଯାଇଥାଏ। ସୂଚନାଯୋଗ୍ୟ, ଏହି ସେବା ପ୍ରଦାନ କରିବାରେ ଓଡ଼ିଶା ହେଉଛି ଦେଶରେ ପ୍ରଥମ ରାଜ୍ୟ। ଏହା ସେବା ଦ୍ୱାରା ରାଜ୍ୟର ଗୋପାଳକମାନଙ୍କୁ ସମୟ ଅନୁସାରେ ସହାୟତା ମିଳିପାରୁଛି। ଦକ୍ଷ ଟ୍ରାକିଂ ଓ ମନିଟରିଂ ଦିଗରେ ଏହା ମଧ୍ୟ କାର୍ଯ୍ୟ କରୁଛି। ଏହି ସେବା ପ୍ରଦାନ ମାଧ୍ୟମରେ ରାଜ୍ୟରେ ଗୋପାଳନର ଆଧୁନିକୀକରଣ ଏବଂ ଦୁଗ୍ଧ ଉତ୍ପାଦନ ବୃଦ୍ଧିର ପ୍ରତିବଦ୍ଧତାକୁ ରାଜ୍ୟ ସରକାର ଦୋହରାଇଛନ୍ତି। ନିକଟରେ ଶେଷ ହୋଇଥିବା ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା ଆୟୋଜନ ଅବସରରେ ଓଡ଼ିଶାର ଦଶ ଜଣ କୃତ୍ରିମ ପ୍ରଜନନକାରୀଙ୍କୁ ଏହି ସେବା ପାଇଁ ପୁରସ୍କୃତ କରାଯାଇଥିଲା। ଏହି ଶ୍ରେଷ୍ଠ କୃତ୍ରିମ ପ୍ରଜନନକାରୀମାନେ ରାଜ୍ୟର ଦଶଟି ଜିଲ୍ଲା ଯଥା: ବାଲେଶ୍ୱର, ଭଦ୍ରକ, ବରଗଡ଼, କଟକ, ଗଞ୍ଜାମ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ମୟୂରଭଞ୍ଜ ଏବଂ ପୁରୀକୁ ପ୍ରତିନିଧିତ୍ୱ କରୁଛନ୍ତି, ଯେଉଁଠାରେ ବର୍ତ୍ତମାନ ଅନ-କଲ୍ କୃତ୍ରିମ ପ୍ରଜନନ ସେବା କାର୍ଯ୍ୟକ୍ଷମ ଅଛି। ଆଗାମୀ ଦିନରେ ଅନ୍ୟ ଜିଲ୍ଲା ମାନଙ୍କରେ ଏହି ସେବା ଯୋଗାଇ ଦେବାକୁ ବିଭାଗ ପକ୍ଷରୁ ଉଦ୍ୟମ କରାଯାଉଛି। ଏହି ସେବା ଗୋପାଳନ ଓ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିବ।

**୧୦ ଜିଲ୍ଲାରେ ଅଛି କାର୍ଯ୍ୟକ୍ଷମ**

**ସେବା ପ୍ରଦାନରେ ଓଡ଼ିଶା ପ୍ରଥମ ରାଜ୍ୟ**

# ସାଇବାବାଙ୍କ କଳସ ଯାତ୍ରା, ବିଶ୍ୱଶାନ୍ତି ଯଜ୍ଞ

**ଚାରିଛକ,୩।୪/ଏନ୍‌ଏନ୍‌ଏସ୍:** ଚାରିଛକ ନିକଟସ୍ଥ ତୁଳସୀପୁର ପଞ୍ଚାୟତ ଅମରପ୍ରସାଦ ଗ୍ରାମରେ ଥିବା ସାଇବାବାଙ୍କ ପୀଠରେ ସପ୍ତମ ବାର୍ଷିକ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ନିକଟସ୍ଥ ମହାଯଜ୍ଞରେ ମୁଖ୍ୟ ପଣ୍ଡିତ ଅକ୍ଷୟ ମିଶ୍ରଙ୍କ ସହିତ ଆଲୋକ ମିଶ୍ର ଓ ସହଯୋଗୀମାନେ କଳସଯାତ୍ରା ପୂଜା ଓ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅମରପ୍ରସାଦ ଗ୍ରାମରେ ଅଷ୍ଟପ୍ରହରୀ ନାମଯଜ୍ଞ ୩ଦିନ ଧରି



ଅମରେଶ୍ୱର ମହାଦେବ ପୀଠ ପୁଷ୍କରିଣୀରୁ କଳସଧାରୀମାନେ ଯଜ୍ଞମଣ୍ଡପରେ କଳସ ସ୍ଥାପନ କରିଥିଲେ। ଏହି ବିଶ୍ୱଶାନ୍ତି ମହାଯଜ୍ଞ କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ମନୋରଞ୍ଜନ ପାଢ଼ୀ ସପତ୍ନୀକ ପୂଜା କର୍ମରେ ବସିଥିବା ବେଳେ ଅମରପ୍ରସାଦ ଗ୍ରାମରେ ସପ୍ତମ ବାର୍ଷିକ ଅଷ୍ଟପ୍ରହରୀ କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ଦୁଲେଇ ସାହୁ ଓ କର୍ତ୍ତ୍ରୀ ଭାବେ ପ୍ରେମଲତା ସାହୁ କୁଞ୍ଜରେ ବସିଥିଲେ। ସାଇବାବାଙ୍କ ବିଶ୍ୱଶାନ୍ତି ଚାଲିଥିବାବେଳେ ଆସନ୍ତା ୫ତାରିଖ ଶନିବାର ଯଜ୍ଞ ଶେଷ ହେବ ବୋଲି ଗ୍ରାମବାସୀମାନେ କହିଛନ୍ତି। ସାଇବାବାଙ୍କ ବିଶ୍ୱଶାନ୍ତି ମହାଯଜ୍ଞ କଳସଯାତ୍ରାରେ ବିଭିନ୍ନ ଅଞ୍ଚଳରୁ ଶତାଧିକ ମହିଳା ପୁରୁଷ ମାନସିକଧାରୀମାନେ କଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ଏହି କଳସ ଯାତ୍ରା ସମୟରେ ନାମ କୀର୍ତ୍ତନ, ହରିବୋଲ ହୁଳହୁଳିରେ ଅମରେଶ୍ୱରଠାରୁ ଅମରପ୍ରସାଦ ପ୍ରକମ୍ପିତ ହୋଇଥିଲା।

# ଶ୍ରୀଜଗନ୍ନାଥ ମହୋତ୍ସବ ଉଦ୍‌ଯାପିତ

**କଣ୍ଟାପଡ଼ା,୩।୪/ଏନ୍‌ଏନ୍‌ଏସ୍:** 'ଯୁବ ଜାଗ୍ରତ ମଞ୍ଚ' ନିଆଳି ଆନୁକୂଲ୍ୟରେ କୁରାଙ୍ଗଶାସନଠାରେ ୬ଦିନ ଧରି ଚାଲିଥିବା ପ୍ରଥମ ବାର୍ଷିକ ଶ୍ରୀଜଗନ୍ନାଥ ମହୋତ୍ସବ ଉଦଯାପିତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମର ବିଭିନ୍ନ ଦିବସରେ ବାଚସ୍ପତି ସୁରମା ପାଢ଼ୀ, ବଡ଼ମ୍ବା ବିଧାୟକ ବିଜୟ ଦଳବେହେରା, ପ୍ରାକ୍ତନ ବିଧାୟକ ପ୍ରକାଶଚନ୍ଦ୍ର ବେହେରା, ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଓ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପ୍ରାନ୍ତୀୟ ମୁଖ୍ୟ ଜଗଦୀଶ ଖାଡ଼େଙ୍ଗାଙ୍କ ସମେତ ବହୁ ସାଧୁସନ୍ଥ ତଥା ବିଦ୍ୱାନ ଯୋଗଦେଇଥିଲେ। ଶ୍ରୀଜଗନ୍ନାଥଙ୍କ ୨୪ ପ୍ରକାର ବିରଳ ବେଶ ପ୍ରଦର୍ଶନ ଓ ପତ୍ରିକା ଉନ୍ମୋଚନ ଆଦି ଅନୁଷ୍ଠିତ ହୋଇଥିଲା। ନିଆଳି ବିଧାୟକ ଇଂ.ଛବି ମଲିକଙ୍କ ନେତୃତ୍ୱରେ ଆୟୋଜିତ ଏହି ଉତ୍ସବକୁ କାର୍ଯ୍ୟକାରୀ ଅଧ୍ୟକ୍ଷ କଳ୍ପତରୁ ଖୁଣ୍ଟିଆ, ଅଶୋକ ରଥ, ଧିରେନ୍ଦ୍ର ବାରିକ, ଉମାକାନ୍ତ କର, ବିପିନ ବେହେରା, ଅରୁଣ ସାହୁ, ଅଶ୍ୱିନୀ ମହାପାତ୍ର, ଅଜୟ ପତି ପ୍ରମୁଖ ପରିଚାଳନା



କରିଥିଲେ। ବାବାଜୀ ଅମୃତାନନ୍ଦ ଦାସ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତ୍ୟହ ସଂଧ୍ୟାରେ ଶ୍ରୀଜଗନ୍ନାଥ ତତ୍ତ୍ୱ ଓ ତଥ୍ୟ ସମ୍ପର୍କିତ ଦିବ୍ୟ ପ୍ରବଚନ ଓ ଭଜନ କୀର୍ତ୍ତନ ଆଦି ପରିବେଷଣ ହୋଇଥିଲା। ଏହି ଅବସରରେ ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ସଂଧ୍ୟାରେ ନିକଟବର୍ତ୍ତୀ ଅଞ୍ଚଳରୁ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶ୍ରୀଜଗନ୍ନାଥ ଆଧ୍ୟାତ୍ମିକ ଚେତନା ପରିଷଦ ଓ ପ୍ରାଚୀ ପ୍ରଜ୍ଞା ପରିଷଦ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

# ଜବରଦଖଲକୁ କେନ୍ଦ୍ରକରି ଉତ୍ତେଜନା
## ଠେଲାପେଲାରେ ଜଣେ ମୃତ

**ଡେଲାଙ୍ଗ,୩।୪/ଏନ୍‌ଏନ୍‌ଏସ୍:** ରାସ୍ତା ପାର୍ଶ୍ୱରେ ସର୍ବସାଧାରଣ ସ୍ଥାନରୁ ଜବରଦଖଲ ହଟାଇବାକୁ କେନ୍ଦ୍ରକରି ଡେଲାଙ୍ଗ ବ୍ଲକ୍ ଅନ୍ତର୍ଗତ ଧାନକେରା ଗ୍ରାମରେ ଉତ୍ତେଜନା ସୃଷ୍ଟି ହେବା ସହିତ ବିବାଦୀୟ ସ୍ଥାନରେ କ୍ୟାବିନ ପକାଇ ଦୋକାନ କରୁଥିବା ଯୁବକ ଧକ୍କାରେ ଧାନକେରା ଗ୍ରାମର ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ପ୍ରଧାନ(୭୦)ଙ୍କର ମୃତ୍ୟୁ ହୋଇଛି। ଯୁବକ ଜଣକ ଧକ୍କା ମାରିବା ହେତୁ ସେ ଓଲଟି ପଡିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ କଣାସ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ପାଇଁ ସ୍ଥାନୀୟ ଲୋକେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ଲକ୍ଷ୍ମୀଧରଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ମିଳିଥିବ ସୂଚନା ଅନୁଯାୟୀ ଧାନକେରା-ନଳୀବସନ୍ତ ସଡକର ଚଣ୍ଡିଛକ ଠାରେ ଧାନକେରା ପାଞ୍ଚପଣଗ୍ରାମର ଜୈନିକ ଯୁବକ କ୍ୟାବିନ ପକାଇ ଦୋକାନ କରିଥିଲେ। ସେଠାରେ ଗ୍ରାମବାସୀ ଏହି ସ୍ଥାନରେ ଏକ ଚାନ୍ଦିନୀ ନିର୍ମାଣ କରିବା ପାଇଁ ପୂର୍ବରୁ ନିଷ୍ପତି ନେଇଥିଲେ।

କ୍ୟାବିନ ଉଠେଇବାକୁ କହିବାରେ ଉଭୟଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟିହୋଇଥିଲା। କ୍ୟାବିନ ମାଲିକ ଜଣକ ଉତ୍ତେଜିତ ହୋଇ ଲକ୍ଷ୍ମୀଧରଙ୍କୁ ଧକ୍କା ପକାଇବାରେ ସେ ତଳେ ପଡିଯାଇଥିଲେ। ଖବର ପାଇ ସତ୍ୟବାଦୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇବା ସହ ଧକ୍କାମାରିବା ଅଭିଯୋଗରେ ଜଣଙ୍କୁ ଅଟକ ରଖି ପଚରାଉଚରା ସହ ତଦନ୍ତ ଜାରିରହିଥିବା ଜଣାପଡ଼ିଛି।

# ମରେଇକଣ-ଦହିଖାଇ ରାସ୍ତା କାମ ଶେଷ କରିବାକୁ ଦାବି

**କଣ୍ଟିଲୋ,୩।୪/ଏନ୍‌ଏନ୍‌ଏସ୍:** ନୟାଗଡ଼ ସଦର ମହକୁମା ଓ ଖଣ୍ଡପଡ଼ା ବ୍ଲକ ମହକୁମାଠାରୁ କଣ୍ଟିଲୋ ଶ୍ରୀ ନୀଳମାଧବଙ୍କ କ୍ଷେତ୍ରକୁ ସୁବିଧାରେ ଓ କମ୍ ସମୟ ମଧ୍ୟରେ ଯାତାୟାତ ପାଇଁ ବିଜେଡି ସରକାର ସମୟରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଅନ୍ତର୍ଭୁକ୍ତ ମରେଇକଣ ଠାରୁ ଦହିଖାଇ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଯୋଜନା ହୋଇ କିଛି କାର୍ଯ୍ୟ ମଧ୍ୟ ସମ୍ପନ୍ନ ହୋଇଛି। କିନ୍ତୁ ଅବଧି ସମୟସୀମା ବାଦ୍ ପ୍ରାୟ ୧୨ରୁ ୧୩ମାସ ଅଧିକ ଅତିବାହିତ ହୋଇଥିଲେ ମଧ୍ୟ କାର୍ଯ୍ୟ ଶେଷହେବା ଦୂରେ ଥାଉ, ଏବେ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇଥିବା ଅଭିଯୋଗ ହୋଇଛି। ସୂଚନାରୁ ଜଣାପଡ଼ିଛି ଯେ, ଦହିଖାଇଠାରୁ ମରେଇକଣ ଭାୟା ପଥରଦ୍ୱାର ପ୍ୟାକେଜର ମୋଟ ଅଟକଳ ପରିମାଣ ୨୪୦.୮୨ଲକ୍ଷ ଟଙ୍କାରେ ମୋଟ ଦୈର୍ଘ୍ୟ ୬.୩୯୩କିମି ରାସ୍ତା କାର୍ଯ୍ୟ ୧୨ ସେପ୍ଟେମ୍ବର ୨୦୨୨ରେ ଆରମ୍ଭକରି ୧୧ ମାର୍ଚ୍ଚ ୨୦୨୪ ସୁଦ୍ଧା ଶେଷ କରିବାକୁ ଫଳକରେ ଦର୍ଶାଯାଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ କାର୍ଯ୍ୟ ସବୁ ଅଧାପନ୍ତରିଆ ଭାବେ ପଡ଼ିରହିଛି। ଏତିକି ରାସ୍ତା ମଧ୍ୟରେ ନିର୍ମାଣାଧୀନ ଶଙ୍ଖର ଉଭୟପାର୍ଶ୍ୱର ରାସ୍ତାକୁ ପକ୍କା ରାସ୍ତାରେ ପରିଣତ କରିବା ପାଇଁ ଆବଶ୍ୟକ ଅନୁଯାୟୀ ପିଚୁ ଓ ସିମେଣ୍ଟ କରିବା ସହିତ ବ୍ରିଜ୍ ସମ୍ପୂର୍ଣ୍ଣ କରିବା କଥା। କିନ୍ତୁ ଯେଉଁ ବ୍ରିଜ କାର୍ଯ୍ୟ ଚାଲିଛି ସେଥିରେ ମାତ୍ର ଚାରୋଟି ପିଲାର ସମ୍ପୂର୍ଣ୍ଣ ହୋଇଥିବା ବେଳେ ମରେଇକଣ ପାର୍ଶ୍ୱରେ ଆହୁରି ୩ଟି ପିଲାର ନିହାତି ଆବଶ୍ୟକ ଥିବାବେଳେ ମାତ୍ର ଗୋଟିଏର କାର୍ଯ୍ୟ ଅର୍ଦ୍ଧନିର୍ମିତ ଭାବେ ପଡ଼ିଛି। ଆଉ ଦୁଇଟି ପିଲାର ତଥା ଉଭୟପାର୍ଶ୍ୱ ରାସ୍ତା କେବେ ଶେଷ ହେବା



ସମ୍ପର୍କେ ଠିକାଦାରଙ୍କ ପ୍ରୋଜେକ୍ଟ ମ୍ୟାନେଜରଙ୍କ ମତାମତ ନେବାରେ ଜଣାଗଲା ଯେ ଆଜି ସୁଦ୍ଧା ଆବଶ୍ୟକ ହେଉଥିବା ଜମି ଯୋଗାଇ ନଥିବା ଯୋଗୁ କାର୍ଯ୍ୟ ବିଳମ୍ବ ହେଉଛି। ବର୍ଷ ବର୍ଷ ଧରି ସର୍ବସାଧାରଣ ଜନତା ଏହି ରାସ୍ତାର ସେବା ନ ପାଇ ଘୋର ଅସନ୍ତୋଷ ପ୍ରକାଶ କରୁଛନ୍ତି। ଯଥାଶୀଘ୍ର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଅନ୍ତର୍ଭୁକ୍ତ ମରେଇକଣଠାରୁ ଦହିଖାଇ ରାସ୍ତା ପୂର୍ଣ୍ଣାଙ୍ଗ ନିମନ୍ତେ ଆବଶ୍ୟକୀୟ ଜମି ଅଧିଗ୍ରହଣ କରି ସଂପୃକ୍ତ ଠିକାଦାରଙ୍କୁ ହସ୍ତାନ୍ତର କରିବାକୁ ଅଞ୍ଚଳର ବୁଦ୍ଧିଜୀବୀ ଖଣ୍ଡପଡ଼ା ତହସିଲଦାର ଓ ନୟାଗଡ଼ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

# ରାମକୃଷ୍ଣ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

**କୁଣ୍ଢେଇ,୩।୪/ଏନ୍‌ଏନ୍‌ଏସ୍:** କାକଟପୁର ବ୍ଲକ ଅନ୍ତର୍ଗତ ଆନନ୍ଦବଜାରସ୍ଥିତ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ପକ୍ଷରୁ ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସଭାପତି ସତ୍ୟବ୍ରତ ପ୍ରଧାନ ଓ ଟ୍ରଷ୍ଟି ସମ୍ପାଦକ ପବିତ୍ର ପରିଡ଼ାଙ୍କ ତତ୍ତ୍ୱାବଧାନରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ନିମାପଡ଼ା ଉଚ୍ଚ ବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସାଧୁ ଚରଣ ସାହୁ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ବିଧାୟକ ତୁଷାରକାନ୍ତି ବେହେରା, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ରତନପୁର କଲେଜ ଅଧ୍ୟକ୍ଷ ଚିତ୍ତରଞ୍ଜନ ପରିଡ଼ା, ବିଦ୍ୟାଳୟର ଉପଦେଷ୍ଟା ତଥା ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ସାହୁ, ବେଣୁଧର ପରିଡା ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ବର୍ଷା ମହାରଣା ବିଦ୍ୟାଳୟର ବାର୍ଷିକ ବିବରଣୀ ଓ ସ୍କୁଲର ସଫଳତାର ବିବରଣୀ ପଠନ କରିଥିଲେ। ଉତ୍ସବରେ ବିଦ୍ୟାଳୟର କୃତିତ୍ୱ ଲାଭ କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ଟ୍ରଫି ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ଶେଷ ପର୍ଯ୍ୟାୟରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆକର୍ଷଣୀୟ ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ, ଭଜନ ଓ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା। ଉତ୍ସବକୁ ପ୍ରଧାନଶିକ୍ଷକ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।



# ସଞ୍ଜିବନୀ ସେବା ଫାଉଣ୍ଡେସନ୍‌ର ଦ୍ୱିତୀୟ ବାର୍ଷିକ ଉତ୍ସବ

**କୁଆଁପାଳ,୩।୪/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକ୍‌ର ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ବେଗୁନିଆପଦା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅଗ୍ରଣୀ ସାମାଜିକ ସଂଗଠନ ସଂଜୀବନୀ ସେବା ଫାଉଣ୍ଡେସନ୍‌ର ଦ୍ୱିତୀୟ ବାର୍ଷିକ ଉତ୍ସବ ଏବଂ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ବେଗୁନିଆପଦା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରିଲୋଚନ ଦାସ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମୁଖ୍ୟ ଅତିଥିଭାବେ ଡାକ୍ତର ଅଶ୍ୱିନୀ କୁମାର ଲେଙ୍କା ସମ୍ମାନୀତ ଅତିଥିଭାବେ ପୂର୍ବତନ ସରପଂଚ ଝିଲିରାଣୀ ସାମଲ, ସହକାରୀ ଶିକ୍ଷକ ସରଫୁଉଦ୍ଦିନ୍ ଖାଁ, ଅଚ୍ୟୁତାନନ୍ଦ ସେଠୀ, ସମାଜସେବୀ ହିମାଂଶୁ ଶେଖର ନାୟକ, ମିନର୍ଭା ସ୍ୱାଇଁ ଯୋଗଦେଇ ସଂଜୀବନୀ ସେବା ଫାଉଣ୍ଡେସନ୍‌ର ସାମାଜିକ ସେବା କାର୍ଯ୍ୟକ୍ରମ ସଂପର୍କରେ ମତବ୍ୟକ୍ତ କରିଥିଲେ। ଡାକ୍ତର ଅଶ୍ୱିନୀ କୁମାର ଲେଙ୍କା, ଫାର୍ମାସିଷ୍ଟ ଦିପ୍ତି ରଂଜନ ସାହୁଙ୍କ ଦ୍ୱାରା ୧୦୦ରୁଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଫାଉଣ୍ଡେସନ୍‌ର ସଭାପତି ସୌମ୍ୟରଂଜନ ଭୂୟାଁ, ସଂପାଦକ ବିକ୍ରମକେଶରୀ ନାଥ, ସଦସ୍ୟ ପ୍ରଶାନ୍ତ ସାମଲ, ଜୟପ୍ରକାଶ ବେହେରା, ଶୁଭଶ୍ରୀ ମହାପାତ୍ର, ବାଦଲ ମହାନ୍ତି, ଓମ୍‌ପ୍ରକାଶ ମହାପାତ୍ର, ପ୍ରେମାନନ୍ଦ ଜୀବନ ଦାସ ପ୍ରମୁଖ ସହଯୋଗ କରିଥିଲେ। ଫାଉଣ୍ଡେସ୍‌ନର ଏଭଳି ଜନହିତ କାର୍ଯ୍ୟକ୍ରମକୁ ପ୍ରଶଂସା କରାଯାଇଥିଲା।

# ମଣ୍ଡଳସ୍ତରୀୟ ଖଡ଼ିଛୁଆଁ, ପ୍ରବେଶ ଉତ୍ସବ

**ମାହାଙ୍ଗା,୩।୪/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକ ଶିକ୍ଷା ମଣ୍ଡଳ ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡି ଛୁଆଁ କାର୍ଯ୍ୟକ୍ରମ ପୋଡାମରାଇ କେନ୍ଦ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସାରଦା ପ୍ରସାଦ ପ୍ରଧାନ ଯୋଗଦେଇ ଶିକ୍ଷା ସଚେତନ ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

ଶିକ୍ଷା ସଚେତନତା ରଥ ଆଗାମୀ ୪ଦିନ ମଧ୍ୟରେ ବ୍ଲକର ବିଭିନ୍ନ କ୍ଲଷ୍ଟର ଓ ବିଦ୍ୟାଳୟ ପରିକ୍ରମା କରି ଶିକ୍ଷା ସଚେତନତା ବାର୍ତ୍ତା ପ୍ରଚାର କରିବ ବୋଲି ବିଧାୟକ ଶ୍ରୀ ପ୍ରଧାନ କହିଥିଲେ। କାର୍ଯ୍ୟକ୍ରମରେ ଶିଶୁବାଟିକାର ନୂତନ ପିଲାମାନଙ୍କୁ ବିଧାୟକ ଶ୍ରୀ ପ୍ରଧାନ ଖଡ଼ି ଛୁଆଁଇବା ସହିତ ଶିକ୍ଷଣ କିଟ୍ ପ୍ରଦାନ କରିଥିଲେ। ଆୟୋଜିତ ସଭାରେ ବ୍ଲକ ଶିକ୍ଷା ଅଧିକାରୀ ଚକ୍ରଧର ବେହେରା ସଭାପତିତ୍ୱରେ ସମ୍ମାନିତ ଅତିଥିଭାବେ ଏବିଇଓ ସୋମନାଥ ରାମ, ସବିତା କୁମାରୀ ସ୍ୱାଇଁ, ସମ୍ମାନିତ ବକ୍ତାଭାବେ ଭାଗ୍ୟଧର ରାଉତ ପ୍ରମୁଖ ଯୋଗଦେଇ ଆଜିର ଦିବସ ସଂପର୍କରେ ଆଲୋଚନା କରିଥିଲେ।

# ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**ଚାରିଛକ,୩।୪/ଏନ୍‌ଏନ୍‌ଏସ୍:** ଚାରିଛକ ନିକଟସ୍ଥ ତମ୍ପାଳୋ ପଞ୍ଚାୟତ ଆଶାପୂରଣ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ, ଆମ ସଂସ୍କୃତି, ଆମ ଖେଳଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ସସ୍ମିତା ଖଟୋଇ, ସମିତିସଭ୍ୟା ସୁମିତ୍ରା ସ୍ୱାଇଁ, ପ୍ରଧାନଶିକ୍ଷକ ବିଜୟ କୁମାର ନାୟକ, ବିରଞ୍ଚି ନାରାୟଣ ମିଶ୍ର, ଶରତ ଚନ୍ଦ୍ର ଭଞ୍ଜ, ଅଜୟ ସେଠୀ, ସିଆର୍‌ସିସି ଅବଦୁଲ ମିସ୍‌କିନ ଖାଁ, ଅବସରପ୍ରାପ୍ତ ଶିକ୍ଷକ ଧୋବେଇ ଚରଣ ସେନାପତି, ଈଶ୍ୱର ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଶିକ୍ଷାଦାନ ସହିତ ଯୋଗ, କ୍ରୀଡ଼ା ଓ ନୃତ୍ୟ, ଗୀତ ଶିକ୍ଷା ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଚଳିତବର୍ଷ ମଣ୍ଡଳସ୍ତରୀୟ ବୃତ୍ତି ଓ ଆଦର୍ଶପ୍ରାପ୍ତ ଛାତ୍ରୀ ଲିପସା ପ୍ରିୟଦର୍ଶିନୀ ଓ ପୂର୍ବବର୍ଷର ଆଦର୍ଶପ୍ରାପ୍ତ ଛାତ୍ର ଶୁଭଜିତ୍ ସେଠୀ ଓ ଶୁଭ୍ରାଂଶୁ ଭୋଇ ପ୍ରମୁଖ ୩ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡିଛୁଆଁ ଦିବସରେ ଛାତ୍ରଛାତ୍ରୀମାନଙ୍କୁ ଖଡ଼ିଛୁଆଁଇ ବିଦ୍ୟାରମ୍ଭ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟରୁ ଏକ ଶିକ୍ଷା ସଚେତନତା ରଥ ବାହାରି ବିଭିନ୍ନ ଗ୍ରାମକୁ ଯାଇ ସଚେତନତା କରିଥିଲା। ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# କୃଷ୍ଣଚନ୍ଦ୍ର ବିଦ୍ୟାପୀଠରେ ଖଡ଼ିଛୁଆଁ ଉତ୍ସବ

**ମୁଣ୍ଡମୁହାଣ,୩।୪/ଏନ୍‌ଏନ୍‌ଏସ୍:** ଜଟଣୀ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବା କୃଷ୍ଣଚନ୍ଦ୍ର ସରକାରୀ ବିଦ୍ୟାପୀଠାରେ ଆଜି ଖଡ଼ିଛୁଆଁ ଉତ୍ସବ ପାଳନ କରାଯାଇଥିଲା। ଜଟଣୀର ବିଧାୟକ ବିଭୁତି ଭୂଷଣ ବଳବନ୍ତ ରାୟ, ଚେୟାରମ୍ୟାନ ଜୟନ୍ତୀ ଛୋଟରାୟ, ଜଟଣୀ ମ୍ୟୁନିସିପାଲିଟି ଅଧ୍ୟକ୍ଷ ଅନନ୍ତ ଚରଣ ବେହେରା, ଗୋଷ୍ଠୀ ଶିକ୍ଷାଧିକାରୀ ରଶ୍ମିବାଳା ପରିଡ଼ା, ବ୍ଲକ ଉନ୍ନୟନ ଅଧିକାରୀ ରଶ୍ମିତା ନାଥ, ପୂର୍ଣ୍ଣଚନ୍ଦ୍ର ବେହେରା, ପୁଷ୍ପଲତା ପରିଡା, ସରପଞ୍ଚ ଶ୍ରଦ୍ଧାଞ୍ଜଳି ବେହେରା ଓ ଅଙ୍ଗନବାଡ଼ି ଦିଦି କଳ୍ପନା ଓ ଇତିଶ୍ରୀଙ୍କ ଉପସ୍ଥିତିରେ ଏହି ବାଲ୍ ବାଟିକା ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଶିଶୁ ଏବଂ ଅଭିଭାବକ ମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମକୁ ନେଇ ବହୁତ ଉତ୍ସାହ ଦେଖିବାକୁ ମିଳିଥିଲା।



# ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାରମ୍ଭ ଯଜ୍ଞ

**ଅସ୍ତରଙ୍ଗ,୩।୪/ଏନ୍‌ଏନ୍‌ଏସ୍:** କାକଟପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଥମ ଦିନୋତ୍ସବ ବିଦ୍ୟାରମ୍ଭ ଯଜ୍ଞ ଓ ଶିଶୁ ଛାତ୍ରଛାତ୍ରୀମାନଙ୍କ ଖଡ଼ିଛୁଆଁ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାମନ୍ଦିରର ମାତୃଭାରତୀଙ୍କ ଦ୍ୱାରା ସଂକୀର୍ତ୍ତନ ମଣ୍ଡଳୀ ସହିତ କାକଟପୁର ବଜାର ପରିକ୍ରମା ଓ ମା' ମଙ୍ଗଳାଙ୍କ ମନ୍ଦିରରେ ପୂଜାର୍ଚ୍ଚନା ସହିତ ଛାତ୍ରଛାତ୍ରୀମାନେ ବିଦ୍ୟାମନ୍ଦିରରେ ପ୍ରବେଶ କରିଥିଲେ। ପରେ ବିଦ୍ୟାରମ୍ଭ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଯଜ୍ଞ ପରିସମାପ୍ତି ପରେ ନୂତନ ଭାବେ ନାମ ଲେଖାଇଥିବା ଶିଶୁମାନଙ୍କର ଖଡ଼ିଛୁଆଁ ପର୍ବ ଅନୁଷ୍ଠିତ ହୋଇଥିଲା। ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ତନ୍ମୟ କୁମାର ପାତ୍ର, ପ୍ରଧାନାଚାର୍ଯ୍ୟା ଜୟନ୍ତୀବାଳା ନନ୍ଦ, ସଭାପତି ପ୍ରମୋଦ କିଶୋର ପୃଷ୍ଟି, ସମ୍ପାଦକ ପ୍ରଭାକର ଖୁଣ୍ଟିଆ, ସୂର୍ଯ୍ୟନାରାୟଣ ଜେନା, ଅନ୍ନଦା କୁମାର ବେହେରା, ରାଜକିଶୋର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଏହି ଖଡ଼ିଛୁଆଁ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

# କ୍ରୀଡ଼ାଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଚାରିଛକ,୩।୪/ଏନ୍‌ଏନ୍‌ଏସ୍:** ଚାରିଛକ ନିକଟସ୍ଥ ବାହାରଣା ନୀଳମଣି ସ୍ମୃତି ବିଦ୍ୟାପୀଠର କ୍ରୀଡ଼ାଶିକ୍ଷକ ମୁରଲୀଧର ପ୍ରଧାନଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୁରୀ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ହିମାଂଶୁ ଭୂଷଣ ସମରଥ, ମୁଖ୍ୟବକ୍ତା ଭାବେ ନିମାପଡ଼ା ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ସମ୍ମାନିତ ଅତିଥି ଭାବରେ ନିମାପଡ଼ା ମଣ୍ଡଳ ଶିକ୍ଷାଧିକାରୀ ଦ୍ୱିତିକାନ୍ତ ପ୍ରଧାନ, ନିମାପଡ଼ା ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସୁଦର୍ଶନ ଭୋଇ, ଅବସରପ୍ରାପ୍ତ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସୌଦାମିନୀ ଦାଶ, ନିମାପଡ଼ା ବ୍ଲକ ସଂସଦ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ବାହାରଣା ପଞ୍ଚାୟତ ସରପଞ୍ଚ ଅମିତା ସ୍ୱାଇଁ, ବାହାରଣା ପଞ୍ଚାୟତ ସମିତିସଭ୍ୟ ସନ୍ତୋଷ କୁମାର ମେକାପ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦାମୋଦର ମିଶ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦ୍ୱିଜବର ମୁଦୁଲି, ପ୍ରଧାନଶିକ୍ଷକ ବ୍ରଜକିଶୋର ସାହୁ, ଓଡ଼ଗାଁ କ୍ଲଷ୍ଟର ସିଆର୍‌ସିସି କାଳନ୍ଦୀ ଜେନା, ପ୍ରଧାନ ଶିକ୍ଷୟିତ୍ରୀ ମନସ୍ୱିନୀ ଲେଙ୍କା, ଶିକ୍ଷକନେତା ତ୍ରିଲୋଚନ କର, ନେତ୍ରାନନ୍ଦ ବାରିକ, କୃଷ୍ଣଚନ୍ଦ୍ର ସ୍ୱାଇଁ, ଗୋବିନ୍ଦ ଚନ୍ଦ୍ର ମଲ୍ଲିକ, ବାହାରଣା ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମୀୟ କୁମାର ମହାନ୍ତି, ପରିଚାଳନା କମିଟି ସଭାପତି କୁଳଲକ୍ଷ୍ମୀ ଭୂୟାଁ, ଉକ୍ତ ବିଦ୍ୟାଳୟର ଆଲୁମିନି ସଭାପତି ନିଶିକାନ୍ତ ସ୍ୱାଇଁ, ସମାଜସେବୀ ପବିତ୍ର ମୋହନ ମହାପାତ୍ର ଓ ପୁରାତନ ଛାତ୍ରସଂସଦ ସଭାପତି ଦିଲ୍ଲୀପ କୁମାର ବାରିକ ଯୋଗଦେଇଥିଲେ। ଉକ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରମେଶ କୁମାର ରାଉତ ସଭାପତିତ୍ୱ କରିଥିବାବେଳେ ସହକାରୀ ଶିକ୍ଷକ ଅନାଦି ଚରଣ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅବସର ଗ୍ରହଣ କରୁଥିବା ଖେଳଶିକ୍ଷକ ଶ୍ରୀ ପ୍ରଧାନ ଜଣେ ଶିକ୍ଷାନୁଷ୍ଠାନରେ ନିଷ୍ଠାପର କାର୍ଯ୍ୟ ତୁଲାଇବା ସହ ଅଭିଭାବକ ମହଲରେ ବେଶ ପ୍ରିୟପାତ୍ର ଥିଲେ ବୋଲି ମଞ୍ଚରେ ଶିକ୍ଷକ ଅନିଲ ମଲ୍ଲିକ, ଆଦିତ୍ୟ ଚରଣ ସାମନ୍ତରାୟ, ସୀମାନ୍ତ ଖଟୋଇ ସହିତ ବର୍ତ୍ତମାନ, ପୁରାତନ ଛାତ୍ରଛାତ୍ରୀ ସହିତ ଅତିଥି, ଶିକ୍ଷକ ଶିକ୍ଷୟିତ୍ରୀମାନେ କହିଥିଲେ। ଏହି ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସଂସ୍କୃତ ଶିକ୍ଷକ ସୋମେଶ କୁମାର ଶତପଥୀଙ୍କ ଦ୍ୱାରା ମାନପତ୍ର ପଠନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅବସରପ୍ରାପ୍ତ ଶିକ୍ଷକ ବିଜୟ କୁମାର ସ୍ୱାଇଁ, ରାଧାଶ୍ୟାମ ଓଝା, ବଳରାମ ମହାରଣା, ଗୋବିନ୍ଦ ଚନ୍ଦ୍ର ଓଝା, ସୁରେନ୍ଦ୍ରନାଥ ପଡ଼ିଆରୀ, ଦ୍ରୋପଦୀ ଦେଇ, ଛାତ୍ର କୃଷ୍ଣଚନ୍ଦ୍ର ବାରିକ, ବସନ୍ତ କୁମାର ମଲ୍ଲ, ତୁଷାର ରଞ୍ଜନ ରାଉତ, ଜୟନ୍ତ ସେଠୀ, ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଓ ପୁରାତନ ନୂତନ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

# ବହୁମୁଖୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା



**ଫୁଲନଖରା,୩।୪/ଏନ୍‌ଏନ୍‌ଏସ୍:** ଅଗ୍ରଣୀ ସାଂସ୍କୃତିକ ସଂଗଠନ ଆରାଧ୍ୟା କଲଚରାଲ ଏକାଡ଼େମୀ (ଏସିଏ) ବ୍ରାହ୍ମଣଝରିଲୋ ଫୁଲନଖରା ପକ୍ଷରୁ ବିଶିଷ୍ଟ ସମାଜସେବୀ, ଅଭିନେତା, ନିର୍ଦ୍ଦେଶକ, ସାହିତ୍ୟିକ, ପରିବେଶବିତ୍ ତଥା ସାମ୍ବାଦିକ ସନ୍ତୋଷ କୁମାର ପତିଙ୍କୁ ଉଲ୍ଲେଖନୀୟ କୃତିତ୍ୱ ନେଇ ସଂସ୍କୃତି ସମ୍ମାନ-୨୦୨୫ରେ ସମ୍ବର୍ଦ୍ଧିତ କରାଯାଇଛି। ଆରାଧ୍ୟା କଲଚରାଲ ଏକାଡେମୀ ନିର୍ଦ୍ଦେଶକ ସମାଜସେବୀ ଅଜୟ କୁମାର ପାତ୍ର, ଉପଦେଷ୍ଟା ସାହିତ୍ୟିକ ପ୍ରତାପ କେଶରୀ ପାତ୍ର, ସଂଯୋଜକ ପ୍ରାବନ୍ଧିକ ଇଂ. ସେବକ ଶ୍ରୀକାନ୍ତ, ଶିଶୁପତ୍ରିକା 'କୁନି ପ୍ରତିଭା'ର ମୁଖ୍ୟ ସମ୍ପାଦକ ସତ୍ୟରଞ୍ଜନ ବାରିକ, ଶିଶୁପ୍ରତିଭା ଅର୍ପିତା ବେଉରା ପ୍ରମୁଖ ଶ୍ରୀ ପତିଙ୍କୁ କଟକ ଠାରେ ଭେଟି ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ ଯେ ୪୨ମୌଜା ଦେଉଳି ନିବାସୀ ସାରସ୍ୱତ ସାଧକ ସନ୍ତୋଷ ପତି ବିକାଶ ପରିଷଦର ସମ୍ପାଦକ, ସାଂସ୍କୃତିକ ପରିଷଦ ଆବାହକ, ଶାନ୍ତି କମିଟିର ସଂଯୋଜକ ଭାବେ ଦାୟିତ୍ୱ ତୁଲାଇବା ସହ କଟକ ସଦର ଅଞ୍ଚଳର ବିଭିନ୍ନ ସଙ୍ଗଠନ ସହ ଜଡ଼ିତ ରହି ବହୁବିଧ ସେବାରେ ବ୍ରତୀ ଥିବା ପ୍ରେରଣାଦାୟୀ ବ୍ୟକ୍ତିତ୍ୱ।

ନିତି ଭାରତୀ

ଅଳ୍ପ କିଛି ଇତିହାସ ତିଆରି କରିବାକୁ ଶହ ଶହ ବର୍ଷ ଲାଗିଯାଏ; ଗୋଟିଏ ପରମ୍ପରା ତିଆରି କରିବାକୁ ଶହ ଶହ ଇତିହାସ ଲାଗିଯାଏ। - ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍

NITIDIN
ନିତିଦିନ
ଶୁକ୍ରବାର, ୪ ଏପ୍ରିଲ୍, ୨୦୨୫

# ମହାକୁମ୍ଭର ମହାବାର୍ତ୍ତା

ଭାରତୀୟ ଧର୍ମ ଓ ସଂସ୍କୃତି କ୍ଷେତ୍ରରେ ଅତ୍ୟନ୍ତ ଗୁରୁତ୍ୱ ଓ ମହତ୍ତ୍ୱ ପ୍ରାପ୍ତ ହୋଇଥିବା ଧାର୍ମିକ ମହୋତ୍ସବ (ପୂର୍ଣ୍ଣ) କୁମ୍ଭମେଳା ଗତ ଜାନୁଆରୀ ୧୩ ତାରିଖ (ପୌଷ ପୂର୍ଣ୍ଣିମା)ରୁ ପବିତ୍ର ସହର ପ୍ରୟାଗରାଜଠାରେ ଆରମ୍ଭ ହୋଇ ଫେବୃଆରୀ ୨୬ ତାରିଖ (ମହାଶିବରାତ୍ରି)ରେ ସଫଳତାର ସହ ସମାପ୍ତ ହୋଇଅଛି। ଦୀର୍ଘ ୪୫ ଦିନ ବ୍ୟାପି ଏହି ପୂର୍ଣ୍ଣ କୁମ୍ଭମେଳା ଥିଲା ଆମ ଭାରତୀୟମାନଙ୍କର, ବିଶେଷତଃ ସନାତନ ଧର୍ମର ଜୀବନଧାରାରେ ରୁଚି ରଖୁଥିବା ସମଗ୍ର ବିଶ୍ୱର ପ୍ରାୟ ୧୪୦ କୋଟି ଲୋକଙ୍କର ଆସ୍ଥା ଓ ବିଶ୍ୱାସର ପ୍ରତୀକ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦୀ ଏହାକୁ 'ଏକତାର ମହାକୁମ୍ଭ' ଭାବେ



ଲିଙ୍ଗରାଜ ରଥ

ଆଖ୍ୟାୟିତ କରିଛନ୍ତି।

ସନାତନୀ ହିନ୍ଦୁମାନଙ୍କର ବିଶ୍ୱାସ ଯେ ପ୍ରୟାଗରାଜର ଏହି ପରିସର ହେଉଛି ରାମାୟଣ କାଳର ଶୃଙ୍ଗବେରପୁର ଯେଉଁଠି ପ୍ରଭୁ ଶ୍ରୀରାମଚନ୍ଦ୍ର ଓ ନିଷାଦରାଜଙ୍କ ମଧ୍ୟରେ ସାକ୍ଷାତ ହୋଇଥିଲା। ପୁଣି ପ୍ରୟାଗରାଜରେ ମଧ୍ୟ ତ୍ରିବେଣୀ ସଙ୍ଗମ ରହିଛି। ଅର୍ଥାତ୍ ଏଠାରେ ଗଙ୍ଗା, ଯମୁନା ଓ ଅଧୁନା ଅଦୃଶ୍ୟ ସରସ୍ୱତୀ ନଦୀ ଏକତ୍ର ହୋଇଛନ୍ତି। ଏହି ଦୃଷ୍ଟିରୁ ଏହି ପବିତ୍ର ସ୍ଥଳ ହେଉଛି ଏକତା, ସୌହାର୍ଦ୍ଦ୍ୟ, ତ୍ୟାଗ, ଭକ୍ତି ଓ ପ୍ରେମର ଏକ ମିଳନସ୍ଥଳୀ, ଯାହା ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ପବିତ୍ର। ଏଥି ସହିତ ଏହି ସ୍ଥାନର ପବିତ୍ରତା ସଂପର୍କରେ ବଡ଼ କଥା ହେଲା- ଏହା ହେଉଛି ଏପରି ଏକ କ୍ଷେତ୍ର, ଯେଉଁଠାରେ ପୁରାଣ ବର୍ଣ୍ଣିତ ସମୁଦ୍ର ମନ୍ଥନ ପରେ ମିଳିଥିବା ଅମୃତ କୁମ୍ଭ (କଳସ)ରୁ ଏକ ବିନ୍ଦୁ ଅମୃତ ପତିତ ହୋଇଥିଲା। ସ୍କନ୍ଦ ପୁରାଣର ବର୍ଣ୍ଣନା ଅନୁଯାୟୀ, ଦେବତା ଓ ରାକ୍ଷସ ଉଭୟ ମିଶି ସମୁଦ୍ର ମନ୍ଥନ କରିଥିଲେ। ଏହି ସମୁଦ୍ର ମନ୍ଥନରୁ ୧୪ଟି ରତ୍ନ ପ୍ରାପ୍ତ ହୋଇଥିଲେ, ଯେଉଁଗୁଡ଼ିକ ମଧ୍ୟରୁ 'ଅମୃତ କୁମ୍ଭ' ଥିଲା ଅନ୍ୟତମ।

'ଅମୃତ କୁମ୍ଭ' ବାହାରିବା ପରେ କାଳେ ଦୈତ୍ୟଗଣ ଏହାକୁ ନେଇଯିବେ, ସେଥି ନିମନ୍ତେ ଦେବତାଙ୍କ ଇଙ୍ଗିତକ୍ରମେ ଇନ୍ଦ୍ରପୁତ୍ର ଜୟନ୍ତ 'ଅମୃତ କୁମ୍ଭ'କୁ ଧାରଣ କରି ଆକାଶକୁ ଉଡ଼ିଗଲେ। ଏକଥା ଜଣା ପଡ଼ିବା ପରେ ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟଙ୍କ ନିର୍ଦ୍ଦେଶରେ ରାକ୍ଷସଗଣ ଜୟନ୍ତଙ୍କୁ ଆକାଶ ମାର୍ଗରେ ଅନୁଧାବନ କଲେ। ଅମୃତ କୁମ୍ଭ ହାସଲ ନିମିତ୍ତ ଦେବତା ଓ ଅସୁରଙ୍କ ମଧ୍ୟରେ ସଂଗ୍ରାମ ଚାଲିଲା। ଏହି ସଂଗ୍ରାମ ଚାଲିଥିବା ସମୟରେ ଅମୃତ କୁମ୍ଭରୁ ଚାରି ବିନ୍ଦୁ ଅମୃତ ୪ଟି ସ୍ଥାନରେ ପଡ଼ି ଯାଇଥିଲା। ସେହି ୪ଟି ସ୍ଥାନ ହେଲେ- ପ୍ରୟାଗରାଜ, ହରିଦ୍ୱାର, ଉଜ୍ଜୟିନୀ ଓ ନାସିକ୍। ଉପରୋକ୍ତ ଦେବାସୁର ସଂଗ୍ରାମ ୧୨ ଦିନ ଧରି ଚାଲିଥିଲା। ଦେବଲୋକର ୧ ଦିନ ସହ ମର୍ତ୍ତ୍ୟଲୋକର ୧୨ ବର୍ଷ ସମାନ। ତେଣୁ ପ୍ରତି ୧୨ ବର୍ଷରେ ଥରେ ଏହି ୪ଟି ସ୍ଥାନରେ କୁମ୍ଭ ଯୋଗ ପଡ଼ିଥାଏ, ଅର୍ଥାତ୍ କୁମ୍ଭମେଳା ହୋଇଥାଏ। ଏତଦ୍ ବ୍ୟତୀତ ପ୍ରତି ୬ ବର୍ଷରେ ଅର୍ଦ୍ଧକୁମ୍ଭ ମେଳା ଅନୁଷ୍ଠିତ ହୁଏ। ପୁଣି ପ୍ରତି ୧୨ଟି କୁମ୍ଭମେଳା ପରେ, ଅର୍ଥାତ୍ ପ୍ରତି ୧୪୪ ବର୍ଷ ପରେ ମହାକୁମ୍ଭ ଯୋଗ ଆସେ ଏବଂ ମହାକୁମ୍ଭ (ମେଳା) ଅନୁଷ୍ଠିତ ହୁଏ। ଚଳିତ ବର୍ଷ ଏହି ମହାକୁମ୍ଭମେଳା ପ୍ରୟାଗରାଜ ତୀର୍ଥରେ ମହାସମାରୋହ ସହକାରେ ଅନୁଷ୍ଠିତ ହୋଇଛି। ପ୍ରଚଳିତ ବିଧିବିଧାନ ଅନୁଯାୟୀ ଯେତେବେଳେ ବୃହସ୍ପତି ବୃଷ ରାଶି ଓ ସୂର୍ଯ୍ୟ ଏବଂ ଚନ୍ଦ୍ର ମକର ରାଶିରେ ଅବସ୍ଥାନ କରନ୍ତି, ସେତେବେଳେ ଏହି ଯୋଗ (କୁମ୍ଭଯୋଗ) ପଡ଼େ।

ସମ୍ରାଟ ଅଶୋକଙ୍କ ଶିଳାଲେଖରୁ ଜଣାଯାଏ ଯେ ଖ୍ରୀଷ୍ଟପୂର୍ବ ୩ୟ ଶତାବ୍ଦୀରୁ କୁମ୍ଭମେଳା ଅନୁଷ୍ଠିତ ହୋଇ ଆସୁଛି। ପ୍ରସିଦ୍ଧ ଚୀନ୍ ପରିବ୍ରାଜକ ହୁଏନ୍ ସାଂ ତାଙ୍କ ଭ୍ରମଣ ବୃତ୍ତାନ୍ତରେ ସମ୍ରାଟ ହର୍ଷବର୍ଦ୍ଧନଙ୍କ ସମୟରେ ଆୟୋଜିତ କୁମ୍ଭମେଳା ସଂପର୍କରେ ବର୍ଣ୍ଣନା କରିଛନ୍ତି। କେତେକ ସାଧୁସନ୍ଥଙ୍କ ମତରେ, ଆଚାର୍ଯ୍ୟ ଶଙ୍କର (ଆଦିଶଙ୍କରାଚାର୍ଯ୍ୟ) ୮ମ ଶତାବ୍ଦୀରେ ପ୍ରୟାଗରାଜଠାରେ କୁମ୍ଭମେଳା ଆରମ୍ଭ କରିଥିଲେ। ଯାହାହେଉ, ୧୬ଶ ଶତାବ୍ଦୀ ବେଳକୁ ଏହି ମେଳା ଏକ ସର୍ବଜନାଦୃତ ବିଶାଳ ଧାର୍ମିକ ମେଳା ଭାବେ ଉଭା ହେଲାଣି। ଏହାର କାରଣ ଭାବେ ଜଣାଯାଏ ଯେ ଭକ୍ତି ଆନ୍ଦୋଳନର ଅନନ୍ୟ ସନ୍ଥ ଶ୍ରୀ ଚୈତନ୍ୟ ୧୫୧୯ ଖ୍ରୀଷ୍ଟାବ୍ଦରେ ପ୍ରୟାଗ ଆସିଥିଲେ ଓ ମକର ସଂକ୍ରାନ୍ତିର ପବିତ୍ର ଅବସରରେ ଏଠାରେ ସ୍ନାନ କରିଥିଲେ।

ବର୍ତ୍ତମାନ ପ୍ରଶ୍ନ ଉଠୁଛି, ଅନେକ ମେଳା ପରି କୁମ୍ଭମେଳା ତ ହିନ୍ଦୁ ଧର୍ମର ଆଉ ଏକ ମେଳା। ତେବେ ସ୍ୱୀକାର୍ଯ୍ୟ ଯେ ଏହି ମେଳାକୁ ବିଭିନ୍ନ ସ୍ଥାନରୁ ବହୁ ଲୋକ ଆସନ୍ତି। ତା' ବୋଲି ଏହାର ବିଶେଷତ୍ୱ କ'ଣ? ପ୍ରକୃତରେ ଏହି ମେଳାର ଅନେକ ବିଶେଷତ୍ୱ ରହିଛି। ଏହା ହିଁ ହିନ୍ଦୁ ଧର୍ମର ବାସ୍ତବ ସ୍ୱରୂପକୁ ପ୍ରକଟିତ କରିଥାଏ।

କେଉଁ ଅନନ୍ତ କାଳରୁ ଆଜିଯାଏଁ ଚାଲୁ ରହିଥିବା ଓ ଶହ ଶହ କୋଟି ଲୋକଙ୍କ ଶ୍ରଦ୍ଧା, ଆଦର ଓ ସମ୍ମାନ ଲାଭ କରିଥିବା ବିଶାଳ, ଭେଦଭାବ ରହିତ, ସର୍ବକଲ୍ୟାଣକାରୀ ହିନ୍ଦୁ ଧର୍ମର ଏହା ଏକ ଯଥାର୍ଥ ପ୍ରତିଛବି। ପ୍ରଧାନମନ୍ତ୍ରୀ ମୋଦିଜୀ ଏହି ମହାକୁମ୍ଭର ପ୍ରଶଂସା କରି ଲେଖିଛନ୍ତି ଯେ ଏହି ମହାକୁମ୍ଭରେ ଧନୀ-ଦରିଦ୍ର, ଯୁବକ-ବୃଦ୍ଧ, ଗ୍ରାମ-ସହର, ଉତ୍ତର-ଦକ୍ଷିଣ, ଜାତି-ଧର୍ମ, ଏପରିକି ଦେଶ ବିଦେଶ ନିର୍ବିଶେଷରେ କୋଟି କୋଟି ଲୋକ ଏକାଠି ହୋଇଥିଲେ। ଏହା 'ଏକ ଭାରତ, ଶ୍ରେଷ୍ଠ ଭାରତ' ପରିକଳ୍ପନାର ପ୍ରତିଭୂ ଥିଲା, ଯାହା କୋଟି କୋଟି ଲୋକଙ୍କ ମନ ମଧ୍ୟରେ ଆତ୍ମବିଶ୍ୱାସ ଭରି ଦେଇଥିଲା।

କିନ୍ତୁ ଏହାର ବିଶେଷତ୍ୱ ସଂପର୍କରେ ପାକିସ୍ତାନୀ ସାମ୍ବାଦିକ ଖାଲିଦ୍ ଉମର୍ ଯାହା ଲେଖିଛନ୍ତି- ତାହା ପୂର୍ଣ୍ଣକୁମ୍ଭ ମେଳା ତଥା ହିନ୍ଦୁ ଧର୍ମର ମହତ୍ତ୍ୱକୁ ପରିପୁଷ୍ଟ କରେ। ଏହା ସମସ୍ତଙ୍କର ପ୍ରଣିଧାନଯୋଗ୍ୟ। ତାଙ୍କର କ୍ଷୁଦ୍ରକାୟ ଇଂରାଜୀ ଲେଖାରେ ସେ ହିନ୍ଦୁ ଧର୍ମ ଉପରେ ଏକ ସାରଗର୍ଭକ ରଚନା ପ୍ରସ୍ତୁତ କରିଛନ୍ତି। ପ୍ରକୃତି, ବିଶେଷତଃ ଗ୍ରହ, ନକ୍ଷତ୍ର ସହ କୁମ୍ଭମେଳାର ସଂପର୍କ ଓ ସମନ୍ୱୟ ତାଙ୍କ ଲେଖାର ଅନ୍ତଃସ୍ୱର। ସେ ଲେଖିଛନ୍ତି- 'Every ritual of Kumbha Mela is connected to the dynamics of planets, constellations and the universe which have a physical and spiritual impact on human life.' ଅର୍ଥାତ୍ କୁମ୍ଭମେଳାର ପ୍ରତିଟି ଧାର୍ମିକ ରୀତିନୀତି ସିଧାସଳଖ ଭାବେ ଗ୍ରହ ସମଗ୍ର, ତାରା ପୁଞ୍ଜ ତଥା ବିଶ୍ୱର ଗତିବିଧି ସହ ସଂଶ୍ଳିଷ୍ଟ, ଯାହାର ଭୌତିକ ତଥା ଆଧାତ୍ମିକ ପ୍ରଭାବ ମାନବ ଜୀବନ ଉପରେ ପଡ଼ିଥାଏ।

ପୁଣି କୁମ୍ଭମେଳାରେ ମିଳୁଥିବା ଅପାର ଆନନ୍ଦକୁ ବର୍ଣ୍ଣନା କରି ସେ ଲେଖିଛନ୍ତି- 'This is pure joy and bliss. There is no animal sacrifice, no bloodshed, no uniforms, no violence, no politics, no conversion, no sects, no discrimination, no trade, no business. This is Hinduism.' ଅର୍ଥାତ୍ 'ଏହା ହିଁ ଅନାବିଳ ଖୁସି ଓ ଆନନ୍ଦ। ଏଠାରେ (କୁମ୍ଭମେଳାର ଧାର୍ମିକ କାର୍ଯ୍ୟକ୍ରମ ଭିତରେ) କୌଣସି ପଶୁହତ୍ୟା, ରକ୍ତପାତ, ରାଜନୀତି, ଧର୍ମାନ୍ତରୀକରଣ, ଜାତିଗତ ଭେଦଭାବ, ବ୍ୟବସାୟ-ବାଣିଜ୍ୟ ଇତ୍ୟାଦିର ସ୍ଥାନ ନାହିଁ। ଏହା ହିଁ ହିନ୍ଦୁ ଧର୍ମର ସ୍ୱରୂପକୁ ଦର୍ଶାଏ।'

ପୃଥିବୀର ଅନ୍ୟ କୌଣସି ସ୍ଥାନରେ 'ପବିତ୍ର ସ୍ନାନ' ପରି ଏକମାତ୍ର କାର୍ଯ୍ୟକ୍ରମ ପାଇଁ ଏତେ ସଂଖ୍ୟାରେ ଲୋକ ଏତେ ଶ୍ରଦ୍ଧାର ସହ ଏକତ୍ରିତ ହୋଇ, ଏତେ ଶାନ୍ତି ଶୃଙ୍ଖଳାର ସହ କାର୍ଯ୍ୟ କରିବା ନିଶ୍ଚିତ ଭାବେ ଏକ ବିରଳ ଘଟଣା। ଏହା କେବଳ ପୁଣ୍ୟଭୂମି ଭାରତରେ ହିଁ ସମ୍ଭବପର। ପ୍ରୟାଗରାଜ ସହରର କ୍ଷେତ୍ରଫଳ ପ୍ରାୟ ଚାରି ହଜାର ହେକ୍ଟର। କୁମ୍ଭମେଳାରେ ହେବାକୁ ଥିବା ଜନ ସମାଗମକୁ ଆକଳନ




କରି, ସେଥି ନିମିତ୍ତ ସମାଗମ ସ୍ଥଳରେ ଦେଢ଼ ଲକ୍ଷ ଶିବିର (Tent) ସ୍ଥାପନ ସହ ତିନି ହଜାରରୁ ଅଧିକ ରୋଷେଇଶାଳାର ବ୍ୟବସ୍ଥା ହୋଇଥିଲା। ଶୌଚାଦି ପାଇଁ ପ୍ରାୟ ଦେଢ଼ ଲକ୍ଷ ଶୌଚାଗାର ନିର୍ମାଣ କରାଯାଇଥିଲା। ସେହିପରି ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପ୍ରାୟ ୪୦ ହଜାର ପୁଲିସ୍ କର୍ମଚାରୀ ନିୟୋଜିତ ହୋଇଥିଲେ ଏବଂ ଅସାମାଜିକ କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ୨ ହଜାର ୭ ଶହ କ୍ୟାମେରା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଲଗା ଯାଇଥିଲା।

ଗଙ୍ଗା-ଯମୁନା-ସରସ୍ୱତୀର ପବିତ୍ର ସଙ୍ଗମ ସ୍ଥଳରେ, ପବିତ୍ର ମୁହୂର୍ତ୍ତରେ ହିମାଳୟର ଯୋଗୀଙ୍କଠାରୁ ଆରମ୍ଭ କରି ଅନ୍ୟାନ୍ୟ ସାଧୁସନ୍ଥ ଓ ସାଧାରଣ ଜନତାଙ୍କ ସହ ଭାରତର ପ୍ରଧାନମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ, ଅନ୍ୟାନ୍ୟ ମନ୍ତ୍ରୀ, ସାଂସଦ ତଥା ବିଧାୟକ ଗଣ, ଏପରିକି ବହୁ ଅଭିଜ୍ଞ ବୈଜ୍ଞାନିକଗଣ ମଧ୍ୟ ପବିତ୍ର ସ୍ନାନ କରିଥିଲେ। ଏ ସମସ୍ତ କାର୍ଯ୍ୟକୁ ଅନୁଧ୍ୟାନ କରି ପାକ୍ ସାମ୍ବାଦିକ ଖାଲିଦ୍ ଉମର୍ ମନ୍ତବ୍ୟ ଦେଇଛନ୍ତି- 'Hinduism is just in harmony with nature. Hinduism is nature itself. ... Nature is Hindu!' ଅର୍ଥାତ୍ ହିନ୍ଦୁ ଧର୍ମ କେବଳ ପ୍ରକୃତି ସହ ସମନ୍ୱୟ ରକ୍ଷା କରିନାହିଁ, ହିନ୍ଦୁ ଧର୍ମ ନିଜେ ହିଁ ପ୍ରକୃତିର ରୂପ। ପ୍ରକୃତି ହିଁ ହିନ୍ଦୁ। ଏହା ବାସ୍ତବରେ ହିନ୍ଦୁ ଧର୍ମର ବିଜ୍ଞାନ ସମ୍ମତ ତଥା ଅସାମ୍ପ୍ରଦାୟିକ ସ୍ୱରୂପର ନମ୍ର ଉଦ୍‌ଘୋଷଣା।

ପ୍ରଧାନମନ୍ତ୍ରୀ ମୋଦିଜୀ ଏହି ମହାକୁମ୍ଭ ମେଳା ଉପଲକ୍ଷେ ଏକ ପ୍ରବନ୍ଧ ରଚନା କରି ପ୍ରବନ୍ଧର ନାମକରଣ କରିଛନ୍ତି- 'ଏକତାର ମହାକୁମ୍ଭ- ନୂଆ ଯୁଗର ଆରମ୍ଭ।' ପ୍ରକୃତରେ ଏହି ମହାକୁମ୍ଭ (ମେଳା)ରେ ଭାରତୀୟ ଧର୍ମଧାରା ଓ ସଂସ୍କୃତିରେ ମହାନ୍ ଏକତା ପରିଦୃଷ୍ଟ ହୋଇଥିଲା ବେଳେ ଏହା ମଧ୍ୟ ଏକ ନୂଆ ଯୁଗ ଆରମ୍ଭର ସଂକେତ ପ୍ରଦାନ କରେ। ଏହି ନୂଆ ଯୁଗ ହେଉଛି ଶାନ୍ତିର, ସୌହାର୍ଦ୍ଦ୍ୟର, ଧର୍ମଗତ ସଂକୀର୍ଣ୍ଣତା ଓ ଅସହିଷ୍ଣୁତା ବିଲୋପର, ବିକାଶର, ସମୃଦ୍ଧିର ତଥା 'ଏକ ଭାରତ- ଶ୍ରେଷ୍ଠ ଭାରତ' ଭାବନାକୁ ଆପଣାଇ ନେବାର।'

ଦୀର୍ଘ ୧୪୪ ବର୍ଷ ପରେ ପଡ଼ିଥିବା ଏହି ପୂର୍ଣ୍ଣକୁମ୍ଭ ମେଳାରେ ଦୈନିକ ହାରାହାରି କୋଟିଏରୁ ଦେଢ଼ କୋଟି ଲୋକ ପବିତ୍ର ସ୍ନାନ କରୁଥିବା ବେଳେ ମେଳା ଶେଷ ସୁଦ୍ଧା ୬୬ କୋଟିରୁ ୬୭ କୋଟି ଯାଏଁ ଲୋକ ସ୍ନାନ କରି ସମଗ୍ର ଜଗତକୁ ଏକ ନୂତନ ସନ୍ଦେଶ ଦେଇଛନ୍ତି। କାରଣ, ଏଥିରେ କେବଳ ଭାରତର ଲୋକ ନୁହନ୍ତି, ବିଶ୍ୱର ପ୍ରାୟ ୭୩ଟି ଦେଶର (ଇଟାଲି, ଅଷ୍ଟ୍ରିଆ, ଜାପାନ୍, ଚୀନ୍, ମେକ୍ସିକୋ, ରୁଷିଆ, ସ୍ୱିଡେନ୍, ସ୍ୱିଜରଲ୍ୟାଣ୍ଡ, ଦକ୍ଷିଣ ଆଫ୍ରିକା, ଆର୍ଜେଣ୍ଟିନା ଇତ୍ୟାଦିର) ଲୋକେ ଶ୍ରଦ୍ଧାର ସହ ବୁଡ଼ ପକାଇଛନ୍ତି ଓ ମେଳାରେ ବୁଲିଛନ୍ତି। ଏହା ସହ ବଡ଼କଥା ହେଲା, ଏତେ ଲୋକଙ୍କର ଆଗମନ ଓ ଧର୍ମାନୁଷ୍ଠାନ ସତ୍ତ୍ୱେ ଲୋକମାନଙ୍କ ମନରେ ଧାର୍ମିକ ଅସହିଷ୍ଣୁତା ବା ଉତ୍ତେଜନା ଭାବ ଆଦୌ ସୃଷ୍ଟି ହୋଇନାହିଁ। ସ୍ୱଭାବତଃ ଏହି ମେଳା ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି ଓ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

ବିଶ୍ୱର ପ୍ରାଚୀନତମ ଧର୍ମ, ସନାତନ ହିନ୍ଦୁ ଧର୍ମର ବିଶାଳତା, ଉଦାର ଓ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ଏହି ମହାକୁମ୍ଭର ପ୍ରଥମ ଓ ପ୍ରଧାନ ବାର୍ତ୍ତା। ସେଥି ନିମିତ୍ତ ଲୋକସଭାରେ ଏ ସଂପର୍କରେ ମନ୍ତବ୍ୟ ପ୍ରଦାନ କରି ପ୍ରଧାନମନ୍ତ୍ରୀ ମୋଦିଜୀ କହିଛନ୍ତି ଯେ 'ମହାକୁମ୍ଭ ରୂପେ ଭାରତର ବିଶାଳ ରୂପ ଦେଖିଲା ବିଶ୍ୱ।' ପୁଣି ମୋଦିଜୀଙ୍କ ଏହି ବୟାନକୁ ଲୋକସଭାରେ ବିରୋଧୀ ଦଳ ନେତା ଶ୍ରୀ ରାହୁଲ ଗାନ୍ଧୀ ମଧ୍ୟ ସମର୍ଥନ ଜଣାଇଛନ୍ତି। ସେ କହିଛନ୍ତି ଯେ କୁମ୍ଭ ହେଉଛି ଆମର ଇତିହାସ ଓ ସଂସ୍କୃତି। ଅତଏବ, ମହାକୁମ୍ଭର ଦ୍ୱିତୀୟ ବାର୍ତ୍ତା ହେଉଛି ରାଷ୍ଟ୍ରର ହିତ ନିମିତ୍ତ ସମସ୍ତ ରାଜନୈତିକ ମତଭେଦ ପାସୋରି ଏକ ହେବା।

ଏତଦ୍ ବ୍ୟତୀତ ସମଗ୍ର ମାନବ ଜାତି ଜଗତର କଲ୍ୟାଣ ପାଇ ଏକତା ସୂତ୍ରରେ ବାନ୍ଧି ହେବା ହେଉଛି ମହାକୁମ୍ଭର ତୃତୀୟ ବାର୍ତ୍ତା। ମୋଦିଜୀଙ୍କ ଭାଷାରେ, 'ମହାକୁମ୍ଭରୁ ଏକତାର ଅମୃତ ଓ ଅନ୍ୟାନ୍ୟ ଅନେକ ଅମଳ ବାହାରିଛି।'

ମହାକୁମ୍ଭରୁ ଆଉ ଏକ ସ୍ପଷ୍ଟ ବାର୍ତ୍ତା ଯାଇଛି ଯେ ସନାତନ ଧର୍ମ ଏବେ ଜାଗ୍ରତ ହେଲାଣି। କୌଣସି ପ୍ରକାର ବାହ୍ୟ ଚକ୍ରାନ୍ତ ବା ଷଡ଼ଯନ୍ତ୍ର ଏହାକୁ ଦବାଇ ପାରିବ ନାହିଁ। ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରସିଦ୍ଧ ଉକ୍ତି, 'ନିଜ ସ୍ୱାର୍ଥ ପାଇଁ ଜାତ ନୁହେଁ ହିନ୍ଦୁ/ ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତ ବିନ୍ଦୁ' ବାସ୍ତବରେ ମହାକୁମ୍ଭର ବାର୍ତ୍ତା।

ଏହା ସହ ପରସ୍ପରକୁ ଭଲ ପାଇବା, ଐତିହ୍ୟ ସହ ଯୋଡ଼ି ହେବା, କ୍ଷୁଦ୍ର ଓ ସଂକୀର୍ଣ୍ଣ ବିଚାର ପରିହାର କରି ଆଧାତ୍ମିକ ଚେତନାରେ ଉଦ୍‌ବୁଦ୍ଧ ହେବା, ପରମାତ୍ମା ପରମେଶ୍ୱରଙ୍କୁ ଧ୍ୟାନ କରିବା ତଥା ନଦ-ନଦୀ, ବନ-ପର୍ବତ, ବୃକ୍ଷଲତା ଓ ମାନବ ସମେତ ସମସ୍ତ ଜୀବଜନ୍ତୁଙ୍କ କଲ୍ୟାଣ କାମନା କରିବା ହେଉଛି ଏହି ମହାକୁମ୍ଭର ମହାବାର୍ତ୍ତା।■

ଅବସରପ୍ରାପ୍ତ ଅତିରିକ୍ତ ଶାସନ ସଚିବ
ମୋ: ୯୪୩୭୦୧୪୨୪୪

# ବାଂଲା ବିଳାପ


ବାଂଲାଦେଶରେ ଆୱାମୀ ଲିଗ୍ ବିରୋଧୀମାନଙ୍କର ଏକ ମିଶ୍ରିତ ଗୋଷ୍ଠୀ ଶେଖ୍ ହସିନା ସରକାରଙ୍କ ପତନ ଘଟାଇ ତାଙ୍କୁ ଦେଶ ଛାଡ଼ି ଭାରତରେ ଶରଣ ନେବାକୁ ବାଧ୍ୟ କରିବା ପରଠାରୁ ଭାରତ ସହିତ ଏହି ଦେଶର ସମ୍ପର୍କ ଖରାପ ହୋଇଛି। ସମ୍ପ୍ରତି ଢାକାରେ ପ୍ରତିଷ୍ଠିତ ନୂଆ ସରକାର ପ୍ରତି ଦିଲ୍ଲୀ ଉତ୍ତେଜିତ ହୋଇ ରହି ଆସୁଛି, କାରଣ ସେଠାକାର ସରକାର ସେହି ଦେଶରେ ଧାର୍ମିକ ସଂଖ୍ୟାଲଘୁମାନଙ୍କ ଉପରେ ହିଂସ୍ର ଜନତାଙ୍କ ଆକ୍ରମଣକୁ ପ୍ରତିରୋଧ କରିବାରେ ଅସମର୍ଥ ହେବା ସଙ୍ଗେ ସଙ୍ଗେ ଭାରତ-ବିରୋଧୀ କାର୍ଯ୍ୟକଳାପକୁ ପରୋକ୍ଷରେ ପ୍ରୋତ୍ସାହିତ କରି ଆସୁଛି। ପୁନଶ୍ଚ, ବାଂଲାଦେଶର ଅନ୍ତରୀଣ ସରକାରର ମୁଖ୍ୟ ପରାମର୍ଶଦାତା ମହମ୍ମଦ ୟୁନୁସ୍‌ଙ୍କର ପାକିସ୍ତାନ ଏବଂ ଚୀନ୍ ସହିତ ସମ୍ପର୍କ ଏବଂ ଶେଖ୍ ମୁଜିବ୍‌ଙ୍କ ସ୍ମାରକୀକୁ ଧ୍ୱଂସ କରିବା ନିମନ୍ତେ ଏହାଙ୍କର ସମର୍ଥନ ସହିତ ୧୯୭୧ ବାଂଲାଦେଶ ମୁକ୍ତିଯୁଦ୍ଧରେ ଭାରତର ଭୂମିକାକୁ ଗୌଣ କରିବାର ହୀନ ଉଦ୍ୟମ ଭାରତକୁ ଏହି ଦେଶ ପ୍ରତି ବିତୃଷ୍ଣ ହେବାକୁ ଉତ୍ସାହିତ କରିଛି। ଏହି ପୃଷ୍ଠଭୂମିରେ ସମ୍ପ୍ରତି ଚୀନ୍ ଗସ୍ତରେ ଯାଇ ୟୁନୁସ୍ ଦେଇଥିବା ବିବୃତିଗୁଡ଼ିକ ଭାରତ-ବାଂଲାଦେଶ ସମ୍ପର୍କକୁ ଆହୁରି ନିମ୍ନଗାମୀ କରାଇବାର ସମସ୍ତ ସମ୍ଭାବନା ବହନ କରି ଆଣିଛି। ଚୀନ୍‌ରେ ଅନୁଷ୍ଠିତ ବୋଆଓ ଫୋରମ୍ ଫର୍ ଏସିଆ କନ୍‌ଫରେନ୍ସରେ ଯୋଗ ଦେବା ନିମନ୍ତେ ଯାଇଥିବା ୟୁନୁସ୍ ସେଠାରେ ଭାରତ ସମ୍ପର୍କରେ ଯେଉଁସବୁ ମନ୍ତବ୍ୟ ପ୍ରଦାନ କରିଛନ୍ତି, ସେସବୁ ପଛରେ ରହିଥିବା ଉଦ୍ଦେଶ୍ୟ ଭାରତରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ଏକ ଗୋଲଟେବୁଲ ବୈଠକରେ ନିଜର ବିବୃତି ଉପସ୍ଥାପନ କରିବାକୁ ଯାଇ ଭାରତର ଉତ୍ତର-ପୂର୍ବରେ ଅବସ୍ଥିତ ରାଜ୍ୟମାନଙ୍କୁ- 'ସାତ ଭଉଣୀର ରାଜ୍ୟ'କୁ ଉପଲକ୍ଷ୍ୟ କରି ୟୁନୁସ୍ ସେହିସବୁ ଅଞ୍ଚଳରେ ସଂଯୋଗ ଏବଂ ବ୍ୟବସାୟ ବାଣିଜ୍ୟର ଅଭାବ ଉପରେ ଆଲୋକପାତ କରିଥିଲେ ଏବଂ ସେଗୁଡ଼ିକୁ ଏକ 'ଭୂଭାଗ ପରିବେଷ୍ଟିତ ଆବଦ୍ଧ' ଅଞ୍ଚଳ ବୋଲି ଉଲ୍ଲେଖ କରିଥିଲେ। ଭାରତର ବିଶାଳ ତଟରେଖାକୁ ହେୟଜ୍ଞାନ କରିବା ଛଳରେ ସେ ବାଂଲାଦେଶକୁ 'ମହାସାଗର ପହଞ୍ଚର ଅଭିଭାବକ' ବୋଲି କହିବା ସଙ୍ଗେ ସଙ୍ଗେ ଭୁଟାନ୍, ନେପାଳ ଏବଂ ବାଂଲାଦେଶ ସହିତ ଭାରତୀୟ ରାଜ୍ୟମାନଙ୍କୁ ଏକ ବଜାର ଓ ଉତ୍ପାଦନର ଭିତ୍ତି ଭାବରେ ଉପସ୍ଥାପନ କରି 'ଚୀନୀୟ ଅର୍ଥନୀତିର ଏକ ସମ୍ପ୍ରସାରଣ' ଭାବରେ ଦେଖିବାକୁ ଚୀନ୍‌କୁ ଆହ୍ୱାନ ଦେଇଛନ୍ତି। ତାଙ୍କ ମନ୍ତବ୍ୟଗୁଡ଼ିକ ପଛରେ ଆହୁରି ମଧ୍ୟ ଅନେକ କଥା ରହିଛି ଯେଉଁଗୁଡ଼ିକ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟଗୁଡ଼ିକରେ ସେୟାର କରାଯାଇଛି।

ବାଂଲାଦେଶ ସରକାରର ମୁଖ୍ୟ ପରାମର୍ଶଦାତା ହେବା ପରେ ଭାରତ ପକ୍ଷରୁ ଗସ୍ତରେ ଆସିବାକୁ କୌଣସି ନିମନ୍ତ୍ରଣ ନ ମିଳିବାର ସମ୍ଭାବନା ଦେଖି ମହମ୍ମଦ ୟୁନୁସ୍‌ଙ୍କର ଚୀନ୍ ଗସ୍ତରେ ଯିବା ନିଷ୍ପତ୍ତିକୁ ଏକ କୂଟନୀତିକ ବଦମାସୀ ଭାବରେ ଦେଖା ଯାଉଛି; ସଙ୍ଗେ ସଙ୍ଗେ ବାଂଲାଦେଶର ବିଦେଶ ନୀତିରେ ମଧ୍ୟ ପରିବର୍ତ୍ତନ କରିବା ତାଙ୍କର ଉଦ୍ଦେଶ୍ୟ ବୋଲି କଳ୍ପନା କରାଯାଉଛି। ବେଜିଂରେ ସେ ଚୀନ୍ ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍‌ଙ୍କୁ ସାକ୍ଷାତ କରିଛନ୍ତି ଏବଂ ଦୁଇ ନେତା ଅନେକ ପ୍ରକାରର ରାଜିନାମାରେ ସ୍ୱାକ୍ଷର କରିଛନ୍ତି। ଭିତ୍ତିଭୂମି ବିକାଶ ଏବଂ ଜଳ ସଂରକ୍ଷଣ ଭଳି କେତେକ କ୍ଷେତ୍ରରେ ଶ୍ରୀଯୁକ୍ତ ଜିନ୍‌ପିଙ୍ଗ୍ ବାଂଲାଦେଶକୁ ଆର୍ଥିକ ସହାୟତା ପ୍ରଦାନ କରିବାର ପ୍ରତିଶ୍ରୁତି ଦେଇଥିବା ବେଳେ ୟୁନୁସ୍ ନିଜ ତରଫରୁ ଚୀନ୍‌କୁ ତାଙ୍କ ଦେଶରେ ପୁଞ୍ଜିନିବେଶ କରିବାର ପ୍ରସ୍ତାବ ଦେଇଛନ୍ତି। ତେବେ ଭାରତ ସମ୍ପର୍କରେ ତାଙ୍କର ମନ୍ତବ୍ୟକୁ ନେଇ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ କୌଣସି ମନ୍ତବ୍ୟ ଦେବାକୁ ମନା କରି ଦେଇଥିବା ବେଳେ ଭାରତୀୟ ରାଜନେତାମାନେ କିନ୍ତୁ ନିରବ ରହିବାକୁ ଶ୍ରେୟ ମଣି ନାହାନ୍ତି। ଆସାମର ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ୟୁନୁସ୍‌ଙ୍କ ମନ୍ତବ୍ୟଗୁଡ଼ିକୁ 'ଅପମାନଜନକ ଏବଂ ତୀବ୍ର ନିନ୍ଦନୀୟ' ବୋଲି କହିବା ସଙ୍ଗେ ସଙ୍ଗେ 'କୁକୁଡ଼ା ବେକ' (ଚିକେନ୍ ନେକ୍) ଭାବରେ ପରିଚିତ ଅଞ୍ଚଳଗୁଡ଼ିକ ପ୍ରତି ଭାରତର ରହିଥିବା ସମ୍ବେଦନଶୀଳତା ଉପରେ ଏକ ଆଘାତ ବୋଲି ଦର୍ଶାଇଛନ୍ତି। ଆଉ କେତେଜଣ ଆଞ୍ଚଳିକ ନେତାଙ୍କ ସମେତ ବିରୋଧୀ ଦଳମାନେ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି ଭାରତର ଅସନ୍ତୋଷକୁ ଢାକାକୁ ଜଣାଇ ଦେବାକୁ। ସେମାନେ କହିଛନ୍ତି ଯେ ୟୁନୁସ୍ କେଉଁ ସମୟରେ ଏଭଳି କଥା କହୁଛନ୍ତି ଏବଂ କେଉଁ ସ୍ଥାନରେ କାହା ସମ୍ପର୍କରେ କହୁଛନ୍ତି, ସେ ସମ୍ପର୍କରେ ଆଦୌ ଅଜ୍ଞ ନୁହନ୍ତି। ସେ ଜାଣି ରଖିବା ଉଚିତ ଯେ ଏହା ଅଯଥା ବିବାଦକୁ ଉସୁକାଇପାରେ। ଚୀନ୍‌ର କୃପାପାତ୍ର ହେବା ପାଇଁ ତାଙ୍କର ଏଭଳି କହିବା ଆଦୌ ଶୋଭନୀୟ ନୁହେଁ। ଏହାକୁ ତାଙ୍କର ବିଜ୍ଞତା ନୁହେଁ, ବରଂ ଅଜ୍ଞତାର ପରିଚାୟକ ବୋଲି କୁହାଯାଇପାରେ।

ବାଂଲା ଅନ୍ତରୀଣ ସରକାରଙ୍କର ମୁଖ୍ୟ ପରାମର୍ଶଦାତା ଭାବରେ ୟୁନୁସ୍ ଚୀନ୍ ଆଗରେ ଅଭାବର ବିଳାପ କରିବା ଭାରତ ପାଇଁ ଆଦୌ ସହଣୀୟ ନୁହେଁ। ଐତିହାସିକ ଭାବରେ ଭାରତର ଉତ୍ତରପୂର୍ବରେ ଚୀନ୍ ଏକ ଶିକାରୀ ଶକ୍ତି ଭାବରେ କାର୍ଯ୍ୟ କରି ଆସିଛି। ଏହାର ସେନାବାହିନୀ ୧୯୬୨ ଯୁଦ୍ଧ ସମୟରେ ଭାରତୀୟ ପୋଷ୍ଟଗୁଡ଼ିକୁ ଧ୍ୱଂସ କରିବା ସଙ୍ଗେ ସଙ୍ଗେ ଆସାମରେ ପ୍ରବେଶ କରି ଯାଇଥିଲେ। ଏହା ମଧ୍ୟ ଆସାମ ଏବଂ ନାଗାଲ୍ୟାଣ୍ଡରେ ସଶସ୍ତ୍ର ଅନୁପ୍ରବେଶକୁ ସହାୟତା ଯୋଗାଇବା ସହିତ ଅରୁଣାଚଳ ପ୍ରଦେଶରେ ଭାରତୀୟ ସୀମାକୁ ନିଜର ବୋଲି ଦାବି କରି ଆସୁଛି। ତେଣୁ ଏହି ଅଞ୍ଚଳ 'ଚୀନୀୟ ଅର୍ଥନୀତିର ଏକ ସମ୍ପ୍ରସାରଣ' ହୋଇ ପାରିବ ବୋଲି ୟୁନୁସ୍ ଯେଉଁ ଔଦ୍ଧତ୍ୟପୂର୍ଣ୍ଣ ବିବୃତି ଦେଇଛନ୍ତି, ତାକୁ ସମ୍ପୃକ୍ତ ଅଞ୍ଚଳର ଜଟିଳ ଇତିହାସ ଏବଂ ଜନସାଂଖ୍ୟିକ ଚିନ୍ତାଗୁଡ଼ିକ ସମ୍ପର୍କରେ ତାଙ୍କ ଅଜ୍ଞତାର ପ୍ରମାଣ ଭାବରେ ଅଣଦେଖା କରାଯାଇପାରେ। ଆଉ ଯଦି ଏହା ଚୀନ୍‌କୁ ଭାରତ ବିରୋଧରେ ଉସୁକାଇବା ନିମନ୍ତେ ଅଭିପ୍ରେତ ହୋଇଥାଏ, ତା'ହେଲେ ଭାରତ-ବାଂଲାଦେଶ ସମ୍ପର୍କ ପାଇଁ ଏହା ସମ୍ପୂର୍ଣ୍ଣ ଭାବରେ ଏକ ଅଶୁଭ ସୂଚନା ବୋଲି ଗ୍ରହଣ କରାଯାଇପାରେ।■

# ଆମେ ସେହି ଠେଙ୍ଗା ଦେଖିବାକୁ ଚାହୁଁଛୁ

ରଣପୁର ଇତିହାସ ଓ ରଘୁ-ଦିବାକରଙ୍କ ବୀରତ୍ୱ ଭାରତୀୟ ଇତିହାସର ଏକ ଯୁଗାନ୍ତକାରୀ ଅଧ୍ୟାୟ। ୧୯୩୧ ମସିହାରେ ଦେଶୀୟ ରାଜ୍ୟଗୁଡ଼ିକରେ ଜନ ଜାଗରଣ ହୋଇ 'ଗଡ଼ଜାତ ପ୍ରଜା ସମ୍ମିଳନୀ' ଗଠନ କରାଯାଇ ଅତ୍ୟାଚାରୀ ଶାସକମାନଙ୍କ ବିରୋଧରେ ବିଦ୍ରୋହର ରୂପ ନେଲା। ଏହି କ୍ରମରେ ରଣପୁର ଗଡ଼ଜାତରେ ବନମାଳୀ ରାମ, କୃପାସିନ୍ଧୁ ମିଶ୍ର, ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ା (ରଘୁ-ଦିବାକର)ଙ୍କ ନେତୃତ୍ୱରେ ପ୍ରଜାମଣ୍ଡଳ ଗଠିତ ହୋଇ ନାଗରିକ ଅଧିକାର,



ସତ୍ୟବାଦୀ ବଳିଆରସିଂହ

ଦାୟିତ୍ୱପୂର୍ଣ୍ଣ ସରକାର, ରାଜସ୍ୱ ବ୍ୟବସ୍ଥାର ଉନ୍ନତି ସାଧନ, ସମସ୍ତ ବେଆଇନ ଟିକସ, ବେଠି, ଭେଟି, ବେଗାରୀର ଉଚ୍ଛେଦ ପାଇଁ ଦାବି କରିଥିଲେ। ଅନ୍ୟ ପକ୍ଷରେ, ରାଜାମାନେ ପ୍ରଜାମାନଙ୍କ ବିଦ୍ରୋହକୁ ଦମନ କରିବା ନିମନ୍ତେ ଭିତିରି ଷଡ଼ଯନ୍ତ୍ର ତଥା ପୁଲିସ ଫୋର୍ସର ଆଶ୍ରୟ ନେଲେ। ରଘୁ-ଦିବାକର ଗାଁକୁ ଗାଁ ବୁଲି ବୁଲି ଅତ୍ୟାଚରୀ ରାଜା ତଥା ବ୍ରିଟିଶ୍ ଶାସନ ବିରୋଧରେ ଲୋକମାନଙ୍କୁ ଏକତ୍ରିତ କରୁଥିଲେ ଆଉ ଗାଉଥିଲେ, 'ମାର୍ ତୁ ଯେତେ ଗୁଳି, ହୁଙ୍କାପିଟା ଶାସନ ଆମେ ଗୋଡ଼ରେ ଦବୁ ଦଳି।'

ରଘୁନାଥ ଓ ଦିବାକର ନିର୍ଜନ ରାତିରେ ଗାଁ ଗାଁ ବୁଲି ପ୍ରଜାମାନଙ୍କ ଚିନ୍ତା ଓ ଚେତନାକୁ ଜାଗ୍ରତ କରାଇ ବିପ୍ଳବର ଯେଉଁ ମଞ୍ଜି ବୁଣିଥିଲେ, ତା'ର ଫଳ ସ୍ୱରୂପ ରାଜାଙ୍କୁ ପ୍ରଜାମଣ୍ଡଳ ଦମନ ନିମନ୍ତେ ବୌଦ୍ଧ ଓ ସିକନ୍ଦରାବାଦରୁ ପୁଲିସ୍ ଫୋର୍ସ ମଗାଇବାକୁ ପଡ଼ିଥିଲା। ଏପରିକି ୨୬ଟି ଗଡ଼ଜାତର ମୁଖ୍ୟ ପଲିଟିକାଲ ଏଜେଣ୍ଟ ମେଜର ଆରଏଲ୍ ବେଜଲଗେଟ୍‌ଙ୍କୁ ୧୯୩୮ ମସିହା ଜାନୁଆରୀ ମାସ ୫ ତାରିଖ ଦିନ ରଣପୁର ଗଡ଼ ଆସିବାକୁ ପଡ଼ିଲା। ସେହି ଦିନ ପ୍ରଜାମଣ୍ଡଳର ସଂପାଦକ ରଘୁନାଥ ମହାନ୍ତି ଓ ସଂଗଠନ ସଂପାଦକ ଦିବାକର ପରିଡ଼ା ରାଜବାଟୀ ସାମ୍ନାରେ ଉପସ୍ଥିତ ଜନତାଙ୍କ ମେଳରେ ଦେୱାନ ଚଣ୍ଡେଶ୍ୱର ମିଶ୍ରଙ୍କ ସହ ରାଜ ଦରବାରରେ ଘୋଷିତ ଦାବି ସମ୍ବନ୍ଧୀୟ ଘୋଷଣାପତ୍ରର ଆଲୋଚନାରେ ବ୍ୟସ୍ତ ଥିଲେ। ମେଜର ବେଜଲଗେଟ୍ ସେଠାରେ ଉପସ୍ଥିତ ହେବାରୁ ଦେୱାନ ଇଂରାଜୀରେ ଅନୁବାଦ କରି ତାହା ବୁଝାଉ ଥିଲେ। ଏହି ସମୟରେ ଦେଖା ଦେଲା ଏକ ଆଲୋଡ଼ନ। କିଛି ଉତ୍ତ୍ୟକ୍ତ ଲୋକ ମଣିଷଟଣା ଶଗଡ଼ ଗାଡ଼ିରେ ଲୋକଙ୍କୁ ଡକାଇ ଚିତ୍କାର କରୁଥିଲେ, 'ପଲିଟିନା ସାହେବ ଆମ ଭାଇକୁ ମାରିଦେଲା।' ଫଳରେ ଘଟଣାର କାରଣ କ'ଣ ଜାଣିବା ପାଇଁ ବେଜଲଗେଟ୍ ଜନ ଗହଳି ଆଡ଼କୁ ମାଡ଼ି ଚାଲିଲେ। ସେଠାରେ ଠେଲାପେଲା, ହୋହାଲ୍ଲା ମଧ୍ୟରେ ନିଜକୁ ନିୟନ୍ତ୍ରଣ କରି ନପାରି ସାହେବ ପିସ୍ତଲ କାଢ଼ିଲେ ଓ ତାଙ୍କ ଗୁଳିରେ ଶିକାର ହେଲେ ଯୁବକ ଅର୍ଜୁନ ରାଉତ। ଏହା ପରେ ଉତ୍ତ୍ୟକ୍ତ ଜନତା ମେଜର ବେଜଲଗେଟ୍‌ଙ୍କୁ ଠେଙ୍ଗାରେ ପିଟି ପିଟି ହତ୍ୟା କଲେ। ଏହି ହତ୍ୟାକାଣ୍ଡ ଯୋଗୁଁ କେବଳ ଭାରତ ନୁହେଁ, ବ୍ରିଟିଶ ପାର୍ଲାମେଣ୍ଟ ମଧ୍ୟ ଥରହର ହୋଇଥିଲା। ଏହା ପୂର୍ବରୁ ଭାରତର ସ୍ୱାଧୀନତା ସଂଗ୍ରାମରେ ପଲିଟିକାଲ ଏଜେଣ୍ଟ ଭଳି ବ୍ରିଟିଶ ସରକାରଙ୍କ କୌଣସି ଉଚ୍ଚପଦସ୍ଥ ଅଫିସର ନିହତ ହୋଇ ନଥିଲେ। କିନ୍ତୁ ମେଜର ବେଜଲଗେଟ୍‌ଙ୍କ ମୃତ୍ୟୁ ଓଡ଼ିଶାର ଏକ କ୍ଷୁଦ୍ର ଗଡ଼ଜାତରେ ଘଟିବା ପରେ ଓଡ଼ିଆମାନେ ଭୀରୁ ବୋଲି ସର୍ବଭାରତୀୟ ସ୍ତରରେ ଯେଉଁ ଅପବାଦ ଥିଲା, ତାହା ଦୂରୀଭୂତ ହୋଇଥିଲା।

ଏ ପ୍ରସଙ୍ଗରେ ତତ୍କାଳୀନ ପଲିଟିକାଲ ଡିପାର୍ଟମେଣ୍ଟର ରେସିଡେଣ୍ଟ କର୍ଣ୍ଣେଲ ବାର୍ଟନ ସାହେବ ଡକ୍ଟର ହରେକୃଷ୍ଣ ମହତାବଙ୍କୁ କହିଥିଲେ, 'ଆମେ ଯଦି ଜାଣିଥାନ୍ତୁ ଓଡ଼ିଶାର ଲୋକେ ଏତେ ହିଂସ୍ର, ତେବେ ନିଶ୍ଚିତ ଭାବେ ଏକ ସୈନ୍ୟବାହିନୀ ପଠାଇ ଥାଆନ୍ତୁ।' ବ୍ରିଟିଶ ପାର୍ଲାମେଣ୍ଟ ମଧ୍ୟ ଏହି ଘଟଣାକୁ ନେଇ ଥରହର ହୋଇଥିଲା। ଜଣେ ସଦସ୍ୟ ପ୍ରଶ୍ନ କରିଥିଲେ, 'ପିସ୍ତଲଠାରୁ କ'ଣ ଠେଙ୍ଗା ଶକ୍ତିଶାଳୀ? ଆମେ ସେହି ଠେଙ୍ଗା ଦେଖିବାକୁ ଚାହୁଁଛୁ।' ଏଣୁ ଠେଙ୍ଗାର ଶକ୍ତି ପରୀକ୍ଷା କରିବାକୁ ରଣପୁର ଜଙ୍ଗଲରୁ ପାଞ୍ଚ ଶହ ବାଉଁଶ ଠେଙ୍ଗା ଲଣ୍ଡନ ଯାଇଥିଲା। ଠେଙ୍ଗା ପରୀକ୍ଷା କରାଯିବା ପରେ ବିରୋଧୀ ଦଳର ଜଣେ ସଦସ୍ୟ ଘୋଷଣା କରିଥିଲେ, 'ବେଜଲଗେଟ୍ ଲୋକଙ୍କ ରୁଦ୍ଧ ଅସନ୍ତୋଷର ଶିକାର ହେଲେ।'

ବେଜଲଗେଟ୍ ହତ୍ୟାକାଣ୍ଡ ପରେ ରଣପୁରରେ ଚାଲିଲା ଅକଥନୀୟ ଅତ୍ୟାଚ୍ଚର ଓ ଦମନଲୀଳା। ସାରା ରାଜ୍ୟର ଲୋକ ଘରଦ୍ୱାର ଛାଡ଼ି ନିକଟସ୍ଥ ଖୋର୍ଦ୍ଧା ଖାସମାହାଲ, ନୟାଗଡ଼, ଖଣ୍ଡପଡ଼ା ରାଜ୍ୟରେ ଆଶ୍ରୟ ନେଇଥିଲେ। ୧୯୩୮ ଜାନୁଆରୀ ୫ ତାରିଖରେ ଏହି ଘଟଣା ଘଟିଥିଲେ ମଧ୍ୟ ଥାନା ଦାରୋଗା ଫେବୃଆରୀ ୯ ତାରିଖ, ଅର୍ଥାତ୍ ଏକ



୮୫ତମ ସହିଦ ଦିବସ ଉପଲକ୍ଷେ

ମାସ ଚାରି ଦିନ ପରେ ଆକ୍ରୋଶମୂଳକ ଭାବେ ପ୍ରଜାମଣ୍ଡଳର ୧୦୪ ଜଣ ନେତା ଓ କର୍ମୀମାନଙ୍କ ନାମରେ ଏତଲା ଦାୟର କଲେ। ସଲାସୁତୁରା ହୋଇ ସାକ୍ଷୀ ଯୋଗାଡ଼ କରାଗଲା। ରଘୁ-ଦିବାକରଙ୍କ ନାମରେ ମିଥ୍ୟା ସାକ୍ଷୀ ଯୋଗାଡ଼ କରାଯାଇ ମକଦ୍ଦମା ଚାଲିଲା। ସେତେବେଳର ଖ୍ୟାତନାମା ପୁଲିସ ସବ୍‌ଇନସ୍ପେକ୍ଟର ବାବୁ ମନବୋଧ ପଣ୍ଡା କିଭଳି ଅଭିଯୁକ୍ତମାନଙ୍କୁ ବିଭିନ୍ନ ଦଫା ଲଗାଇ ଚାର୍ଜସିଟ୍ କରିବାରେ ଲାଗି ପଡ଼ିଲେ। ଏଥିରେ ପ୍ରଜାମଣ୍ଡଳର ଉପଦେଷ୍ଟା ଡକ୍ଟର ହରେକୃଷ୍ଣ ମହତାବଙ୍କୁ ହତ୍ୟା ଷଡ଼ଯନ୍ତ୍ରରେ ଅଭିଯୁକ୍ତ କରାଯିବାର ବନ୍ଦୋବସ୍ତ କରାଯାଇଥିଲା। ସିଆଇଡି ଇନସ୍ପେକ୍ଟର ବାବୁ ମନବୋଧ ପଣ୍ଡା କଟକ ଯାଇ ଡକ୍ଟର ମହତାବଙ୍କୁ ଧାରା ୧୬୧ ସିଆଇ ଅନୁଯାୟୀ ସାକ୍ଷ୍ୟ ଗ୍ରହଣ କରିଥିଲେ। ମହତାବଜୀ ଏଥିରେ ଅଭିଯୁକ୍ତ ହେଉଥିବା ଜାଣିପାରି ମହାତ୍ମା ଗାନ୍ଧୀଙ୍କ ଦୃଷ୍ଟି ଆକର୍ଷଣ କଲେ। ଗାନ୍ଧିଜୀ ସେଠାରୁ ବ୍ରିଟିଶ ପାର୍ଲାମେଣ୍ଟ ସଦସ୍ୟା ଆଗାଧା ହରିସନ୍‌ଙ୍କୁ କଟକ ପଠାଇ ଥିଲେ। ସେ ଏଠାରେ ରେଭିନ୍ୟୁ କମିଶନର ଏନସର୍ଜ ସାହେବ, ଗଭର୍ଣ୍ଣର ଓ ପଲିଟିକାଲ ଡିପାର୍ଟମେଣ୍ଟର ଅଫିସରମାନଙ୍କୁ କହି ମହତାବଜୀଙ୍କୁ ରକ୍ଷା କରିଥିଲେ। ରଣପୁର ପ୍ରଜା ଆନ୍ଦୋଳନର କର୍ଣ୍ଣଧାର ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କୁ ବେଜଲଗେଟ୍ ହତ୍ୟା କରି ନଥିଲେ ମଧ୍ୟ ପ୍ରଜାମଣ୍ଡଳର ସଂପାଦକ ଓ ସଂଗଠନ ସଂପାଦକ ହୋଇଥିବାରୁ ସେମାନଙ୍କ ବିରୋଧରେ ମିଥ୍ୟା ଦଫା ଲଗାଇ ଦିଆଗଲା। ବିହାର ଗୟା ଜିଲ୍ଲାର ଗୋରା ଦୌରାଜଜ ଜେଜେ ସିଅରରଙ୍କ କୋର୍ଟରେ ବିଚାରର ପ୍ରହସନ ଚାଲିଲା। ଶେଷରେ ରଘୁ-ଦିବାକରଙ୍କୁ ଫାଶୀ ଆଦେଶ ହେଲା। ସେମାନେ ବିହାରର ଭାଗଲପୁର ଜେଲରେ ୧୯୪୧ ମସିହା ଏପ୍ରିଲ ୪ ତାରିଖ ସୂର୍ଯ୍ୟୋଦୟ ପୂର୍ବରୁ ଦେଶ ପାଇଁ ହସି ହସି ଫାଶୀ ବରଣ କଲେ। ସେମାନଙ୍କର ଏକମାତ୍ର ଅପରାଧ ଥିଲା ଦେଶ ଓ ଜାତିକୁ ଭଲ ପାଇବା, ଗଡ଼ଜାତ ରାଜ ଶାସନର ଅନ୍ୟାୟ, ଅନୀତି, ଶୋଷଣ, କଷଣ, ଜୁଲମ୍ ବିରୋଧରେ ପ୍ରତିବାଦର ସ୍ୱର ଉତ୍ତୋଳନ କରି ଆନ୍ଦୋଳନ କରିବା। ପରାଧୀନ ଭାରତବର୍ଷରେ ଏକ ଶୋଷଣମୁକ୍ତ ସମାଜର ସ୍ୱପ୍ନ ଦେଖୁଥିବା ସେଇ ଓଡ଼ିଆ ତରୁଣ ଦ୍ୱୟ ଥିଲେ ରଣପୁର ଥାନା ବାଦଭୁଇଁ ଗ୍ରାମର ରଘୁନାଥ ମହାନ୍ତି ଓ ଗଡ଼ବାଣୀକିଲୋ ଗ୍ରାମର ଦିବାକର ପରିଡ଼ା।■

ଉପଦେଷ୍ଟା, ସହିଦ ରଘୁ ଦିବାକର ସ୍ମୃତି କମିଟି
ବିଶ୍ୱାତ୍ମା, ଏମ୍-୨୩, ବକ୍ସି ଜଗବନ୍ଧୁ ନଗର
ଖୋର୍ଦ୍ଧା, ମୋ: ୯୨୩୭୦୮୯୫୦୯

# ଅମରନାଥର ଅମର କଥା

ଭାରତବର୍ଷର ବିଭିନ୍ନ ପବିତ୍ର ପୀଠମାନଙ୍କ ମଧ୍ୟରେ ହିମାଳୟ ପର୍ବତମାଳାରେ ଅବସ୍ଥିତ ଅମରନାଥ ଅନ୍ୟତମ। ଅମରନାଥ ଯାତ୍ରା ଯେତିକି ମନୋରମ, ସେତିକି ଦୁର୍ଗମ ମଧ୍ୟ। ଏଠାକୁ ଯାତ୍ରା କରିବା ପାଇଁ ବର୍ଷକରେ ନିର୍ଦ୍ଦିଷ୍ଟ କିଛି ମାସ ପାଇଁ ସମୟ ନିର୍ଦ୍ଧାରଣ କରାଯାଏ। ଅନ୍ୟ ଦିନେ ସାଧାରଣ ଯାତ୍ରୀଙ୍କୁ ଯିବା ପାଇଁ ମନା ହୋଇଥାଏ। କାରଣ ପଥ ବରଫାଚ୍ଛନ୍ନ ହୋଇଥାଏ।

ଏହି ପୀଠର ମହତ୍ତ୍ୱ ପଛରେ ରହିଛି କିଛି ରୋଚକ କାହାଣୀ ଏବଂ ଲୋକକଥା। ତ୍ରେତୟା ଯୁଗ। ଭଗବାନ ଶଙ୍କର ଏବଂ ମା' ପାର୍ବତୀ କୈଳାସ ପର୍ବତରେ ବୁଲୁଥିଲେ। ଭଗବାନଙ୍କର ପ୍ରସନ୍ନତାକୁ ଦେଖି ମା' କହିଲେ- 'ପ୍ରଭୁ, ଆପଣ ଦୟାକରି ମୋତେ ଜନ୍ମ- ମୃତ୍ୟୁର ରହସ୍ୟ ବିଷୟରେ ବୁଝାଇ କୁହନ୍ତୁ।'

ଭଗବାନ ଶଙ୍କର କହିଲେ- 'ଅନ୍ୟ ସ୍ଥାନରେ ହୁଏତ କେହି ଏ ଗୁପ୍ତ କଥାକୁ ଶୁଣିଦେଇ ପାରନ୍ତି। ଆମେ ଗୋଟିଏ ଗୁମ୍ଫାକୁ ଯିବା। ସେହିଠାରେ ତୁମକୁ ଜନ୍ମ-ମୃତ୍ୟୁର ରହସ୍ୟ ବିଷୟରେ ଶୁଣାଇବି।' ଭଗବାନ ଓ ମା' ପାର୍ବତୀ ଉଭୟ ପହଞ୍ଚିଲେ ଏକ ଗୁମ୍ଫାରେ।

ଭଗବାନ କଥା ଆରମ୍ଭ କଲା ବେଳେ କହିଲେ- 'ପାର୍ବତୀ, ମୁଁ ଧ୍ୟାନସ୍ଥ ହୋଇ ଆଖି ବୁଜି କଥା କହିବି। ତୁମେ ମୋ କଥାରେ 'ହୁଁ' ମାରୁଥିବ।'

ସମ୍ମତି ପ୍ରଦାନ କଲେ ମା' ପାର୍ବତୀ।

କଥା ଆରମ୍ଭ କଲେ ଭଗବାନ ଶଙ୍କର। ଦୀର୍ଘ ସମୟ ପରେ ଭଗବାନ ଶଙ୍କର ଆଖି ଖୋଲିଲେ। ପାର୍ବତୀ ଶୋଇଥିଲେ। ଆଶ୍ଚର୍ଯ୍ୟ ହେଲେ ଭଗବାନ। ତେବେ ମୋ କଥାରେ 'ହୁଁ' ମାରୁଥିଲା କିଏ?

ଦୃଷ୍ଟି ପଡ଼ିଲା ପାରା ଶାବକଟି ଉପରେ। ଭାବିଲେ ବୋଧହୁଏ କେହି ମାୟାବୀ ପାରା ଶାବକ ରୂପରେ ଆସିଛି। କୋପିତ ହୋଇ ଉଠିଲେ। ତାକୁ ପ୍ରଶ୍ନ କଲେ- 'ତୁ କିଏ? ଏ ବେଶରେ କାହିଁକି ଆସିଛୁ?'

ଶାବକ ବିନୟ ସହକାରେ କହିଲା- 'ପ୍ରଭୁ, ଏହି କୋରଡ଼ରେ ମୁଁ ଅଣ୍ଡା ଭିତରେ ଥିଲି। ଆପଣ ସମାଧିସ୍ଥ ହୋଇ ପ୍ରାଣ ବାୟୁକୁ ନିଜ ଭିତରେ ସମାହିତ କରିଦେଲା ବେଳେ ମାଆ ମୋତେ ଡିମ୍ବ ରୂପରେ ଛାଡ଼ିଦେଇ ଉଡ଼ିଗଲା। ଆପଣଙ୍କର ଏହି ଅମର ଗାଥା ଶୁଣୁ ଶୁଣୁ ମୁଁ ଡିମ୍ବ ଭିତରୁ ବାହାରିଲି। ଆପଣଙ୍କ କୃପାରୁ ମୋତେ ଶକ୍ତି ମିଳିଗଲା।'

ଭଗବାନ ଶଙ୍କର କହିଲେ- 'ତୁମେ ଅମରନାଥଙ୍କର ଉପଯୁକ୍ତ ଭକ୍ତ। ଏହି ଅମର ଗାଥାକୁ ଶ୍ରବଣ କରିଛ। ତୁମେ ଏଠାରେ ନିର୍ବିଘ୍ନରେ ବସବାସ କର।'

ଏବେ ବି ହିମାଳୟ ପର୍ବତମାଳାର ଅମରନାଥ ପୀଠରେ ଦୁଇଟି ଧଳା ପାରା ଅଛନ୍ତି। ଏହି ଦୁଇ ପାରା ରହିବା ପଛରେ ଅନ୍ୟ କିମ୍ବଦନ୍ତୀ ମଧ୍ୟ ରହିଛି।■

# ନ୍ୟାୟ ପାଇଁ ସାତଭାୟାର ୪୦ ପରିବାରଙ୍କ ଧାରଣା

## ନ୍ୟାୟ ନମିଳିବା ପର୍ଯ୍ୟନ୍ତ ଜାରି ରହିବ ଧାରଣା

**କେନ୍ଦ୍ରାପଡ଼ା,୩।୪/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ତହସିଲ ଅନ୍ତର୍ଗତ ସାତଭାୟା ପଞ୍ଚାୟତର ବଗପାଟିଆର ୪୦ଟି ଅନୁସୂଚିତ ପରିବାରଙ୍କୁ ଘରଡ଼ିହ ନମିଳିବାରୁ ହାଇକୋର୍ଟର ଆଶ୍ରୟ ନେଇଥିଲେ। ହାଇକୋର୍ଟ ଡବ୍ଲୁପି (ସି) ନଂ-୨୫୦୪୧-୨୦୨୩ ନିର୍ଦ୍ଦେଶ ଦେବା ସତ୍ତ୍ୱେ ଜିଲ୍ଲା ପ୍ରଶାସନ ଏହି ୪୦ଟି ପରିବାରକୁ ଦୀର୍ଘ ୧୦ ବର୍ଷ ହେଲା ଜମିପଟ୍ଟା (ପାର୍ଚ୍ଚା) ମିଳିନାହିଁ। ସେମାନଙ୍କ କହିବାନୁସାରେ, ଆମମାନଙ୍କଠାରୁ ଆଲଟମେଣ୍ଟ ରେଜିଷ୍ଟ୍ରେସନ୍‌ରେ ଦସ୍ତଖତ ନିଆଯାଇଛି। କିନ୍ତୁ ଆମକୁ ଅନ୍ୟମାନଙ୍କ ପରି ଘରଡ଼ିହର ପାର୍ଚ୍ଚା ମିଳିନାହିଁ। ବିଭିନ୍ନ ଆଳ ଦେଖାଇ ସଂପୃକ୍ତ ଅଧିକାରୀମାନେ ସମୟ ଗଡ଼ାଇ ଚାଲିଛନ୍ତି। ସମ୍ପୃକ୍ତ ପରିବାର ଏ ସମ୍ପର୍କରେ ମୁଖ୍ୟ ଶାସନ ସଚିବ,



ଜିଲ୍ଲାପାଳ, ଉପଜିଲ୍ଲାପାଳ, ରାଜନଗର ତହସିଲଦାର ଓ ବିଡିଓଙ୍କୁ ଜଣାଇଥିଲେ। କିନ୍ତୁ କୌଣସି ସୁଫଳ ନ ମିଳିବାରୁ ବଗପାଟିଆର ଏହି ୪୦ ଦଳିତ ପରିବାର ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ପିଲାଛୁଆଙ୍କୁ ଧରି ଆମରଣ ଅନଶନରେ ବସି ରହିଛନ୍ତି। ତେବେ ଏ ବିଷୟରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ନିଲୁ ମହାପାତ୍ରଙ୍କୁ ପଚାରିବାରୁ ମାମଲା ବିଚାରଧୀନ ଥିବାରୁ ଏଥିରେ ହସ୍ତକ୍ଷେପ କରିହେବ ନାହିଁ ବୋଲି ପ୍ରକାଶ କରିଛନ୍ତି। ବଗପାଟିଆ ଦଳିତ ଅନୁସୂଚିତ ସମାଜ ସଂଗଠନର ସଭାନେତ୍ରୀ ସସ୍ମିତା ମଲିକ ଓ ଥଇଥାନ ପୁନର୍ବସତି ମଞ୍ଚ ସାତଭାୟା ପଞ୍ଚାୟତର ଆବାହକ ଡ଼ଃ ଧରଣୀଧର ରାଉତ ନ୍ୟାୟ ନମିଳିବା ପର୍ଯ୍ୟନ୍ତ ଧାରଣାରେ ବସି ରହିବେ ବୋଲି ପ୍ରକାଶ କରିଛନ୍ତି।

## ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ



**ଯାଜପୁର,୩।୪/ଏନ୍‌ଏନ୍‌ଏସ୍:** ସୁକିନ୍ଦା ବ୍ଲକ୍‌ସ୍ଥିତ ଚିଙ୍ଗୁଡ଼ିପାଳ ପଞ୍ଚାୟତ ଅନ୍ତର୍ଗତ ନଗଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଜିଲ୍ଲାପାଳ ପି.ଅନ୍ୱେଷା ରେଡ୍ଡୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ ସ୍ୱାଗତ ଭାଷଣ ସହ ଉତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପରେ ନଗଡ଼ାର ୯ ଜଣ ଶିଶୁଙ୍କୁ ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ସମସ୍ତ ଅତିଥିଙ୍କ ଦ୍ୱାରା ଖଡିଛୁଆଁ କାର୍ଯ୍ୟ କରାଯାଇଥିଲା। ଏହାସହ ସେମାନଙ୍କ ଅଭିଭାବକଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପିଲାଙ୍କ ଉଦ୍ଦେଶ୍ୟରେ ଶିକ୍ଷକ ପ୍ରଶାନ୍ତ ଗୁଇଁ, ବସନ୍ତ କୁମାର ଦାସ, କଲ୍ୟାଣୀ ମହାରଣା ଓ ତପନ କୁମାର ନାୟକ ବିଭିନ୍ନ ପ୍ରକାରର ଶିକ୍ଷଣଭିତ୍ତିକ କାର୍ଯ୍ୟ ପରିବେଷଣ କରି ଶିଶୁଙ୍କ ମନୋରଞ୍ଜନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଟ ଜେନା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରେଶମା ଟେଟେ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଶୋକ କୁମାର ବେହୁରିଆ, ଜିଲ୍ଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ବେହେରା, ସମାଜ ମଙ୍ଗଳ ଅଧିକାରିଣୀ, ଚିଙ୍ଗୁଡ଼ିପାଳ ସରପଞ୍ଚ ଓ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ରାଜେଶ ସ୍ୱାଇଁ ପ୍ରମୁଖ ଶିକ୍ଷାର ମହତ୍ତ୍ୱ ଓ ଗୁରୁତ୍ୱ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସୁକିନ୍ଦା ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ ଦାସ ଧନ୍ୟବାଦ ଦେଇଥିଲେ। ପରେ ଯାଜପୁର ଜିଲ୍ଲାପାଳଙ୍କ ଦ୍ୱାରା ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା। ପିଲାଙ୍କ ଦ୍ୱାରା ପ୍ରସ୍ତୁତ ସାକ୍ଷରତା ଷ୍ଟଲ୍, ସଂଖ୍ୟାଜ୍ଞାନ ଷ୍ଟଲ୍ ଓ ସୃଜନଶୀଳତା ଷ୍ଟଲ୍ ପରିଦର୍ଶନ କରାଯାଇ ଭୂୟସୀ ପ୍ରଶଂସା କରାଯାଇଥିଲା।

## ପୁଲିସ ଏନ୍‌କାଉଣ୍ଟର୍‌ରେ ସୁଶାନ୍ତ ଗୁରୁତର

**ତାଳଚେର,୩।୪/ଏନ୍‌ଏନ୍‌ଏସ୍:** ତାଳଚେର ପୁଲିସ ଏବଂ ସ୍ୱତନ୍ତ୍ର ସ୍କ୍ୱାର୍ଡର ଏନକାଉଣ୍ଟର୍‌ରେ କୁଖ୍ୟାତ ଅପରାଧି ସୁଶାନ୍ତ ନାଏକ ଗୁରୁତର ଆହତ ହୋଇ ମେଡିକାଲ୍‌ରେ ଚିକିତ୍ସିତ ହେଉଛି। ଏନେଇ ସାମ୍ବାଦିକ ସମ୍ମିଳନୀରେ ଅନୁଗୁଳ ଅତିରିକ୍ତ ଏସ୍‌ପି ରାଜୀବ ଲୋଚନ ପଣ୍ଡା ସୂଚନା ଦେଇଛନ୍ତି। ବୁଧବାର ରାତିରେ ପୁଲିସ ବିଶେଷ ସୂତ୍ରରୁ ଖବରପାଇ ତାଳବେଡ଼ା ଜଙ୍ଗଲରେ ବହୁ ଅପରାଧରେ ଲିପ୍ତ ଥିବା ସୁଶାନ୍ତ ଓ ତା' ସାଥୀ ପାଲହଡ଼ା ଥାନା ଅନ୍ତର୍ଗତ ପ୍ରଫୁଲ୍ଲ ନାଏକ ସେଠାରେ ରହିଥିବା ଖବରପାଇ ତାଳଚେର ଆଇଆଇସି ଦିଗବଜୟ ବିଶ୍ୱାଳଙ୍କ ନେତୃତ୍ୱରେ ଅତର୍କିତ ଚଢ଼ଉ କରିଥିବାବେଳେ ଅପରାଧିମାନେ ପୁଲିସ ଉପରକୁ ୩ ରାଉଣ୍ଡ ଗୁଳି ଚଳାଇଥିଲେ। ଫଳରେ ପୁଲିସ ପକ୍ଷରୁ ୨ ରାଉଣ୍ଡ ଗୁଳି ଚଳାଇବାବେଳେ ଗୋଟିଏ ଗୁଳି ସୁଶାନ୍ତର ବାମ ଗୋଡ଼ରେ ବାଜିବାରୁ ସେ ଆହତ ହୋଇ ତଳେ ପଡ଼ିଯାଇଥିଲା। ଅନ୍ୟପଟେ ସାଙ୍ଗରେ ଥିବା ପ୍ରଫୁଲ୍ଲ ପୁଲିସ ଉପରକୁ ଆକ୍ରମଣ କରିବାରୁ ତାକୁ କାବୁ କରାଯାଇଥିଲା। ପୁଲିସ ଘଟଣାସ୍ଥଳରୁ ୨ଟି ବାଇକ୍ ଜବତ କରିଛି। ସୁଶାନ୍ତ ପୂର୍ବରୁ ଅଙ୍ଗାରୁଆ ହାଟରେ ପୁଲିସକୁ ଗୁଳି କରି ଫେରାର୍ ଥିବାନେଇ ତାଳଚେର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ତା' ନାମରେ ଯାଜପୁର, ଢେଙ୍କାନାଳ, ଅନୁଗୁଳ ଓ ଦେବଗଡ଼ ଜିଲ୍ଲାରେ ବିଭିନ୍ନ ଅପରାଧିକ ମାମଲା ରହିଥିବାବେଳେ ୮ଟି ୱାରେଣ୍ଟ ରହିଥିବା ନେଇ ଅତିରିକ୍ତ ଏସ୍‌ପି ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ଭରତଚନ୍ଦ୍ର ସାହୁ ଓ ସ୍ୱତନ୍ତ୍ର ସ୍କ୍ୱାର୍ଡ ପୁଲିସ୍ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବ୍ରାହ୍ମଣୀ ବଞ୍ଚାଅ ଅଭିଯାନ ପକ୍ଷରୁ ମୁଖ୍ୟଯନ୍ତ୍ରୀଙ୍କୁ ଦାବିପତ୍ର

**ଧର୍ମଶାଳା,୩।୪/ଏନ୍‌ଏନ୍‌ଏସ୍:** ଧର୍ମଶାଳା ବ୍ଲକ୍ ବ୍ରାହ୍ମଣୀ ବଞ୍ଚାଅ ଅଭିଯାନ କମିଟି ପକ୍ଷରୁ ଆବାହକ କିଶାନ ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ୍ ଜଳ ସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀ ବିଘ୍ନରାଜ ପୁରୋହିତଙ୍କୁ ଚଣ୍ଡିଖୋଲସ୍ଥିତ କାର୍ଯ୍ୟାଳୟରେ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ୧୨ ବର୍ଷ ପୂର୍ବରୁ ବ୍ରାହ୍ମଣୀ ବଞ୍ଚାଅ ଅଭିଯାନ ଧର୍ମଶାଳା ଓ ବରୀରେ ମୁଣ୍ଡ ଟେକିଥିଲା। ପୁନଶ୍ଚ ଆବାହକ ଶ୍ରୀ ପଣ୍ଡାଙ୍କ ନେତୃତ୍ୱରେ ବ୍ରାହ୍ମଣୀ ବଞ୍ଚାଅ ଅଭିଯାନ କ୍ରିୟାଶୀଳ ହୋଇଛି। ଜେନାପୁର, ଯୋକଡ଼ିଆ ଓ ବେଦୀପୁରରେ ବ୍ୟାରେଜ୍ ନିର୍ମାଣ କରିବାକୁ ଦାବି କରାଯାଇଛି। ଏହି ଅଭିଯାନରେ ଶ୍ରୀ ପଣ୍ଡାଙ୍କ ସମେତ ବରିଷ୍ଠ କଂଗ୍ରେସ ନେତା ସୁରେଶ ସାହାଣୀ, କୃଷକ ନେତା ବସନ୍ତ କୁମାର ପରିଡ଼ା, ବ୍ଲକ୍ ସଂଯୋଜକ ପ୍ରଫୁଲ୍ଲ କୁମାର ରାୟ, ପୂର୍ବତନ ସମିତିସଭ୍ୟ ନକୁଳ ଜେନା, ଦଳିତ ସେଲ୍ ସଭାପତି ବାବୁଲି ମଲିକ, ଯୁବନେତା ସଞ୍ଜୟ



କୁମାର ରାଉତ ଓ ଗଗନ ବିହାରୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପଟେ ବ୍ୟାରେଜ୍ ନିର୍ମାଣ ହେବା ନେଇ ସର୍ଭେ ଚାଲିଛି ଏବଂ ଜେନାପୁର ଯୋକାଡ଼ିଆ ସମେତ ଯାଜପୁରରେ ୭ଟି ଷ୍ଟ୍ରକଚର୍ ନିର୍ମାଣ ହୋଇଛି ବୋଲି ବିଭାଗୀୟ ଯନ୍ତ୍ରୀ ବିଘ୍ନରାଜ ପୁରୋହିତ କହିଛନ୍ତି। ସର୍ଭେ ପରେ ବ୍ୟାରେଜ୍ କାମ ଆରମ୍ଭ ହେବ ବୋଲି ଶ୍ରୀ ପୁରୋହିତ ଆଶା ପ୍ରକାଶ କରିଛନ୍ତି। କମିଟିର ଦାବି ପୂରଣ ନହେବା ଯାଏଁ ବ୍ରାହ୍ମଣୀ ବଞ୍ଚାଅ ଅଭିଯାନକୁ ଜୋରଦାର୍ କରାଯିବ ବୋଲି ଅଭିଯାନର ଆବାହକ ଶ୍ରୀ ପଣ୍ଡା କହିଛନ୍ତି।

## ପ୍ରଥମ ପୃଷ୍ଠାରୁ

### ଶିଳ୍ପପତି, ଶ୍ରମିକ ...

କର୍ମଚାରୀ ନିବାସ ଯୋଜନାରେ ଘର ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଉଛି। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ କାମ କରୁଥିବା ୧୫ରୁ ୨୦ ହଜାର ଶ୍ରମିକଙ୍କ ପାଇଁ ୫ଟି ହଷ୍ଟେଲ୍ କରାଯିବ। ଏହା ସହିତ ଆୟୁଷ୍ମାନ ଭାରତ ଯୋଜନାରେ ସ୍ୱାସ୍ଥ୍ୟସେବାର ବ୍ୟବସ୍ଥା କରାଯାଇଛି। ମୁଖ୍ୟମନ୍ତ୍ରୀ ଉପସ୍ଥିତ ଶିଳ୍ପପତି ଓ ଶ୍ରମିକମାନଙ୍କୁ ଆହ୍ୱାନ ଦେଇ କହିଥିଲେ ଯେ ଶିଳ୍ପପତି, ଶ୍ରମିକ ଓ ସରକାର ଏହି ତିନି କ୍ଷେତ୍ର ମଧ୍ୟରେ ସମନ୍ୱୟ ରହିଲେ ପ୍ରଗତି ଆସିବ।

ଶିଳ୍ପ ତଥା ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ, ଆଜି ଓଡ଼ିଶାରେ ଲୋକମାନେ ଅନୁଭବ କଲେଣି ଯେ ଲୋକଙ୍କ ମୁଖ୍ୟମନ୍ତ୍ରୀ ଲୋକଙ୍କ ସହ ଯୋଡ଼ିହୋଇ ଅଛନ୍ତି ଓ ଓଡ଼ିଶାର ସମୃଦ୍ଧି ପାଇଁ ଦିନରାତି ଏକକରି କାମ କରୁଛନ୍ତି। ଉତ୍କର୍ଷ ଓଡ଼ିଶା ଆୟୋଜନର ୨ ମାସ ମଧ୍ୟରେ ଆଜି ଏଠାରେ ଶିଳ୍ପ ପ୍ରତିଷ୍ଠା ହେବାକୁ ଯାଉଛି। ଏସବୁ ଶିଳ୍ପପତିମାନଙ୍କ ସହିତ ମୁଖ୍ୟମନ୍ତ୍ରୀ ଉତ୍କର୍ଷ ଓଡ଼ିଶା ଆୟୋଜନ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ରୋଡ୍ ସୋ'ରେ କଥାବାର୍ତ୍ତା ହୋଇଥିଲେ। ଏସବୁ ଶିଳ୍ପାନୁଷ୍ଠାନଗୁଡ଼ିକରେ ସ୍ଥାନୀୟ ଯୁବଗୋଷ୍ଠୀ ଅଧିକ ନିଯୁକ୍ତି ପାଇବେ। ବରୁଣ ବେଭରେଜ୍‌ର ଏହି ପେପ୍‌ସି ପ୍ଲାଣ୍ଟ ପ୍ରତିଷ୍ଠା ଦ୍ୱାରା ଆଗାମୀ ଦିନରେ ଆହୁରି ଅନେକ ବେଭରେଜ୍ କମ୍ପାନୀ ମଧ୍ୟ ଏଠାରେ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଆସିବେ। ଓଡ଼ିଶାକୁ ଏକ ଶିଳ୍ପ ସମୃଦ୍ଧ ରାଜ୍ୟ ଭାବେ ଗଢ଼ିତୋଳିବା ପାଇଁ ଆମ ମୁଖ୍ୟମନ୍ତ୍ରୀ ଲକ୍ଷ୍ୟ ରଖିଛନ୍ତି। ଆମ ସରକାର ଯାହା କଥା ଦିଅନ୍ତି ତାହା ରଖନ୍ତି।

କାର୍ଯ୍ୟକ୍ରମରେ ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଯୋଗଦେଇଥିଲେ। ଶିଳ୍ପବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ ଓ ଜିଲ୍ଲାପାଳ ଚଞ୍ଚଳ ରାଣା ଧନ୍ୟବାଦ ଅର୍ପଣ କରିଥିଲେ।

### ଧାର୍ଯ୍ୟ ୩ ଦିନ ପୂର୍ବରୁ ...

ହୋଇଥିଲା। ବଜେଟ୍ ଆଲୋଚନା ପରେ ଗୃହକୁ ମୁଲତବୀ ଘୋଷଣା କରଥିଲେ ବାଚସ୍ପତି ସୁରମା ପାଢ଼ୀ। ରାଜ୍ୟପାଳ ଡ. ହରିବାବୁ କମ୍ଭମପତିଙ୍କ ପ୍ରଥମ ଦିନରେ ନିଜର ଅଭିଭାଷଣ ରଖିଥିଲେ। ଫେବ୍ରୁଆରୀ ୧୭ରେ ୨୦୨୫-୨୬ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ୧୮ରେ ସରକାରୀ କାର୍ଯ୍ୟଦିବସ ଥିବାବେଳେ ୧୯ରେ ପ୍ରାଇଭେଟ୍ ମେମ୍ବର୍ସ ବିଜିନେସ୍ ଏବଂ ୨୦ ଓ ୨୧ରେ ବଜେଟ୍ ଉପରେ ବିସ୍ତୃତ ସାଧାରଣ ଆଲୋଚନା ହୋଇଥିଲା। ତେବେ ଗୃହ ସୁରୁଖୁରୁରେ ଚାଲିବା ପାଇଁ ବାଚସ୍ପତି ସବୁ ଦଳର ବିଧାୟକଙ୍କୁ ସର୍ବଦଳୀୟ ବୈଠକରେ ଅପିଲ କରିଥିଲେ। ଏହା ସତ୍ତ୍ୱେ ଆରମ୍ଭରୁ ଗୃହ ସରଗରମ୍ ହୋଇଥିଲା। ପୁଣି ଦ୍ୱିତୀୟ ପର୍ଯ୍ୟାୟରେ ଗୃହ କାର୍ଯ୍ୟ ମାର୍ଚ୍ଚ ୭ରୁ ଆରମ୍ଭ ହୋଇଥିଲା। ତାହା ଏପ୍ରିଲ ୫ ଯାଏ ଚାଲିବା କଥା। ମାତ୍ର ତାହା ଚାଲିପାରି ନଥିଲା। ତିନିଦିନର କାର୍ଯ୍ୟ ଦିବସ ପୂର୍ବରୁ ଗୃହ ବନ୍ଦ ହୋଇଛି।

ରାଜ୍ୟ ସରକାର ବ୍ୟୟମଞ୍ଜୁରୀ ବିଲ୍ ସହ ୩ଟି ବିଲ୍ ଉପସ୍ଥାପନ କରି ପାରିତ କରାଇ ନେଇଛନ୍ତି। ଭୋର୍ ୪ଟା ୨୯ ମିନିଟ୍‌ରେ 'ଓଡ଼ିଶା ବିଶ୍ୱବିଦ୍ୟାଳୟ(ସଂଶୋଧନ) ବିଲ୍ ପାରିତ ହୋଇଥିଲା। ଉକ୍ତ ବିଲକୁ ସିଲେକ୍ଟ କମିଟିକୁ ଯାଉ ବୋଲି ବିଜେଡି ସଭ୍ୟମାନେ ଦାବି କରିଥିଲେ। ସେହିପରି ସକାଳ ୬ଟା ୨୫ମିନିଟ୍‌ରେ 'ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ ବିଲ୍-୨୦୨୫' ଗୃହୀତ ହୋଇଛି। ଏଥିସହ ୨୨ଟି ବିଭାଗର ଖର୍ଚ୍ଚଦାବି ଆଲୋଚନା ହୋଇଥିବାବେଳେ ୭ଟି ମୁଲତବୀ ଆଲୋଚନା, ୪ଟି ସିଏଜି ରିପୋର୍ଟ ଉପସ୍ଥାପନ, ୫୬୫୫ଟି ଅଣତାରକା ପ୍ରଶ୍ନର ଲିଖିତ ଉତ୍ତର ସରକାର ଦେଇଥିଲେ।

ତେବେ ବିଧାନସଭାକୁ ହଠାତ୍ ବନ୍ଦ୍ ନିଷ୍ପତ୍ତିକୁ ନାପସନ୍ଦ କରିଛି କଂଗ୍ରେସ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଛନ୍ତି, ସରକାର ପଳାୟନପନ୍ଥୀ ସାଜିଛନ୍ତି। ରାଜ୍ୟରେ ନାରୀ ନିର୍ଯାତନା ବଢ଼ିଚାଲିଛି। ସେଥିପାଇଁ ଗୃହକମିଟି ଗଠନ ପାଇଁ ଆମେ ଦାବି କରିଥିଲୁ। ସରକାର ଓ ମୁଖ୍ୟମନ୍ତ୍ରୀ ସେଥିପ୍ରତି ଧ୍ୟାନଦେଲେନି। ପ୍ରତିବାଦ କରିବାରୁ ଆମର ସମସ୍ତ ୧୪ଜଣ ବିଧାୟକଙ୍କୁ ନିଲମ୍ବନ କଲେ। ସରକାର ଆମକୁ ବିଧାନସଭା ଭିତରେ ପୁରାଇ ଦେଲେ ନାହିଁ। ବିଧାନସଭା ଭିତରେ ବନ୍ଦକରି ମାଡ଼ ମାରିଲେ। ଅତୀତରେ କୌଣସି ସରକାର ଏଭଳି କରିନାହାନ୍ତି। ରାତିଅଧରେ ଟେକି ବାହାରକୁ ଫିଙ୍ଗିଦେଲେ। ଆମେ ଏବେ ବି ସମାନ ଦାବି ଦୋହରାଉଛୁ। ଗୃହ କମିଟି ଗଠନ କରି ମହିଳାଙ୍କ ନିର୍ଯାତନାର ଯାଞ୍ଚ କରାନ୍ତୁ ବୋଲି ସେ ଦାବି କରିଛନ୍ତି।

### ରାଜ୍ୟସଭାରେ ଆଗତ ...

ପ୍ରତ୍ୟାହାର କରିବା ଠିକ୍। ଏହା ମୁସଲମାନମାନଙ୍କ ପାଇଁ ଠିକ୍ ନୁହେଁ। ଏହା ସମ୍ବିଧାନ ବିରୁଦ୍ଧ। ମୁସଲିମ୍ ତଥା ଦେଶର ସଂଖ୍ୟାଲଘୁଙ୍କ ଅଧିକାରକୁ କ୍ଷୁଣ୍ଣକରିବା ଦିଗରେ ସରକାର ପ୍ରୟାସ କରୁଛନ୍ତି ବୋଲି ଖର୍ଗେ ଅଭିଯୋଗ କରିଛନ୍ତି।

ୱାକଫ୍ (ସଂଶୋଧନ) ବିଲ୍, ୨୦୨୫ ରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ପାରିବାରିକ ୱାକଫ୍ (ୱକଫ୍-ଅଲ-ଉଲାଦ୍) ଅଧୀନରେ ମହିଳାଙ୍କ ଉତ୍ତରାଧିକାରର ସୁରକ୍ଷା। ଏହି ବିଲ୍‌ରେ କୁହାଯାଇଛି ଯେ ମହିଳା ଉତ୍ତରାଧିକାରୀମାନେ ଉତ୍ତରାଧିକାରରେ ସେମାନଙ୍କର ଉଚିତ୍ ଅଂଶପାଇବା ସୁନିଶ୍ଚିତ ହେବା ପରେ ହିଁ ୱାକଫ୍ ସମ୍ପତ୍ତି ସମର୍ପଣ କରାଯାଇପାରିବ। ଏହି ବ୍ୟବସ୍ଥା ଉତ୍ତରାଧିକାର ଆଇନର ଅବମାନନା ସମ୍ବନ୍ଧୀୟ ଦୀର୍ଘଦିନର ଚିନ୍ତାକୁ ସିଧାସଳଖ ସମାଧାନ କରେ, ଯାହା ପ୍ରାୟତଃ ମହିଳାମାନଙ୍କୁ କ୍ଷତି ପହଞ୍ଚାଇଥାଏ। ଧାରା ୩ ଏ (୨) କୁ ଲାଗୁକରି, ଏହି ବିଲ୍ ସୁନିଶ୍ଚିତ କରେ ଯେ ୱାକଫ୍ ସମ୍ପତ୍ତି ସୃଷ୍ଟିହେବା ପୂର୍ବରୁ ମହିଳାମାନଙ୍କୁ ସେମାନଙ୍କ ଯଥାର୍ଥ ଦାବିରୁ ବଞ୍ଚିତ କରାଯିବ ନାହିଁ। ଏହି ବିଲ୍ ବିଧବା, ଛାଡ଼ପତ୍ରପ୍ରାପ୍ତ ମହିଳା ଏବଂ ଅନାଥଙ୍କ ପାଇଁ ଆର୍ଥିକ ସହାୟତା ଅନ୍ତର୍ଭୁକ୍ତ କରିବା ପାଇଁ ୱାକଫ୍-ଅଲ୍-ଉଲାଦର ପରିସରକୁ ବିସ୍ତାର କରେ। ଏତଦ୍‌ବ୍ୟତୀତ ୱାକଫ୍ ପରିଚାଳନାରେ ରହିଥିବା ସମସ୍ୟାକୁ ସମାଧାନ କରିବା ଲାଗି ଏହି ବିଲ୍‌ରେ ଆବଶ୍ୟକୀୟ ବ୍ୟବସ୍ଥିତ ସଂସ୍କାର ସମ୍ପର୍କରେ ମଧ୍ୟ ପ୍ରାବଧାନ କରାଯାଇଛି। ୱାକଫ୍ (ସଂଶୋଧନ) ବିଲ୍ ୨୦୨୫ରେ ଏହି ସଂସ୍କାର ଆଣିବାର ବ୍ୟବସ୍ଥା ରହିଛି। ସଂଶୋଧିତ ଆଇନ ପାରଦର୍ଶିତା, ଉତ୍ତରଦାୟିତ୍ୱ ଏବଂ ଆଇନଗତ ନିରୀକ୍ଷଣ ସୁନିଶ୍ଚିତ କରିବ, ୱାକଫ୍ ସମ୍ପତ୍ତି ଅଣ-ମୁସଲମାନ ଏବଂ ଅନ୍ୟ ଅଂଶୀଦାରମାନଙ୍କର ଅଧିକାରକୁ ଉଲ୍ଲଂଘନ ନକରି ନିଜର ଧାର୍ମିକ ଉଦ୍ଦେଶ୍ୟ ପୂରଣ କରିପାରିବ ବୋଲି ସରକାର କହିଛନ୍ତି।

## ପାଟକୁରା ସରକାରୀ ହାଇସ୍କୁଲ୍‌ର ବାର୍ଷିକ ଉତ୍ସବ

**ପାଟକୁରା,୩।୪/ଏନ୍‌ଏନ୍‌ଏସ୍:** ପାଟକୁରା ସରକାରୀ ହାଇସ୍କୁଲ୍‌ର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ମଳୟ କୁମାର ପାଣିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍କୁଲ୍‌ର ପୂର୍ବତନ ପ୍ରଧାନଶିକ୍ଷକ ମନମୋହନ କାନୁନଗୋ, ମୁଖ୍ୟବକ୍ତା ଭାବେ ଗରଦପୁର ବିଇଓ ଅଜୟ କୁମାର ସେଠୀ, ସମ୍ମାନିତ ବକ୍ତା ଭାବେ ସ୍କୁଲ୍‌ର ପ୍ରାକ୍ତନ ଛାତ୍ର ପ୍ରଫେସର୍ ବୈଷ୍ଣବ ଚରଣ ମହାନ୍ତି, କେନ୍ଦ୍ରାପଡ଼ା ଜିଲ୍ଲା ଓଷ୍ଟା ସଭାପତି ଅଶୋକ କୁମାର ପରିଡ଼ା, ପ୍ରାକ୍ତନ ପ୍ରଧାନଶିକ୍ଷକ ବଟକୃଷ୍ଣ ସାହୁ, ଓଷ୍ଟା ସମ୍ପାଦକ ଭଗବାନ ସାହ ଓ ସମ୍ମାନିତ ଅତିଥିଭାବେ ପାଟକୁରା ସରପଞ୍ଚ ଗୀତାଞ୍ଜଳୀ ମହାନ୍ତି, ସମିତିସଭ୍ୟ ରାକେଶ ମହାପାତ୍ର, ସ୍କୁଲ୍ ପରିଚାଳନା କମିଟି ସଭାପତି ଅମରେନ୍ଦ୍ର ସାହୁ ଯୋଗଦେଇ ସ୍କୁଲ୍‌ର ବିଭିନ୍ନ ସମସ୍ୟା ଓ ଏବେ ହୋଇଥିବା ଉନ୍ନତିକରଣ ସମ୍ପର୍କରେ ସୂଚନା ଦେଇଥିଲେ। ପୂର୍ବରୁ ହୋଇଥିବା ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ



ମାନପତ୍ର ପ୍ରଦାନ କରାଯାଇଥିଲା। ସେହିପରି ଏହି ସ୍କୁଲ୍‌ର ପ୍ରାକ୍ତନ ପ୍ରଧାନଶିକ୍ଷକ ମନମୋହନ କାନୁନ୍‌ଗୋ, ବଟକୃଷ୍ଣ ସାହୁ, ଶିକ୍ଷକ ଉମାକାନ୍ତ ଓଝା ଓ ସରୋଜିନୀ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍କୁଲ୍‌ର ଛାତ୍ର ଦିବ୍ୟଦର୍ଶନ ଖୁଣ୍ଟିଆ ଓ ପାୟଲ ପ୍ରିୟଦର୍ଶିନୀ ଚାମ୍ପିଅନ୍ ଓ ଜୁନିୟର ଚାମ୍ପିଅନ୍ ଶୁଭାଂଶୁ ଦାସ ପୁରସ୍କୃତ ହୋଇଥିଲେ। ୧୦ମ ପରିକ୍ଷାରେ ସର୍ବୋଚ୍ଚ ନଂ ରଖିଥିବା ହରିପ୍ରିୟା ବେହେରାଙ୍କୁ ଟ୍ରଫି ସହ ୧୨ ହଜାର, ଚିତ୍ତରଞ୍ଜନ ସାମନ୍ତରାୟଙ୍କୁ ୧୦ ହଜାର ଓ ୩ୟ ସ୍ଥାନରେ ଥିବା ପ୍ରିୟଦର୍ଶିନୀ ସାହୁଙ୍କୁ ୮ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହି ସ୍କୁଲ୍‌ର ଶିକ୍ଷକ ରାଜୀବ ଡାଲୁଆ, ସୁଧାଂଶୁ ଶେଖର ସାହୁ, ଲକ୍ଷ୍ମୀପ୍ରିୟା ସାମଲ ଓ ଇତିଶ୍ରୀ ପ୍ରିୟଦର୍ଶିନୀ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ରାଜା ମହାରାଜ ଧନ୍ୟବାଦ ଦେଇଥିଲେ।

## ରାମ ନବମୀ ପାଇଁ ସୋର ପୁଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ

**ସୋର,୩।୪/ଏନ୍‌ଏନ୍‌ଏସ୍:** ଶ୍ରୀରାମ ନବମୀକୁ ଶାନ୍ତି ଶୃଙ୍ଖଳା ସହ ପାଳନ କରିବା ପାଇଁ ସୋର ପୁଲିସ ପକ୍ଷରୁ ସୋରରେ ଦ୍ୱିତୀୟଥର ପାଇଁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ବାଲେଶ୍ୱର ଏସ୍‌ପିଙ୍କ ନିର୍ଦ୍ଦେଶମୂଳେ ଅତିରିକ୍ତ ଏସ୍‌ପି ନିରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ସୋର ଥାନାଧିକାରୀ ସୁଦୀପ୍ତ ସାହୁଙ୍କ ନେତୃତ୍ୱରେ ଏହି ଫ୍ଲାଗମାର୍ଚ୍ଚ ଅନୁଷ୍ଠିତ ହୋଇଥିଲା। ଏଥିରେ ସୋର ଥାନାର ସମସ୍ତ ଅଧିକାରୀ, ୩ ପ୍ଲାଟୁନ୍ ରାପିଡ୍ ଆକ୍ସନ ଫୋର୍ସ ଓ ୩ ପ୍ଲାଟୁନ୍ ସିଆର୍‌ପିଏଫ୍ ଯବାନ ସାମିଲ ହୋଇଥିଲେ। ଏଥିରେ ଦଙ୍ଗା ନିୟନ୍ତ୍ରଣ ଯାନ 'ବଜ୍ର' ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ଏହି ଫ୍ଲାଗମାର୍ଚ୍ଚ ସୋର ପୌରପାଳିକା ଅନ୍ତର୍ଗତ ଆଶ୍ରମ ଛକରୁ ବାହାରି ଡାକ୍ତରଖାନା ଛକ, ଅଡ଼ଙ୍ଗ ବଜାର ଓ ଛତ୍ରପୁର ଦେଇ ବାମ୍ଫି ଛକ ହୋଇ ସୋର କୋର୍ଟ ଛକ ପର୍ଯ୍ୟନ୍ତ ଯାଇଥିଲା। ଏହି ସମୟରେ ବିଭିନ୍ନ ସମ୍ବେଦନଶୀଳ ସ୍ଥାନକୁ ଚିହ୍ନଟ କରାଯାଇଥିଲା। ଆଗାମୀ ରାମ ନବମୀକୁ ଶାନ୍ତିଶୃଙ୍ଖଳା, ସଦ୍‌ଭାବନା ଓ ଭାଇଚାରା ସହ ଶେଷ କରିବାକୁ ଲୋକଙ୍କ ସହଯୋଗ ଲୋଡ଼ା ଯାଇଥିଲା। ଯେକୌଣସି ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ସଜାଗ ଥିବା ନେଇ ଅତିରିକ୍ତ ଏସ୍‌ପି ଶ୍ରୀ ବେହେରା ସୂଚନା ଦେଇଛନ୍ତି।

## ସନ୍ଦେହଘେରରେ ବୃଦ୍ଧଙ୍କ ମୃତ୍ୟୁ

**ସୋର,୩।୪/ଏନ୍‌ଏନ୍‌ଏସ୍:** ସୋର ପୌରପାଳିକା ଅନ୍ତର୍ଗତ କମରପୁର ଗ୍ରାମର ଜଣେ ବୃଦ୍ଧ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ଜଣକ ହେଲେ ରଞ୍ଜିତ ଘଡ଼େଇ। ଗୁରୁବାର ସକାଳେ ପରିବାର ଲୋକେ ରଞ୍ଜିତଙ୍କୁ ଘରେ ଲାଗିଥିବା ଏକ ଲୁହା ଆଙ୍ଗେଲ୍‌ରେ ବେକରେ ଲୁଙ୍ଗି ବାନ୍ଧି ଝୁଲୁଥିବା ଦେଖି ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରି ସୋର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସୋର ପୁଲିସ ଡାକ୍ତରଖାନାରେ ପହଞ୍ଚି ଏକ ମାମଲା ରୁଜୁ କରି ଶବ ଜବତ କରିଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## କୁରୁଣିଆ ଶିକ୍ଷା ପରିସରର ପୁରସ୍କାର ବିତରଣ ଉତ୍ସବ

**ବାଲେଶ୍ୱର,୩।୪/ଏନ୍‌ଏନ୍‌ଏସ୍:** ରେମୁଣା ଏନ୍‌ଏସି ଅନ୍ତର୍ଗତ କୁରୁଣିଆ ଶିକ୍ଷା ପରିସର(ପୂର୍ଣ୍ଣଚନ୍ଦ୍ର ନୋଡାଲ୍ ସ୍କୁଲ୍ ଏବଂ କୁରୁଣିଆ ହାଇସ୍କୁଲ)ର ୨୭ତମ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନୋଡାଲ୍ ସ୍କୁଲ୍‌ର ପ୍ରାକ୍ତନ ପ୍ରଧାନଶିକ୍ଷକ ଶ୍ରୀଧର ଘୋଷଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ତନୁଜା ଗିରି, ମୁଖ୍ୟବକ୍ତା ଭାବେ ଫକୀରମୋହନ ସାହିତ୍ୟ ପରିଷଦର ସମ୍ପାଦକ ତଥା ବଲାଙ୍ଗୀ ଡିଗ୍ରୀ କଲେଜ ଅଧ୍ୟକ୍ଷ ଡ. ରତ୍ନାକର ସିଂହ, ସମ୍ମାନିତ ଅତିଥିରୂପେ ଦାମୋଦର ମହାଳିକ, ସୁଧିର



କୁମାର ମହାଳିକ, ମହେଶ୍ୱର ପ୍ରଧାନ, କରୁଣାକର ମହାନ୍ତି, ଜ୍ୟୋତିର୍ମୟୀ ଆଚାର୍ଯ୍ୟ(ରସଲପୁର ସିଆର୍‌ସିସି), ବଳରାମ ନାୟକ(ବିଆର୍‌ସିସି ତଥା ଏବିଇଓ), ଶୈଳବାଳା ବେହେରା(ଅବସରପ୍ରାପ୍ତ ବିଆର୍‌ସିସି ତଥା ଏବିଇଓ), ବିମଳ କୁମାର ନାୟକ(ରେମୁଣା ଥାନାଧିକାରୀ), ମନୋଜ କୁମାର ପାଢ଼ୀ(ବରିଷ୍ଠ ପରିଚାଳକ ତଥା ଲୋକସମ୍ପର୍କ ଅଧିକାରୀ), ଶକୁନ୍ତଳା ମିଶ୍ର(୧ ନମ୍ବର କାଉନସିଲର) ଓ ସସ୍ମିତା ଟୁଙ୍ଗ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀମାନେ ଦେଶର ଭବିଷ୍ୟତ ଓ ସମସାମୟିକ ବ୍ୟବସ୍ଥା ମଧ୍ୟରେ ପିଲାମାନେ ଭଲ ପାଠ ପଢ଼ିବା ସହ ନିଜ ଅଞ୍ଚଳର ବିକାଶରେ ଯୋଗଦାନ ରହିବା ଆବଶ୍ୟକ ବୋଲି ମଞ୍ଚାସୀନ ଅତିଥିବୃନ୍ଦ ମତପ୍ରକାଶ କରିଥିଲେ। ଶିକ୍ଷକ ପ୍ରଦୀପ ସାହୁ ଧନ୍ୟବାଦ ଦେଇଥିଲେ।

## ବିପ୍ଲବୀ ଧରଣୀଧରଙ୍କ ଜନ୍ମପୀଠରେ ଭାଷା ସାହିତ୍ୟ ଗବେଷକ

**କେନ୍ଦୁଝର,୩।୪/ଏନ୍‌ଏନ୍‌ଏସ୍:** ସ୍ୱାଧୀନତାର ମହାନାୟକ ବିପ୍ଲବୀ ଧରଣୀଧରଙ୍କ ଉପରେ ଏକ ଗବେଷଣାଧର୍ମୀ ପୁସ୍ତକ ରଚନା କରିବା ପାଇଁ ଓଡ଼ିଆ ଭାଷା ସାହିତ୍ୟ ଗବେଷକ କେନ୍ଦୁଝରଗଡ଼ ଅନ୍ତର୍ଗତ ଧରଣୀଧରଙ୍କ ଜନ୍ମପୀଠ କୁସୁମିତା ଗ୍ରାମକୁ ଯାଇଥିଲେ। ଏଥିରେ 'ସହସ୍ର' ପୁସ୍ତକର ସ୍ରଷ୍ଟା ପଣ୍ଡିତ ଦୈତାରୀ ମହାପାତ୍ର ଖଣ୍ଡାଧାର ସମ୍ବାଦ ଓ ଫିଚର୍ ପତ୍ରିକାର ପରିଚାଳନା ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ଓ ସଂଗ୍ରାହକ ଡମ୍ବରୁଧର ମହାନ୍ତ ଉପସ୍ଥିତ ଥିଲେ। ବିପ୍ଲବୀ ଧରଣୀଧର ଆଞ୍ଚଳିକ ବିକାଶ କମିଟିର ସଭାପତି ନିଶାକର ନାଏକ ଓ ସମ୍ପାଦକ ନିରାକାର ନାଏକ ଉପସ୍ଥିତ ରହି ସମସ୍ତ ସହଯୋଗ କରିଥିଲେ। ଧରଣୀଧରଙ୍କ ନାତି ପବିତ୍ରମୋହନ ନାଏକ ରାଇସୁଆଁ ଏବଂ କୁସୁମିତାର ସମସ୍ତ ଗବେଷଣା କ୍ଷେତ୍ର ପରିଦର୍ଶନ କରାଇଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ତଥା ଗବେଷକ



ନବକିଶୋର ଗିରି, ଗାଁ ବଞ୍ଚାଅ ଆନ୍ଦୋଳନର ରାଷ୍ଟ୍ରୀୟ ଅଧ୍ୟକ୍ଷ ତୁଳସୀରାମ ଜଗତ ଓ ଝୁମ୍ପୁରା ବ୍ଲକ୍ ଅନ୍ତର୍ଗତ ଗୁମୁରା ପଞ୍ଚାୟତର ସରପଞ୍ଚ ତପନ କୁମାର ନାଏକ ଉପସ୍ଥିତ ରହି କ୍ଷେତ୍ର ପରିଦର୍ଶନ କରିଥିଲେ। ଗବେଷକ ଅଧିକ ଗବେଷଣା ପାଇଁ ବିପ୍ଲବୀ ଧରଣୀଧର ଉଚ୍ଚ ବିଦ୍ୟାଳୟ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଦର୍ଶନ କରି ଧରଣୀଧରଙ୍କ ଜନ୍ମପୀଠକୁ ଯାଇ ତାଙ୍କ ବଂଶଧର ଲୋକଙ୍କ ସହିତ ମିଶି ବହୁ ଅନାଲୋଚିତ ତଥ୍ୟ ସଂଗ୍ରହ କରିଥିଲେ। ପରେ କୁସୁମିତା ଗ୍ରାମର ଦେହୁରୀ କୀର୍ତ୍ତନ ନାଏକ, ଭକ୍ତବନ୍ଧୁ ଦେହୁରୀ ଓ ଗ୍ରାମବାସୀଙ୍କ ପ୍ରତ୍ୟକ୍ଷ ସହଯୋଗରେ ବିବିଧ ଶାଳ ପୂଜାର ପରମ୍ପରା, ପ୍ରକୃତି ପୂଜା, ଲୋକ ଜୀବନ, ଲୋକ ଭାଷା ଓ ଲୋକ ଗୀତ ଉପରେ ବହୁ ତଥ୍ୟ ସଂଗ୍ରହ କରିଥିଲେ। ଧରଣୀଧରଙ୍କ ଉପରେ ଖୁବ୍‌ଶୀଘ୍ର ଏକ ଗବେଷଣାଧର୍ମୀ ପୁସ୍ତକ ପ୍ରକାଶ ପାଇବ ବୋଲି ସାମ୍ବାଦିକ ଏବଂ ଉପସ୍ଥିତ ବୁଦ୍ଧିଜୀବିଙ୍କୁ ପଣ୍ଡିତ ମହାପାତ୍ର କହିଛନ୍ତି। ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାୟକ ପଣ୍ଡିତଙ୍କ ଏପରି ଗବେଷଣାତ୍ମକ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ।

# 'ପିଲାଙ୍କ ମନରେ ଉତ୍ସାହ ଭରିଥାଏ ବାର୍ଷିକ ଉତ୍ସବ'

**ନୟାଗଡ଼,୩।୪/ଏନ୍ଏନ୍ଏସ୍:** ଶିଶୁମାନଙ୍କ ମଧ୍ୟରେ ଅନ୍ତର୍ନିହିତ ଥିବା ଲୁକ୍କାୟିତ ପ୍ରତିଭା ବାର୍ଷିକୋତ୍ସବ ପାଳନ ମାଧ୍ୟମରେ ପରିସ୍ଫୁଟିତ ହେବା ସହିତ ପିଲାଙ୍କ ମନରେ ଭରିଥାଏ ଉତ୍ସାହ। ପିଲାମାନଙ୍କ ଶିକ୍ଷଣ ଦକ୍ଷତା ବ୍ୟତୀତ ସେମାନଙ୍କ ମଧ୍ୟରେ ଥିବା କଳା, ସାହିତ୍ୟ, ସଂସ୍କୃତି, ସଙ୍ଗୀତ, ଅଭିନୟ ଆଦିରେ ରହିଥିବା ଦକ୍ଷତା ପ୍ରତିପାଦନ କରିବା ପାଇଁ ବାର୍ଷିକ ଉତ୍ସବ ଏକ ପ୍ରକୃଷ୍ଟ ମାଧ୍ୟମ ବୋଲି ନୟାଗଡ଼ ବ୍ଲକ ଅନ୍ତର୍ଗତ ଇଟାମାଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକଉତ୍ସବରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଆୟୋଜିତ ବାର୍ଷିକୋତ୍ସବ ସଭାରେ ମୁଖ୍ୟଅତିଥି ଭାବେ ଇଟାମାଟି ସରପଞ୍ଚ ସ୍ୱପ୍ନେଶ୍ୱର ସେଠୀ ଯୋଗଦାନ କରିଥିବା ବେଳେ ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ନିମାଇଁ ଚରଣ ପ୍ରଧାନ ଏବଂ ସମ୍ମାନିତ ଅତିଥି ଭାବେ



ରଙ୍ଗନାଥ ବେହେରା, ରମେଶ ଚନ୍ଦ୍ର ପଟ୍ଟନାୟକ, ଚକ୍ରଧର ପଟ୍ଟନାୟକ, ମାଗୁଣି ଚରଣ ଖଣ୍ଡା, ସୁରଜ କୁମାର ସାହୁ, କାର୍ତ୍ତିକେଶ୍ୱର ସେଠୀ, ବାସନ୍ତୀ ସେଠୀ ଏବଂ ସିଆରସିସି ସନ୍ତୋଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆଲୁମିନି କମିଟି ସଭାପତି ଜଗନ୍ନାଥ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ହରପ୍ରିୟା ସ୍ୱାଇଁ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ଅଶୋକ କୁମାର ମଲ୍ଲ ମଞ୍ଚ ପରିଚାଳନା ଏବଂ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ପରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ରାଜେଶ କୁମାର ମିଶ୍ର, କଳ୍ପଲତା ଦେବୀ ଏବଂ ମମତା ମହାପାତ୍ର ପ୍ରମୁଖଙ୍କ ପରିଚାଳନାରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ମଧୁବାବୁଙ୍କ ଜୟନ୍ତୀ ଉତ୍ସବର ଦ୍ୱିତୀୟ ପ୍ରସ୍ତୁତି ବୈଠକ



**ସାଲେପୁର,୩।୪/ଏନ୍ଏନ୍ଏସ୍:** କିଛି ଦିନ ନିରବ ରହିବା ପରେ ଏବେ ନିଜର ଦବଦବା ଦେଖାଇବାକୁ ପ୍ରୟାସ ଆରମ୍ଭ କରିଛନ୍ତି ସାଲେପୁରର ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମ ଜୟନ୍ତୀ ମହାସମାରୋହରେ ପାଳନ କରିବା ସହିତ ନିଜର ଶକ୍ତି ପ୍ରଦର୍ଶନ କରି ଉପସ୍ଥିତି ଜାହିର କରିବାକୁ ସେ ଅଣ୍ଟା ଭିଡ଼ିଛନ୍ତି। ସାଲେପୁର ମଧୁମଣ୍ଡପ ପରିସରରେ ଆୟୋଜିତ ଦ୍ୱିତୀୟ ପ୍ରସ୍ତୁତି ବୈଠକରେ ଆସନ୍ତା ୨୫ରୁ ୨୮ତାରିଖ ପର୍ଯ୍ୟନ୍ତ ଚାରିଦିନ ବ୍ୟାପି ଉତ୍କଳ ଗୌରବ ମଧୁବାବୁଙ୍କ ଜୟନ୍ତୀ ସମାରୋହ ଓ ସାଲେପୁର ମହୋତ୍ସବ ପାଳନ କରାଯିବ ବୋଲି ମଧୁବାବୁ ଜୟନ୍ତୀ କମିଟିର ପ୍ରତିଷ୍ଠାତା ସଭାପତି ତଥା ସାଲେପୁରର ପୂର୍ବତନ ବିଧାୟକ ଶ୍ରୀ ବେହେରା ସୂଚନା ଦେଇଛନ୍ତି। ଏହି ସମାରୋହରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବେ। ଓଡ଼ିଶାର ବହୁ ସୁନାମଧନ୍ୟ କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି କହିଛନ୍ତି। ଏହା ସହିତ ବିଭିନ୍ନ ପଞ୍ଚାୟତରୁ ରାଲି ପରିକ୍ରମା କରିବ ଏବଂ ଆତସବାଜିର କାର୍ଯ୍ୟକ୍ରମ ରହିଛି।

ଏହି ବୈଠକରେ କମିଟିର ସମ୍ପାଦକ ଅଶ୍ୱିନୀ ଦାସ, ଆଡଭୋକେଟ ପ୍ରବୀଣ କାନୁନଗୋ, ସାଲେପୁର ଓକିଲ ସଂଘର ସମ୍ପାଦକ ଭାସ୍କର ଚନ୍ଦ୍ର ବେହେରା, ଶ୍ରୀକାନ୍ତ ପଣ୍ଡା, ଗଣେଶ୍ୱର ବେହେରା, ସରୋଜ କର, ଧ୍ରୁବ ଚରମ ମହାନ୍ତି, ପୂର୍ଣ୍ଣିମା ବସ୍ତିଆ, ବିଜୟଲକ୍ଷ୍ମୀ ଦାଶଙ୍କ ସମେତ ବହୁ କର୍ମକର୍ତ୍ତା ଓ ସଦସ୍ୟମାନେ ନିଜ ନିଜର ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମ କିପରି ସରସ ସୁନ୍ଦର ଓ ଶାନ୍ତିଶୃଙ୍ଖଳା ସହିତ ସମ୍ପନ୍ନ ହେବ ସଭାପତି ଶ୍ରୀ ବେହେରା ଉପସ୍ଥିତ ସମସ୍ତ ସଦସ୍ୟମାନଙ୍କୁ ନିବେଦନ କରିଥିଲେ। ପ୍ରସ୍ତୁତି ବୈଠକକୁ ଆଶୁତୋଷ ପଟ୍ଟନାୟକ, ବିନୀତ ରଞ୍ଜନ ବିଶ୍ୱାଳ, ସନ୍ତୋଷ କୁମାର ଭୂୟାଁ, ଧର୍ମବୀର ଦାଶ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଟ୍ରାଫିକ୍ ଆଇଆଇସିଙ୍କ ଗାଡ଼ିମୋଟର ଯାଞ୍ଚ ଆରମ୍ଭ



**ବାରଙ୍ଗ,୩।୪/ଏନ୍ଏନ୍ଏସ୍:** ଉଚ୍ଚ ଶବ୍ଦ ସୃଷ୍ଟି କରୁଥିବା ବୁଲେଟ୍ ସାଇଲେନ୍ସର ମାଲିକ ଓ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି କଟକ ଆଞ୍ଚଳିକ ପରିବହନ ବିଭାଗ। ଗୁରୁବାର ଅପରାହ୍ନରେ ତ୍ରିଶୂଳିଆ ଛକରେ ଗାଡ଼ିମୋଟର ଯାଞ୍ଚ କରାଯାଇଥିଲା। ଯେଉଁ ବାଇକ ଗୁଡ଼ିକର କାଗଜପତ୍ର ଠିକ୍ ନାହିଁ, ଟ୍ରିପଲ୍ ରାଇଡିଂ, ହେଲମେଟ ପିନ୍ଧିନଥିବା ଚାଳକ, ଫିଟ୍ନେସ୍ ନଥିବା ଗାଡ଼ି ଓ ମଦ୍ୟପାନ କରି ଗାଡି ଚାଳନା କରୁଥିବା ଚାଳକଙ୍କ ଉପରେ ଜୋରିମାନା ଆଦାୟ କରାଯାଇଥିଲା। ଏସିପି ଜୟନ୍ତ ଡୋରା, ଏନ୍ଏଚ୍ ଆଇଆଇସି ଦୁର୍ଗାପ୍ରାସାଦ ଜେନା ଟାଉନ୍ ଟ୍ରାଫିକ ଆଇଆଇସି ସରୋଜ ମଲ୍ଲିକ ତାଙ୍କ ଟିମ୍ଙ୍କ ସହିତ ଯାଞ୍ଚ କରିଥିଲେ।


## AFFIDAVIT

By virtue of an affidavit sworn before Executive Magistrate, Kujang, dated 06.02.2025, I Sudarsana Das, Address : At - Talapada (Balidhi), P.O : Rahama, P.S : Tirtol, Dist- Jagatsinghpur, Pin - 754140, Odisha declare that I have changed my name from Sudhir Das to Sudarsana Das. Henceforth, I shall be known as **Sudarsana Das** for all purposes.

## AFFIDAVIT

By virtue of an affidavit sworn before Notary Public, Bhubaneswar, Odisha dated 03.04.2025 I, Chinmayee Prusty, W/o Sudarsan Prusty resident of Plot No.300/4382/1, Lane-5, Near Bijupattnayak College, P.O-RRL, Jayadev Vihar, VTC : Bhubaneswar, Dist-Khordha, PIN-751013, Odisha have changed my daughter's name from Shreeyashi Prusti to **Shreyashree Prusty**. Henceforth she will be known as **Shreyashree Prusty** for all purpose. (Chinmayee Prusty)

## AFFIDAVIT

By virtue of an affidavit sworn before Notary Public, Bhubaneswar, Odisha dated 02.04.2025 I, Lipishree Khatei, D/o Prabira Khatei resident of At-Sundarda, P.O-Pahanga, Niali, Dist.-Cuttack, PIN-754004, Odisha have changed my name from Priyanka Khatei to **Lipishree Khatei**. Henceforth I shall be known as **Lipishree Khatei** for all purpose. (Lipishree Khatei)

## AFFIDAVIT

By virtue of an affidavit sworn before the Executive Magistrate, Tangi-Choudwar; I Paramanand Jena, S/o- Upendra Jena, resident of At- Nankar, Uparasahi, PO/PS- Jagatpur, Dist- Cuttack, Odisha hereby declare that my real name is Paramanand Jena as per my Aadhaar Card bearing No- 3287 5616 4083 & Indian Bank Jagatpur Branch A/c No- 7110127670, but in LIC Policy No- 586004218 my name has been mentioned as Parikshita Jena instead of my real & correct name Paramanand Jena. That, Parikshita Jena S/o- Upendra Jena & Paramanand Jena S/o- Upendra Jena both are one and same person. Now I want to rectify such error & record my name as Paramanand Jena in the above mentioned LIC Policy. This affidavit is to be produced before the concerned authority LIC of India for necessary correction.


# ଦ୍ୱିତୀୟ କିଶୋରୀ ମେଳା ଉତ୍ସବ



**ମୁଣ୍ଡମୁହାଣ,୩।୪/ଏନ୍ଏନ୍ଏସ୍:** ଜଟଣୀ ବ୍ଲକ ଯାଁଳା ପଞ୍ଚାୟତ ପ୍ରାଙ୍ଗଣରେ ଅଙ୍ଗନବାଡ଼ି ଦିଦିଙ୍କ ତତ୍ତ୍ୱାବଧାନରେ ଦ୍ୱିତୀୟ କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କିଶୋରୀ ମାନଙ୍କ ଦ୍ୱାରା ନାଚ, ଗୀତ, ମ୍ୟୁଜିକ୍ ଚେୟାର, କୁଇଜ୍ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ପ୍ରକାର ଖାଦ୍ୟ, ପନି ପରିବା ଠାରୁ ଆରମ୍ଭକରି ଫଳ, ବିଭିନ୍ନ ପ୍ରକାର ପିଠା, ମିଠା, ଇତ୍ୟାଦି ଷ୍ଟଲ୍ ପଡିଥିବା ବେଳେ ଏଠାରେ କିଶୋରୀମାନଙ୍କ ଦ୍ୱାରା ଝୋଟି ମଧ ପକାଯାଇଥିଲା। ଏହି ମେଳାରେ ମଦନପୁରୁ ଓ ଯାଁଳା ପଞ୍ଚାୟତର ୨୦ଜଣ ଅଙ୍ଗନବାଡ଼ି ଦିଦି ଓ ୧୦ରୁ ଊର୍ଦ୍ଧ୍ୱ କିଶୋରୀ ଭାଗ ନେଇଥିଲେ। ମେଳାରେ ଶିଶୁ ବିକାଶ ଅଧିକାରୀ ସଞ୍ଜୁଲତା ନାୟକ, ସୁପରଭାଇଜର ସୁବାଶିନୀ ଦାସ, ସ୍ଥାନୀୟ ସରପଞ୍ଚ ଶ୍ରଦ୍ଧାଞ୍ଜଳି ବେହେରା ଓ ଧରିତ୍ରୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାର କୃତୀ କିଶୋରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ୭ମ ବାର୍ଷିକ ହରିଦେବକୀଙ୍କ ସ୍ମୃତି ସମ୍ମାନ ସମାରୋହ

**ବାରଙ୍ଗ,୩।୪/ଏନ୍ଏନ୍ଏସ୍:** ବାରଙ୍ଗ ବ୍ଲକ ଅନ୍ତର୍ଗତ ଚଣ୍ଡୀପ୍ରସାଦ ଗ୍ରାମରେ ୭ମ ବାର୍ଷିକ ହରିଦେବକୀଙ୍କ ସ୍ମୃତି ସମ୍ମାନ ସମାରୋହ ସଭା ଅନୁଷ୍ଠିତ ହୋଇଯାଇଛି। ବାରଙ୍ଗ ଶାନ୍ତିକମିଟିର ସମ୍ପାଦକ ସୁରେଶ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଗୁରୁ ଚରଣ ଷଡଙ୍ଗୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବରେ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ମୁଖ୍ୟ ବକ୍ତା କଟକ ରାମଲୀଳାପ୍ରଚାର ପ୍ରସାର ସମିତିର ସର୍ବ ବ୍ୟବସ୍ଥାପକ ଗୋପାଳ ମିଶ୍ର, ସମ୍ମାନିତ ଅତିଥି ଭାବେ ବାରଙ୍ଗ ବ୍ଲକ ମିଶନ ଶକ୍ତି ଅଧ୍ୟକ୍ଷା ସୁମିନା ପ୍ରଧାନ, ଆଇନଜୀବୀ ପ୍ରଭାତ ଲେଙ୍କା, ବିଜୟ ପଣ୍ଡା, ଅଭୟ ଦାସ, ସାଗର ଲେଙ୍କା, ହରିଦେବକୀ ସ୍ମୃତି କମିଟିର କାର୍ଯ୍ୟକାରୀ ସଭାପତି ସଂଗ୍ରାମ ମହାପାତ୍ର ପ୍ରମୁଖ ପିତୃମାତୃ ପୂଜା ଯୋଗ୍ୟତମ ସନ୍ତାନର ଭୂମିକା ସମ୍ପର୍କରେ ଆଲୋଚନା



କରିଥିଲେ। କାର୍ଯକ୍ରମକୁ ସ୍ୱର୍ଗତ ହରି ବେହେରା ଓ ସ୍ୱର୍ଗତ ଦେବକୀ ସୁଯୋଗ୍ୟ ସନ୍ତାନ ହୃଦାନନ୍ଦ ବେଉରା, ବବ୍ରୁ ଚରଣ ବେଉରା, ହୃଷିକେଶ ବେଉରା, ବିଜୟ ବେଉରା ପ୍ରମୁଖ ସଂଯୋଜନା ଓ ପରିଚାଳନା କରିଥିଲେ। ସମାଜରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ଯଥା ଆଦର୍ଶ ପାଲା ଗାୟକ ସନ୍ତୋଷ କୁମାର ପଟ୍ଟନାୟକ, ଅଜୟ ଶତପଥି, ନରାଜ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଦୈତାରୀ ସାହୁ, ୪୮ ମଣ୍ଡଳ ନାମ ସଙ୍କୀର୍ତ୍ତନ ମଣ୍ଡଳୀର ସଂଯୋଜକ ଅଭୟ କୁମାଇ ଦାସ, ସମାଜସେବୀ ପ୍ରତାପ ଚନ୍ଦ୍ର ଭାରତ, ସୂର୍ଯ୍ୟକାନ୍ତ ରାଉତ, ସାମ୍ବାଦିକ ପ୍ରବୀଣ ପ୍ରଧାନ, ପୂର୍ବତନ ସରପଞ୍ଚ ରୀତାଞ୍ଜଳି ସାମଲ, ଆଦର୍ଶ ଛାତ୍ରୀ ସ୍ମୃତିପ୍ରିୟା ମୁଦୁଲି, ବସ୍ତୁବିଦ୍ ମନୋରଞ୍ଜନ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥଲା।


OFFICE OF THE MUNICIPAL COUNCIL, TALCHER

**'e' – Procurement Notice**

**Tender Reference No. TCRM-01/2025-26**

**Bid Identification No.2025_ORULB_**

No.1209 / Dt. 02.04.2025

Bid documents consisting of works with their estimated cost, cost of tender paper, EMD, time of completion, Class of Contractor, court affidavit and the set of terms & conditions of Contract and other necessary documents can be seen in Govt. 20website i.e. www.tendersorissa.gov.in

| | | | |
|---|---|---|---|
| 1) | Name of the Work | :- | Civil work as mentioned in the website. |
| 2) | No. of works | :- | 1 No. |
| 3) | Estimated Cost | :- | Rs.19.943 lakhs |
| 4) | Period of Completion | :- | As per DTCN |
| 5) | Date & time of availability of Bid document in the portal | :- | dt.03.04.2025 at 4.00 PM |
| 6) | Last date & time for receipt of Bid in the portal | :- | dt. 15.04.2025 at 5.00 PM |
| 7) | Date of Opening Bid | :- | dt.16.03.2025 at 11.00 AM |
| 8) | Name & Address of the Officer inviting the bid | :- | Executive Officer, Talcher Municipality |
| 9) | The bidders have to participate in ONLINE bidding only. | | |

Further details can be seen from the procurement portal i.e. www.tendersorissa.gov.in

Executive Officer
Talcher Municipality

OIPR-13077/11/0037/2425 C-18


# ପଞ୍ଚାୟତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ




**ଟାଙ୍ଗୀ,୩।୪/ଏନ୍ଏନ୍ଏସ୍:** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଜରିପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ଲକ୍ସ୍ତରୀୟ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଶିକ୍ଷାଧିକାରିଣୀ କୁନ୍ତଳା କୁମାରୀ ଖଟୁଆଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, ମୁଖ୍ୟ ବକ୍ତା ଅତିରିକ୍ତ ବିଇଓ ଅରୁନ୍ଧତୀ ମିଶ୍ର, ସମ୍ମାନିତ ବି.ଆର୍.ସି.ସି ସୁଷମା କୁମାର ଦେଇ, ସିଆରସିସି ଅମିୟ କୁମାର ସାମଲ, ସିଆରସିସି ରାଜେଶ କୁମାର ନାୟକ, ବ୍ଲକ ଉପାଧ୍ୟକ୍ଷା, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯୋଗେଶ୍ୱର ବିରୁଆ, ପଞ୍ଚାୟତ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପଲତା ପତି ସରପଞ୍ଚ ସଂଯୁକ୍ତା ସେଠୀ, ପଞ୍ଚାୟତ ହାଇସ୍କୁଲ୍ର ପୂର୍ବତନ ପ୍ରଧାନଶିକ୍ଷକ କିଶୋର କୁମାର ସ୍ୱାଇଁ, ସମାଜସେବୀ ଅମୁଲ୍ୟ କୁମାର ବେହୁରା, ହାଟ ଶିଶୁଆ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲ୍ଲିପ କୁମାର ଲେଙ୍କା ଯୋଗଦେଇ କୁନି କୁନି ପିଲାମାନଙ୍କୁ ବିଦ୍ୟାଳୟକୁ ପ୍ରବେଶ କରାଇବା ସହ ବ୍ୟାଗ୍, ସିଲଟ ପ୍ରଦାନ କରିଥିଲେ। ପରେ ଘୋଡ଼ାନାଚ ଜରିଆରେ ଶିକ୍ଷାର ମହତ୍ତ୍ୱ ବୁଝେଇବା ସହ ଏକ ସଚେତନତା ରଥ ବିଧାୟକଙ୍କ ଦ୍ୱାରା ଉଦ୍ଘାଟିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରସନ୍ନ କୁମାର ସ୍ୱାଇଁ ମଞ୍ଚ ପରିଚାଳନା କରିଥିବା ବେଳେ ଅମିୟ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ନେତା ନୀଳକଣ୍ଠ ବ୍ରହ୍ମା, ସଞ୍ଜୟ କୁମାର ଜେନା, ନାଥ ମାରାଣ୍ଡି, ଅନାମ ଚରଣ ମୁଣ୍ଡା, ହୃଷିକେଶ ଗିରି, ପବିତ୍ର ସାହୁ ପ୍ରମୁଖ ସହଯୋଗ କରିଥିବାବେଳେ କ୍ଲଷ୍ଟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ଉପଭୋକ୍ତା ସଚେତନତା କର୍ମଶାଳା

**ସାକ୍ଷୀଗୋପାଳ,୩।୪/ ଏନ୍ଏନ୍ଏସ୍:** ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବିଦ୍ୟାଧରପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ନ୍ୟାସନାଲ ଇଣ୍ଟିଗ୍ରେଟେଡ୍ ହ୍ୟୁମାନ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ଡେଭଲପ୍ମେଣ୍ଟ୍ ଏଜେନ୍ସି (ନିହିଡା) ଖାଉଟି ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ବ୍ଲକ୍ସ୍ତରୀୟ ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୁରୀ ଜିଲ୍ଲା ସହକାରୀ ନିୟନ୍ତ୍ରକ ଅକ୍ଷୟ କୁମାର ଭୋଇ ଓଜନ ଓ ମାପ ବିଭାଗଙ୍କ ଅଧ୍ୟକ୍ଷତାରେ କର୍ମଶାଳା ଆରମ୍ଭ




କରାଯାଇଥିଲା। ନିହିଡାର ସମ୍ପାଦକ ଭକ୍ତବିହାରୀ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଦୁଃଶାସନ ପ୍ରଧାନ ଖାଉଟିମାନଙ୍କୁ ସଚେତନତା ମାଧ୍ୟମରେ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟକୁ ସତର୍କତାର ସହିତ ସମାଧାନ କରିବାକୁ ପରାମର୍ଶ ଦେଇଥିଲେ।

ଖାଉଟି ସୁରକ୍ଷା ଆଇନ୍ ପ୍ରତ୍ୟେକ ସମୟରେ ଖାଉଟିମାନଙ୍କର ଅଧିକାରକୁ ସୁନିଶ୍ଚିତ କରିବାକୁ ଜିଲ୍ଲା ସ୍ତରରୁ ଜାତୀୟ ସ୍ତର ପର୍ଯ୍ୟନ୍ତ ଅଭିଯୋଗ ଦାଖଲ ନିମନ୍ତେ ଆବଶ୍ୟକ ରସିଦ ସଂଗ୍ରହ ପୂର୍ବକ ମାଗଣାରେ ଦାଖଲ ପରାମର୍ଶ ପ୍ରଦାନ କରିଥିଲେ। ଶ୍ରୀ ଭୋଇ ଉପସ୍ଥିତ ଖାଉଟିମାନଙ୍କୁ ଉପଭୋକ୍ତା ସୁରକ୍ଷା ଆଇନ୍ ସମ୍ପର୍କିତ ସମସ୍ତ କ୍ଷତିଗ୍ରସ୍ତ ଖାଉଟି ଓ ଠକାମୀର ଶିକାର ହୋଉଥିବା ବ୍ୟକ୍ତିବିଶେଷ ମାନଙ୍କୁ ମିଥ୍ୟା ବିଜ୍ଞାପନ ଓ ଅପମିଶ୍ରଣ ଖାଦ୍ୟପଦାର୍ଥ ଠାରୁ ଦୁରେଇ ରହିବାକୁ ପରାମର୍ଶ ପ୍ରଦାନ କରିଥିଲେ। ଓଜନ ଓ ମାପ ସମ୍ବନ୍ଧୀୟ ଯନ୍ତ୍ରପାତି ପ୍ରଦର୍ଶିତ କରାଯାଇ ଖାଉଟି ମାନଙ୍କର ଦକ୍ଷତା ବୃଦ୍ଧି କରାଯାଇଥିଲା। କର୍ମଶାଳାରେ ଅନ୍ୟତମ ଅତିଥି ପଦ୍ମଚରଣ ସେଠୀ ଓ କୃଷ୍ଣଚରଣ ପ୍ରଧାନ ନିଜର ଅଭିଭାଷଣ ମାଧ୍ୟମରେ ଖାଉଟି ଅଧିକାର ସମ୍ପର୍କରେ ଉପସ୍ଥିତ ଅଂଶଗ୍ରହଣକାରୀଙ୍କୁ ଆଇନର ବ୍ୟାପକତା ସମ୍ପର୍କରେ ବୁଝେଇ ଥିଲେ। କର୍ମଶାଳାକୁ ଶୃଙ୍ଖଳିତ ଭାବେ ପରିଚାଳିନା କରିବା ସହିତ ଖାଉଟି ମାନଙ୍କୁ ଧୈର୍ଯ୍ୟର ସହିତ ସରକାରୀ ଅନୁମୋଦିତ ଚିହ୍ନ ଦେଖି ସାମଗ୍ରୀ ବିକ୍ରୀ କରିବାକୁ ସମ୍ପାଦକ ମିଶ୍ର ପରାମର୍ଶ ପ୍ରଦାନ କରିଥିଲେ। ଶଶୀ ଶେଖର ପଣ୍ଡା ଓ ଟୁଟୁଲୁ ବେହେରା ପରିଚାଳନା ପୂର୍ବକ ଧନ୍ୟବାଦ ଅର୍ପଣ କରିଥିଲେ।


OFFICE OF THE PANCHAYAT SAMITI, BEGUNIAPADA,GANJAM

Letter No- 986 Date- 03.04.2025

DETAIL TENDER CALL NOTICE 01/BDO-BEGUNIAPADA OF 2025-26

The Block Development Officer, Beguniapada invites sealed percentage rate tenders in single cover system on behalf of Governor of Odisha from registered and eligible class of civil contractor of the state PWD (R & B) water Resources/ rural works/M.I/CPWD for the following work eventually to be drawn up in the PWD Form P-1 in conformity with the Detailed Tender Call Notice.

| Sl No | Name of the work | Value of tender work excluding GST | Bid security @ 1% (in Rs) | Cost of Bid document (in Rs.) | Class of Bidder | Period of completion |
|---|---|---|---|---|---|---|
| 1 | Construction of GPLF Office Building with Market Complex at Vill/GP Sumandala | 2379303/- | 24000/- | 6000/- | B & C class | 6(Six) Calendar month |
| 2 | Construction of GPLF Office Building with Market Complex at Vill/GP Sandhamala | 2379303/- | 24000/- | 6000/- | B & C class | 6(Six) Calendar month |
| 3 | Construction of GPLF Office Building with Market Complex at Vill/GP Sankuda | 2379303/- | 24000/- | 6000/- | B & C class | 6(Six) Calendar month |

Sale of tender paper- 04-04-2025 to 09-04-2025 up to between 10.30 AM to 5:00 PM (excluding Govt. Holiday)

Last Date of receipt of tender paper- 04-04-2025 to 09-04-2025 up to 5:00 PM, and 10-04-2025 up to 1:30 PM

Date of opening of tender paper 11-04-2025 at 10:00 AM.

The details of terms & conditions of the tender/bid documents can be seen & downloaded from w.w.w.ganjam.nic.in and also seen and received from the Office of the Block Development Officer, Beguniapada.

Block Development Officer,
Beguniapada.

OIPR-19417/11/0006/2425 i-03

# ପାରମ୍ପରିକ ପୋଷାକ ପରିଧାନ କଲେ ଅଧିକାରୀ, କର୍ମଚାରୀ



**ପୁରୀ, ୩।୪/ଏନ୍ଏନ୍ଏସ୍:** ଓଡ଼ିଆ ପକ୍ଷ ପାଳନ ଅବସରରେ ପୁରୀ ଜିଲ୍ଲାରେ ଅଧିକାରୀ ଓ କର୍ମଚାରୀମାନେ ପାରମ୍ପରିକ ପୋଷାକ ପରିଧାନ କରିଥିଲେ। ସମ୍ବଲପୁର ଓ ଖଦୀ ବସ୍ତ୍ର ପିନ୍ଧି ଅଧିକାରୀ ଓ କର୍ମଚାରୀ ମାନେ କାର୍ଯ୍ୟାଳୟକୁ ଆସିଥିଲେ। ସରକାର ପ୍ରଥମଥର ପାଇଁ ଏପ୍ରିଲ ୧ ତାରିଖରୁ ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ ପାଇଁ ନିଷ୍ପତ୍ତି ନେଇଛନ୍ତି। ସେହି ଆଧାରରେ ଆଜିର ଦିବସ ଥିଲା ପାରମ୍ପରିକ ପୋଷାକ ପରିଧାନ। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡଃ ଶରତ ଚନ୍ଦ୍ର ମହାପାତ୍ର, ଡେପୁଟୀ କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ବସନ୍ତ ହାତୀ, ମନୀଷା ଷଡ଼ଙ୍ଗୀ, ସହଦେବ ସାହୁ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସହକାରୀ ଜିଲ୍ଲାପାଳ ତନ୍ମୟ ଦାସ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଅନିତା ପଟ୍ଟନାୟକ, ପ୍ରୋଗ୍ରାମ ଅଫିସର ଚନ୍ଦ୍ର ପ୍ରଭା ଦେଈ, ଅନ୍ୟାନ୍ୟ କର୍ମଚାରୀମାନେ ପୋଷାକ ପରିଧାନପୂର୍ବକ ଫଟୋ ପ୍ରଦର୍ଶନ କରିଥିଲେ।

## ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ କାର୍ଯ୍ୟାଳୟ



ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜି 'ଆମ ପୋଷାକ ଆମ ପରିଚୟ' ଦିବସ ଭାବେ ପାଳନ କରାଯାଉଛି। ଏହାର ଅନୁପାଳନ ପୂର୍ବକ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ପାରମ୍ପରିକ ହସ୍ତତନ୍ତ ପୋଷାକ ପରିଧାନ କରିଥିଲେ। ସମସ୍ତ କର୍ମଚାରୀ ମାନେ ପୋଷାକ ପରିଧାନ ପୂର୍ବକ ଫଟୋ ପ୍ରଦର୍ଶନ କରିଥିଲେ।

## 'ପକ୍ଷୀଟିଏ ପାଇଁ ଜଳ ଟୋପେ' କାର୍ଯ୍ୟକ୍ରମ



**କଟକ,୩।୪/ଏନ୍ଏନ୍ଏସ୍:** ସ୍ୱେଚ୍ଛାସେବୀ ସଂଗଠନ ଭଏସ୍ ଫର୍ ଭଏସ୍‌ଲେସ୍ ତରଫରୁ 'ପକ୍ଷୀଟିଏ ପାଇଁ ଜଳ ଟୋପେ' କାର୍ଯ୍ୟକ୍ରମ କରାଯାଇଛି। ଡ. ଅଟଳ ବିହାରୀ ବଳଙ୍କ ନେତୃତ୍ୱରେ କଟକସ୍ଥିତ ଲକ୍ଷ୍ମୀନାରାୟଣ ସାହୁ ମହାବିଦ୍ୟାଳୟ, ଜଗତପୁରରେ ଏହି କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ଲାଷ୍ଟିକ ଜଳ ପାତ୍ର ପକ୍ଷୀମାନେ ଯାତାୟାତ କରୁଥିବା ସ୍ଥାନରେ ରଖାଯାଇ ଜଳ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଡ. ବିଭୁଦତ୍ତ ଖଣ୍ଡାୟତ ରାୟ, ଅମିତ୍ କୁମାର ମହାନ୍ତି, ଗାୟତ୍ରୀ ମହାନ୍ତି, ରିଙ୍କୁ ଭୂୟାଁ, ଏସ ଗୌତମ କୁମାର ଦାଶ, ପ୍ରକାଶ କୁମାର ବିଶ୍ୱାଳ, ବିଶ୍ୱଜିତ ସାହୁ, ଅବିନାଶ ନାୟକ, ମୋହନ ଚରଣ ସ୍ୱାଇଁ, ନିରଞ୍ଜନ ଦାଶ, ଦେବାଶିଶ ସାହୁ, ପିଣ୍ଟୁ ସାହୁ, ବିଶ୍ୱନାଥ ଜେନା, ସାଧନା ଦାଶ, ରବୀନ୍ଦ୍ରନାଥ ଦାଶ, ରଞ୍ଜିତ ମହାନ୍ତି, ଯମୁନା ସାହୁ, କବିତା ସ୍ୱାଇଁ, ସୁପ୍ରିୟା ସାହୁ, ସଂଘମିତ୍ରା ବେହେରା, ତୃପ୍ତି ନାୟକ, ଶିଳ୍ପି ସାନିନ୍ଦା ଶତପଥୀ, ଶୁଭଶ୍ରୀ ଭୋଳ ପ୍ରମୁଖ ଯୋଗ ଦେଇଥିଲେ।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର 'ସଂସ୍କୃତି ବିଚିତ୍ରା' କାର୍ଯ୍ୟକ୍ରମ



**ଭୁବନେଶ୍ୱର,୩।୪/ଏନ୍ଏନ୍ଏସ୍:** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ସଂସ୍କୃତି ବଚିତ୍ରା' ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ସଂଜୀବ କୁମାର ମିଶ୍ର ଉଦ୍‌ଘାଟକ ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ସାଂସ୍କୃତିକ ପ୍ରତିଭାକୁ ପ୍ରତିଫଳିତ କରିବା ସହ ସେମାନଙ୍କୁ ଓଡ଼ିଶାର କଳା ଓ ସଂସ୍କୃତିର ବିକାଶ ଦିଗରେ ସଂକଳ୍ପବଦ୍ଧ ହେବା ନିମନ୍ତେ ଉତ୍ସାହିତ କରିବ ବୋଲି କହିଥିଲେ। ବିଶିଷ୍ଟ କବି ତଥା ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ଡ. ରବିନାରାୟଣ ସେନାପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଅନ୍ତର୍ନିହିତ କଳାର ପ୍ରଦର୍ଶନ ନିମନ୍ତେ ଏହିଭଳି ଅଭିନବ କାର୍ଯ୍ୟକ୍ରମର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାକ୍ତନ କୁଳପତି ପ୍ରଫେସର ଅମିୟ କୁମାର ପଟ୍ଟନାୟକ ଓଡ଼ିଶାର କଳା ଓ ସଂସ୍କୃତିର ବିକାଶ ଦିଗରେ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପ୍ରଶଂସନୀୟ ଭୂମିକା ବିଷୟରେ ବକ୍ତବ୍ୟ ରଖିଥିଲେ। ପ୍ରାକ୍ତନ ବରିଷ୍ଠ ପ୍ରଶାସକ ମନୋରଞ୍ଜନ ପାଣିଗ୍ରାହୀ ରାଜ୍ୟର କଳା ଓ ସଂସ୍କୃତିର ବିକାଶ କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ପ୍ରଦର୍ଶନ ଉପରେ ଗୁରୁତ୍ୱାରୋପ କରିଥିଲେ। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ମତ ରଖିଥବଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ଓ ଡ. ଜ୍ଞାନରଞ୍ଜନ ପଣ୍ଡା ସଂଯୋଜନା କରିଥିବାବେଳେ ବିଭାଗ ମୁଖ୍ୟ ଡ. ଚକ୍ରଧର ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## କିରାଣିଙ୍କୁ ୪ ବର୍ଷ କାରାଦଣ୍ଡାଦେଶ

**କଟକ,୩।୪/ଏନ୍ଏନ୍ଏସ୍:** ଜଗତସିଂହପୁର ଜିଲା କୁଜଙ୍ଗ ତହସିଲର ପୂର୍ବତନ କନିଷ୍ଠ କିରାଣୀ ତଥା ବର୍ତ୍ତମାନ ଜଗତସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ କନିଷ୍ଠ କିରାଣୀ ଭାବେ କାର୍ଯ୍ୟରତ ସୁକାନ୍ତ କୁମାର ଦାସ ଭିଜିଲାନ୍ସ ଅଦାଲତରେ ଦଣ୍ଡିତ ହୋଇଛନ୍ତି। ଏକ ଲାଞ୍ଚ ନେବା ମାମଲାରେ କଟକ ଭିଜିଲାନ୍ସ ଅଦାଲତ ତାଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡ ସହ ଜରିମାନା କରିଛନ୍ତି। ଅଦାଲତଙ୍କ ରାୟ ଗୁରୁବାର ପ୍ରକାଶ ପାଇବା ପରେ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ତାଙ୍କୁ ଚାକିରିରୁ ବରଖାସ୍ତ କରିବା ନିମନ୍ତେ ଭିଜିଲାନ୍ସ ପ୍ରାଧିକୃତ କର୍ତ୍ତୃପକ୍ଷଙ୍କ ନିକଟକୁ ଯିବ ବୋଲି ଜଣାଯାଇଛି। ସୂଚନାନୁସାରେ, ଅଭିଯୁକ୍ତ କନିଷ୍ଠ କିରାଣୀ ଶ୍ରୀ ଦାସ କୁଜଙ୍ଗ ତହସିଲରେ ୨୦୧୭ରେ କାର୍ଯ୍ୟରତ ଥିବା ସମୟରେ ଜଣେ ବ୍ୟକ୍ତିଙ୍କଠାରୁ ଏକ ଲିଜ୍ ମାମଲାରେ ପଟ୍ଟା ପ୍ରଦାନ କରିବା ନିମନ୍ତେ ୧୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। କଟକ ଭିଜିଲାନ୍ସ ଥାନାରେ ଏନେଇ ମାମଲା ନଂ ୧୫/୨୦୧୭ ରୁଜୁ ହୋଇଥିଲା। ପୂର୍ବତନ ଇନ୍ସପେକ୍ଟର ଯାଜ୍ଞସେନୀ ପ୍ରଧାନ ମାମଲାର ତଦନ୍ତ କରିଥିଲେ। ଭିଜିଲାନ୍ସ ପକ୍ଷରୁ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ସର୍ବେଶ୍ୱର ବାରିକ ମାମଲା ପରିଚାଳନା କରୁଥିଲେ।

## ପିଠାପୁର ସାହିର ପୂର୍ବତନ ଅଧିକାରୀଙ୍କ ସ୍ମୃତିସଭା


**କଟକ,୩।୪/ଏନ୍ଏନ୍ଏସ୍:** ପିଠାପୁର ସାହିର ପୂର୍ବତନ ଅଧିକାରୀ ଧୀରେନ୍ଦ୍ର ମୂଳିଆ (କୁଲୁ) ଙ୍କ ପିଠାପୁର ସ୍ଥିତ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। କଟକ ନଗର ଜିଲ୍ଲା ବିଜେପି ଯୁବମୋର୍ଚ୍ଚାର ସାଧାରଣ ସଂପାଦକ ତଥା ଯୁବନେତା ସୁଦିପ୍ତ ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ବିଜେପି ନେତା ଲଲାଟେନ୍ଦୁ ବସ୍ତୁ, ଗ୍ରାମର ସଭାପତି ସରୋଜ ଜେନା, ସଂପାଦକ ନିରଞ୍ଜନ ଖୁଣ୍ଟିଆ, କୋଷାଧକ୍ଷ ପୀୟୁଷ ମହାପାତ୍ର, ଅଧିକାରୀ ଫଗୁମଣି ରାଉତ, ମହନ୍ତ କାଳନ୍ଦୀ ଖୁଣ୍ଟିଆ, କଟୁଆଳ ଜୟନ୍ତ ରାଉତ୍, ବାଇମୁଣ୍ଡି ମଣ୍ଡଳର ସଭାପତି କାମାକ୍ଷା ପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମୂଳିଆଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାରାୟଣ ସ୍ୱାଇଁ, ରମେଶ ଚନ୍ଦ୍ର ରାଉତ, ଶୈଳେନ୍ଦ୍ର ମହାପାତ୍ର, ନିରଞ୍ଜନ ସ୍ୱାଇଁ, ଚଗଲା ରାଉତ, ମାନସ ଚନ୍ଦ୍ର ରାଉତ, ଜୟଦେବ ରାଉତ, ନାରୁ ଦଳେଇ, ସଞ୍ଜୟ ପାଇଟାଲ, ରଞ୍ଜନ ଜେନା, ପପୁ ଦଳେଇ, ବାପେନା ବେହେରା, ନାରାୟଣ ପୃଷ୍ଟି, ନଗେନ ମହାପାତ୍ର, ଅକ୍ଷୟ ସ୍ୱାଇଁ, ପ୍ରହଲ୍ଲାଦ ସ୍ୱାଇଁ, ସପନ ବେହେରା, ସଇନି ରାଉତ, ପ୍ରଶାନ୍ତ ରାଉତ, ଆବୁଆ ଭାଇ, ଲୋକନାଥ ଭାଇ, ପ୍ରଦୀପ୍ତ ମହାନ୍ତି, ପଗଲା ରାଉତ, ବିଷ୍ଣୁ ବେହେରା, ବାପୁନା ଜେନା, ବିଜୁ ଖଟୁଆ, ଜୟଦେବ ବେହେରା, ହରିଶ୍ ଚନ୍ଦ୍ର ସାମଲ, ବାବୁ ଛାଟୋଇ, ଅଜିତ୍ ବେହେରା, ମନୋଜ କୁମାର ରାଉତ, ମନୋଜ କୁମାର ମହାନ୍ତି, ରାକେଶ ପୃଷ୍ଟି, ମିଟୁ ପାଇଟାଲ ଓ ଈଶ୍ୱର ଚନ୍ଦ୍ର ରାଉତ ପ୍ରମୁଖ ଯୋଗ ଦେଇଥିଲେ।

## ଯୁବତୀଙ୍କ ଝୁଲନ୍ତା ଶବ ଉଦ୍ଧାର

**ଫୁଲବାଣୀ,୩।୪/ଏନ୍ଏନ୍ଏସ୍:** ପିଅନପଡାସ୍ଥିତ କାଳୀ ମନ୍ଦିର ସାହିରେ ଜଣେ ଅବିବାହିତା ଯୁବତୀଙ୍କ ଝୁଲନ୍ତା ଶବ ଉଦ୍ଧାର ହୋଇଛି। ମୃତ ଯୁବତୀ ଜଣକ ଲଳିତ ମୋହନ ରଥଙ୍କ ଝିଅ ନିଶାରାଣୀ (୨୨) ବୋଲି ଜଣାପଡିଛି। ଗୁରୁବାର ସନ୍ଧ୍ୟାରେ ନିଶାରାଣୀ ବେକରେ ଓଢଣୀ ଦେଇ ଘର ଭିତରେ ଝୁଲୁଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ତାଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆ ଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟାଉନ ପୁଲିସ ମେଡିକାଲରେ ପହଞ୍ଚି ଶବ ଜବତ କରିଛି। ଏ ନେଇ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ପି ସ୍ୱରୂପ କିଶନ ସୂଚନା ଦେଇଛନ୍ତି।

## ଓଡ଼ିଶା କ୍ୟାଡର ଭାରତୀୟ ପ୍ରଶାସନିକ ସେବା ଅଧିକାରୀମାନଙ୍କ ସହ ଉନ୍ନୟନ କମିଶନରଙ୍କ ବୈଠକ

### ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ଓ ସମୃଦ୍ଧ ଓଡ଼ିଶା ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇ ପରାମର୍ଶ



**ଭୁବନେଶ୍ୱର,୩।୪/ଏନ୍ଏନ୍ଏସ୍:** ଗୋପବନ୍ଧୁ ପ୍ରଶାସନିକ ଏକାଡେମୀରେ ପ୍ରଶିକ୍ଷଣ ନେଉଥିବା ୨୦୨୩ ବ୍ୟାଚ୍‌ର ୯ ଜଣ ଓଡ଼ିଶା କ୍ୟାଡ଼ର ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଆଜି ଲୋକସେବା ଭବନରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ପରିପ୍ରେକ୍ଷୀରେ ଉନ୍ନୟନ କମିଶନର ପ୍ରୋବେସନରେ ଥିବା ଏହି ପ୍ରଶାସନିକ ଅଧିକାରୀମାନଙ୍କୁ ରାଜ୍ୟର ବିକାଶମୂଳକ କାର୍ଯ୍ୟକ୍ରମ ସଂପର୍କରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରି ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ତଥା ସମୃଦ୍ଧ ଓଡ଼ିଶା ଗଠନରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ଆଲୋଚନା କରିବା ସହ ସେମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ଅବସରରେ ପ୍ରଶିକ୍ଷାର୍ଥୀମାନଙ୍କୁ ଯୋଜନା ଓ ସଂଯୋଜନ ବିଭାଗ ଏବଂ ଏହା ଅଧିନସ୍ଥ ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର କାର୍ଯ୍ୟ ସଂପର୍କରେ ଅବଗତ କରାଯାଇଥିଲା। ପ୍ରଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ପରାମର୍ଶ ଦେଇ ଉନ୍ନୟନ କମିଶନର କହିଥିଲେ ଯେ, ପ୍ରଶିକ୍ଷଣ ପରେ ସେମାନେ ବିଭିନ୍ନ ଜିଲ୍ଲାରେ ପ୍ରଶାସନିକ ଅଧିକାରୀଭାବେ ଯୋଗ ଦେବାକୁ ଯାଉଛନ୍ତି। ସେମାନେ ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ଏବଂ ଏହି ବିଭାଗ ଅନ୍ତର୍ଗତ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ତରଫରୁ କରାଯାଉଥିବା ବିଭିନ୍ନ ପରିସଂଖ୍ୟାନର ଗୁରୁତ୍ୱ ସଂପର୍କରେ ଜାଣିବାର ଆବଶ୍ୟକତା ରହିଛି। ଯୋଜନା ଓ ସଂଯୋଜନ ବିଭାଗ ରାଜ୍ୟର ବିକାଶୋନ୍ମୁଖୀ ପରିବର୍ତ୍ତନଶୀଳ ପଦକ୍ଷେପ ନେଇ ବିଭିନ୍ନ ବିଭାଗ ସହିତ ସମନ୍ୱୟ ରଖି ବିଭିନ୍ନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରୁଛି। ରାଜ୍ୟର ଚିହ୍ନଟ ହୋଇଥିବା ୧୦ଟି ଆକାଂକ୍ଷୀ ଜିଲ୍ଲା ଓ ୨୯ ଆକାଂକ୍ଷୀ ବ୍ଲକର ବିକାଶ ପ୍ରତି ଆଲୋକପାତ କରି ଯେଉଁ ପ୍ରଶାସନିକ ଅଧିକାରୀମାନେ ସଂପୃକ୍ତ ଜିଲ୍ଲାରେ କାମ କରିବାକୁ ଯାଉଛନ୍ତି, ତାହାର ପ୍ରଗତିକୁ ନିୟମିତ ଦୃଷ୍ଟି ଦେବେ ବୋଲି ସେ ପରାମର୍ଶ ଦେଇଥିଲେ। ନିରନ୍ତର ବିକାଶ ଲକ୍ଷ୍ୟ ହାସଲରେ ରହୁଥିବା ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକୁ ଭଲଭାବେ ବୁଝିବାକୁ ସେ ପରାମର୍ଶ ଦେଇଥିଲେ। ଆଇଏଏସ ପ୍ରଶିକ୍ଷାର୍ଥୀମାନଙ୍କୁ ଉନ୍ନୟନ କମିଶନର ସେମାନଙ୍କର ଆଗାମୀ ଭବିଷ୍ୟତର ସଫଳତା କାମନା କରି ଉତ୍ସାହିତ କରିଥିଲେ। ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡଃ. ବିଜୟ ଭୂଷଣ ନନ୍ଦ ବିକାଶ କ୍ଷେତ୍ରରେ ପରିସଂଖ୍ୟାନର ଗୁରୁତ୍ୱ ସଂପର୍କରେ ଉପସ୍ଥାପନ କରି କରିଥିଲେ ଯେ, ପରିସଂଖ୍ୟାନ ବ୍ୟବସ୍ଥାରେ ଓଡ଼ିଶାର ସ୍ଥିତି ଉଲ୍ଲେଖନୀୟ ରହିଛି। ମାନ୍ୟବର ପ୍ରଧାନମନ୍ତ୍ରୀ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ପାଇଁ ତଥ୍ୟ ବା ଡାଟା ଉପଲବ୍ଧତା ପ୍ରତି ଗୁରୁତ୍ୱ ଦେଉଥିବା ବେଳେ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ପକ୍ଷରୁ କୃଷି, ସାମାଜିକ-ଅର୍ଥନୈତିକ, ଶିଳ୍ପ, ମୂଲ୍ୟ ପରିସଂଖ୍ୟାନ ଆଦି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପରିସଂଖ୍ୟାନ ପ୍ରସ୍ତୁତ କରାଯାଇ ବିଭିନ୍ନ ବିଭାଗର କାର୍ଯ୍ୟ ନିମନ୍ତେ ତଥ୍ୟ ଉପଲବ୍ଧ କରାଯାଉଥିବା ସେ ପ୍ରଶିକ୍ଷାର୍ଥୀମାନଙ୍କୁ ଅବଗତ କରିଥିଲେ। ପ୍ରଶିକ୍ଷାର୍ଥୀମାନଙ୍କୁ ଓଡ଼ିଶା ଅର୍ଥନୈତିକ ସର୍ଭେ ବିବରଣୀ-୨୦୨୪-୨୫ ର ପ୍ରମୁଖ ଦିଗ ଗୁଡ଼ିକ ଦର୍ଶାଯାଇଥିଲା, ଯାହାକୁ ଦୃଷ୍ଟି ଦେଇ ରାଜ୍ୟର ବିକାଶ ପାଇଁ ସେମାନେ ନିଜକୁ ପ୍ରସ୍ତୁତ କରିପାରିବେ। ପରିସଂଖ୍ୟାନ ନିର୍ଦ୍ଦେଶାଳୟ ତରଫରୁ ରାଜ୍ୟ ଦକ୍ଷତା ଓ ସହାୟକ ଅଭିବୃଦ୍ଧି କାର୍ଯ୍ୟକ୍ରମ( ଓଡ଼ିଶା ଷ୍ଟେଟ୍ କାପାବିଲିଟି ଆଣ୍ଡ ରେଜିଲିଏଣ୍ଟ ଗ୍ରୋଥ୍ ପ୍ରୋଗ୍ରାମ) ଭଳି ବିଭିନ୍ନ ବିଭାଗର ତଥ୍ୟକୁ ସମନ୍ୱିତ କରି ପରିସଂଖ୍ୟାନ କାର୍ଯ୍ୟକ୍ରମ ଜାରି ରହିଛି, ଯାହା ସ୍ୱଚ୍ଛତା ଓ ଦୃଢ଼ତାର ସହ ବିଭାଗୀୟ ବିକାଶମୂଳକ କାର୍ଯ୍ୟକୁ ଆଗକୁ ନେବାରେ ଅଧିକ ସହାୟକ ହୋଇପାରିବ ବୋଲି ସେ କହିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଯୋଜନା ଓ ସଂଯୋଜନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଟି.ଆଓ, ବିଭାଗର ଅତିରିକ୍ତ ଶାସନ ସଚିବ ତଥା ଗୋପବନ୍ଧୁ ଏକାଡେମୀର ଅତିରିକ୍ତ ମହା ନିର୍ଦ୍ଦେଶକ ମନିଷ ଅଗ୍ରୱାଲ, ବିଭାଗର ଅତିରିକ୍ତ ଶାସନ ସଚିବ ଯେଦ୍ଦୁଲା ବିଜୟଙ୍କ ସମେତ ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ନାବାଳିକା ଅସଦାଚରଣ ମାମଲା

### ଆସାମୀକୁ ୭ବର୍ଷ ସଶ୍ରମ କାରାଦଣ୍ଡ

**କଟକ,୩।୪/ଏନ୍ଏନ୍ଏସ୍:** ନାବାଳିକା ଅସଦାଚରଣ ମାମଲାର ବିଚାର କରି ପୋକ୍‌ସୋ କୋର୍ଟ କଟକ ଜିଲ୍ଲାର ନିଆଳୀ ଥାନାର ଟମପଡା ଅଂଚଳରେ ରହୁଥିବା ବିହାରର ଟିକାମାଝୀ ଭାଗଲପୁରର ବବ୍‌ଲୁ ବର୍ମାକୁ ୭ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ପ୍ରଦାନ କରିଛନ୍ତି। ଏଥିସହିତ ତାକୁ ୧୦ ହଜାର ଟଙ୍କା ଜୋରିମାନା ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି। ଜୋରିମାନା ନ ଦେଇପାରିଲେ ଆସାମୀକୁ ଆଉ ଅଧିକ ୧ ମାସ ସଶ୍ରମ ଜେଲ୍‌ଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ଏଥି ସହିତ କୋର୍ଟ ପୀଡିତାକୁ ୨ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରିବାକୁ କଟକ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ଆଦେଶ ଦେଇଛନ୍ତି। ୨୦୨୩ ମସିହା ଜୁଲାଇ ୨୩ ତାରିଖରେ ଆସାମୀ ଜଣକ ଜଣେ ୯ ବର୍ଷୀୟା ନାବାଳିକା ସହିତ ଅସଦାଚରଣ କରିଥିଲା। ଏ ସମ୍ପର୍କରେ ପୀଡିତାର ପରିବାର ପକ୍ଷରୁ ଘଟଣା ଦିନ ନିଆଳି ଥାନାରେ ଏତଲା ରୁଜୁ କରାଯାଇଥିଲା। ପୁଲିସ୍ ଘଟଣାର ତଦନ୍ତ କରି ଆସାମୀକୁ ଗିରଫ କରି ଘଟଣାର ତଦନ୍ତ ଚଳାଇଥିଲା। ୨୦୨୩ ମସିହା ଅଗଷ୍ଟ ୩୧ ତାରିଖରେ ପୁଲିସ୍ ତା ବିରୋଧରେ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା। ୨୦୨୪ ମସିହା ଫେବୃୟାରୀ ୧୩ ତାରିଖରେ କୋର୍ଟରେ ଆସାମୀ ବିରୋଧରେ ଚାର୍ଜଫ୍ରେମ୍ ହୋଇଥିଲା। କଟକର ପୋକ୍ସୋ କୋର୍ଟରେ ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରମେଶ ଚନ୍ଦ୍ର ମହାନ୍ତି ପରିଚାଳନା କରୁଥିଲେ।

## ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଆଲୁମ୍‌ନି ଆସୋସିଏସନ୍ ନୂତନ କମିଟି





**ପୁରୀ, ୩।୪/ଏନ୍ଏନ୍ଏସ୍:** ପୁରୀ ସାମନ୍ତ ଚନ୍ଦ୍ର ଶେଖର ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ନୂତନ କମିଟି ଗଠିତ ହୋଇଛି। ଆଜି ପୁରାତନ ଛାତ୍ରଛାତ୍ରୀମାନଙ୍କର ଆଲୁମୁନି ଆସୋସିଏସନର ନୂତନ କର୍ମକର୍ତ୍ତା ମାନଙ୍କର ନାମ ପ୍ରକାଶିତ ହୋଇଥିଲା। ମହାବିଦ୍ୟାଳୟର ପୂର୍ବତନ ଉପାଧକ୍ଷ ଶଙ୍କର୍ଷଣ ଦାଶ ସଭାପତି, ବିଶିଷ୍ଟ ଶିଳ୍ପପତି ରାଜକିଶୋର ପାତ୍ର ଓ ପୂର୍ବତନ ଅଧକ୍ଷ ଲକ୍ଷ୍ମୀଧର ମିଶ୍ର ଉପସଭାପତି, ଭଗବାନ ପଡ଼ିଆରୀ ସାଧାରଣ ସମ୍ପାଦକ, ନାରାୟଣ ପ୍ରସାଦ ସିଂହ ଓ ପୂର୍ବତନ କାଉନସିଲର ପ୍ରୀତମ ଜଗଦେବ ଯୁଗ୍ମ ସମ୍ପାଦକ, ବିଭୂଦାନନ୍ଦ ମହାନ୍ତି କୋଷାଧକ ଭାବେ ମନୋନୀତ ହୋଇଛନ୍ତି। ଆଲୁମିନି ଆସୋସିଏସନର ଉପଦେଷ୍ଟା ଭାବେ ଶିକ୍ଷାବିତ୍ କୃଷ୍ଣ ଚନ୍ଦ୍ର ସାହୁ, ସମାଜସେବୀ ସୁକାନ୍ତ ପ୍ରଧାନ, ଆଡଭୋକେଟ ରମେଶ ପ୍ରସାଦ ସିନହା, ପ୍ରେମାନନ୍ଦ ମହାନ୍ତି ରହିଛନ୍ତି। ସେହିପରି ମିଡିଆ ସଂଯୋଜକ ଭାବେ ସୌମିତ୍ର ରଞ୍ଜନ ହରିଚନ୍ଦନ, ବିଶ୍ୱଜିତ ମିଶ୍ର, ପ୍ରଦ୍ୟୁମ୍ନ ସାଥୁଆ, ଓ୍ୱିଶାଲ ମହାନ୍ତି ପ୍ରମୁଖ ମନୋନୀତ ହୋଇଛନ୍ତି। ଅନ୍ୟପଟେ କାର୍ଯ୍ୟକାରୀ ସଦସ୍ୟ ଭାବେ ସୁରେନ୍ଦ୍ର ନାଥ ଦାଶ, ସିତେନ୍ଦ୍ର ନାଥ ଦାସ, ନିରଞ୍ଜନ ଦାସ,ପ୍ରଫୁଲ୍ଲ କୁମାର ମହାନ୍ତି, ପ୍ରାଣନାଥ ମିଶ୍ର, ହିମାଂଶୁ ଚନ୍ଦ୍ର ସାହୁ, ରବି ନାରାୟଣ ନାୟକ, ଯିବେଶ କୁମାର ରଥ ଓ ସଂଜୀବ ମହାନ୍ତି ମନୋନୀତ ହୋଇଛନ୍ତି। ଆସୋସିଏସନର ଏହି କର୍ମକର୍ତ୍ତା ମାନେ ଆଗାମୀ ୨ବର୍ଷ ପାଇଁ ଦାୟିତ୍ୱ ନେଇଥିବା ବେଳେ କାର୍ଯ୍ୟ କରିବେ ବୋଲି ଜଣାପଡିଛି। ମହାବିଦ୍ୟାଳୟର ଅଧକ୍ଷ ଆଲୁମୁନି ଆସୋସିଏସନର ଏକ୍ସ ଅଫିସିଓ ଅଧକ୍ଷ ପଦବୀରେ ରହିଥିବା ଜଣାପଡିଛି। ଏନେଇ ଆଜି ମହାବିଦ୍ୟାଳୟ ପକ୍ଷରୁ ବିଧିବଦ୍ଧ ନୋଟିସ ଜାରି ହୋଇଥିବା ବେଳେ ଆଲୁମୁନି ଆସୋସିଏସନର ନୂତନ କମିଟି ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଥିବା ବେଳେ ମହାବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ବିଭିନ୍ନ ସ୍ତରରେ ପ୍ରୟାସ କରାଯିବା ନେଇ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି। ଏହି ପୁରାତନ ମହାବିଦ୍ୟାଳୟକୁ ଏକ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ବହୁଦିନ ଧରି ହେଉଥିବା ଦାବିକୁ ନେଇ ଆସୋସିଏସନ ତାର ଆଗାମୀ କାର୍ଯ୍ୟପନ୍ଥା ପ୍ରସ୍ତୁତ କରୁଥିବା ସଭାପତି ଶଙ୍କର୍ଷଣ ଦାସ ମତ ରଖିଥିଲେ।

## ଜଗନ୍ନାଥ ଦାସଙ୍କ ସ୍ମୃତି ସମାରୋହ

**କଟକ,୩।୪/ଏନ୍ଏନ୍ଏସ୍:** କଟକ ପ୍ରେସ ଶ୍ରମିକ ସଂଘର ପୂର୍ବତନ ଉପସଭାପତି ଓ ଦେଉଳ ସାହିର ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଜଗନ୍ନାଥ ଦାସଙ୍କର ଅଷ୍ଟାଦଶ ସ୍ମୃତିସଭା ଜଗନ୍ନାଥ ଦାସ ସ୍ମୃତି କମିଟି ପକ୍ଷରୁ ରଘୁନାଥ ଜୀଉ ବିଦ୍ୟାପୀଠଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ଶୈଳ ବେହେରା, ମୁଖ୍ୟବକ୍ତା ଅଧାପକ ଲକ୍ଷ୍ମୀ ନାରାୟଣ ପଣ୍ଡା, ସମ୍ମାନୀତ ଅତିଥି କବୟିତ୍ରୀ ପ୍ରମୋଦା ଦାସ,ଏଆଇଟିୟୁସି ନେତା କିଶୋର ଜେନା, ସ୍ଥାନୀୟ କର୍ପୋରେଟର ମମତା ନାୟକ, ରଘୁନାଥଜୀଉ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ସାହୁ, ବୀରେନ୍ଦ୍ର ଦାସ, ରଘୁନାଥ ପ୍ରସାଦ ଦାସ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଜଗନ୍ନାଥ ଦାସଙ୍କ ବହୁମୁଖୀ ପ୍ରତିଭା ଓ ତାଙ୍କର ବାମପନ୍ଥୀ ଶ୍ରମିକ ଆନ୍ଦୋଳନର ଅବଦାନ ସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ। ପ୍ରାରମ୍ଭିକ ସୂଚନା ବିପିନ ବିହାରୀ ପାଢ଼ୀ ଦେଇଥିଲାବେଳେ ସଂପାଦକ ସାନନ୍ଦ ସେଠୀ ସଂପାଦକୀୟ ବିବରଣୀ ପାଠ କରିଥିଲେ। ବରିଷ୍ଠ ପ୍ରାକ୍ତନ ପ୍ରଧାନ ଶିକ୍ଷକ ସାଧୁ ଚରଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଆ ପକ୍ଷ ପାଳନ ନିମନ୍ତେ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ବୈଠକ



**ଖୋର୍ଦ୍ଧା, ୩।୪/ଏନ୍ଏନ୍ଏସ୍:** ଆଜି ଅପରାହ୍ନରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ଅଧକ୍ଷତାରେ ଓଡ଼ିଆ ପକ୍ଷ ପାଳନ ନିମନ୍ତେ ଆଲୋଚନା କରାଯାଇ ଥିଲା। ଏହି ଓଡ଼ିଆ ପକ୍ଷକୁ ସମାରୋହ ସହକାରେ ଗର୍ବର ସହ ପାଳନ ନିମିତ୍ତ ସମସ୍ତ ଅଧିକାରୀ ଜନ ପ୍ରତିନିଧି, ସ୍ୱେଚ୍ଛାସେବୀ ସଂଗଠନ, ସମାଜର ବିଶିଷ୍ଟ ବ୍ୟକ୍ତି ବିଶେଷ, ମିଶନ ଶକ୍ତି, ଛାତ୍ରଛାତ୍ରୀ ସମସ୍ତଙ୍କୁ ସାମିଲ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଏପ୍ରିଲ ଏକ ତାରିଖ ଓଡିଶା ଦିବସ ପାଳିତ ହୋଇଥିବା ବେଳେ, ଏପ୍ରିଲ ୨ ତାରିଖ ଶିଶୁବାଟିକା ଓ ପ୍ରଥମ ଶ୍ରେଣୀ ଶିଶୁମାନଙ୍କୁ ଖଡିଛୁଆଁ, ୩ ଏପ୍ରିଲ ପାରମ୍ପାରିକ ପୋଷାକ ପରିଧାନ ଦିବସ, ୪ ଏପ୍ରିଲ ଓଡ଼ିଆରେ ନାମ ଫଳକ ଅଭିଯାନ, ୫ ଏପ୍ରିଲ ଐତିହ୍ୟ ଗଣ ଦୌଡ, ୬ ଏପ୍ରିଲ ଦେବାଳୟ ଓ ଐତିହ୍ୟ ସ୍ଥଳୀ ଗୁଡିକର ସ୍ୱଚ୍ଛତା ଅଭିଯାନ, ୭ ଏପ୍ରିଲ ବର୍ଣ୍ଣବୋଧ ବଣ୍ଟନ -ବର୍ଣ୍ଣବୋଧ ଉତ୍ସବ, ୮ ଏପ୍ରିଲ ରକ୍ତଦାନ ଉତ୍ସବ, ୯ ଏପ୍ରିଲ ଆସ ବହିଟିଏ କିଣିବା ଦିବସ, ୧୦ ଏପ୍ରିଲ ଲୋକକଳା ପାଇଁ ଦିନଟିଏ, ୧୧ ଏପ୍ରିଲ ଯୁବ ଲେଖକ ସମ୍ମିଳନୀ, ୧୨ ଏପ୍ରିଲ ଓଡିଶାର ବରପୁତ୍ର ମାନଙ୍କ ଉପରେ ଆଲୋଚନା, ୧୩ ଏପ୍ରିଲ ପାରମ୍ପାରିକ ଖାଦ୍ୟ ଦିବସ ପାଳନ, ୧୪ ଏପ୍ରିଲ ଓଡ଼ିଆ ନବବର୍ଷ ପାଳନ, ହୁଳହୁଳି, ଝୋଟି, ଚିତା, ମୁରୁଜ, ପିଠା ପଣା ପ୍ରତିଯୋଗିତା ପାଳନ କରାଯିବା ପାଇଁ ସମ୍ପୃକ୍ତ ଅଧିକାରୀମାନେ ଯତ୍ନବାନ ହେବାସହ ସଫଳ ଭାବେ ପାଳନ ନିମନ୍ତେ ଜିଲ୍ଲାପାଳ ଆଲୋଚନା କରିଥିଲେ। ପରେ ଜିଲ୍ଲାପାଳ ଭିଭିନ୍ନ ଜିଲାସ୍ତରୀୟ ଅଧିକାରୀମାନଙ୍କ ସହ ବିଭିନ୍ନ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନକଲ୍ୟାଣ ଯୋଜନାର ଅଗ୍ରଗତି ସମ୍ବନ୍ଧରେ ସମୀକ୍ଷା କରି ୪ ତାରିଖ ସୁଦ୍ଧା ଜିଲ୍ଲାପ୍ରଶାସନକୁ ରିପୋର୍ଟ ଦେବାକୁ ବିଡ଼ିଓ ଏବଂ ଲାଇନ ଡିପାର୍ଟମେଣ୍ଟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ୭ ତାରିଖରୁ ୧୦ ତାରିଖ ମଧ୍ୟରେ ରାଜ୍ୟ ସରକାରଙ୍କ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମଙ୍କ ଜିଲ୍ଲାଗସ୍ତ କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦେବା ନିମନ୍ତେ ବିଭିନ୍ନ ଯୋଜନାକୁ କାର୍ଯ୍ୟକାରୀତାରେ ଦୃଷ୍ଟାନ୍ତମୂଳକ ଅଗ୍ରଗତି କରିବାକୁ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ ଡ଼. ମନୋରଞ୍ଜନ ସାହୁ, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କସ୍ତୁରୀବାଳା ଜେନା ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀବୃନ୍ଦ ବୈଠକରେ ଯୋଗ ଦେଇଥିଲେ

## ଆଜିର ଇତିହାସ

- ୧୭୮୮-କାଲ୍‌କାଟା ଗେଜେଟ୍‌ର ପ୍ରଥମ ପ୍ରକାଶନ ଆରମ୍ଭ ହୋଇଥିଲା।
- ୧୯୫୧-ନୂଆଦିଲ୍ଲୀରେ ପ୍ରଥମ ଏସିଆନ୍ ଖେଳର ଆୟୋଜନ କରାଯାଇଥିଲା।
- ୨୦୦୮-ହିନ୍ଦୀର ପ୍ରସିଦ୍ଧ ବିଦ୍ୱାନ ଡକ୍ଟର ମଦନ ଲାଲ୍ ମଧୁଙ୍କୁ ପ୍ରତିଷ୍ଠିତ ସ୍ୱର୍ଣ୍ଣାକ୍ଷର ପୁରସ୍କାରରେ ସମ୍ମାନିତ କରାଯାଇଥିଲା।
- ୨୦୦୯-ରାଜସ୍ଥାନର ପୋଖରାନରୁ ବ୍ରହ୍ମୋସ୍ ମିସାଇଲ୍‌ର ନୂଆ ସଂସ୍କରଣର ପରୀକ୍ଷଣ କରାଯାଇଥିଲା।
- ୧୯୩୯-ଦେଶର ପ୍ରସିଦ୍ଧ କ୍ରାନ୍ତିକାରୀ ଓ ଗଦର ପାର୍ଟିର ସଂସ୍ଥାପକ ଲାଲା ହରଦୟାଲ୍‌ଙ୍କ ନିଧନ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ** - ଏନର୍ଜିରେ ଆଜି ଭରି ରହିବେ। କାର୍ଯ୍ୟରେ ରଚନାତ୍ମକତା ରହିବ। ବ୍ୟକ୍ତିଗତ ଓ ପେସାଗତ ଦୁଇଟି ସାରା ସମ୍ପର୍କକୁ ନେଇ ଚାଲିବେ। ଏଥିରେ ଯୋଗାଯୋଗ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

**ବୃଷ** - ଦିନଟି ଖୁବ୍ ଆନନ୍ଦଦାୟକ ରହିବ। ବିବାହିତ କପଲ୍ସ ନିଜ ସହିତ କ୍ୱାଲିଟି ଟାଇମ୍ ଅତିବାହିତ କରିବେ। ଛାତ୍ରଛାତ୍ରୀମାନଙ୍କୁ ସୁଖବର ମିଳିପାରେ। ହୋଇପାରେ ଆପଣ ଟପ୍ କରିଥିବେ।

**ମିଥୁନ** - ଦିନଟି ହଲଚଲ୍ ଭରା ରହିବ। ସମସ୍ୟା ଉପରେ କାବୁ ପାଇବେ। ଏହା ଦିନଟିକୁ ଆନନ୍ଦରେ ଭରିଦେବ। ଆହ୍ୱାନ ଓ ଅବସର ନେଇ ଦିନଟି ଆସିବ। ଅର୍ଥ ମାମଲାରେ ଭାଗ୍ୟଶାଳୀ ରହିବେ।

**କର୍କଟ** - ଆଜି ଚାପ କମ୍ ନିଅନ୍ତୁ। ନିଜ ଉପରେ ଭରସା କରିପାରନ୍ତି। ବ୍ୟକ୍ତିଗତ ଉନ୍ନତି ପେସାଗତ ଅବସର ଯୋଗେଇବ। ନିଜେ ହିଁ ନିଜର ମାର୍ଗଦର୍ଶନ କରେଇବେ। ପ୍ରେମ ମାମଲାରେ ସାଥିର କଥା ଶୁଣିବେ।

**ସିଂହ** - ନିଜ ଉପରେ ବିଶ୍ୱାସ ରଖିବେ ଓ ଲଗାତର କାମ କରିବେ। ଲାଭକୁ ଅନ୍‌ଲକ୍ କରିବେ। ଆତ୍ମବିଶ୍ୱାସ ସହିତ ଆହ୍ୱାନଗୁଡ଼ିକର ସମ୍ମୁଖୀନ ହେବେ। ଦିନଟି ସକାରାତ୍ମକ ରହିବ। ପରିବର୍ତ୍ତନକୁ ଆପଣାନ୍ତୁ।

**କନ୍ୟା** - ଗ୍ରହ ସ୍ଥିତି ବିକାଶକୁ ତ୍ୱରାନ୍ୱିତ କରିବ। ପେସାଗତ ଓ ବ୍ୟକ୍ତିଗତ କ୍ଷେତ୍ରରେ କାମ ସହିତ ଇଚ୍ଛାର ସନ୍ତୁଳନ ରକ୍ଷା କରିବେ। ଆପଣଙ୍କ ଚାରିପାଖରେ ଏକ ସକାରାତ୍ମକ ଉର୍ଜା ରହିବ। ଏହା ବିକାଶକୁ ତ୍ୱରାନ୍ୱିତ କରୁଛି।

**ତୁଳା** - ଆଜି କୌଣସି ତର୍କବିତର୍କ ଠାରୁ ଦୂରରେ ରହିବେ। ଯେତେ ପଜିଟିଭ୍ ରହିବେ ସେତିକି ଆପଣଙ୍କ ପାଇଁ ଭଲ। ନିଜର ପ୍ରିୟ ଫଳକୁ ଆଜି ଖାଇବାକୁ ଚାହିଁବେ। ଦିନଟି ପ୍ରଡକ୍ଟିଭ୍ ରହିବ। ପରୀକ୍ଷାରେ ଲାଭଦାୟକ ପରିଣାମ ପାଇବେ।

**ବିଛା** - ନୂଆ ଅବସର ସମ୍ମୁଖକୁ ଆସିବ। ଏଥିରେ ମହତ୍ତ୍ୱପୂର୍ଣ୍ଣ ପରିବର୍ତ୍ତନ ଆସିବ। ପରିବର୍ତ୍ତନକୁ ସ୍ୱୀକାର କରିବେ। ଦିନଟି ବିକାଶର ଅବସର ଆଡ଼କୁ ଇସାରା କରୁଛି। ଆହ୍ୱାନଗୁଡ଼ିକ ପାଇଁ ଆଲର୍ଟ ରହିବେ।

**ଧନୁ** - ପ୍ରେମ ମାମଲାରେ ଦିନଟି ଆପଣଙ୍କର। କିଛି ଜାତକ ଚାପପୂର୍ଣ୍ଣ ରହିବ। କାମକୁ ନେଇ ବ୍ୟସ୍ତ ରହିବେ। କିଛି ଲୋକ ବସ୍‌ଙ୍କ ଠାରୁ ଗାଳି ଖାଇପାରନ୍ତି। ପୂର୍ବ ନିବେଶରେ ଅପେକ୍ଷାନୁସାରେ ପରିଣାମ ପାଇବେ।

**ମକର** - ସେଲ୍ଫ ଲଭ୍ ଉପରେ ଧ୍ୟାନ କେନ୍ଦ୍ରିତ କରିବେ। କାମର ଅଧିକ ଚାପ ନନେଲେ ଭଲ। ସମସ୍ୟା ଆସିବ ଓ ଯିବ। ଅର୍ଥର ଆଗମନ ହେବ କିନ୍ତୁ ସେହି ଅନୁସାରେ ଖର୍ଚ୍ଚର ଅବସର ଆସିବ।

**କୁମ୍ଭ** - ଅବସରଗୁଡ଼ିକୁ ଖୋଲା ହୃଦୟରେ ଆପଣାଇବେ। ଆଜି ସମ୍ପର୍କରେ ସନ୍ତୁଳନ ରକ୍ଷା କରିବା ଦିଗରେ ଧ୍ୟାନ କେନ୍ଦ୍ରିତ କରିବେ। ଭୁଲ୍ ବୁଝାମଣା ଯୋଗୁ ମନୋମାଳିନ୍ୟ ହୋଇପାରେ। ବିଚାର ଓ ଲକ୍ଷ୍ୟକୁ କ୍ଲିଅର୍ କରନ୍ତୁ।

**ମୀନ** - ଦିନଟିରେ ସୃଜନଶୀଳ ରହିବେ। ନୂଆ ଆହ୍ୱାନକୁ ଖୋଲା ହାତରେ ସ୍ୱୀକାର କରିବେ। ବ୍ୟକ୍ତିଗତ ଓ ପେସାଗତ ଉନ୍ନତି ପାଇଁ କ୍ରିଏଟିଭ୍ ଦିନଟି ଆପଣଙ୍କ ଅପେକ୍ଷାରେ ରହିଛି। ମାର୍ଗଦର୍ଶନ ପାଇଁ ଧାର୍ମିକ ସ୍ଥାନକୁ ଯାଇପାରନ୍ତି।


## ଶ୍ରୀମଦ୍ ଭଗବଦ୍‌ଗୀତା



**ମୟା ତତମିଦଂ ସର୍ବଂ ଜଗଦବ୍ୟକ୍ତମୂର୍ତ୍ତିନା।
ମତ୍‌ସ୍ଥାନି ସର୍ବଭୂତାନି ନ ଚାହଂ ତେଷ୍ୱବସ୍ଥିତଃ। (୯/୪)**

ମୁଁ ଅପ୍ରକାଶିତ ହେଇ ସମଗ୍ର ଜଗତରେ ବ୍ୟାପୀ ରହିଛି। ସମସ୍ତ ଭୂତ ଆତ୍ମଠାରେ ଅବସ୍ଥିତ କିନ୍ତୁ ମୁଁ ସେସବୁରେ ଅବସ୍ଥିତ ନୁହେଁ। ପରମାତ୍ମାଙ୍କ ମୂର୍ତ୍ତି ଅବ୍ୟକ୍ତ। ମନ, ବୁଦ୍ଧି ଓ ଇନ୍ଦ୍ରିୟମାନଙ୍କର ଗୋଚର ନୁହେଁ। ଅର୍ଥାତ ଈଶ୍ୱରଙ୍କ ସତ୍ତା ସବୁ ଭୂତରେ ଥିବାରୁ ଏ ଜଗତ ପ୍ରକାଶମୟ। ସେ ସତ୍ତା ସମସ୍ତ ଭୂତର କାରଣ ହେଲେ ମଧ୍ୟ କାହିଁରେ ଲିପ୍ତ ହୁଅନ୍ତି ନାହିଁ। ଲୁଗାର କାରଣ ସୂତା ଯେପରି ଲୁଗାରେ ଲିପ୍ତ ଭାବରେ ଥାଏ, ଘଟର କାରଣ ମାଟି ଯେପରି ଘଟରେ ଲିପ୍ତ ଭାବରେ ଥାଏ, ସେହିପରି ଭୂତମାନଙ୍କର କାରଣ ସ୍ୱରୂପ ଈଶ୍ୱରସତ୍ତା ଭୂତମାନଙ୍କରେ ଅବସ୍ଥିତ ନୁହେଁ। ଆକାଶ ପରି ନିର୍ଲିପ୍ତ ଭାବରେ ତାହା ସର୍ବତ୍ର ବ୍ୟାପୀ ରହିଛି।

## ପ୍ରକୃତି ଓ ସ୍ୱଭାବ କବି



ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ଓଡ଼ିଆ ସାହିତ୍ୟର ଇତିହାସରେ ଥିଲା ଗୁରୁତ୍ୱପୂର୍ଣ୍ଣ ସମୟ। କାରଣ ୯ ଅଗଷ୍ଟ, ୧୮୬୨ରେ ବିଶିଷ୍ଟ ସ୍ରଷ୍ଟା ସ୍ୱଭାବ କବି ଗଙ୍ଗାଧର ମେହେରଙ୍କର ଆବିର୍ଭାବ ହୋଇଥିଲା ସମ୍ବଲପୁରର ବରପାଲ୍ଲୀ ଅଞ୍ଚଳରେ। ପିଲାଦିନରୁ ଉଚ୍ଚଶିକ୍ଷାରୁ ବଞ୍ଚିତ ହୋଇଥିଲେ ମଧ୍ୟ ସେ ଥିଲେ ଜଣେ ଅସାଧାରଣ କବି। ମାନବବାଦର ଆଦ୍ୟ ପ୍ରବର୍ତ୍ତକ ଭାବରେ ପ୍ରକୃତି ଚିତ୍ରଣରେ ସେ ଛାଡ଼ିଯାଇଛନ୍ତି ନିଜର ସ୍ୱତନ୍ତ୍ର ଦୃଷ୍ଟିକୋଣ। ଓଡ଼ିଆ ସାହିତ୍ୟରେ ନବଜାଗରଣର ସ୍ୱର ଶୁଣାଇଥିବା କବିମାନଙ୍କ ମଧ୍ୟରେ ଗଙ୍ଗାଧର ମେହେର ଥିଲେ ଅନ୍ୟତମ। ଏହି ସ୍ୱର ସହିତ ନୂତନ ରୁଚିବୋଧର ସାହିତ୍ୟ ସଂରଚନା ନିମନ୍ତେ ରାଧାନାଥ ରାୟ, ମଧୁସୂଦନ ରାଓ, ଫକୀର ମୋହନ ସେନାପତି ଯେଉଁ ଆଧୁନିକ ସାହିତ୍ୟର ମୂଳଦୁଆ ପକାଇଥିଲେ ସେଥିରେ ଗଙ୍ଗାଧର ମେହେରଙ୍କ ଶ୍ରମଦାନ ବାରି ହୋଇପଡ଼େ। ସଂସ୍କୃତ, କାବ୍ୟ, ନାଟକ, ଓଡ଼ିଆ ପୁରାଣ ଆଦି ପୁରୁଣା ସାହିତ୍ୟ ଅବଲମ୍ବନରେ ସେ ଓଡ଼ିଆ ସାହିତ୍ୟ ସୃଷ୍ଟି କରିଯାଇଛନ୍ତି। ସଂସ୍କୃତ ଭାରତୀୟ ତଥା ଅନ୍ତର୍ଜ୍ଞାନ ସମ୍ପଦକୁ ମାତୃଭାଷା ଜରିଆରେ ଓଡ଼ିଆମାନଙ୍କୁ ଯୁଗୋପଯୋଗୀ ରୀତିରେ ଅବବୋଧ କରାଇବା ଥିଲା ତାଙ୍କର ଲକ୍ଷ୍ୟ। ଜଣେ ଅନନ୍ୟ ସ୍ରଷ୍ଟା ଭାବରେ ପ୍ରକୃତିକୁ ନେଇ ଭାଷା ସାହିତ୍ୟରେ ଅନେକ କାଳଜୟୀ କବିତା ସେ ରଚନା କରିଛନ୍ତି। ପ୍ରକୃତିର ବାହ୍ୟ ରୂପ ସହିତ ଆଭ୍ୟନ୍ତରୀଣ ରୂପକୁ ବର୍ଣ୍ଣନା କରିବାରେ କବିଙ୍କର କୃତିତ୍ୱ ପ୍ରଶଂସାଯୋଗ୍ୟ। ତେବେ ୧୯୨୪ର ଆଜିର ଦିନରେ ପ୍ରକୃତି କବି ଗଙ୍ଗାଧର ମେହେର ଏ ଦୁନିଆରୁ ବିଦାୟ ନେଇଥିଲେ।


## ସଂଗ୍ରାମୀ ରଘୁ-ଦିବାକର



ସ୍ୱାଧୀନତା ସଂଗ୍ରାମୀ ଦିବାକର ପରିଡ଼ା ଥିଲେ ଜଣେ ପ୍ରଜାମଣ୍ଡଳର ନେତା ଓ ରଘୁନାଥ ମହାନ୍ତି ମଧ୍ୟ ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ। ଏହି ଦୁଇ ଜଣ ରଘୁ-ଦିବାକର ନାମରେ ପରିଚିତ ଥିଲେ। ୧୯୪୧ ମସିହା ଆଜିର ଦିନରେ ଏ ଦୁଇ ଜଣଙ୍କୁ ଇଂରେଜ ସରକାର ଫାଶୀ ଦେଇଥିଲେ। ବିଦ୍ରୋହୀ ଦିବାକର ପରିଡ଼ା ୩୦ ନଭେମ୍ବର, ୧୯୧୧ରେ ରଣପୁରର ଗଡ଼ବାଣିକିଲୋ ଠାରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ମୃତ୍ୟୁପରେ ବହୁ ଭୂ-ସମ୍ପତ୍ତିର ମାଲିକ ହେବା ସହିତ ରଣପୁର ରାଜାଙ୍କ ପ୍ରିଣ୍ଟିଂ ପ୍ରେସ୍‌ରେ ଚାକିରି କରୁଥିଲେ ଦିବାକର। ଜଣ କବି ଓ ଜ୍ୟୋତିଷ ଶାସ୍ତ୍ରର ବିଶାରଦ ଭାବରେ ଦିବାକରଙ୍କର ଖ୍ୟାତି ଥିଲା। 'ଜାଗିଉଠ' ଓ 'ଆଗେଇ ଚାଲ' ନାମରେ ଦୁଇଟି କ୍ରାନ୍ତିକାରୀ କବିତା ପୁସ୍ତକ ସେ ରଚନା କରିଯାଇଛନ୍ତି। ରଘୁନାଥ ମହାନ୍ତି ୧୮ ଜୁଲାଇ, ୧୯୧୦ରେ ରଣପୁରର ବାଦଭୂଇଁ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ୧୯୩୯ରେ ପ୍ରଜାମଣ୍ଡଳର ଆହ୍ୱାନକ୍ରମେ ରଣପୁରଗଡ଼ ରାଜଉଆସ ସମ୍ମୁଖରେ ହୋଇଥିବା ବିକ୍ଷୋଭର ନେତୃତ୍ୱ ନେଇଥିଲେ ରଘୁ-ଦିବାକର। ଏହି ଜନସମାଗମକୁ ଦମନ କରିବାକୁ ଆସିଥିବା ଫିରିଙ୍ଗି ରାଜନୈତିକ ଏଜେଣ୍ଟ ମେଜର୍ ବେଜାଲ୍‌ଗେଟ୍ ମୃତ୍ୟୁବରଣ କରିଥିଲେ। ଏହି ଆନ୍ଦୋଳନର ନେତୃତ୍ୱ ନେଇଥିବା ବେଳେ ସେ ମିଥ୍ୟା ଆରୋପରେ ଫସି ଯାଇଥିଲେ। ଏଥିପାଇଁ ଏ ଦୁଇ ଜଣଙ୍କୁ ଦାୟୀ କରି ଗିରଫ କରାଗଲା ଓ ରେଳଗାଡ଼ିରେ ବିହାରର ଭାଗଲପୁର ଜେଲ୍‌କୁ ଅଣାଯାଇ ୧୯୪୧ ମସିହା ଆଜିର ଦିନରେ ଇଂରେଜ ସରକାର ଏମାନଙ୍କୁ ଫାଶୀ ଦେଇଥିଲେ।

## ଅନ୍ଧାରରେ କାହିଁକି ରହେ ତାଜ୍‌ମହଲ ?

ଦୁନିଆର ସାତଟି ଅଜୁବା ମଧ୍ୟରୁ ଅନ୍ୟତମ ହେଉଛି ତାଜ୍‌ମହଲ ଯାହା ରହିଛି ଆମ ଦେଶରେ। ପ୍ରେମର ପ୍ରତୀତ ଏହି ସ୍ମାରକଟି ପ୍ରତିବର୍ଷ ଲକ୍ଷାଧିକ ଦର୍ଶକଙ୍କୁ ଆକର୍ଷିତ କରୁଛି। ଏହାର ଅନୋଖା ବାସ୍ତୁକଳା, ଧଳା ମାର୍ବଲ୍ ଓ ଯମୁନା ନଦୀର କୂଳରେ ସ୍ଥିତ ହୋଇଥିବା କାରଣରୁ ଏହାର ସୌନ୍ଦର୍ଯ୍ୟ ଦ୍ୱିଗୁଣ ହୋଇଥାଏ। ମୋଗଲ ସମ୍ରାଟ ଶାହାଜାହାଁ ତାଙ୍କର ପ୍ରିୟ ପତ୍ନୀ ମୁମତାଜ ମହଲଙ୍କ ସ୍ମୃତିରେ ଏହି ଭବ୍ୟ ଐତିହ୍ୟ ସ୍ଥଳର ନିର୍ମାଣ ଆରମ୍ଭ କରାଇଥିଲେ ୧୬୩୨ ମସିହାରୁ। ଏହି ଅଦ୍ଭୁତ ସ୍ଥଳଟିର ନିର୍ମାଣ କରିବା ପାଇଁ ୨୦,୦୦୦ କଳାକାର, ଶିଳ୍ପକାର ଓ ଶ୍ରମିକଙ୍କର ସାହାଯ୍ୟ ନିଆଯାଇଥିଲା ଯେଉଁମାନେ ତାଜ୍‌ମହଲର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ୨୨ ବର୍ଷ ସମୟ ନେଇଥିଲେ। ଏହାର ନିର୍ମାଣ ପାଇଁ ରାଜସ୍ଥାନରୁ ଧଳା ମାର୍ବଲ, ଦକ୍ଷିଣ ଭାରତରୁ ଜେଡ୍ ପଥର ଓ ତୁର୍କୀ, ଆଫଗାନିସ୍ତାନ, ଚୀନ୍‌ରୁ ଦାମୀ ରତ୍ନସବୁ ମଗାଇଥିଲେ। ମୋଗଲ ବାସ୍ତୁକଳାର ଏକ ଅଦ୍ୱିତୀୟ ଉଦାହରଣ ହେଉଛି ତାଜମହଲ। ଏଥିରେ ରହିଛି ୨୨ଟି କୋଠରି ଯେଉଁଗୁଡ଼ିକ ମୁଖ୍ୟ କବର ତଳେ ନିର୍ମିତ ହୋଇ ରହିଛି। ମୋଗଲମାନଙ୍କ ଶାସନକାଳରେ ଏହି କୋଠରିଗୁଡ଼ିକୁ ବନ୍ଦ କରାଯାଇଥିଲା ଓ ସେବେଠାରୁ ଏହାକୁ ଆଉ ଖୋଲାଯାଇ ନାହିଁ। ପ୍ରତିଦିନ ସକାଳ ୬ଟାରୁ ସନ୍ଧ୍ୟା ୬.୩୦ ପର୍ଯ୍ୟନ୍ତ ପର୍ଯ୍ୟଟକମାନଙ୍କ ପାଇଁ ଖୋଲା ରହେ କିନ୍ତୁ ରାତିରେ ସେଠାରେ ଆଲୋକ ବ୍ୟବସ୍ଥା କରାଯାଇ ନାହିଁ। ଆଲୋକ ଦ୍ୱାରା କୀଟମାନେ ଆକର୍ଷିତ ହୁଅନ୍ତି ଓ ସେମାନେ



ମାର୍ବଲ୍‌ରେ ଲାଗିଯିବାର ଭୟ ରହିଛି ଓ ଏଥିରେ ତାଜ୍‌ମହଲର ସୌନ୍ଦର୍ଯ୍ୟହାନି ହେବ ବୋଲି କୁହାଯାଏ। ଏହା ସହିତ ବାୟୁ ପ୍ରଦୂଷଣ ଯୋଗୁ ସେଠାରେ ଲାଗିଥିବା ଟାଇଲ୍ସର ମଧ୍ୟ କ୍ଷତି ହେବ। ସେଥିପାଇଁ ସୁରକ୍ଷା ଦୃଷ୍ଟିରୁ ୧୯୯୭ରୁ ତାଜ୍‌ମହଲରେ ଲାଇଟ୍ସ ବ୍ୟବସ୍ଥା ଉପରେ ପ୍ରତିବନ୍ଧ ଲଗାଇ ଦିଆଗଲା। ପ୍ରତି ଶୁକ୍ରବାର ପର୍ଯ୍ୟଟକମାନଙ୍କ ପାଇଁ ତାଜ୍‌ମହଲ ବନ୍ଦ ରହେ। ଏହି ଦିନଟିକୁ ପ୍ରାର୍ଥନା ପାଇଁ ରଖାଯାଇଛି। ତେବେ ପୂର୍ଣ୍ଣିମା ଦିନ ବିଶେଷ ଭାବରେ ପର୍ଯ୍ୟଟକମାନେ ରାତିରେ ତାଜ୍‌ମହଲ ବୁଲି ଦେଖିପାରିବେ।

ଭାରତୀୟମାନଙ୍କ ପାଇଁ ସେଠାରେ ପ୍ରବେଶ ଶୁଳ୍କ ୫୦ ଟଙ୍କା ଥିବାବେଳେ ବିଦେଶୀମାନଙ୍କ ପାଇଁ ୧୧୦୦ ରଖାଯାଇଛି। ମୋଗଲମାନେ ତାଜ୍‌ମହଲରେ ବିଶେଷ ବାସ୍ତୁକଳାର ଉପଯୋଗ କରିଥିବାରୁ ସକାଳେ ଧଳା, ସନ୍ଧ୍ୟାରେ ଲାଲ୍ ଓ ଚନ୍ଦ୍ର ଆଲୋକରେ ଏହା ନୀଳ ରଙ୍ଗର ଦେଖାଯାଏ। ଦୁନିଆର ଦୁର୍ଲଭ ରଚନା ମଧ୍ୟରୁ ତାଜ୍‌ମହଲ ଅନ୍ୟତମ।

## ଫେରିବେ ତୁଲ୍‌ସୀ ଓ ମିହିର



ଭାରତୀୟ ଟିଭି କ୍ୱିନ୍ ଏକତା କପୁର ଅନେକ ଧାରାବାହିକର ନିର୍ମାଣ କରିସାରିଲେଣି ଯେଉଁଗୁଡ଼ିକ ହିଟ୍ ସାବ୍ୟସ୍ତ ହୋଇଛନ୍ତି। ତେବେ ଏହି ସୂଚୀରେ ସବୁଠାରୁ ଉପରେ ରହିଛି ଧାରାବାହିକ 'କିୟୁଁକି ସାସ୍ ଭି କଭି ବୋହୁ ଥୀ' ଓ 'କହାନୀ ଘର୍ ଘର୍ କି'। ସନ୍ଧ୍ୟା ହେବା ମାତ୍ରେ ଏହି ଦୁଇ ଧାରାବାହିକର ଟାଇଟଲ୍ ଟ୍ରାକ୍ ଶୁଣିବାକୁ ମିଳିଯାଏ। ଏଥିରେ ପ୍ରତିଦିନ ଆସିଥାଏ ଅନେକ ଟ୍ୱିଷ୍ଟ୍ ଯେଉଁଥି ପାଇଁ ଦର୍ଶକମାନେ ଏହି ଧାରାବାହିକଗୁଡ଼ିକ ସହିତ ବାନ୍ଧି ହୋଇ ରହିଥାନ୍ତି। ଏବେ ପୁଣି ଥରେ ଏକତା କପୁର ସେହି ପୁରୁଣା ଦିନଗୁଡ଼ିକୁ ତାଜା କରିବା ପାଇଁ ଚାହୁଁଛନ୍ତି। କାରଣ 'କିୟୁଁକି ସାସ୍ ଭି କଭି ବୋହୁ ଥୀ'ର ଓରିଜିନାଲ୍ କାଷ୍ଟ ସହିତ ଫେରିବେ ଏକତା କପୁର। ୨୦୦୦-୨୦୦୮ ପର୍ଯ୍ୟନ୍ତ ଚାଲିଥିବା ଏହି ଶୋ'ରୁ ସ୍ମୃତି ଇରାନୀ ତୁଲ୍‌ସୀ ଚରିତ୍ରରେ ଅଭିନୟ କରି ଘରେ ଘରେ ପରିଚିତ ହୋଇଥିଲେ ଓ ଏବେ ପୁଣି ଥରେ ଏହି ଶୋ' ଜରିଆରେ ସେ ଫେରିବେ ପୁରୁଣା କାଷ୍ଟଙ୍କ ସହିତ। ଓରିଜିନାଲ୍ ଶୋ' ଆଠ ବର୍ଷ ପର୍ଯ୍ୟନ୍ତ ଚାଲିଥିଲା ଯାହାର କ୍ଲାଇମାକ୍ସ ଅନ୍‌ଏୟାର ହୋଇଥିଲା ୨୦୦୮ ନଭେମ୍ବର ମାସରେ। ତେବେ ବର୍ତ୍ତମାନ ଏହି ସିରିଜଟି ସୀମିତ ହୋଇ ରହିବ ଯାହା ଉପରେ ଜୋର୍‌ସୋର୍‌ରେ କାମ କରୁଛନ୍ତି ପୂରା ଦଳ। ଏକତା ଓ ତାଙ୍କ ଦଳ ଏହା ଉପରେ କୌଣସି ଖବରକୁ ନେଇ ଗୁପ୍ତ ରଖିବାକୁ ଚାହୁଁଛନ୍ତି। ସ୍ମୃତି ଇରାନୀ ପୂର୍ବ ଚରିତ୍ରରେ ନିଜକୁ ପୁଣି ଥରେ ତାଜା କରିବା ପାଇଁ ପୂରା ପ୍ରୟାସ କରୁଥିବା ବେଳେ ତାଙ୍କ ଠାରୁ ପୁଣି ଥରେ ଆରମ୍ଭ ହେବ ଓପନିଂ ସଟ୍ସ। ତୁଲ୍‌ସୀ ଦର୍ଶକମାନଙ୍କୁ ନିଜ ଘରେ ସ୍ୱାଗତ କରିବେ ଓ ପ୍ରତି ଚରିତ୍ର ସହିତ ପରିଚୟ କରାଇବେ। ପୂର୍ବପରି ସେହି ଲୋକେସନ୍‌ରେ ସୁଟ୍ କରାଯିବ 'କିୟୁଁକି ସାସ୍ ଭି କଭି ବୋହୁ ଥୀ'। ଖବର ଅନୁସାରେ ମିହିର ଚରିତ୍ରରେ ଅଭିନୟ କରିଥିବା ଅଭିନେତା ଅମର ଉପାଧ୍ୟାୟ ବହୁତ ଶୀଘ୍ର ଶୋ' 'ଡ଼ୋରୀ'ରୁ ବାହାରିଯିବେ କାରଣ ଏକତାଙ୍କ ଶୋ'ର ସୁଟିଂରେ ସେ ଭାଗ ନେବେ। ତେବେ ଅମରଙ୍କୁ ମିହିର ଚରିତ୍ରରେ ଦେଖିବାକୁ ଉତ୍ସାହୀ ଅଛନ୍ତି ଦର୍ଶକମାନେ।



## ବିଶ୍ୱ ଗାଜର ଦିବସ



ଆଜି ପୂରା ବିଶ୍ୱ ପାଳନ କରୁଛି ଗାଜର ଦିବସ। ୨୦୦୩ରୁ ପାଳିତ ହେଉଥିବା ଏହି ଦିବସର ଆରମ୍ଭ କରିଥିଲେ ଫ୍ରାନ୍ସ ଓ ସ୍ୱିଡେନ। ପରବର୍ତ୍ତୀ ସମୟରେ ଅନ୍ୟ ଦେଶଗୁଡ଼ିକରେ ଗାଜର ଦିବସ ପାଳନ କରାଯାଇଥିଲା। ଏହି ଦିବସ ଦିନ ଗାଜରର ବିଭିନ୍ନ ଲାଭ ବିଷୟରେ ଲୋକମାନଙ୍କୁ ସଚେତନ କରାଯାଏ ଯେପରିକି ଆଖି ପାଇଁ ଭିଟାମିନ୍-ଏ, ସ୍କିନ୍ ପାଇଁ ଆଣ୍ଟିଅକ୍ସିଡେଣ୍ଟ ଓ ପାଚନ ପାଇଁ ଫାଇବର୍ ଆଦି ମିଳେ ଗାଜରରୁ। ଗାଜରର ବିଭିନ୍ନ ରଙ୍ଗ ଓ ପ୍ରଜାତି ବିଷୟରେ ମଧ୍ୟ ଲୋକମାନଙ୍କୁ ଅବଗତ କରାଯାଏ। ଗାଜରର ବନସ୍ପତିକ ନାମ ଡାକସ୍ କ୍ୟାରୋଟା। ବିଶେଷଜ୍ଞମାନଙ୍କ ଅନୁସାରେ ଏସିଆର ଲୋକମାନେ ପ୍ରଥମେ ଗାଜର ଚାଷ ଆରମ୍ଭ କରିଥିଲେ ଯାହା ପରବର୍ତ୍ତୀ ସମୟରେ ପୂରା ବିଶ୍ୱରେ ବ୍ୟାପିଯାଇଥିଲା। ଗାଜରର ରହିଛି ଚାରୋଟି ଅଲଗା ଅଲଗା ରଙ୍ଗ-ଲାଲ୍, ହଳଦିଆ, ନାରଙ୍ଗୀ ଓ କଳା। ଗାଜର ଖାଇବାକୁ ସମସ୍ତେ ପସନ୍ଦ କରନ୍ତି। ଏହା ଏକ ରୁଟ୍ ଭେଜିଟେବଲ୍ ଯାହାକୁ ସାଲାଡ୍, ତରକାରି, ସୁପ୍, ହାଲୁଆ, ପୁଡ଼ିଂ, ମିଠେଇ ଆଦିରେ ବ୍ୟବହାର କରାଯାଏ। ସ୍ୟାଣ୍ଡୱିଚ୍, ଇଡ୍‌ଲୀ, ପରଟା ଆଦି ଖାଦ୍ୟକୁ ଯଦି ଆହୁରି ସ୍ୱାସ୍ଥ୍ୟକାରୀ କରିବା ପାଇଁ ଚାହୁଁଛନ୍ତି ତେବେ ଗାଜରକୁ କଦ୍ଦୁକଷ କରି ଏଥିରେ ମିଶେଇ ପ୍ରସ୍ତୁତ କରିପାରିବେ।







**ଲାଲ୍ ଗାଜର**-ଆମ ଦେଶରେ ଲାଲ୍ ଗାଜରର ବ୍ୟବହାର ଅଧିକ ହୁଏ। ଅକ୍ଟୋବର-ନଭେମ୍ବର ମାସରେ ଏହାର ଚାଷ ଆରମ୍ଭ କରାଯାଏ। ଏଥିରେ ଭିଟାମିନ-ସି ଭରପୂର ମାତ୍ରାରେ ଥାଏ ଯାହା ଆଣ୍ଟିବଡି ନିର୍ମାଣ କରିବାରେ ସହାୟକ ହୁଏ।

**ବାଇଗଣି ଗାଜର**-ଗାଜରର ସବୁ ପ୍ରଜାତି ମଧ୍ୟରୁ ଅଧିକ ଲାଭକାରୀ ବାଇଗଣି ଗାଜର। ଏଥିରେ ଫାଇବର୍, ପୋଟାସିୟମ୍, ଭିଟାମିନ୍-ସି, ମାଙ୍ଗାନିଜ, ଭିଟାମିନ୍-ଏ ଓ ବିଭିନ୍ନ ପ୍ରକାରର ଭିଟାମିନ୍ ମଧ୍ୟ ରହିଛି। ଏଥିରେ କ୍ୟାଲୋରୀ ସୀମିତ ମାତ୍ରାରେ ଥାଏ।

**ହଳଦିଆ ଗାଜର**-ହଳଦିଆ ରଙ୍ଗର ଗାଜର ସ୍ୱାଦରେ ମିଠା। ଏହି ରଙ୍ଗର କାରଣ ଏଥିରେ ଥିବା ଲ୍ୟୁଟିନ୍ ଯାହା ଆଖି ପାଇଁ ବେଶ୍ ଲାଭକାରୀ। ଏଥିରେ ଥିବା ବିଟା-କ୍ୟାରେଟିନ୍ ଶରୀରରେ ଯାଇ ଭିଟାମିନ୍-ଓରେ ପରିବର୍ତ୍ତିତ ହୋଇଯାଏ ଓ ଆଖିକୁ ସୂର୍ଯ୍ୟଙ୍କ ହାନିକାରକ ରଶ୍ମିରୁ ରକ୍ଷା କରେ। ସ୍କିନ୍ ପାଇଁ ମଧ୍ୟ ଏହି ଗାଜର ଲାଭକାରୀ।

**ଡାନ୍‌ଭର୍ସ ଗାଜର**-୧୮୭୧ରେ ମାସାଚୁସେଟ୍‌ସରେ ପ୍ରଥମେ ଏହି ଗାଜର ଚାଷ ଆରମ୍ଭ କରାଯାଇଥିଲା। ଏହା ଗାଢ଼ ନାରଙ୍ଗୀ ରଙ୍ଗର ହୋଇଥାଏ। ଏଥିରେ ଥିବା ଆଣ୍ଟିଅକ୍ସିଡେଣ୍ଟ୍ସ ଆଖି ପାଇଁ ଲାଭକାରୀ ପ୍ରମାଣିତ ହୋଇଥାଏ। ଏହା ସହିତ ଏଥିରେ ଥିବା ବିଟା କ୍ୟାରେଟିନ୍ ଶରୀରକୁ ଯାଇ ଭିଟାମିନ୍-ଏରେ ବଦଳିଯାଏ। ଏହାକୁ ଖାଇବା ଦ୍ୱାରା ଫ୍ରି ରେଡିକଲ୍ସର ପ୍ରଭାବରୁ ଶରୀରକୁ ରକ୍ଷା କରିପାରିବେ। ଏହା ସହିତ ପ୍ରି-ମାଚ୍ୟୋର୍ ଏଜିଂ ସମସ୍ୟା ଦୂର ହୁଏ।

## ବୁଦ୍ଧିମାନ ଓ ସାମାଜିକ ପ୍ରାଣୀ-ମୂଷା

ମୂଷାକୁ ବୁଦ୍ଧିମାନ ଓ ଏକ ସାମାଜିକ ପ୍ରାଣୀ ଭାବରେ ଲୋକମାନେ ମାନନ୍ତି। କିଛି ଲୋକ ମୂଷାକୁ ପାଳିତ ଜୀବ ଭାବରେ ମଧ୍ୟ ରଖିବାର ଦେଖିବାକୁ ମିଳେ। ମୂଷା ପ୍ରତି ଉତ୍ସାହୀ ଲୋକମାନଙ୍କର ଏକ ସମୂହ ୨୦୦୨ ମସିହାରୁ ଆଜିର ଦିନରେ ମୂଷା ଦିବସ ପାଳନ କରିବା ପାଇଁ ଚାହିଁଥିଲେ। ମୂଷାକୁ ପାଳିତ ଜୀବ ଭାବରେ ଗ୍ରହଣ କରିବା ଓ ସେମାନଙ୍କ ପ୍ରତି ଲୋକମାନଙ୍କର ଦୃଷ୍ଟିକୋଣରେ ପରିବର୍ତ୍ତନ ଆଣିବା ଏହି ଦିବସର ଉଦ୍ଦେଶ୍ୟ। ମୂଷା ପ୍ରାରମ୍ଭିକ ସ୍ତନ୍ୟଧାରୀ ପ୍ରଜାତି ମଧ୍ୟରୁ ଅନ୍ୟତମ। ୟୁରୋପ୍‌ରେ ଏହାକୁ ଅଶୁଭ ଜୀବ ଭାବରେ ଦେଖୁଥିବା ବେଳେ ଆମ ଦେଶରେ ମୂଷାକୁ ପୂଜା କରାଯାଏ। ମୂଷା ଭଗବାନ ଗଣେଶଙ୍କର ବାହନ। ଅନେକ ସ୍ଥାନରେ କୁକୁର, ବିଲେଇ, ଶୁଆଙ୍କ ପରି ମୂଷାମାନଙ୍କୁ ଲୋକମାନେ ପାଳନ କରିବାର ଦେଖିବାକୁ ମିଳେ। ପ୍ଲେଗ୍ ପରି ଗମ୍ଭୀର ରୋଗ, ଖାଦ୍ୟଶସ୍ୟ, କପଡ଼ା ଆଦି ନଷ୍ଟ କରୁଥିବାରୁ ଅଧିକାଂଶ ଲୋକ ମୂଷାମାନଙ୍କୁ ଭଲ ପାଆନ୍ତି ନାହିଁ। କିନ୍ତୁ ଏହା ଏକ ବୁଦ୍ଧିମାନ ଜୀବ। ମୂଷାକୁ ନେଇ ନିର୍ମାଣ ହୋଇଛି ଅନେକ କାର୍ଟୁନ୍ ପ୍ରୋଗ୍ରାମ ଯେଉଁଗୁଡ଼ିକ ସଫଳତାର ସହିତ ଚାଲିଛି। ବୈଜ୍ଞାନିକମାନେ ମୂଷାମାନଙ୍କ ଉପରେ ପରୀକ୍ଷା କରନ୍ତି ବିଶେଷ କରି ଔଷଧ ମାମଲାରେ। ବଜାରକୁ କୌଣସି ନୂଆ ଔଷଧ ବା ଟିକା ଛାଡ଼ିବା ପୂର୍ବରୁ ଟ୍ରାଏଲ୍ ପାଇଁ ମୂଷାମାନଙ୍କ ଉପରେ ପ୍ରଥମେ ପରୀକ୍ଷା କରାଯାଏ ଯେଉଁଥିରୁ ସେସବୁର ଲାଭ ଓ କ୍ଷତି ବିଷୟରେ ଜଣାପଡ଼େ। ପରୀକ୍ଷା ସଫଳ ହେଲାପରେ ଲୋକମାନେ ଏହାକୁ ବ୍ୟବହାର କରିଥାନ୍ତି। ତେବେ ଆଜିପରି ଦିନରେ ମୂଷାମାନଙ୍କ ବିଷୟରେ କେତେକ ରୋଚକ ତଥ୍ୟ ଜାଣିବା।

- ମୂଷାମାନଙ୍କର ସ୍ମରଣ ଶକ୍ତି ବହୁତ ପ୍ରଖର। ସେଥିପାଇଁ ସେମାନେ ଯେଉଁ ରାସ୍ତାରେ ଥରେ ଯାଇଥାନ୍ତି ସେ ରାସ୍ତାକୁ କେବେ ମଧ୍ୟ ଭୁଲନ୍ତି ନାହିଁ।
- ମୂଷାମାନଙ୍କର ଆଗର ଦାନ୍ତ ଦ୍ରୁତଗତିରେ ବଢ଼ିଥାଏ। ଏହି କାରଣରୁ ସେମାନେ କାଠ, ଇଟା ବା ସିମେଣ୍ଟ ଆଦିକୁ ଘଷି ପାରନ୍ତି।
- ମୂଷାମାନଙ୍କ କାରଣରୁ ମଣିଷମାନେ ୩୦ରୁ ଅଧିକ ରୋଗରେ ଆକ୍ରାନ୍ତ ହୋଇଥାନ୍ତି। ଏହି ବେମାରୀଗୁଡ଼ିକ ମଧ୍ୟରୁ ସବୁଠାରୁ ଘାତକ ହେଉଛି ପ୍ଲେଗ୍।
- ମୂଷାମାନେ ସମୂହରେ ରହିବାକୁ ଖୁବ୍ ପସନ୍ଦ କରନ୍ତି। ତେବେ ମଜାଦାର କଥା ହେଲା ଏମାନଙ୍କ ଦଳରେ କୌଣସି ମୂଷା ରୋଗଗ୍ରସ୍ତ ହୋଇଗଲେ ଅନ୍ୟମାନେ ମିଶି ତା'ର ଯତ୍ନ ନେଇଥାନ୍ତି।
- ପହଁରିବାରେ ମଧ୍ୟ ଏମାନେ ମାହିର। ଗଭୀର ପାଣିରେ ମଧ୍ୟ ଏମାନେ ପହଁରି ପାରନ୍ତି।
- ବିଲେଇମାନଙ୍କ ପରି ମୂଷାମାନଙ୍କ ଶରୀର ବେଶ୍ ନମନୀୟ ହୋଇଥାଏ। ୫୦ ଫୁଟ୍ ଉପରୁ ପଡ଼ିଲେ ମଧ୍ୟ ଏମାନେ ବଞ୍ଚିପାରିବେ।
- ମୂଷାମାନଙ୍କର କେବଳ ଆଙ୍ଗୁଳି ଥାଏ, ବୁଢ଼ା ଆଙ୍ଗୁଳି ନଥାଏ।



# ଟ୍ରକ୍ ପଛକୁ ଧକ୍କାଦେଇ ଅଟୋଚାଳକ ଆହତ



**ବାରଙ୍ଗ,୩।୪/ଏନ୍ଏନ୍ଏସ୍:** ଗୁରୁବାର ୧୦ଟାରେ ନରଣପୁର ଖେଳପଡ଼ିଆ ନିକଟରେ ଏକ ଅଟୋ ଟ୍ରକ୍ ପଛକୁ ଧକ୍କା ଦେଇଛି। ଫଳରେ ଅଟୋରେ ୫ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତୀ ଯାଇଥିବାବେଳେ ଅଟୋ ଚାଳକ ଆହତ ହୋଉଛନ୍ତି। ଚାଳକ ଜଣକ ହେଲେ ଛତିଆବଟର ଦୁର୍ଗା ଶଙ୍କର ସ୍ୱାଇଁ। ତେବେ ବାରଙ୍ଗ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଆହତକୁ ଉଦ୍ଧାର କରି ଚିକିତ୍ସା ପାଇଁ ପଠାଇଥିବାବେଳେ ଅଟୋକୁ ଜବତ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ ୫ଜଣ ଯାତ୍ରୀଙ୍କୁ ନେଇ ଏକ ଅଟୋ ବାଲିକୁଦା ଦେଇ ବାରଙ୍ଗ ଅଭିମୁଖେ ଆସୁଥିବା ବେଳେ ଏହି ସମୟରେ ନରଣପୁର ଖେଳ ପଡିଆ ନିକଟରେ ଏକ ହମ୍ପସ ପଡିବାରୁ ଅଟୋ ସାମନାରେ ଯାଉଥିବା ଏକ ଟ୍ରକଟି ହଠାତ୍ ବ୍ରେକ ମାରିଥିଲା। ଅଟୋ ଚାଳକ ଭାର ସାମ୍ୟ ହରାଇ ବେଗ ନିୟନ୍ତ୍ରଣ କରିନପାରି ଟ୍ରକ ପଛକୁ ଜୋରରେ ଧକ୍କା ଦେଇଥିଲା। ଫଳରେ ଅଟୋଟିର କ୍ୟାବିନ ସମ୍ପୂର୍ଣ୍ଣ ରୂପେ ଭାଙ୍ଗିରୁଜି ଯାଇଥିବା ବେଳେ ଚାଳକର ଗୋଡ ଦୁଇଟି ଚାପି ହୋଇ ରହିଯାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ଏକ ଲୁହା ରଡ୍‌ରେ କ୍ୟାବିନକୁ ସିଧାକରି ଦୀର୍ଘ ଅଧଘଣ୍ଟା ପରେ ଚାଳକକୁ ଅଟୋ ଭିତରୁ ଉଦ୍ଧାର ପରେ ଚିକିତ୍ସା ପାଇଁ ପଠାଇଥିଲେ। ଅଟୋ ଚାଳକଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାବେଳେ ପୁଲିସ ଅଟୋ ଜବତକରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

# ନୋଡାଲ୍ ବିଦ୍ୟାପୀଠର ବାର୍ଷିକ ଉତ୍ସବ



**ଓଡ଼ଗାଁ,୩।୪/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ପଞ୍ଚିରିଡା-ମାନପୁର ଲୋକ ନୋଡାଲ ବିଦ୍ୟାପୀଠର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ନୟାଗଡ଼ ମହାବିଦ୍ୟାଳୟର ଅବସରପ୍ରାପ୍ତ ଓଡ଼ିଆ ଅଧ୍ୟାପକ ଡ଼. ଗୋବିନ୍ଦ ଚନ୍ଦ୍ର ଦାଶ, ମୁଖ୍ୟବକ୍ତା ଭାବେ ଶରଣକୁଳ ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ଅଧ୍ୟାପକ ଅନ୍ତର୍ଯ୍ୟାମୀ ପରିଡ଼ା, ସମ୍ମାନିତ ଅତିଥିଭାବେ ସରପଞ୍ଚ ସୌଭାଗିନୀ ସାହୁ, ସମିତିସଭ୍ୟ ଜଗନ୍ନାଥ ସାହୁ, ସିଆରସିସି ଗୋଦାବରୀ ବସନ୍ତିଆ, ପ୍ରଧାନଶିକ୍ଷକ ଅଦ୍ୱୈତ ନାରାୟଣ ରଣସିଂହ, ପରିଚାଳନା କମିଟି ସଭାପତି ତଥା ଯୋଗଗୁରୁ ବୈକୁଣ୍ଠ ନାଥ ପ୍ରଧାନ, ସମ୍ମାନିତ ପ୍ରତିଭୂ ନୟାଗଡ଼ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଦାଶରଥି ବିଶ୍ୱାଳ, ସ୍ୱର୍ଣ୍ଣପଦକପ୍ରାପ୍ତ ଅବସରପ୍ରାପ୍ତ ଆୟୁର୍ବେଦିକ ଡାକ୍ତର ସୂର୍ଯ୍ୟନାରାୟଣ ସାହୁ, ଶିକ୍ଷକ ଡ଼ ସୁରେଶ ଚନ୍ଦ୍ର ବରାଡ, ଆଦର୍ଶ ଶିକ୍ଷୟିତ୍ରୀ ମାଳତୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଡ. ସୁରେଶ ଚନ୍ଦ୍ର ବରାଡ଼ ମଞ୍ଚ ପରିଚାଳନା କରିଥିବାବେଳେ ଆଦର୍ଶ ଶିକ୍ଷକ ଚିନ୍ତାମଣି ମହାରଣା ସମ୍ପାଦକୀୟ ପାଠ କରିଥିଲେ ଏବଂ ଆଦର୍ଶ ଶିକ୍ଷକ ପ୍ରେମାନନ୍ଦ ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଡ. ସୁରେଶ ଚନ୍ଦ୍ର ବରାଡଙ୍କ ରଚିତ ପୁସ୍ତକ 'ତୁଳସୀ ଦୁଇ ପତ୍ରରୁ ବାସେ' ଉନ୍ମୋଚନ କରାଯିବା ସହିତ ବିଦ୍ୟାଳୟର ପ୍ରଥମରୁ ନବମଶ୍ରେଣୀ ପର୍ଯ୍ୟନ୍ତ ପ୍ରତି ଶ୍ରେଣୀର ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଖେଳ, ନାଚ, ଗୀତ, ବକ୍ତୃତା, ବୃତ୍ତି, ଡ୍ରଇଂ, ଆଦର୍ଶ, ନବଦୋୟ ସହିତ ବିଭିନ୍ନ ପ୍ରତିଯୋଗିତାରେ ବିଜୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଅଧ୍ୟୟନରତ ଓ ପୁରାତନ ଛାତ୍ରୀଛାତ୍ରଙ୍କ ସହିତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ, ପଞ୍ଚସଖା କମିଟି ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟମାନେ ସହଯୋଗ କରିଥିଲେ।

# ପୋଷାକ ପରିଧାନ ଦିବସ



**ବଲାଙ୍ଗୀ,୩।୪/ଏନ୍ଏନ୍ଏସ୍:** ଏପ୍ରିଲ ୩ ତାରିଖକୁ ରାଜ୍ୟ ସରକାରଙ୍କ ସ୍ଥିରିକୃତ ଓଡିଆ ପକ୍ଷ ପାଳନ ଅବସରରେ 'ଆମ ପୋଷାକ ଆମ ପରିଚୟ' ହସ୍ତତନ୍ତ ବୟନ ଶିଳ୍ପ ଓ ହସ୍ତଶିଳ୍ପ ବିଭାଗର ଆହ୍ୱାନକ୍ରମେ ବଲାଙ୍ଗୀ ଥାନା ଅନ୍ତର୍ଗତ ତନ୍ତୁବାୟ ସହଯୋଗ ସମିତି ମୈଜିବେଗରେ ପାରମ୍ପରିକ ବସ୍ତ୍ର ପରିଧାନ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ସରକାରୀ ବୟନ ଶିଳ୍ପ ନିର୍ଦ୍ଦେଶାଳୟଙ୍କ କାର୍ଯ୍ୟାଳୟର କ୍ଷେତ୍ର କର୍ମଚାରୀ ବୈଷୟିକ ସହାୟକ ଗୁଣ୍ଡିଚା ମହାନ୍ତି ବୟନ ନିରୀକ୍ଷକ ରାମଚନ୍ଦ୍ର ମହାରଣାଙ୍କ ଉପସ୍ଥିତିରେ ସମିତିର ସଭାପତି ଶରତଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସମିତିର ସମ୍ପାଦକ ନରେଶ ଚନ୍ଦ୍ର ବେହେରା ପରିଚାଳନା କରିଥିଲେ। ସଭାରେ ସମିତିର ପରିଚାଳନା ପରିଷଦର ସଭ୍ୟ ସଭ୍ୟା ସମିତିର ଏକ ଶହରୁ ଊର୍ଦ୍ଧ୍ୱ ବୁଣାକାର ସଭ୍ୟ ସଭ୍ୟାମାନେ ପାରମ୍ପରିକ ବସ୍ତ୍ର ପରିଧାନ କରି ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।

'କଲ୍ଲୋଳ-୨୦୨୫'ରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

# 'ଜଗତସିଂହପୁର ଜିଲ୍ଲା ହେବ ରାଜ୍ୟ ବିକାଶର ଏକ ନମ୍ବର ଗ୍ରୋଥ୍ ଇଞ୍ଜିନ୍'



**ଭୁବନେଶ୍ୱର,୩।୪/ଏନ୍ଏନ୍ଏସ୍:** ଜଗତସିଂହପୁର ଜିଲ୍ଲା ହେବ ରାଜ୍ୟର ଏକ ନମ୍ବର ଜିଲ୍ଲା ଯାହା ରାଜ୍ୟ ସରକାରଙ୍କ ସମୃଦ୍ଧ ଓଡ଼ିଶାର ଜୟ ଯାତ୍ରାରେ ଗ୍ରୋଥ ଇଞ୍ଜିନ ଭାବେ କାର୍ଯ୍ୟ କରିବ। ଜଗତସିଂହପୁର ଜିଲ୍ଲାକୁ ରାଜ୍ୟର ଏକ ଅଗ୍ରଣୀ ଓ ବିକଶିତ ଜିଲ୍ଲା ଭାବରେ ଗଢ଼ି ତୋଳିବା ପାଇଁ ଆମର ଉଦ୍ୟମ ଜାରି ରହିଛି। ଜଗତସିଂହପୁରର ସର୍ବାଙ୍ଗୀନ ବିକାଶ କରିବା ହେଉଛି ଆମର ପ୍ରାଥମିକତା। ଏହା ଅତ୍ୟନ୍ତ ଖୁସିର ବିଷୟ ଯେ ଜଗତସିଂପୁର ଜିଲ୍ଲାରେ ବହୁତ ଶୀଘ୍ର ସ୍ଥାପିତ ହେବାକୁ ଯାଉଛି ମେଡିକାଲ୍ କଲେଜ, ଯାହା ଫଳରେ ଭବିଷ୍ୟତରେ ଜିଲ୍ଲାରେ ସ୍ୱାସ୍ଥ୍ୟ ବ୍ୟବସ୍ଥାର ସମୃଦ୍ଧି ଘଟିବା ସହିତ ସମସ୍ତ ଜନସାଧାରଣ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଗୁରୁବାର ଜଗତସିଂହପୁର ଜିଲ୍ଲା ମହୋତ୍ସବ 'କଲ୍ଲୋଳ -୨୦୨୫'ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି।

ଏହାଛଡ଼ା ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଚଳିତ ବର୍ଷ ଜଗତସିଂହପୁର ଜିଲ୍ଲାରେ ଏକ ସରକାରୀ ମହାବିଦ୍ୟାଳୟ ପ୍ରତିଷ୍ଠା ହେବ ଏବଂ ଓଡ଼ିଶାର ଅନ୍ୟତମ ଶିଳ୍ପ ସମୃଦ୍ଧ ଅଞ୍ଚଳ ପାରାଦୀପ ହେବ ଆମ ରାଜ୍ୟର ବିକାଶ ମୁକୁଟର ମଣି ସଦୃଶ। ଜଗତସିଂହପୁର ଜିଲ୍ଲା ପାଇଁ ଚଳିତ ଆର୍ଥିକ ବର୍ଷରେ ୨ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବଜେଟ ରାଜ୍ୟ ସରକାର ମଞ୍ଜୁର କରିଛନ୍ତି, ଯାହା ଏହି ଅଞ୍ଚଳର ବିକାଶ ପାଇଁ ଖର୍ଚ୍ଚ ହେବ। ସରକାର ଯେଉଁ ପୋର୍ଟ ଲେଡ୍ ଡେଭଲପମେଣ୍ଟର ମୂଳଦୁଆ ପାଇଁ ବଜେଟ୍‌ରେ ପ୍ରସ୍ତାବ ଆଣିଛନ୍ତି ସେଥିରେ ପାରାଦୀପ ହେବ ଅଗ୍ରଣୀ। ଏଥିପାଇଁ ପାରାଦୀପ, ଚୌଦ୍ୱାର, ଅନୁଗୁଳ, ଢେଙ୍କାନାଳ, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ରାଉରକେଲାକୁ ସଂଯୋଗ କରୁଥିବା ଏକ ଶିଳ୍ପ କରିଡର ବିକାଶ କରାଯିବ। ଆଧୁନୀକିକରଣ ଓ ଶିଳ୍ପ ବିକାଶର ଅକ୍ଷ ପାଲଟିବ ଓଡ଼ିଶାର ସର୍ବୋପୁରାତନ ବନ୍ଦର ପାରାଦୀପ ବନ୍ଦର। ଜଗତସିଂହପୁର ଜିଲ୍ଲା ହେବ ରାଜ୍ୟର ଏକ ନମ୍ବର ଜିଲ୍ଲା ଯାହା ଆମ ସରକାରଙ୍କ ସମୃଦ୍ଧ ଓଡ଼ିଶାର ଜୟ ଯାତ୍ରାରେ ଗ୍ରୋଥ ଇଂଜିନ ଭାବେ କାର୍ଯ୍ୟ କରିବ। ରୋଜଗାର ବୃଦ୍ଧି ହେଲେ ହିଁ ଏକ ଅଂଚଳର ବିକାଶ ହୁଏ। ଏଣୁ ଆମ ସରକାର ନିଷ୍ପତ୍ତି ନେଇଛି ଯେ ଜଗତସିଂହପୁରରେ ଏକ ଟେକ୍ସଟାଇଲ ପ୍ରଡକ୍ସନ ୟୁନିଟ୍ ପ୍ରତିଷ୍ଠା ହେବ ଯାହା ଏହି ଅଞ୍ଚଳର ପାଖାପାଖି ୨୦,୦୦୦ ଜନସାଧାରଣଙ୍କୁ ନିଯୁକ୍ତି ଦେବ। ଏହି ଜିଲ୍ଲାର ଐତିହ୍ୟର ପ୍ରତୀକ ମୃତ ଅଳକା ନଦୀର ପୁନଃରୁଦ୍ଧାର ପାଇଁ ମଧ୍ୟ ଆମ ସରକାର ଚେଷ୍ଟିତ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ପୂର୍ତ୍ତ, ଆଇନ, ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ କଳା ଓ ସଂସ୍କୃତିର ମାଟି ଜଗତସିଂହପୁର ହେବ ଭାରତବର୍ଷର ସବୁଠାରୁ ଉତ୍କର୍ଷ ଜିଲ୍ଲା ଯାହା ଆମ ସରକାରର ବିକାଶର ଧାରାକୁ ତ୍ୱରାନ୍ୱିତ କରିବ। ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ ଶିଳ୍ପର ବିକାଶରେ ଜଗତସିଂହପୁର ଜିଲ୍ଲାର ବିକାଶ ହେବ ଏବଂ ରାଜ୍ୟ ସରକାରଙ୍କ ସମୃଦ୍ଧ ଓଡ଼ିଶା ସ୍ୱପ୍ନକୁ ସାକାର କରିବ। ଉକ୍ତ କାର୍ଯ୍ୟକ୍ରମରେ ଜଗତସଂହପୁର ବିଧାୟକ ଅମରେନ୍ଦ୍ର ଦାସ, ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ପୌର ପରିଷଦ, ଜଗତସିଂହପୁର ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ଓ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ ପ୍ରତୀଚୀ ତନୟା ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲାପାଳ ଜେ. ସୋନଲ ଧନ୍ୟବାଦ ଦେଇଥିଲେ।

# ଲଡୁବାବା ମନ୍ଦିରରେ ଗ୍ରାନାଇଟ୍ ପଥର କାମ ନେଇ ଅସନ୍ତୋଷ



**ଓଡ଼ଗାଁ,୩।୪/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ଶରଣକୁଳ ବିରାଜିତ ଶ୍ରୀଶ୍ରୀ ଲଡୁବାବାଙ୍କ ମନ୍ଦିରର ବିକାଶ ପାଇଁ ୫କୋଟି ଟଙ୍କା ବ୍ୟୟବରାଦ ହୋଇଛି। କିନ୍ତୁ ମନ୍ଦିର ପରିସରରେ ଗ୍ରାନାଇଟ ପଥର ପଡ଼ିବାରୁ ଭକ୍ତ ସେଥିରେ ଖସି ଅକର୍ମଣ୍ୟ ହେଉଥିବା ଅଭିଯୋଗ ହୋଇଛି। ଏନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ କେହି ଶୁଣୁନଥିବା ସ୍ଥାନୀୟ ଲୋକେ କହି ଅସନ୍ତୋଷ ପ୍ରକାଶ କରିଛନ୍ତି। ଅଭିଯୋଗ ଅନୁଯାୟୀ ଲଡୁବାବାଙ୍କ ମନ୍ଦିର ନବକଳେବର ପାଇଁ ୫କୋଟି ଟଙ୍କା ବ୍ୟୟ ବରାଦ ହେଲା। ଏହାପରେ ପୂର୍ତ୍ତବିଭାଗ ଟେଣ୍ଡର କରିବା ପରେ ଠିକାଦାର କାମ ଆରମ୍ଭ କରିଛି।

ମନ୍ଦିର ପରିସରରେ ୫ଶହ ଫୁଟ ଗ୍ରାନାଇଟ୍ ପଥରକୁ ନେଇ ଦ୍ୱନ୍ଦ ଉପୁଜିଛି। ଭକ୍ତମାନଙ୍କ ଯିବା ଆସିବାପାଇଁ ଧାଡ଼ି ଦର୍ଶନ କରିବା, ବରିଷ୍ଠ ନାଗରିକ, ଭିନ୍ନକ୍ଷମ, ବୃଦ୍ଧା, ବୃଦ୍ଧ ପ୍ରତିଦିନ ଠାକୁରଙ୍କୁ ଦର୍ଶନ କରିବାକୁ ଆସୁଥିଲେ ମଧ୍ୟ ଗ୍ରାନାଇଟ୍ ପଥର ସେମାନଙ୍କ ପାଇଁ କାଳସାଜିଛି। ଗ୍ରାନାଇଟ୍ ପଥର ପଡ଼ିବାପରେ ଗୋଡ଼ଖସି କିଛିଭକ୍ତ ପଡ଼ିଥିବା ବେଳେ ସ୍ଥାନୀୟ ଭିକାରୀପଡ଼ା ଗ୍ରାମର ସୁରେନ୍ଦ୍ର ପ୍ରଧାନ ସନ୍ଧ୍ୟାରେ ପଡ଼ି ଗୋଡ଼ଭାଙ୍ଗି ଯାଇଥିବା କହିଛନ୍ତି। ଏବେ ସେ ଚିକିତ୍ସିତ ହେଉଥିବା ବେଳେ କାହା ଇଙ୍ଗିତରେ ମନ୍ଦିର ପରିସରରେ ବଉଳମାଳା ପଥର ବଦଳରେ ଗ୍ରାନାଇଟ୍ ପଥର ପକାଗଲା ବୋଲି ପ୍ରଶ୍ନ ଉଠିଲାଣି। ଏଭଳି ଘଟଣା ବାରମ୍ବାର ଘଟିବାପରେ ସ୍ଥାନୀୟ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ,ଜିଲ୍ଲାପରିଷଦ ପ୍ରତିନିଧି ଆଦି ପୂର୍ତ୍ତ ବିଭାଗ ଅଧିକାରୀ ଅଭିଷେକ ଓଝାଙ୍କୁ ଭେଟି ଅଭିଯୋଗ କରିଥିଲେ। ଏହାକୁ ତୁରନ୍ତ ଉଠାଯିବ ନଚେତ ବିକଳ୍ପ ବ୍ୟବସ୍ଥା କରିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାହା କାର୍ଯ୍ୟକାରୀ ହୋଇନଥିବାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସେତିକି ନୁହଁ ଖରାଦିନେ ଗୋଡ଼ତାତି ଫୋଟକା ପଡ଼ିଯାଉଥିବା ବେଳେ ଥିବାବେଳେ ବର୍ଷାଦିନେ ଗୋଡ଼ଖସି ଅଘଟଣ ଘଟିବାର ସମ୍ଭାବନା ଦେଖାଦେଇଛି। ଭକ୍ତଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଗ୍ରାନାଇଟ୍ ପଥର ହଟାଇବାକୁ ଦାବି ଉଠିଛି। ଏହି ଘଟଣାରେ ପୂର୍ତ୍ତବିଭାଗ ଅଧିକାରୀ ଶ୍ରୀ ଓଝା ସ୍ୱୀକାର କରିଥିବା ବେଳେ ଏହାକୁ ମନ୍ଦିର କମିଟିର ନିଷ୍ପତି ଅନୁଯାୟୀ କରାଯାଇଥିବା କହିଥିଲେ। ଏବେ ତାଙ୍କର ଅନ୍ୟତ୍ର ବଦଳି ପରେ ଗ୍ରାନାଇଟ୍ ପଥର ଉଠିବାନେଇ ସନ୍ଦେହ ସୃଷ୍ଟି ହୋଇଛି। ମନ୍ଦିରକୁ ଭକ୍ତ ଆସିବାକୁ ଭୟ କରୁଥିବାବେଳେ ମନ୍ଦିର ସୁପରଭାଇଜର ସୁବାସ ଚନ୍ଦ୍ର ବରାଡ଼ ମନ୍ଦିରର ଏହି କାର୍ଯ୍ୟରେ ଆମର ହସ୍ତକ୍ଷେପ କରିହେବ ନାହିଁ ବୋଲି କହିଛନ୍ତି। ଏହି ଘଟଣାରେ ଯନ୍ତ୍ରୀ କିଶୋର ଶତପଥୀଙ୍କୁ ଫୋନ୍ କରିଥିଲେ ମଧ୍ୟ ସେ ଉଠାଇନଥିଲେ।

# ବ୍ୟବସାୟୀଙ୍କ ଅକାଳ ବିୟୋଗ

**କୁଣ୍ଢେଇ,୩।୪/ଏନ୍ଏନ୍ଏସ୍:** କାକଟପୁର ରାମଚନ୍ଦ୍ର ବଜାରଠାରେ ଜଳଖିଆ ଦୋକାନୀ ବାବାଜୀ ଚରଣ ସ୍ୱାଇଁଙ୍କ ଆଜି ସକାଳୁ ଅକାଳ ବିୟୋଗ ଘଟିଛି। ବାବାଜୀ ପାରିବାରିକ କଳହ କାରଣରୁ ସୋମବାର ବିଷ ଖାଇ ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଥିବା ବେଳେ ପରିବାର ଲୋକେ କଟକ ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ମାତ୍ର ଦୁଇଦିନ ଚିକିତ୍ସା ହେବାପରେ ଆଜି ସକାଳୁ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଥିଲା। ତେବେ ଚିକିତ୍ସା କରୁଥିବା ଡାକ୍ତରଙ୍କ ପରାମର୍ଶରେ ପରିବାର ଲୋକେ ତାଙ୍କର ଦୁଇଟି ଚକ୍ଷୁ ଦାନ କରିଛନ୍ତି। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବାବାଜୀ ଜଣେ ଉତ୍ତମ ମିଠା କାରିଗର ଭାବେ କାକଟପୁର ବଜାରରେ ବେଶ ପରିଚିତ ଥିଲେ। ତାଙ୍କ ମର ଶରୀର କାକଟପୁର ପହଞ୍ଚିବା ପରେ ତାଙ୍କ ପରବାର ବନ୍ଧୁ ବର୍ଗ ଶେଷ ଦର୍ଶନ କରିଥିଲେ।

# ପ୍ରସିଦ୍ଧ ଖନ୍ଦୋଳ ବାଦିପାଲା ୭ରୁ



**କଣ୍ଟାପଡ଼ା,୩।୪/ଏନ୍ଏନ୍ଏସ୍:** ହରିଅନ୍ତା ପଞ୍ଚାୟତ ଅନ୍ତର୍ଗତ ଖନ୍ଦୋଳଠାରେ ପୁରାତନ ତଥା ପ୍ରସିଦ୍ଧ ସତ୍ୟନାରାୟଣ ପାଲା ମହୋତ୍ସବ ଆସନ୍ତା ୭ ତାରିଖଠାରୁ ୧୧ତାରିଖ ୫ଦିନ ବ୍ୟାପୀ ବିଳାଶୁଣୀ ବିଦ୍ୟାପୀଠ ନିକଟ ପାଲା ମଣ୍ଡପରେ ଅନୁଷ୍ଠିତ ହେବ। ଏ ନେଇ ଗ୍ରାମବାସୀ ଓ ପାଲା ପରିଚାଳନା କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତବର୍ଷ ଗାୟକ ବ୍ୟାସପୁତ୍ର ଚନ୍ଦ୍ରଶେଖର ପାଢ଼ୀ ଓ ସାଥି ଏବଂ ଗାୟକ ଭଗବତ ଜ୍ୟୋତି ସୂର୍ଯ୍ୟେଶ୍ୱର ମାର୍ଥା ଓ ସାଥିଙ୍କ ମଧ୍ୟରେ ବାଦୀପାଲା ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

# ରୋଭର୍ସ ଓ ରେଞ୍ଜର୍ସ ୟୁନିଟ୍‌ର ଦୁଃସାହସିକ ପର୍ବତ ବିଜୟାଭିଯାନ



**ମାହାଙ୍ଗା,୩।୪/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ପୁଷ୍ପଗିରି ମହାବିଦ୍ୟାଳୟର ରୋଭର୍ସ ଓ ରେଞ୍ଜର୍ସ ୟୁନିଟ୍‌ର ଦୁଃସାହସିକ ପର୍ବତ ବିଜୟାଭିଯାନ ଶେଷ ହୋଇଛି। ରେଞ୍ଜର୍ସ ଲିଡର୍ ତୁଳସୀ ରାଉତ ଓଡ଼ିଆ ବିଭାଗର ମୁଖ୍ୟ ଏବଂ ରୋଭର୍ସ ଲିଡର ଅଧ୍ୟାପକ ଭଜକୃଷ୍ଣ ବେହେରାଙ୍କ ନେତୃତ୍ୱରେ ୪ଜଣ ରେଞ୍ଜର୍ସ ରଶ୍ମିରେଖା ସ୍ୱାଇଁ, ନିହାରିକା ରାଉତ, ନିର୍ମଳା ସେଠି ଓ ବର୍ଷା ଘଡ଼େଇ ଏବଂ ୪ଜଣ ରୋଭର୍ସ ତାରାକାନ୍ତ ରାଉତ, ମନ୍ମଥ ନାୟକ, ଶ୍ରୀକାନ୍ତ ଗିରି, ଲବ ସେଠି ପ୍ରମୁଖ ସୁନ୍ଦରଗଡ଼ଠାରେ ଥିବା ସରକାରୀ କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟରେ ପାଞ୍ଚଦିନ ବ୍ୟାପି ହୋଇଥିବା ରାଜ୍ୟସ୍ତରୀୟ ଦୁଃସାହାସିକ ଶିବିରରେ ଯୋଗଦେଇ ଏରକଣା କଲେଜର ରୋଭର୍ସ ଓ ରେଞ୍ଜର୍ସମାନେ ଚିତ୍ତାକର୍ଷକ ଦୁଃସାହାସିକ କାର୍ଯ୍ୟକରି ସମସ୍ତ ରାଜ୍ୟରେ କୃତିତ୍ୱ ଲାଭ କରିଛନ୍ତି। ଶିବିରର ଦ୍ୱିତୀୟ ଦିନଠାରୁ ପଞ୍ଚମଦିନ ପର୍ଯ୍ୟନ୍ତ ଶିବିରାର୍ଥୀମାନେ ଲିଟିବେଡ଼ା, ଜୁରାଜମ, ଚୁନୁବେଡା, କୁକୁର ଡୁଙ୍ଗୁରି ପରି ବିଭିନ୍ନ ପର୍ବତାରୋହଣ କରିଥିଲେ। ଏହା ସହିତ ଜଙ୍ଗଲରେ କିପରି ବଞ୍ଚିବାକୁ ହୁଏ ତାହା ମଧ୍ୟ ଶିଖିଥିଲେ। ଶିବିରରେ ଅଗ୍ନି ନିରାପତ୍ତା, ପ୍ରାଥମିକ ଚିକିତ୍ସା, ଏଡ୍‌ସ ସଚେତନତା ଆଦି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ। ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ଶିବିରାର୍ଥୀମାନଙ୍କ ମଧ୍ୟରୁ ଏରକଣା ମହାବିଦ୍ୟାଳୟର ଶିବିରାର୍ଥୀମାନେ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସାରା ରାଜ୍ୟରେ କୃତିତ୍ୱ ଲାଭ କରିଥିବାବେଳେ ମୁଖ୍ୟ ଟ୍ରେନିଂ କମିଶନର ସୁରଜିତ ସେନ ପ୍ରଶଂସା କରିଥିଲେ। କୃତିତ୍ୱ ଅର୍ଜନ କରିଥିବା ଶିବିରାର୍ଥୀମାନଙ୍କୁ କଲେଜର ଅଧ୍ୟକ୍ଷ ଓ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଟିମ୍ ଲିଡର୍ ଓ ଶିବିରାର୍ଥୀମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

ସାଲେପୁର ମହୋତ୍ସବ ଆୟୋଜିତ

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକୁଛି ମଞ୍ଚ




**ସାଲେପୁର,୩।୪/ଏନ୍ଏନ୍ଏସ୍:** ସାଲେପୁର ମଧୁ ସ୍ମୃତିପରିଷଦ ପକ୍ଷରୁ ସ୍ଥାନୀୟ ଶିଶୁଆ ନିକଟ ହରିଚନ୍ଦନପୁର ବ୍ୟାରେଜ ପଡିଆଠାରେ ଏପ୍ରିଲ ୧ ତାରିଖଠାରୁ ପାଞ୍ଚ ତାରିଖ ପର୍ଯ୍ୟନ୍ତ ପାଞ୍ଚ ଦିନ ଧରି ଉତ୍କଳ ଦିବସ ସମାରୋହ ଓ ସାଲେପୁର ମହୋତ୍ସବ ଆରମ୍ଭ ହୋଇଯାଇଛି। ବିଭିନ୍ନ ପ୍ରକାର ଆଲୋକ ମାଳାରେ ସାଜସଜ୍ଜା ରେ ଝଲକୁଛି ବ୍ୟାରେଜ ବାଲିଯାତ୍ରା ପଡିଆ। ପ୍ରଥମ ଦିବସରେ ସକାଳେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଙ୍କ ନେତୃତ୍ୱରେ ମଧୁସ୍ମୃତି ପରିଷଦର ସଦସ୍ୟମାନେ ମଧୁବାବୁଙ୍କ ଜନ୍ମପୀଠ ସତ୍ୟଭାମାପୁରସ୍ଥିତ ଏନ୍ଥୁଡ଼ିଶାଳରୁ ମଧୁଜ୍ୟୋତି ଏକ ବିରାଟ ବାଇକ୍ ଶୋଭାଯାତ୍ରାରେ ବାହାରି ସମାରୋହ ସ୍ଥଳରେ ସ୍ଥାପନ କରାଯାଇଥିଲା। ପ୍ରଥମ ସନ୍ଧ୍ୟାରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଆ ବିଧାନସଭାର ବିରୋଧୀ ଦଳ ଉପନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରସନ ଆଚାର୍ଯ୍ୟ ଉଦଘାଟନ କରିବା ସହିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମ ମାଟିରେ ଏଭଳି ମହୋତ୍ସବ ପାଳନ କରାଯାଉଥିବାରୁ କମିଟିର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନଙ୍କୁ ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥି ରୂପେ ବିରୋଧୀ ଦଳ ଉପମୁଖ୍ୟ ସଚେତକ ତଥା ଆଳି ବିଧାୟକ ପ୍ରତାପ କେଶରୀ ଦେବ, ସମ୍ମାନିତ ଅତିଥି ରୂପେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, କଟକ ଜିଲ୍ଲାପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର, ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ ଯୋଗଦେଇ ଉତ୍କଳ ଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ମଧୁ ସ୍ମୃତି ପରିଷଦର ସମ୍ପାଦକ ଦିଲ୍ଲୀପ ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସିଂଘମ ଡ୍ୟାନ୍ସ ଗ୍ରୁପ୍, ଲୁନା ଚିତ୍ରୋତ୍ପଳା ଡ୍ୟାନ୍ସ ଗ୍ରୁପ୍‌ର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ସନ୍ଧ୍ୟାରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ବଡ଼ମ୍ବା ବିଧାୟକ ଶୁଭାସିନୀ ଜେନା, ସମ୍ମାନିତ ଅତିଥି ରୂପେ ଟାଙ୍ଗୀ ବ୍ଲକ ଅଧ୍ୟକ୍ଷ ମିନତୀ ଦାସ ଯୋଗ ଦେଇଥିଲେ। ବ୍ଲକ କାର୍ଯ୍ୟ କାରିଣୀ ସଭାପତି ନାରାୟଣ ପତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଶିଷ୍ଟ କଣ୍ଠଶିଳ୍ପୀ ଅସୀମା ପଣ୍ଡା ଓ ସାଥି କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ତୃତୀୟ ସନ୍ଧ୍ୟାରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଦଶପଲ୍ଲା ବିଧାୟକ ରମେଶ ବେହେରା, ସମ୍ମାନିତ ଅତିଥି ରୂପେ ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ,ଅନନ୍ତ ଚରଣ ପ୍ରଧାନ, ଶିକ୍ଷାବିତ ରଜନୀକାନ୍ତ ଦାଶ ଯୋଗଦେଇଥିଲେ। ସାଲେପୁର ବ୍ଲକ ପ୍ରାକ୍ତନ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସାଲେପୁର ବ୍ଲକ ଯୁବ ବିଜେଡ଼ି ସଭାପତି ସଞ୍ଜିତ ଦାଶ, ସରପଞ୍ଚ ଜ୍ଞାନରଞ୍ଜନ ପଟ୍ଟନାୟକ, ପବିତ୍ର ସାମଲ, ସମିତି ସଭ୍ୟା ଗୌତମୀ ମଲ୍ଲିକ, ଯୁବନେତା ବିରଞ୍ଚି ନାରାୟଣ କର, ରାଜେଶ ମହାନ୍ତି, ସୌମ୍ୟରଂଜନ ମଲ୍ଲ, ସୁମନ ନାୟକ, ଛାତ୍ରନେତା ଶୁଭମ୍ ଦାଶ, ସଂଗଠକ ଗୁଲ୍ ରେଜ ଅଲ୍ଲୀ, ବିଜୟ ପୃଷ୍ଟି, ପୂର୍ବତନ ସରପଞ୍ଚ ରଣଜିତ୍ ଦାସ, ଚିତ୍ତରଞ୍ଜନ ସାହୁ, ସମିମ୍ ଅକ୍ତର, ଶୁଭାଶିଷ ପ୍ରଧାନ, ସନିଆ ସାହୁ, ପୁଷ୍ପକ ମହାନ୍ତି, ମୁନା ପରିଡା, କୈଳାସ ସାହୁ, ମନୋଜ ସାମଲଙ୍କ ସମେତ ପରିଷଦର କର୍ମକର୍ତ୍ତା ଓ ସଦସ୍ୟମାନେ ସହଯୋଗ କରିଥିଲେ।

# ଆଞ୍ଚଳିକ ପାଲା ପରିଷଦର ପ୍ରସ୍ତୁତି ବୈଠକ

**କିଶୋରନଗର,୩।୪/ଏନ୍ଏନ୍ଏସ୍:** ବାଲିଶୁକ୍ରି ଗ୍ରାମର ଲକ୍ଷ୍ମୀନୃସିଂହ ଆଞ୍ଚଳିକ ପାଲା ପରିଷଦର ପ୍ରଥମ ପ୍ରସ୍ତୁତି ବୈଠକ ନୃସିଂହନାଥ ମନ୍ଦିର ପରିସରରେ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଯନ୍ତ୍ରୀ ତ୍ରିନାଥ ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚଳିତ ମାସ ୧୬ ଓ ୧୭ ତାରିଖ ଦୁଇଦିନ ଧରି ନୃସିଂହନାଥ ପୀଠରେ ପାଲା ପରିବେଷଣ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଅଧ୍ୟାପକ ଧରଣୀଧର ଜେନା, କିଶୋର ସ୍ୱାଇଁ, ଲଲାଟ ମହାନ୍ତି, ଦୁର୍ଯ୍ୟୋଧନ ରାଉତ, ଅଶୋକ ସାମଲ, ଆଲୋକ ସ୍ୱାଇଁ, ମହେନ୍ଦ୍ର ପଣ୍ଡା, ଆଲୋକ ପଟ୍ଟନାୟକଙ୍କ ସମେତ ବହୁ ପାଲାପ୍ରେମୀ ଯୋଗଦେଇଥିଲେ।



## ଆଜିର ମ୍ୟାଚ୍

ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ

ସମୟ: ସନ୍ଧ୍ୟା ୭.୩୦, ଭେନ୍ୟୁ: ଲକ୍ଷ୍ନୌ

ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ

### ଆଇପିଏଲ୍ ୨୦୨୫ ପଏଣ୍ଟ୍ ଟେବଲ୍

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|
| ପଞ୍ଜାବ | ୨ | ୨ | ୦ | ୪ | +୧.୪୮୫ |
| ଦିଲ୍ଲୀ | ୨ | ୨ | ୦ | ୪ | +୧.୩୨୦ |
| ବେଙ୍ଗାଲୁରୁ | ୩ | ୨ | ୧ | ୪ | +୧.୧୪୯ |
| ଗୁଜରାଟ | ୩ | ୨ | ୧ | ୪ | +୦.୮୦୭ |
| କୋଲ୍‌କାତା | ୨ | ୨ | ୨ | ୪ | +୦.୦୭୦ |
| ମୁମ୍ବାଇ | ୩ | ୧ | ୨ | ୨ | +୦.୩୦୯ |
| ଲକ୍ଷ୍ନୌ | ୩ | ୧ | ୨ | ୨ | -୦.୧୫୦ |
| ଚେନ୍ନାଇ | ୩ | ୧ | ୨ | ୨ | -୦.୭୭୧ |
| ରାଜସ୍ଥାନ | ୩ | ୧ | ୨ | ୨ | -୧.୧୧୨ |
| ହାଇଦ୍ରାବାଦ | ୪ | ୧ | ୩ | ୨ | -୧.୬୧୨ |

# ସ୍ୱଦେଶ ଫେରିଲେ କାଗିସୋ ରବାଡା



## ଆଇପିଏଲ୍ ମଝିରେ ଟାଇଟନ୍ସଙ୍କୁ ବଡ଼ ଝଟ୍‌କା

**ନୂଆଦିଲ୍ଲୀ,୩।୪/ଏଜେନ୍ସି:** ଆଇପିଏଲ୍ ୨୦୨୫ ସିଜନ୍ ମଝିରେ ଗୁଜରାଟ ଜାଏଣ୍ଟ୍‌ସଙ୍କୁ ବଡ଼ ଝଟ୍‌କା ଲାଗିଛି। ଟିମ୍‌ର ଫାଷ୍ଟ୍ ବୋଲର୍ କାଗିସୋ ରବାଡା ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି। ତାଙ୍କର ସ୍ୱଦେଶ ଫେରିବାର ସ୍ପଷ୍ଟ କାରଣ ସମ୍ପର୍କରେ ଜଣାପଡ଼ିନାହିଁ। ଟିମ୍ ପକ୍ଷରୁ କୁହାଯାଇଛି କୌଣସି ବ୍ୟକ୍ତିଗତ କାରଣ ଯୋଗୁ ଅଚାନକ ସ୍ୱଦେଶ ଫେରିବେ। ତେବେ ସେ ଫେରିବେ କି ନାହିଁ ଏବଂ କେବେ ଫେରିବେ ସେ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ। ଚଳିତ ଆଇପିଏଲ୍ ସିଜନ୍‌ରେ ରବାଡା ଗୁଜରାଟ ପକ୍ଷରୁ ଦୁଇଟି ମ୍ୟାଚ୍ ଖେଳି ଦୁଇଟି ୱିକେଟ୍ ହାସଲ କରିଛନ୍ତି। ପଞ୍ଜାବ କିଙ୍ଗ୍‌ସ ବିପକ୍ଷରେ ୪୧ ରନ୍ ଦେଇ ଗୋଟିଏ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ୪୨ ରନ୍‌ରେ ଗୋଟିଏ ୱିକେଟ୍ ନେଇଛନ୍ତି। ଆର୍‌ସିବି ବିପକ୍ଷ ବୁଧବାରର ମ୍ୟାଚ୍‌ରେ ରବାଡା ଗୁଜରାଟ ପକ୍ଷରୁ ଖେଳିନଥିଲେ। ତାଙ୍କ ସ୍ଥାନରେ ଅରଶଦ୍ ଖାନ୍‌ଙ୍କୁ ସାମିଲ କରାଯାଇଥିଲା। ଏହି ମ୍ୟାଚ୍‌କୁ ଗୁଜରାଟ ଟାଇଟନ୍ସ ଚମତ୍କାର ଭାବେ ନିଜ ନାମରେ କରିଥିଲା। ଏବେ ଆଗାମୀ ମ୍ୟାଚ୍‌ରେ ଟିମ୍ କେଉଁ ଚାରି ବିଦେଶୀ ଖେଳାଳିଙ୍କୁ ନେଇ ପଡ଼ିଆକୁ ଓହ୍ଲାଇବ, ତାହା ଟିମ୍ ମ୍ୟାନେଜମେଣ୍ଟ ବିଚାର କରିବ। ଅବଶ୍ୟ ଟିମ୍ ନିକଟରେ ବହୁ ବିକଳ୍ପ ରହିଛି। ଚମତ୍କାର ଫିଲ୍ଡିଂ ଏବଂ ବିସ୍ଫୋରକ ବ୍ୟାଟିଂ ନିମନ୍ତେ ଜଣାଶୁଣା ଗ୍ଲେନ୍ ଫିଲିପ୍ସ ଏବେ ସୁଦ୍ଧା ଗୋଟିଏ ମ୍ୟାଚ୍ ଖେଳିନାହାନ୍ତି। ଏପରି ସ୍ଥିତିରେ ଆଗାମୀ ମ୍ୟାଚ୍‌ରେ ତାଙ୍କୁ ଖେଳିବା ସୁଯୋଗ ମିଳିପାରେ ବୋଲି ଆଶା କରାଯାଉଛି।

## ଅଙ୍ଗକୃଷ ଓ ଭେଙ୍କଟେଶଙ୍କ ଅର୍ଦ୍ଧଶତକ; ବରୁଣ-ବୈଭବଙ୍କୁ ୩-୩ ୱିକେଟ୍

# କୋଲ୍‌କାତାର ୮୦ ରନ୍‌ରେ ବଡ଼ ବିଜୟ

**କୋଲ୍‌କାତା,୩।୪/ଏଜେନ୍ସି:** ଅଙ୍ଗକୃଷ ରଘୁବଂଶୀ ଓ ଭେଙ୍କଟେଶ ଆୟରଙ୍କ ଅର୍ଦ୍ଧଶତକ ପରେ ବରୁଣ ଚକ୍ରବର୍ତ୍ତୀ ଓ ବୈଭବ ଆରୋରାଙ୍କ ୩-୩ ୱିକେଟ୍ ହାସଲ ଫଳରେ କୋଲ୍‌କାତା ନାଇଟ୍ ରାଇଡର୍ସ ୮୦ ରନ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ୮୦ ରନ୍‌ରେ ହରାଇ ବଡ଼ ବିଜୟ ହାସଲ କରିଛି।

### ଲଗାତାର ତୃତୀୟ ମ୍ୟାଚ୍ ହାରିଲା ହାଇଦ୍ରାବାଦ



ଏହା ୪ଟି ମ୍ୟାଚ୍‌ରୁ କୋଲ୍‌କାତାର ଦ୍ୱିତୀୟ ବିଜୟ ହୋଇଥିବା ବେଳେ ସମାନ ସଂଖ୍ୟ ମ୍ୟାଚ୍‌ରୁ ହାଇଦ୍ରାବାଦର ଲଗାତାର ତୃତୀୟ ପରାଜୟ। ସ୍ଥାନୀୟ ଇଡେନ୍ ଗାର୍ଡେନ୍ସରେ ଗୁରୁବାର ଖେଳାଯାଇଥିବା ଚଳିତ ଆଇପିଏଲ୍‌ର ୧୫ଶ ମ୍ୟାଚ୍‌ରେ କୋଲ୍‌କାତା ପ୍ରଥମେ ନିର୍ଦ୍ଧାରିତ ୨୦ ଓଭର୍‌ରେ ୬ ୱିକେଟ୍ ହରାଇ ୨୦୦ ରନ୍ କରିଥିଲା। ଜବାବରେ ହାଇଦ୍ରାବାଦ ୧୬.୪ ଓଭର୍‌ରେ ମାତ୍ର ୧୨୦ ରନ୍ କରି ଅଲ୍‌ଆଉଟ୍ ହୋଇଛି। ୪ ଓଭର୍‌ରେ ୨୯ ରନ୍ ଦେଇ ୩ଟି ୱିକେଟ୍ ନେଇଥିବା ବୈଭବ ଆରୋରାଙ୍କୁ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ବିବେଚିତ କରାଯାଇଛି।

୨୦୧ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ହାଇଦ୍ରାବାଦ ୯ ରନ୍‌ର ସ୍କୋର୍‌ରେ ଶୀର୍ଷ ତିନିଜଣ ବ୍ୟାଟର୍‌ଙ୍କୁ ହରାଇଥିଲା। ବୈଭବ ଆରୋରା ଓପ୍‌ନର୍ ଟ୍ରାଭିସ୍ ହେଡ୍ (୪) ଓ ଈଶାନ୍ କିଶନ୍ (୨)ଙ୍କୁ ପ୍ୟାଭିଲିୟନ୍ ଫେରାଇଥିବା ବେଳେ ଅଭିଷେକ ଶର୍ମା (୨) ହର୍ଷିତ୍ ରାଣାଙ୍କ ଶିକାର ହୋଇଥିଲେ। ନୀତୀଶ କୁମାର ରେଡ୍ଡୀ (୧୯) ଇନିଂସ୍ ସମ୍ଭାଳିବାକୁ ଉଦ୍ୟମ କରିଥିଲେ ମଧ୍ୟ ଆନ୍ଦ୍ରେ ରସେଲ୍‌ଙ୍କ ବଲ୍‌ରେ ସୁନୀଲ୍ ନାରିନ୍‌ଙ୍କୁ କ୍ୟାଚ୍ ଦେଇ ଫେରିଥିଲେ। ଏହାପରେ କାମିନ୍ଦୁ ମେଣ୍ଡିସ୍ (୨୭) ଓ ହେନ୍‌ରିକ୍ କ୍ଲାସେନ୍ (୩୩) ଯଥାକ୍ରମେ ନାରିନ୍ ଏବଂ ବୈଭବଙ୍କ ଶିକାର ହୋଇଥିଲେ। କ୍ୟାପ୍‌ଟେନ୍ ପ୍ୟାଟ୍ କମିନ୍ସ ୧୪ ରନ୍ କରି ବରୁଣ ଚକ୍ରବର୍ତ୍ତୀଙ୍କ ଶିକାର ହୋଇଥିଲେ। ଶେଷ ଆଡ଼କୁ ହର୍ଷଲ୍ ପଟେଲ୍ (୩) ଏବଂ ସିମରନ୍‌ଜିତ୍ ସିଂହ ଖାତା ଖୋଲିବାକୁ ପୂର୍ବରୁ ପ୍ୟାଭିଲିୟନ୍ ଫେରିଥିଲେ। ଶମୀ ୨ ରନ୍‌ରେ ଅପରାଜିତ ରହିଥିଲେ। କୋଲ୍‌କାତା ପକ୍ଷରୁ ବୈଭବ ଆରୋରା ଓ ବରୁଣ ଚକ୍ରବର୍ତ୍ତୀ ୩-୩ ୱିକେଟ୍ ନେଇଥିବା ବେଳେ ଆନ୍ଦ୍ରେ ରସେଲ୍‌ଙ୍କୁ ୨ଟି ସଫଳତା ମିଳିଥିଲା। ହର୍ଷିତ ରାଣା ଓ ସୁନୀଲ୍ ନାରିନ୍‌ଙ୍କୁ ୧-୧ ୱିକେଟ୍ ମିଳିଥିଲା।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର୍)ର ଆରମ୍ଭ ଝଟ୍‌କାରୁ ହୋଇଥିଲା। ପାୱାରପ୍ଲେରେ ଟିମ୍‌ର ଦୁଇ ଓପ୍‌ନର୍ ବ୍ୟାଟର୍ ପ୍ୟାଭିଲିୟନ୍ ଫେରିଥିଲେ। ପ୍ୟାଟ୍ କମିନ୍ସ ପ୍ରଥମେ କ୍ୱିଣ୍ଟନ୍ ଡିକକ୍ (୧)ଙ୍କୁ ଜିଶାନ୍ ଅନ୍‌ସାରୀଙ୍କୁ ହାତରେ କ୍ୟାଚ୍ ଆଉଟ୍ କରାଇଥିଲେ। ଏହାପରେ ସୁନୀଲ୍ ନାରିନ୍ (୭)ଙ୍କୁ ମହମ୍ମଦ ଶମୀ ଶିକାର କରିଥିଲେ। ୧୬ ରନ୍‌ରେ ଟିମ୍ ୨ ୱିକେଟ୍ ହରାଇବା ପରେ କ୍ୟାପ୍‌ଟେନ୍ ଆଜିଙ୍କ୍ୟ ରାହାଣେ ଇନିଂସ୍ ସମ୍ଭାଳିଥିଲେ। ସେ ଯୁବ ବ୍ୟାଟର୍ ଅଙ୍ଗକୃଷ ରଘୁବଂଶୀଙ୍କ ସହ ୮୧ ରନ୍‌ର ପାର୍ଟନର୍‌ସିପ୍ କରିଥିଲେ। ରାହାଣେ ୨୭ ବଲ୍‌ରେ ଗୋଟିଏ ଚୌକା ଓ ୪ ଛକା ସହାୟତାରେ ୩୮ ରନ୍ କରି ଆଉଟ୍ ହେବାପରେ ରଘୁବଂଶୀ ୩୨ ବଲ୍‌ରେ ନିଜର ଦ୍ୱିତୀୟ ଅର୍ଦ୍ଧଶତକ ପୂରା କରିଥିଲେ। ଏହି ଅବସରରେ ସେ ପାଞ୍ଚ ଚୌକା ଓ ଦୁଇ ଛକା ଲଗାଇଥିଲେ। ଏହାପରେ କେକେଆର୍ ପାଇଁ ଭେଙ୍କଟେଶ ଆୟର ସଂକଟମୋଚକ ସାବ୍ୟସ୍ତ ହୋଇଥିଲେ। ସେ ମାତ୍ର ୨୫ ବଲ୍‌ରେ ଅର୍ଦ୍ଧଶତକ ହାସଲ କରି ଟିମ୍‌ର ସ୍କୋର୍ ୨୦୦ ରନ୍ ନିକଟବର୍ତ୍ତୀ କରାଇଥିଲେ। ସେ ରିଙ୍କୁ ସିଂହଙ୍କ ସହ ୯୧ ରନ୍‌ର ପାର୍ଟନରଶିପ୍ କରିଥିଲେ। ଚମତ୍କାର ଫର୍ମରେ ଥିବା ଭାଇସ୍ କ୍ୟାପ୍‌ଟେନ୍ ୨୦୬.୮୯ ଷ୍ଟ୍ରାଇକ୍ ରେଟ୍‌ରେ ୨୯ ବଲ୍‌ରେ ୭ ଚୌକା ଓ ୩ ଛକା ସହାୟତାରେ ୬୦ ରନ୍‌ର ଇନିଂସ୍ ଖେଳି ଆଉଟ୍ ହୋଇଥିଲେ। ହର୍ଷଲ୍ ପଟେଲ୍ ତାଙ୍କୁ ଅନ୍ତିମ ଓଭର୍‌ର ତୃତୀୟ ବଲ୍‌ରେ ଅନିକେତ ବର୍ମାଙ୍କ ହାତରେ କ୍ୟାଚ୍ କରାଇଥିଲେ। ରିଙ୍କୁ ସିଂହ ୧୭ ବଲ୍‌ରେ ୪ ଚୌକା ଓ ଗୋଟିଏ ଛକା ବଳରେ ୩୨ ରନ୍‌ର ଉପଯୋଗୀ ଇନିଂସ୍ ଖେଳି ଅପରାଜିତ ରହିଥିଲେ। ହାଇଦ୍ରାବାଦ ପକ୍ଷରୁ ମହମ୍ମଦ ଶମୀ, ପ୍ୟାଟ୍ କମିନ୍ସ, ଜିଶାନ୍ ଅନ୍‌ସାରୀ, ହର୍ଷଲ୍ ପଟେଲ୍ ଓ କାମିନ୍ଦୁ ମେଣ୍ଡିସ୍ ୧-୧ ୱିକେଟ୍ ପାଇଥିଲେ।

# ରାମ ଲଲାଙ୍କ ଶରଣରେ ମୁମ୍ବାଇ ଇଣ୍ଡିଆନ୍ସ ଖେଳାଳି



**ଅଯୋଧ୍ୟା,୩।୪/ଏଜେନ୍ସି:** ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱାଧୀନ ମୁମ୍ବାଇ ଇଣ୍ଡିଆନ୍ସ ଚଳିତ ଆଇପିଏଲ୍‌ରେ ପ୍ରାରମ୍ଭିକ ଦୁଇଟି ମ୍ୟାଚ୍ ହାରିବା ପରେ ଅନ୍ତିମ ମ୍ୟାଚ୍‌ରେ କୋଲ୍‌କାତା ବିପକ୍ଷରେ ୮ ୱିକେଟ୍‌ର ବୃହତ୍ ବିଜୟ ହାସଲ କରିଛି। ଏବେ ଟିମ୍ ନିଜର ପରବର୍ତ୍ତୀ ମ୍ୟାଚ୍ ପାଇଁ ଲକ୍ଷ୍ନୌରେ ପହଞ୍ଚିଛି। ଟିମ୍ ଶୁକ୍ରବାର ସେଠାକାର ଇକାନା ଷ୍ଟାଡିୟମ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସ ବିପପକ୍ଷରେ ମ୍ୟାଚ୍ ଖେଳିବ। ଏହି ମ୍ୟାଚ୍ ପୂର୍ବରୁ ଟିମ୍‌ର ସଦସ୍ୟ ସୂର୍ଯ୍ୟକୁମାର ଯାଦବ, ଦୀପକ ଚହର, ତିଳକ ବର୍ମା ଓ ଅନ୍ୟ କେତେକ ଖେଳାଳି ଅଯୋଧ୍ୟାସ୍ଥିତ ରାମ ମନ୍ଦିରରେ ରାମ ଲଲ୍ଲାଙ୍କ ଦର୍ଶନ କରିଛନ୍ତି। ଟିମ୍‌ର ଷ୍ଟାର୍ ବ୍ୟାଟର୍ ସୂର୍ଯ୍ୟକୁମାର ଯାଦବ ପତ୍ନୀଙ୍କ ସହିତ ରାମ ମନ୍ଦିରରୁ ଫଟୋ ଶେୟାର୍ କରିଛନ୍ତି। ଦୀପକ ଚହରଙ୍କ ପତ୍ନୀ ଜୟା ଭରଦ୍ୱାଜ ମଧ୍ୟ ସୋସିଆଲ୍ ମିଡିଆରେ ଏକ ଫଟୋ ଶେୟାର୍ କରିଛନ୍ତି। ଫଟୋରେ ତିଳକ ବର୍ମା ଓ କରଣ ଶର୍ମା ମଧ୍ୟ ରହିଛନ୍ତି।

# ସେମିରେ ମନୀଷ, ହିତେଶ ଓ ଅବିନାଶ

**ନୂଆଦିଲ୍ଲୀ,୩।୪/ଏଜେନ୍ସି:** ଭାରତର ମନୀଷ ରାଠୋଡ଼, ହିତେଶ ଓ ଅବିନାଶ ଜାମ୍‌ୱାଲ୍ ବୁଧବାର ନିଜ

### ବିଶ୍ୱ ବକ୍ସିଂ କପ୍ ୨୦୨୫



ନିଜର ଓଜନ ବର୍ଗରେ ସହଜ ବିଜୟ ହାସଲ ସହ ବିଶ୍ୱ ବକ୍ସିଂ କପ୍ ବ୍ରାଜିଲ୍ ୨୦୨୫ର ସେମିଫାଇନାଲ୍‌ରେ ପ୍ରବେଶ ସ୍ଥାନ ପକ୍କା କରିଛନ୍ତି। ଜାମ୍‌ୱାଲ୍ ୬୫ କିଗ୍ରା ବର୍ଗରେ ଜର୍ମାନୀର ଡେନିସ୍ ବ୍ରିଲ୍‌ଙ୍କୁ ସର୍ବସମ୍ମତ ନିଷ୍ପତ୍ତିରେ ହରାଇଥିବା ବେଳେ ୭୦ କିଗ୍ରା ବର୍ଗର କ୍ୱାର୍ଟର୍ ଫାଇନାଲ୍‌ରେ ହିତେଶ ଇଟାଲୀର ଗାବ୍ରିଏଲ୍ ଗୁଇଡେ ରୋନତାନୀଙ୍କୁ ସର୍ବସମ୍ମତ ନିଷ୍ପତ୍ତିରେ ମାତ୍ ଦେଇଛନ୍ତି। ମନୀଷ ୫୫ କିଗ୍ରା ବର୍ଗରେ ଅଷ୍ଟ୍ରେଲିଆର ପ୍ୟାରିସ୍ ଅଲିମ୍ପିଆନ୍ ୟୁସୁଫ୍ ଚୋଟିୟାଙ୍କୁ ହରାଇଛନ୍ତି। ଦୁଇ ବକ୍ସର୍ ମଧ୍ୟରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା। କିନ୍ତୁ ଶେଷରେ ଭାରତୀୟ ବକ୍ସର୍ ବିଜୟୀ ହୋଇଥିଲେ। ତିନିଜଣ ଜଜ୍ ମନୀଷଙ୍କ ପକ୍ଷରେ ନିଷ୍ପତ୍ତି ନେଇଥିବା ବେଳେ ଦୁଇଜଣ ଉଭୟ ବକ୍ସର୍‌ଙ୍କୁ ସମାନ ପଏଣ୍ଟ ଦେଇଥିଲେ। ସେମିଫାଇନାଲ୍‌ରେ ମନୀଷଙ୍କ ମୁକାବିଲା କଜାଖସ୍ତାନର ନୁରସୁଲ୍‌ତାନ୍ ଅଲ୍‌ତିନ୍‌ବେକ୍‌ଙ୍କ ସହ ହେବାକୁ ଥିବାବେଳେ ହିତେଶ ମାନକନ୍ ଟ୍ରାଓରେଙ୍କୁ ଏବଂ ଜାମ୍‌ୱାଲ୍ ଇଟାଲୀର ଗିଆନ୍‌ଲୁଇଗି ମଲାଙ୍ଗାଙ୍କୁ ଭେଟିବେ।

# ଭଗବାନ ଶିବଙ୍କ ଭକ୍ତିରେ ଲୀନ ବାଂଲାଦେଶୀ କ୍ରିକେଟର୍

## ପଶୁପତିନାଥ ମନ୍ଦିରରେ ପରିବାର ସହିତ କଲେ ଦର୍ଶନ



**ନୂଆଦିଲ୍ଲୀ,୩।୪/ଏଜେନ୍ସି:** ବାଂଲାଦେଶ କ୍ରିକେଟ୍ ଟିମ୍‌ର ୱିକେଟ୍ କିପର୍ ବ୍ୟାଟର୍ ଲିଟନ୍ ଦାସ ପରିବାର ସହିତ ନେପାଳ ରାଜଧାନୀ କାଠମାଣ୍ଡୁରେ ପଶୁପତିନାଥଙ୍କ ମନ୍ଦିରରେ ଭଗବାନ ଶିବଙ୍କ ଦର୍ଶନ କରିଛନ୍ତି। ଏହା ଫଟୋ ସୋସିଆଲ୍ ମିଡିଆରେ ବହୁ ଚର୍ଚ୍ଚିତ ହୋଇଛି। ଲିଟନ୍ ଦାସ ପତ୍ନୀ ଓ କନ୍ୟା ସହିତ ପଶୁପତିନାଥଙ୍କ ଦର୍ଶନ ବେଳର ଫଟୋ ସୋସିଆଲ୍ ମିଡିଆରେ ଶେୟାର୍ କରିଛନ୍ତି। ଏହାର କ୍ୟାପ୍‌ସନ୍‌ରେ ସେ ଲେଖିଛନ୍ତି, 'ମୁଁ ପଶୁପତିନାଥ ମନ୍ଦିର ଦର୍ଶନ ପାଇଁ ଆସିଛି। ଏଠାରେ ମୋତେ କୋଣ ଅନୁକୋଣରେ ଭଗବାନ ଶିବଙ୍କ ଉପସ୍ଥିତିର ଆଭାସ ହେଉଛି। ଓଁ ନମଃ ଶିବାୟ।' ଲିଟନ୍ ଦାସ ୨୦୧୯ରେ ଦେବଶ୍ରୀ ବିଶ୍ୱାସ ସଞ୍ଚିତାଙ୍କୁ ବିବାହ କରିଥିଲେ। ବହୁ ବର୍ଷଧରି ପରସ୍ପର ଡେଟ୍ କରିବା ପରେ ବିବାହ ପାଇଁ ନିଷ୍ପତ୍ତି ନେଇଥିଲେ। ଅନ୍ୟାୟରା ନାମରେ ତାଙ୍କର ଏକ କନ୍ୟା ସନ୍ତାନ ମଧ୍ୟ ରହିଛି।

ଲିଟନ୍ ଦାସ ଗତ ବହୁବର୍ଷ ଧରି ବାଂଲାଦେଶ ଟିମ୍‌ର ଜଣେ ବିଶ୍ୱସନୀୟ ବ୍ୟାଟର୍ ଭାବେ ରହିଆସିଛନ୍ତି। ବର୍ତ୍ତମାନ ସୁଦ୍ଧା ୨୩୭ ମ୍ୟାଚ୍‌ର ଅନ୍ତର୍ଜାତୀୟ କ୍ୟାରିୟର୍‌ରେ ସେ ୭୩୭୭ ରନ୍ କରିଛନ୍ତି। ଏହା ମଧ୍ୟରେ ୯ ଶତକ ଏବଂ ୪୦ ଅର୍ଦ୍ଧଶତକ ସାମିଲ। ୯୪ ଦିନିକିଆ ମ୍ୟାଚ୍‌ରେ ସେ ୨୫୬୯ ରନ୍ କରିଥିବା ବେଳେ ୪୮ ଟେଷ୍ଟରେ ତାଙ୍କ ନାମରେ ୨୭୮୮ ରନ୍ ରହିଛି। ସେହିପରି ୯୫ ଟି-୨୦ ମ୍ୟାଚ୍‌ରେ ବର୍ତ୍ତମାନ ସୁଦ୍ଧା ସେ ୨୦୨୦ ରନ୍ କରିଛନ୍ତି। ଏହା ବ୍ୟତୀତ ୱିକେଟ୍‌କିପର୍ ଭାବେ ୨୨୧ ଅନ୍ତର୍ଜାତୀୟ କ୍ୟାଚ୍ ଆଉଟ୍ କରିଥିବା ବେଳେ ୨୭ ବ୍ୟାଟର୍‌ଙ୍କୁ ଷ୍ଟମ୍ପ୍ ଆଉଟ୍ କରିଛନ୍ତି।

# ରାମେଶ୍ୱର ସ୍ପୋର୍ଟିଂକୁ ହରାଇ ଫାଇନାଲ୍‌ରେ ସହିଦ ସ୍ପୋର୍ଟିଂ




**ଭୁବନେଶ୍ୱର,୩।୪/ଏନ୍‌ଏନ୍‌ଏସ୍:** ରାମେଶ୍ୱର ସ୍ପୋର୍ଟିଂ କ୍ଲବ୍‌କୁ ୫୩ ରନ୍‌ରେ ହରାଇ ସହିଦ୍ ସ୍ପୋର୍ଟିଂ ପ୍ରଥମ ଟିମ୍ ଭାବେ ସ୍ଥାନୀୟ ଆଇଆର୍‌ସି ଭିଲେଜରେ ଚାଲିଥିବା ୧୫ ବର୍ଷରୁ କମ୍ ଚତୁର୍ଥ ଏଲ୍‌ଏଲ୍‌ସିସି କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ୍‌ରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ

### ଏଲ୍‌ଏଲ୍‌ସିସି କପ

ସେମିଫାଇନାଲ୍‌ରେ ପ୍ରଥମେ ସହିଦ ସ୍ପୋର୍ଟିଂ ନିର୍ଦ୍ଧାରିତ ୪୦ ଓଭର୍‌ରେ ୨ ୱିକେଟ୍ ହରାଇ ୩୩୩ ରନ୍‌ର ବିଶାଳ ସ୍କୋର୍ କରିଥିଲା। ଟିମ୍ ପକ୍ଷରୁ ଆଦିତ୍ୟ ରାଜ ମିଶ୍ର ୯୮ ବଲ୍‌ରେ ଅପରାଜିତ ୧୧୪ ରନ୍ ଓ ଅଧିନାୟକ ଋତୁରାଜ ମହାନ୍ତି ୬୨ ବଲ୍‌ରେ ଅପରାଜିତ ୧୧୮ ରନ୍‌ର ଇନିଂସ ଖେଳିଥିଲେ। ମହେଶ ପଣ୍ଡା ମଧ୍ୟ ୬୬ ବଲ୍‌ରେ ୫୬ ରନ୍ କରିଥିଲେ। ରାମେଶ୍ୱର ପକ୍ଷରୁ ହରିବଂଶ ଭୂୟାଁ ଓ ଆଭାନ୍ ମିଶ୍ର ଗୋଟିଏ ଲେଖାଏ ସଫଳତା ପାଇଥିଲେ।

୩୩୪ ରନର ଲକ୍ଷ୍ୟକୁ ପିଛା କରୁଥିବା ରାମେଶ୍ୱର ପକ୍ଷରୁ ଅଧିନାୟକ ଆକାଶ ସାହୁ ଶେଷ ଯାଏ ଲଢ଼େଇ କରିଥିଲେ। ତାଙ୍କ ବ୍ୟାଟ୍‌ରୁ ୧୧୦ ବଲ୍‌ରେ ୧୪୦ ରନ୍ ମଧ୍ୟ ବାହାରିଥିଲା। ତାଙ୍କୁ ସାଇ ସାର୍ଥକ ସାହୁ ୩୨ ୫୧ ରନ୍ କରି ଉତ୍ତମ ସହାୟତା କରିଥିଲେ। ମାତ୍ର ଅନ୍ୟ ବ୍ୟାଟର୍‌ମାନେ ବିଫଳ ହେବାରୁ ରାମେଶ୍ୱର ନିର୍ଦ୍ଧାରିତ ୪୦ ଓଭର୍‌ରେ ୯ ୱିକେଟ୍ ହରାଇ କେବଳ ୨୮୦ ରନ୍ କରିବାକୁ ସକ୍ଷମ ହୋଇଥିଲା। ସହିଦ ସ୍ପୋର୍ଟିଂ ପକ୍ଷରୁ ବିଶ୍ୱ ପି ସାମନ୍ତରାୟ ସର୍ବାଧିକ ୪ଟି ୱିକେଟ୍ ନେଇଥିବା ବେଳେ ଓମ୍ ପ୍ରକାଶ ନାୟକ ଓ ଋତୁରାଜ ମହାନ୍ତି ୨ଟି ଲେଖାଏ ସଫଳତା ପାଇଛନ୍ତି। ବିସ୍ଫୋରକ ଶତକ ଓ ସହ ୨ଟି ୱିକେଟ୍ ହାସଲ କରିଥିବା ସହିଦ ସ୍ପୋର୍ଟିଂର ଋତୁରାଜ ମହାନ୍ତିଙ୍କୁ ରଣଜୀତ କୁମାର ସାହୁ ଓ ଗୀତାଞ୍ଜଳି ଜେନା ମ୍ୟାଚ୍‌ର ଶ୍ରେଷ୍ଠ ପୁରସ୍କାର ପପ୍ରଦାନ କରିଛନ୍ତି।

# ମୋହସିନ୍ ନକ୍‌ଭି ଏସିସିର ନୂଆ ଅଧ୍ୟକ୍ଷ

## ଶ୍ରୀଲଙ୍କାର ଶମ୍ମୀ ସିଲ୍‌ଭାଙ୍କ ସ୍ଥାନ ନେବେ



**ନୂଆଦିଲ୍ଲୀ,୩।୪/ଏଜେନ୍ସି:** ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଅଧ୍ୟକ୍ଷ ମୋହସିନ୍ ନକ୍‌ଭିଙ୍କୁ ଏସିଆନ୍ କ୍ରିକେଟ୍ କାଉନ୍‌ସିଲ୍ (ଏସିସି)ର ନୂଆ ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ନକ୍‌ଭି ଶ୍ରୀଲଙ୍କା କ୍ରିକେଟ୍ (ଏସ୍‌ଏଲ୍‌ସି) ଅଧ୍ୟକ୍ଷ ଶମ୍ମୀ ସିଲ୍‌ଭାଙ୍କ ସ୍ଥାନ ନେବେ। ନକ୍‌ଭି ଦୁଇବର୍ଷ ପାଇଁ ଏହି ପଦରେ ରହିବେ। ଗୁରୁବାର ଏସିସିର ବାର୍ଷିକ ଅନ୍‌ଲାଇନ୍ ମିଟିଂ ପରେ ନେତୃତ୍ୱ ପରିବର୍ତ୍ତନ ସମ୍ପର୍କରେ ସୂଚନା ଦିଆଯାଇଛି। ଗୁରୁବାର ମିଟିଂ ପରେ ଏସିସି ଆଧିକାରିକ ବିଜ୍ଞପ୍ତି ଜାରିକରି କହିଛି, ଶ୍ରୀଲଙ୍କାକୁ ପଛରେ ପକାଇ ପାକିସ୍ତାନ ଏସିସି ଅଧ୍ୟକ୍ଷ ପଦ ହାତେଇଛି। ପାକିସ୍ତାନ ଏବେ ଏସିଆରେ କ୍ରିକେଟ୍‌ର ବୃଦ୍ଧି ପାଇ କାମ କରିବ। ପାକିସ୍ତାନ ସହଯୋଗରେ ଏସିଆରେ କ୍ରିକେଟ୍‌କୁ ନୂଆ ଦିଗ୍‌ଦର୍ଶନ ପ୍ରଦାନ ପାଇଁ ଉଦ୍ୟମ ହେବ।

ଏସିସି ଅଧ୍ୟକ୍ଷ ଭାବେ ନକ୍‌ଭିଙ୍କ ଆଗରେ ପ୍ରଥମ ବଡ଼ ଚ୍ୟାଲେଞ୍ଜ୍ ହେବ ଚଳିତ ବର୍ଷର ପୁରୁଷ ଏସିଆ କପ୍। ଟୁର୍ଣ୍ଣାମେଣ୍ଟରେ ସେପ୍ଟେମ୍ବରରେ ଭାରତରେ ଆୟୋଜିତ ହେବାର ଥିଲା। ମାତ୍ର ଏବେ ଭାରତ ଓ ପାକିସ୍ତାନ ମଧ୍ୟରେ ରାଜନୈତିକ ସମ୍ବନ୍ଧକୁ ଦୃଷ୍ଟିରେ ରଖି ଟୁର୍ଣ୍ଣାମେଣ୍ଟ ନିରପେକ୍ଷ ଭେନ୍ୟୁରେ ଖେଳାଯିବ। ଭାରତ ଓ ପାକିସ୍ତାନ ବ୍ୟତୀତ ଅନ୍ୟ ୪ଟି ଟିମ୍ ଭାଗ ନେବାକୁ ଥିବା ଟୁର୍ଣ୍ଣାମେଣ୍ଟ କେଉଁ ଦେଶରେ କରାଯିବା ତାହାର ନିଷ୍ପତ୍ତି ନକ୍‌ଭି ନେବେ। ୟୁଏଇରେ ଟୁର୍ଣ୍ଣାମେଣ୍ଟ ହେବାର ସମ୍ଭାବନା ଥିବାବେଳେ ଶ୍ରୀଲଙ୍କା ମଧ୍ୟ ଆୟୋଜକ ଦୌଡ଼ରେ ରହିଛି। ନିରପେକ୍ଷ ଭେନ୍ୟୁକୁ ଧ୍ୟାନରେ ରଖି ହିଁ ଗତମାସରେ ଏସିଆ କପ୍‌ର ମିଡିଆ ରାଇଟ୍ସ ବିକ୍ରି କରାଯାଇଛି।

# କ୍ଷେତ୍ରୀୟ ଟୁର୍ଣ୍ଣାମେଣ୍ଟ ଖେଳିବା ଅନିବାର୍ଯ୍ୟ

## ଫେଡେରେସନ୍ କପ୍ ପାଇଁ ଏଏଫ୍‌ଆଇର ନୂଆ ନିୟମ



**ନୂଆଦିଲ୍ଲୀ,୩।୪/ଏଜେନ୍ସି:** ଭାରତୀୟ ଆଥ୍‌ଲେଟିକ୍ସ ମହାସଂଘ (ଏଏଫ୍‌ଆଇ) ଏକ ନିୟମ ଆଣିଛି। ଏହି ନୂଆ ନିୟମ ଅନୁସାରେ ୨୦୨୫ ସିଜନ୍‌ର ପ୍ରଥମ ଜାତୀୟ ଚାମ୍ପିଅନ୍‌ଶିପ୍ ଫେଡେରେସନ୍ କପ୍‌ରେ ଭାଗନେବା ପାଇଁ ଆଥ୍‌ଲେଟ୍‌ଙ୍କୁ ଅତିକମ୍‌ରେ ଗୋଟିଏ କ୍ଷେତ୍ରୀୟ ପ୍ରତିଯୋଗିତା କିମ୍ବା ଗ୍ରାଁ.ପ୍ରିଁ ପରି ଦେଶବ୍ୟାପୀ ଏକଦିବସୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ହେବ। ଏଏଫ୍‌ଆଇ ତତ୍କାଳ ପ୍ରଭାବରେ ଏହି ନିୟମକୁ ଅନିବାର୍ଯ୍ୟ କରିଦେଇଛି। ପ୍ରଦର୍ଶନରେ ନିରନ୍ତରତା ପାଇଁ ଆଥ୍‌ଲେଟ୍‌ମାନେ ପୂରା ପ୍ରସ୍ତୁତି ସହିତ ଟୁର୍ଣ୍ଣାମେଣ୍ଟରେ ଭାଗନେବା ସୁନିଶ୍ଚିତ କରିବାକୁ ଏହା କରାଯାଇଛି। ଚଳିତ ବର୍ଷ ମେ ୨୭ରୁ ୩୧ ତାରିଖ ପର୍ଯ୍ୟନ୍ତ କୋରିଆରେ ହେବାକୁ ଥିବା ଏସିଆନ୍ ଚାମ୍ପିଅନ୍ ପାଇଁ ଫେଡେରେସନ୍ କପ୍‌ର ପ୍ରଦର୍ଶନ ଆଧାରରେ ଭାରତୀୟ ଟିମ୍ ଚୟନ କରାଯିବ। ଫେଡେରେସନ୍ କପ୍ ଏପ୍ରିଲ୍ ୨୧ରୁ ୨୪ ତାରିଖ ପର୍ଯ୍ୟନ୍ତ କେରଳର କୋଚିରେ ଆୟୋଜିତ ହେବ।

ତେବେ ପ୍ରଶିକ୍ଷଣ ପାଇଁ ଏଏଫ୍‌ଆଇ ଦ୍ୱାରା ବିଦେଶ ପଠାଯାଇଥିବା ଡବଲ୍ ପଦକ ବିଜେତା ଜାଭେଲିନ୍ ଥ୍ରୋୟର୍ ନୀରଜ ଚୋପ୍ରାଙ୍କ ପରି ଖେଳାଳିଙ୍କୁ ଏହି ନିୟମରୁ ଛାଡ଼ କରାଯାଇଛି। ଏଏଫ୍‌ଆଇ କହିଛି 'ଏହି ପ୍ରତିଯୋଗିତା (ଫେଡେରେସନ୍ କପ୍)ରେ ଭାଗ ନେବା ପାଇଁ ଆଥ୍‌ଲେଟ୍‌ଙ୍କୁ ୨୦୨୫ରେ ଏଏଫ୍‌ଆଇ ଦ୍ୱାରା ସ୍ୱୟଂ ଆୟୋଜିତ କରାଯିବାକୁ ଥିବା ପ୍ରତିଯୋଗିତାର କ୍ୱାଲିଫିକେସନ୍ ମାନକକୁ ହାସଲ କରିବାକୁ ହେବ।' ମହାସଂଘ କହିଛି, ଆଥ୍‌ଲେଟ୍ ପାଇଁ ୨୦୨୫ରେ ଅତିକମ୍‌ରେ ଗୋଟିଏ କ୍ଷେତ୍ରୀୟ ପ୍ରତିଯୋଗିତା କିମ୍ବା ଇଣ୍ଡିଆନ୍ ଓପନ୍ ଥ୍ରୋ/ଚତୁର୍ଥ ଇଣ୍ଡିଆନ୍ ଓପନ୍ ଜମ୍ପ/ଷଷ୍ଠ ଇଣ୍ଡିଆନ୍ ଓପନ୍ ୪୦୦ ମିଟର/ଇଣ୍ଡିଆନ୍ ଗ୍ରାଁପ୍ରିଁରେ ଭାଗନେବା ବାଧ୍ୟତାମୂଳକ। ଏହା ୨୦୨୫ର ପ୍ରଦର୍ଶନ ଉପରେ ବିଚାର କରାଯିବା ଏବଂ କୌଣସି ପୁରୁଣା ପ୍ରଦର୍ଶନକୁ ସ୍ୱୀକାର କରାଯିବ ନାହିଁ ବୋଲି ଏଏଫ୍‌ଆଇ ପକ୍ଷରୁ କୁହାଯାଇଛି।

### ପଞ୍ଚକୁଲାରେ 'ନୀରଜ ଚୋପ୍ରା କ୍ଲାସିକ୍' ମେ ୨୪ରେ

**ନୂଆଦିଲ୍ଲୀ,୩।୪/ଏଜେନ୍ସି:** ଚଳିତ ବର୍ଷ ମେ ୨୪ ତାରିଖରେ ହରିୟାଣାର ପଞ୍ଚକୁଲାରେ 'ନୀରଜ ଚୋପ୍ରା କ୍ଲାସିକ୍' (ଏନ୍‌ସି କ୍ଲାସିକ୍) ଅନ୍ତର୍ଜାତୀୟ ଜାଭେଲିନ୍ ମିଟ୍‌ର ପ୍ରଥମ ସଂସ୍କରଣ ଆୟୋଜିତ ହେବ। ୱାର୍ଲ୍ଡ ଆଥ୍‌ଲେଟିକ୍ସ ଏହା ସ୍ପଷ୍ଟ କରିଛି। ଏନ୍‌ସି କ୍ଲାସିକ୍ ୱାର୍ଲ୍ଡ ଆଥ୍‌ଲେଟିକ୍ସର ଏକ ଗୋଲ୍ଡ କାଟାଗୋରୀ ଇଭେଣ୍ଟ ହୋଇଥିବା ବେଳେ ୱାର୍ଲ୍ଡ ଚାମ୍ପିଅନ୍‌ଶିପ୍ ପାଇଁ ଏକ ପ୍ରମୁଖ କ୍ୱାଲିଫିକେସନ୍ ପ୍ରତିଯୋଗିତା। ଏହି ଇଭେଣ୍ଟରେ ଶୀର୍ଷସ୍ଥାନୀୟ ଅନ୍ତର୍ଜାତୀୟ ଜାଭେଲିନ୍ ଷ୍ଟାର୍ ଭାଗ ନେବାର ସମ୍ଭାବନା ରହିଛି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra